# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୧୭/୨୦୨୧ (୧୬ ପୃଷ୍ଠା) | Sambalpur, Tuesday, August 17/2021 | ★★

୧୭ଶ ଭାଗ ୨୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



DSPL-119

ଓଡ଼ିଶା ସରକାର

ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା






ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
**କଲେ ଘୋଷଣା**
**ନୂଆ ସ୍ମାର୍ଟ କାର୍ଡ଼**
**ଏବଂ**
**ନୂଆ ରୂପରେ**
**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ଼ ପାଇଥିବା ପରିବାର / ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା / ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡ଼ଧାରୀମାନେ ୧ ସେପ୍ଟେମ୍ବର ୨୦୨୧ରୁ ଏହି ସହାୟତା ପାଇବେ ।
- ୧ ସେପ୍ଟେମ୍ବର ୨୦୨୧ରୁ କାର୍ଯ୍ୟକ୍ଷମ ହେବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ଼ ।
- ପ୍ରତ୍ୟେକ ହିତାଧିକାରୀ ପରିବାରକୁ ତାଲିକାଭୁକ୍ତ ଘରୋଇ ଚିକିତ୍ସାଳୟରେ ମିଳିବ ବର୍ଷକୁ ୫ ଲକ୍ଷ ଓ ପରିବାରର ମହିଳା ସଦସ୍ୟଙ୍କ ପାଇଁ ଆଉ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ।
- ଉପକୃତ ହେବେ ଓଡ଼ିଶାର ୯୨ ଲକ୍ଷ ୫୦ ହଜାର ହିତାଧିକାରୀ ପରିବାରର ୩ କୋଟି ୩୦ ଲକ୍ଷରୁ ଅଧିକ ଲୋକ ।

OIPR-10001/13/0011/2122



ଟୋଲ୍ ଫ୍ରି ନମ୍ବର: ୧୦୪

**ଆଫଗାନିସ୍ତାନ ସ୍ଥିତି ଉପରେ ଭାରତର ନଜର**
ଭାରତ ସରକାର ଆଫଗାନିସ୍ତାନରୁ ନାଗରିକ ଓ ଅଧିକାରୀମାନଙ୍କୁ ଫେରାଇ ଆଣିବା ସହ ସେଠାର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କାବୁଲ ତାଲିବାନ ଆତଙ୍କବାଦୀଙ୍କ ନିୟନ୍ତ୍ରଣକୁ ଯିବା ପରେ ଆଫଗାନିସ୍ତାନର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଭାରତୀୟ ବାୟୁସେନାର ପରିବହନ ବିମାନ ସି-୧୭ ଗ୍ଲୋବ୍‌ମାଷ୍ଟର କାବୁଲରୁ ଦୂତାବାସ କର୍ମଚାରୀ ଓ ଅନ୍ୟମାନଙ୍କୁ ଆଣିବା ପାଇଁ ଷ୍ଟାଣ୍ଡବାଏ ରହିଛି। ସେଠାରେ ଥିବା କର୍ମଚାରୀମାନଙ୍କ ଜୀବନ ପ୍ରତି ବିପଦ ଆସିବାକୁ ଦିଆଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

**ସଂକ୍ଷେପରେ**

## ହାଇତି ଭୂକମ୍ପରେ ୧,୨୯୭ ମୃତ



**ଲେସ୍ କାୟେସ, ୧୬।୮:** ହାଇତିରେ ଶନିବାର ଅନୁଭୂତ ପ୍ରଳୟଙ୍କରୀ ଭୂକମ୍ପରେ ୧,୨୯୭ ଜଣଙ୍କ ମୃତ୍ୟୁ ଘଟିବା ସହ ୫,୭୦୦ ଲୋକ ଆହତ ହୋଇଛନ୍ତି। ୭.୨ ତୀବ୍ରତାର ଭୂକମ୍ପ ଯୋଗୁ ହଜାର ହଜାର ଘରଦ୍ୱାର ଧ୍ୱଂସ ହୋଇଯାଇଛି। ଘରଦ୍ୱାର ହରାଇ ଲୋକେ ଖୋଲା ଆକାଶ ତଳେ ରହିଛନ୍ତି। ହସ୍ପିଟାଲଗୁଡ଼ିକରେ ଆହତଙ୍କୁ ଚିକିତ୍ସା କରିବା ଲାଗି ଜାଗା ନାହିଁ। ଏଥିସହିତ ବାତ୍ୟା 'ଗ୍ରେସ୍' ହାଇତିରେ ମାଡ଼ ହେବାକୁ ଥିବାରୁ ଆହୁରି ବିପର୍ଯ୍ୟୟ ସ୍ଥିତି ସୃଷ୍ଟି ହେବାକୁ ଯାଉଛି। 'ଗ୍ରେସ୍' ଯୋଗୁ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ସତର୍କ କରାଇଛି। ସବୁଠୁ ଗରିବ ଦେଶ ହାଇତିର ଦକ୍ଷିଣପଶ୍ଚିମ ପାର୍ଶ୍ୱରେ ଶକ୍ତିଶାଳୀ ଭୂକମ୍ପ ଯୋଗୁ କେତେକ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭୂସ୍ଖଳନ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ରାଜଧାନୀ ପୋର୍ଟ-ଆଉ-ପ୍ରିନ୍ସର ପଶ୍ଚିମ ଦିଗରେ ୧୨୫ କିଲୋମିଟର ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ବଡ଼ ଭୂକମ୍ପ ପରେ ରବିବାର ପର୍ଯ୍ୟନ୍ତ ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା। ଉପକୂଳ ସହର ଲେସ୍ କାୟେସ ଏବଂ ଜେନି ଅଗୁଷ୍ଟେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି।

## ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



**କୁଆଲା ଲୁମ୍ପୁର, ୧୬।୮:** କ୍ଷମତାରେ ରହିବାର ୧୮ ମାସ ନ ପୂରୁଣୁ ମାଲେସିଆ ପ୍ରଧାନମନ୍ତ୍ରୀ ମୁହିଦ୍ଦିନ ୟାସିନ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ କମ୍ ଦିନରେ କ୍ଷମତା ଛାଡୁଥିବାରୁ ଏଥିପାଇଁ କ୍ଷମା ମାଗିଛନ୍ତି। ତେବେ ଏଥିପାଇଁ ସେ କ୍ଷମତାଲୋଭୀମାନଙ୍କୁ ଦାୟୀ କରିଛନ୍ତି। ପାର୍ଲାମେଣ୍ଟର ନିମ୍ନ ସଦନରେ ସଂଖ୍ୟାଗରିଷ୍ଠତା ହରାଇବାରୁ ମୁହିଦ୍ଦିନଙ୍କୁ ଇସ୍ତଫା ଦେବାକୁ ପଡ଼ିଲା ବୋଲି ଏକ ଟେଲିଭିଜନ ବାର୍ତ୍ତାରେ ସେ କହିଛନ୍ତି। ଶାସନ କାଳରେ ରହିଯାଇଥିବା ଭୁଲ୍ ତ୍ରୁଟି ପାଇଁ ସେ କ୍ଷମା ମାଗିଛନ୍ତି। ମହାମାରୀର ସଙ୍କଟ କାଳରେ ସେ ଓ ତାଙ୍କ କ୍ୟାବିନେଟ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଯଥାସମ୍ଭବ ଉଦ୍ୟମ କରିଥିଲେ। କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଶେଷ ହେବା ଓ ଅର୍ଥନୀତିରେ ସୁଧାର ଆସିବା ପର୍ଯ୍ୟନ୍ତ ସେ କ୍ଷମତାରେ ରହିବେ ବୋଲି ଆଶା କରିଥିଲେ। ତେବେ କ୍ଷମତାଲୋଭୀ ବିରୋଧୀ ଦଳ ତାଙ୍କୁ ଇସ୍ତଫା ଦେବା ଲାଗି ବାଧ କଲା। ତାଙ୍କ ଇସ୍ତଫା ଫଳରେ ଦେଶରେ କୋଭିଡ୍-୧୯ ଜନିତ ସଙ୍କଟ ଆହୁରି ବଢ଼ିବ ବୋଲି କୁହାଯାଉଛି।

## ଟିଏମ୍‌ସିରେ ସୁସ୍ମିତା ଦେବ



ଟିଏମ୍‌ସିରେ ଯୋଗ ଦେବା ଅବସରରେ ଅଭିଷେକ ବାନାର୍ଜୀଙ୍କ ସହ ସୁସ୍ମିତା ଦେବ

**କୋଲକାତା, ୧୬।୮:** ପୂର୍ବତନ କଂଗ୍ରେସ ଏମ୍‌ପି ସୁସ୍ମିତା ଦେବ ସୋମବାର ଦଳ ଛାଡ଼ି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ସାମିଲ ହୋଇଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି କଂଗ୍ରେସ ଦଳର ଅନେକ ନେତାଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ ତାଙ୍କ ଟୁଇଟ୍‌ରେ କଂଗ୍ରେସର ପୂର୍ବତନ ସଦସ୍ୟ ଲେଖିବା ପରେ ତାଙ୍କର ଦଳ ଛାଡ଼ିବା ସମ୍ପର୍କରେ ଜଣାପଡ଼ିଥିଲା। ଏହା ପରେ ସେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଇସ୍ତଫା ପତ୍ର ଦେଇଥିବା କଥା ପଦାକୁ ଆସିଥିଲା। ଏହା ପରେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀ, ଡେରେକ ଓ'ବ୍ରିଏନଙ୍କ ସମେତ ଅନ୍ୟ ବରିଷ୍ଠ ଟିଏମ୍‌ସି ନେତାଙ୍କୁ ଭେଟି ଆନୁଷ୍ଠାନିକ ଭାବେ ଦଳରେ ଯୋଗ ଦେଇଛନ୍ତି।

# କ୍ଷମତା ହସ୍ତାନ୍ତର ଉଦ୍ୟମ ଆରମ୍ଭ

**କାବୁଲ, ୧୬।୮**

ଆମେରିକା ଓ ନାଟୋ ସୈନ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାହାର ହେବାକୁ ଆଉ କିଛିଦିନ ବାକି ଥିବାବେଳେ ଆଫଗାନିସ୍ତାନ ତାଲିବାନ ନିୟନ୍ତ୍ରଣକୁ ଚାଲିଯାଇଛି। ଏହି ଆତଙ୍କବାଦୀ ସଂଗଠନ ପ୍ରଥମେ ସୀମାନ୍ତବର୍ତ୍ତୀ ଗ୍ରାମାଞ୍ଚଳଗୁଡ଼ିକୁ ଦଖଲ କରିବା ପରେ ସହରାଞ୍ଚଳ ଉପରେ ଆଖି ପକାଇଥିଲା। ମାତ୍ର ଦିନ କେଇଟା ମଧ୍ୟରେ ତାଲିବାନ ଦେଶର ୩୪ ପ୍ରାଦେଶିକ ରାଜଧାନୀ ମଧ୍ୟରୁ ପ୍ରମୁଖ ୨୬ଟିକୁ ଦଖଲ କରିଛି। ଶନିବାର ପ୍ରମୁଖ ସହର ଜଲାଲବାଗ୍‌କୁ ଦଖଲ କରିବା ପରେ ରାଜଧାନୀ କାବୁଲକୁ ଘେରିଯାଇଥିଲେ ତାଲିବାନ ଆତଙ୍କବାଦୀ। ଏହାର ପ୍ରବେଶ ଦ୍ୱାରରେ ଅସ୍ତ୍ରଶସ୍ତ୍ରଧାରୀ ଆତଙ୍କବାଦୀ ଜଗି ରହିଥିଲେ। ରବିବାର ରାଜଧାନୀକୁ ନିଜ କବ୍‌ଜାକୁ ନେବା ପରେ ତାଲିବାନ ରାଷ୍ଟ୍ରପତି ଭବନରେ ପ୍ରବେଶ କରିଥିଲା। ସେତେବେଳକୁ ରାଷ୍ଟ୍ରପତି ଅଶ୍ରଫ୍ ଗନି ନିଜ ପଦରୁ ଇସ୍ତଫା ଦେଇ ଦେଶ ଛାଡ଼ି ପଳାଇଯାଇଥିଲେ।

ତାଲିବାନ ହାତରେ ଆଫଗାନିସ୍ତାନର ଭବିଷ୍ୟତ ଉପରେ ସାରା ବିଶ୍ୱ ନଜର ରଖିଥିବାବେଳେ ଆତଙ୍କୀଙ୍କ କବଳରୁ ନିଜ ଅଧିକାରୀ ଓ ନାଗରିକଙ୍କୁ ଫେରାଇ ନେବାକୁ ଆମେରିକା ସମେତ ବିଭିନ୍ନ ରାଷ୍ଟ୍ର ତତ୍କାଳ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ପୂର୍ବଭଳି ତାଲିବାନର ବର୍ବର ଶାସନ ଏବଂ ମାନବାଧିକାର ଉଲ୍ଲଂଘନ ହେବା ଆଶଙ୍କାରେ ପୂରା ଦେଶରେ ଏବେ ଭୟର ବାତାବରଣ ଖେଳିଯାଇଛି। ଦେଶବାସୀ ଶୀଘ୍ର ଆଫଗାନିସ୍ତାନ ଛାଡ଼ିବା ଜାରି ରଖିଛନ୍ତି। କାବୁଲ ତାଲିବାନ ହାତକୁ ଯିବା ପରେ ବିମାନବନ୍ଦର ଅଭିମୁଖେ ଯାଉଥିବା ବିଭିନ୍ନ ରାସ୍ତାରେ ଆଶ୍ଚର୍ଯ୍ୟ କଳାଭଳି ଟ୍ରାଫିକ୍ ଜାମ ଦେଖିବାକୁ ମିଳିଥିଲା। ଦେଶ ଛାଡ଼ି ଯିବା ପାଇଁ ଲୋକେ ଯେ କୌଣସି ମୂଲ୍ୟରେ ଟିକେଟ୍ କିଣିବାକୁ ପ୍ରସ୍ତୁତ ହୋଇଥିଲେ। କେହିକେହି ନିଜ ଘରଦ୍ୱାର, ସମସ୍ତ ଅଳଙ୍କାର, ସମ୍ପତ୍ତି ଆଦି ବଦଳରେ ଟିକେଟ ପାଇଁ ନିବେଦନ କରିଥିଲେ। ଏପରିକି ବିମାନରେ ଛିଡ଼ା ହୋଇ ଯାତ୍ରା କରିବାକୁ ମଧ୍ୟ ରାଜି ହୋଇଯାଇଥିଲେ। ସେପଟେ ତାଲିବାନ କାବୁଲରେ ପଶି ରାଷ୍ଟ୍ରପତି ଭବନ ସମେତ ଅନେକ ଜିଲାକୁ ନିଜ କବଜାକୁ ନେଇଥିଲା। ହାତରୁ ଶାସନ ଯିବା ପରେ ଗନି ଦେଶ ଛାଡ଼ି ପଳାୟନକୁ ନେଇ ଆଫଗାନିସ୍ତାନ ଜାତୀୟ ପୁନର୍ନିର୍ମାଣ ପରିଷଦ ମୁଖ୍ୟ ଅବଦୁଲ୍ଲା ଅବଦୁଲ୍ଲା ସମାଲୋଚନା କରିଛନ୍ତି। ଏ ସବୁ ପାଇଁ ଭଗବାନ ଗନିଙ୍କୁ ଦାୟୀ କରିବେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଶାନ୍ତିପୂର୍ଣ୍ଣ ଉପାୟରେ କ୍ଷମତା ଚାହେଁ ବୋଲି ତାଲିବାନ ଦେହାରାଇଛି। କୌଣସି ନାଗରିକ ଦେଶ ଛାଡ଼ି ଯିବାର ଆବଶ୍ୟକତା ନାହିଁ। ତଥାପି ଯଦି କେହି ଆଫଗାନିସ୍ତାନ ଛାଡ଼ି ଯିବାକୁ ଚାହୁଁଛନ୍ତି ତେବେ ସେମାନଙ୍କୁ ନ ଅଟକାଇବାକୁ ତାଲିବାନ ଏହାର ସଦସ୍ୟଙ୍କୁ କହିଛି। ସମସ୍ତଙ୍କ ସମ୍ପତ୍ତି ଓ ଜୀବନ ସୁରକ୍ଷିତ ବୋଲି ଏହା ଆଶ୍ୱାସନା ଦେବାରେ ଲାଗିଛି। ତେବେ ନାଟୋ ଓ ଆମେରିକା ସେନାର ଦୀର୍ଘ ୨୦ ବର୍ଷର ଉପସ୍ଥିତି ସତ୍ତ୍ୱେ ହାର ମାନିଛି ଆଫଗାନିସ୍ତାନ ସେନା। ତାଲିବାନ ନିକଟରେ ସେମାନେ ଆତ୍ମସମର୍ପଣ କରିବା ପରେ ଅତିକମ୍ ସମୟ ମଧ୍ୟରେ ଏବଂ ସହଜରେ ତାଲିବାନ ଦେଶର ୩୪ ପ୍ରାଦେଶିକ ରାଜଧାନୀ ମଧ୍ୟରୁ ୨୬ଟିକୁ ନିଜ କବଜାକୁ ନେଇସାରିଛି। ଏବେର ତାଲିବାନ ପୁରୁଣା ତାଲିବାନଠାରୁ ଭିନ୍ନ ବୋଲି ସଙ୍ଗଠନ ମୁଖିଆ ସ୍ପଷ୍ଟ କରିଛନ୍ତି। ଆଫଗାନିସ୍ତାନ ସଂସ୍କୃତିକୁ ବଞ୍ଚାଇ ରଖିବା ଏବଂ ଦେଶରେ ଶାନ୍ତି ସ୍ଥାପନ ପାଇଁ କ୍ଷମତାକୁ ଆସିବାକୁ ଚାହୁଁଥିବା ତାଲିବାନ କହିଛି। ତେଣୁ ଶାନ୍ତିପୂର୍ଣ୍ଣ ଉପାୟରେ କ୍ଷମତା ହସ୍ତାନ୍ତର ପାଇଁ ଏହି ସଙ୍ଗଠନ ଚେଷ୍ଟା ଚଳାଇଥିବା ନେଇ ବିଶ୍ୱକୁ ଜଣାଇବାରେ ଲାଗିଛି। କେବେ ତାଲିବାନ ଆଫଗାନିସ୍ତାନରେ ତାଲିବାନ ୨.୦ ସରକାର ଗଢ଼ିବ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଏହି ଆତଙ୍କବାଦୀ ସଙ୍ଗଠନର ପ୍ରତିଷ୍ଠାତା ମୁଲ୍ଲା ଅବଦୁଲ ଗନି ବରାଦର୍ ପରବର୍ତ୍ତୀ ରାଷ୍ଟ୍ରପତି ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ଆଫଗାନ ରାଷ୍ଟ୍ରପତି ହୋଇପାରନ୍ତି ବରାଦର୍



ଆଫଗାନିସ୍ତାନ ରାଷ୍ଟ୍ରପତି ଭବନରେ ତାଲିବାନ ଆତଙ୍କବାଦୀ।

## ଅବଦୁଲ ଗନି ବରାଦର କିଏ ?



ନାଟକୀୟ ଢଙ୍ଗରେ ରାଜଧାନୀ କାବୁଲ କବଜା କରିବା ପରେ ଆଫଗାନିସ୍ତାନରେ ସରକାର ଗଢ଼ିବା ସ୍ୱପ୍ନ ପୂରଣର ନିକଟରେ ପହଞ୍ଚିଛି ତାଲିବାନ। ସଙ୍ଗଠନ ପ୍ରତିଷ୍ଠାତା ଅବଦୁଲ ଗନି ବରାଦର ତାଲିବାନ ୨.୦ ସରକାରରେ ରାଷ୍ଟ୍ରପତି ହେବେ ବୋଲି ଚର୍ଚ୍ଚା ଜୋର ଧରିଛି। ଆଫଗାନିସ୍ତାନର ଦୀର୍ଘ ଏବଂ ରକ୍ତାକ୍ତ ଇତିହାସ ବରାଦରଙ୍କ ନାମରେ ରହିଛି। ବରାଦର ୧୯୬୮ରେ ଆଫଗାନିସ୍ତାନର ଉର୍ଜୁଗାନ ପ୍ରଦେଶରେ ଜନ୍ମ ହୋଇଥିଲେ। ୧୯୮୦ ଦଶକରେ ସୋଭିଏତ୍-ଆଫଗାନ ଯୁଦ୍ଧରେ ସେ ସକ୍ରିୟ ଭୂମିକାରେ ଥିଲେ। ୧୯୯୨ରେ ସୋଭିଏତ ରୁଷ୍‌ର ସେନା ଆଫଗାନିସ୍ତାନ ଛାଡ଼ିବା ପରେ ଦେଶରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ପରେ ବରାଦର ଏବଂ ସମ୍ପର୍କୀୟ ଭାଇ ମହମ୍ମଦ ଓମାରଙ୍କ ସହ ମିଶି ଏକ ମଦ୍ରାସା ଖୋଲିଥିଲେ। ଆଫଗାନିସ୍ତାନରେ ଇସ୍‌ଲାମ ଏମିରେଟ୍ ଗଠନ ଲକ୍ଷ୍ୟରେ ଉଭୟେ ତାଲିବାନ ସଙ୍ଗଠନକୁ ଜନ୍ମ ଦେଇଥିଲେ।

## ଓମାନରେ ଅଶ୍ରଫ୍ ଗନି



**କାବୁଲ, ୧୬।୮**

ତାଲିବାନ ଆତଙ୍କବାଦୀମାନେ ରବିବାର କାବୁଲରେ ପ୍ରବେଶ କରିବା ପରେ ରାଷ୍ଟ୍ରପତି ଅଶ୍ରଫ ଗନି ନିଜ ପଦରୁ ଇସ୍ତଫା ଦେଇ ଦେଶ ଛାଡ଼ି ପଳାଇଯାଇଛନ୍ତି। ପ୍ରଥମେ ସେ ତାଜିକିସ୍ତାନ ଯାଇଥିଲେ। ତେବେ ସେଠାରେ ତାଙ୍କ ବିମାନକୁ ଅବତରଣ ଅନୁମତି ନ ମିଳିବାରୁ ଗନି ଓମାନ ଯାଇଥିବା ଜଣାପଡ଼ିଛି। ସେଠାରୁ ସେ ଆମେରିକା ଯାଇପାରନ୍ତି। ଗନିଙ୍କ ସହ ପୂର୍ବତନ ଏନ୍‌ଏସ୍‌ଏ ମୋହିବ ଓମାନରେ ପହଞ୍ଚିଛନ୍ତି। ରକ୍ତପାତ ନ ହେବା ପାଇଁ ସେ ଦେଶ ଛାଡ଼ିଲେ ବୋଲି ଗନି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। କାବୁଲସ୍ଥିତ ରୁଷିଆ ଦୂତାବାସର ସୂଚନା ଅନୁଯାୟୀ ରାଷ୍ଟ୍ରପତି ଗନି ୪ଟି କାର, ଗୋଟିଏ ହେଲିକପ୍ଟର ଏବଂ ବିପୁଳ ପରିମାଣର ଅର୍ଥ ନେଇ ପଳାଇଯାଇଛନ୍ତି। ରୁଷିଆ ଦୂତାବାସ ମୁଖପାତ୍ର ନିକିତା ଇଶେଙ୍କୋଙ୍କ କହିବା ଅନୁଯାୟୀ ୪ଟି କାର ଏବଂ ହେଲିକପ୍ଟରରେ ବିପୁଳ ଆଫଗାନ ମୁଦ୍ରା ଭର୍ତ୍ତିହୋଇ ଯାଇଛି। ଆଫଗାନିସ୍ତାନର ପୂର୍ବତନ ରାଷ୍ଟ୍ରପତି ହମିଦ କାର୍ଜାଇ ଏବଂ ଜାତୀୟ ପୁନଃ ସମ୍ପର୍କ ସ୍ଥାପନ ଉଚ୍ଚ ପରିଷଦର ମୁଖ୍ୟ ଅବଦୁଲ୍ଲା ଅବଦୁଲ୍ଲା ଏକ ମିଳିତ ସରକାର ଗଠନ ଲାଗି ତାଲିବାନ ସହ ବୁଝାମଣା ଚଳାଇଛନ୍ତି। ଆଫଗାନିସ୍ତାନର ପୂର୍ବତନ ଉପରାଷ୍ଟ୍ରପତି ଅମ୍ରୁଲା ସଲେହ ତାଜିକିସ୍ତାନ ଯିବା ପୂର୍ବରୁ ପଞ୍ଜଶିର୍‌ରେ ପହଞ୍ଚିଛନ୍ତି।

## 'ଦାସତ୍ୱର ଶୃଙ୍ଖଳ ଭାଙ୍ଗିଛି ତାଲିବାନ'

**ଇସ୍‌ଲାମାବାଦ, ୧୬।୮**

ତାଲିବାନ୍‌ର ଆଫଗାନିସ୍ତାନ ଦଖଲକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଖୋଲାଖୋଲି ସମର୍ଥନ କରିଛନ୍ତି। ତାଙ୍କ ମତରେ ଆଫଗାନିସ୍ତାନ ଏତେଦିନ ହେଲା ଦାସତ୍ୱର ଶୃଙ୍ଖଳରେ ଆବଦ୍ଧ ରହିଥିଲା, ଯାହାକୁ ତାଲିବାନ ଭାଙ୍ଗିଦେଇଛି। ଇଂଲିଶ ମାଧ୍ୟମ ଶିକ୍ଷା ଓ ଏହାର ପରିଣାମରୁ ସଂସ୍କୃତିର ଅବଶୋଷଣ ଉପରେ ଉଦ୍‌ବୋଧନ ଦେଇ ଇମ୍ରାନ କହିଛନ୍ତି, ସଂସ୍କୃତି ଯେତେବେଳେ ଅନ୍ୟ ଅଧୀନକୁ ଚାଲିଯାଏ, ସେତେବେଳେ ସେମାନେ ମାନସିକ ଭାବେ ଅଧୀନ ହୋଇଯାଆନ୍ତି। ଏହା ବାସ୍ତବରେ ଦାସତ୍ୱଠାରୁ ଅଧିକ ଖରାପ ସ୍ଥିତି। ଆଫଗାନିସ୍ତାନରେ ସେହିଭଳି ସ୍ଥିତି ସୃଷ୍ଟି ହୋଇଥିଲା। ତାଲିବାନ ଉକ୍ତ ଦାସତ୍ୱର ବନ୍ଧନରୁ ଦେଶକୁ ମୁକ୍ତ କରିଥିବା ପାକ୍ ପ୍ରଧାନମନ୍ତ୍ରୀ କହିଛନ୍ତି।



ଇମ୍ରାନ୍ ଖାନ୍

## କାବୁଲରେ ଫସିଛନ୍ତି ୨୦୦ ଭାରତୀୟ

**ନୂଆଦିଲ୍ଲୀ, ୧୬।୮:** ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ଭାରତୀୟ ଦୂତାବାସରେ ଏବେ ବି ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅର୍ଦ୍ଧସାମରିକ ଯବାନ ରହିଯାଇଥିବା ଜଣାପଡ଼ିଛି। ରବିବାର ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ୧୨୯ ଜଣଙ୍କୁ ନୂଆଦିଲ୍ଲୀ ଅଣାଯାଇଥିଲା। କାବୁଲ ବିମାନବନ୍ଦରରେ ଭାରତୀୟ ବାୟୁସେନାର ଏକ ବିମାନ ଛିଡ଼ାହୋଇଥିଲେ ହେଁ ଦୂତାବାସରୁ କର୍ମଚାରୀମାନଙ୍କୁ କିପରି ନିରାପଦରେ ଅଣାଯିବ ତାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ତାଲିବାନମାନେ କାବୁଲ ସହରରେ କର୍ଫ୍ୟୁ ଜାରି କରିଛନ୍ତି।

## ବାଇଡେନଙ୍କୁ ସମାଲୋଚନା

**ୱାଶିଂଟନ, ୧୬।୮**

ତାଲିବାନ ଆତଙ୍କବାଦୀମାନେ ଆଫଗାନିସ୍ତାନ ଦଖଲ କରିବା ପରେ ଆମେରିକାରେ ରାଷ୍ଟ୍ରପତି ଜୋ ବାଇଡେନ୍ ସମାଲୋଚିତ ହୋଇଛନ୍ତି। ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର କରିବା ପରେ ତାଲିବାନ ଆତଙ୍କବାଦୀମାନେ ଗୋଟିଏ ପରେ ଗୋଟିଏ ସହର ଦଖଲ କରି ରବିବାର ରାଜଧାନ କାବୁଲକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ। ମାତ୍ର ଦିନ କେଇଟାରେ ଆଫଗାନ ସରକାର ଭୁଶୁଡ଼ିପଡ଼ିବା ନାଟୋ ମେଣ୍ଟ ପାଇଁ ଶକ୍ତ ଝଟକା ହୋଇଛି। ତାଲିବାନର ସହଜ ଅଗ୍ରସର ପ୍ରତି ବାଇଡେନ୍ ପ୍ରଶାସନ ଆଖିବୁଜି ଦେଇଥିଲା ବୋଲି ସେଠାର ରାଜନୈତିକ ଦଳ ସମାଲୋଚନା କରିଛନ୍ତି। ଏହାକୁ ନେଇ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାଇଡେନ୍‌ଙ୍କ ଇସ୍ତଫା ଦାବି କରିଛନ୍ତି। ହ୍ୱାଇଟ୍ ହାଉସ ଆଗରେ ଶତାଧିକ ଆଫଗାନ୍ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ବିଶ୍ୱର ପ୍ରତିକ୍ରିୟା



ଆମେରିକାର ସାମରିକ ପରାଜୟ ଆଫଗାନିସ୍ତାନରେ ଜୀବନ, ନିରାପତ୍ତା ଏବଂ ସ୍ଥାୟୀ ଶାନ୍ତି ଫେରାଇ ଆଣିବା ପାଇଁ ଏକ ସୁଯୋଗ ହେବା ଆବଶ୍ୟକ।
**-ଇବ୍ରାହିମ୍ ରଇସି, ଇରାନ ରାଷ୍ଟ୍ରପତି**



କାବୁଲରେ ଚାଇନା ଏହାର ଦୂତାବାସକୁ ଖୋଲା ରଖିବ। ଆଫଗାନିସ୍ତାନ ବାସୀଙ୍କ ଇଚ୍ଛା ଅନୁସାରେ ଦେଶର ପୁର୍ନଗଠନ ପାଇଁ ଏହା ସମର୍ଥନ ଦେବ।
**-ହୁଆ ଚୁନିଙ୍ଗ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**



ତାଲିବାନର ଆଚରଣ ଓ ନୀତିକୁ ଆଧାର କରି ଆଫଗାନିସ୍ତାନରେ ଏହାର ସରକାର ଗଠନକୁ ସ୍ୱୀକୃତି ଦିଆଯିବ କି ନାହିଁ ତାହା ଉପରେ ମସ୍କୋ ବିଚାର କରିବ।
**-ଜାମିର କାବୁଲୋଭ୍, ଆଫଗାନିସ୍ତାନରେ ରୁଷିଆ ରାଷ୍ଟ୍ରଦୂତ**



ତାଲିବାନ କାବୁଲକୁ ନିଜ ଦଖଲକୁ ନେବା ପଛରେ ଆଫଗାନିସ୍ତାନ ସୁରକ୍ଷାବଳ ଦାୟୀ। ଦୁଇ ଦଶନ୍ଧି ଧରି ଆଫଗାନିସ୍ତାନକୁ ଆମେରିକା ସୁରକ୍ଷା ଦେବା ସହ ବିଲିୟନ ଡଲାର ଖର୍ଚ୍ଚ କରି ସାରିଛି। ଆହୁରି ଦଶନ୍ଧି ଧରି ଆମେରିକା ସେନା ସେଠାରେ ରହୁ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ ଚାହୁଁ ନ ଥିଲେ।
**- ଜେକ୍ ସୁଲିଭାନ, ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା**



ଆଫଗାନିସ୍ତାନରେ ଅସ୍ଥିରତା ଅନ୍ତର୍ଜାତୀୟ ଚିନ୍ତାର କାରଣ ପାଲଟିଛି। ସେଠାକାର ଲୋକଙ୍କ ସୁରକ୍ଷା ପ୍ରଦାନ ଓ ଯଥାଶୀଘ୍ର ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ।
**-ମହମ୍ମଦ ବିନ୍ ଅବଦୁଲରେହମାନ ଅଲ୍ ଥାନି, କାତାର ବହିର୍ବ୍ୟାପାର ମନ୍ତ୍ରୀ**



ତାଲିବାନ ଆଫଗାନିସ୍ତାନକୁ ନିଜ ଦଖଲକୁ ନେବା ଅନ୍ତର୍ଜାତୀୟ ସମୁଦାୟର ବିଫଳତା। ଏହା ଏକ ଅସରନ୍ତି ସମସ୍ୟା ଏବଂ ସମଗ୍ର ବିଶ୍ୱ ଏକଜୁଟ ହୋଇ ଆଫଗାନବାସୀଙ୍କୁ ସହାୟତା କରିବା ଜରୁରୀ।
**-ବେନ୍ ୱାଲାସି, ବ୍ରିଟେନ ପ୍ରତିରକ୍ଷା ସଚିବ**



ଆଫଗାନିସ୍ତାନରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତି ମୁହୂର୍ତ୍ତରେ ସ୍ଥିତି ବିଗୁଡ଼ୁଛି। ଆଫଗାନିସ୍ତାନରେ ଭାରତର ସମସ୍ତ ବିକାଶମୂଳକ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରହିଛି।
**-ଅରିନ୍ଦମ ବାଗ୍‌ଚୀ, ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**

# ଆଫଗାନ୍ ସେନାର ଆତ୍ମସମର୍ପଣ

**କାବୁଲ, ୧୬।୮**

ମାତ୍ର ୨୦ ସପ୍ତାହରେ କୋଡ଼ିଏ ବର୍ଷ ପଛକୁ ଫେରିଛି ଆଫ୍‌ଗାନିସ୍ତାନ। ଆମେରିକା ସୈନ୍ୟ ପ୍ରତ୍ୟାହାର ସମ୍ପୂର୍ଣ୍ଣ ହେବା ପୂର୍ବରୁ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିଥିବା ତାଲିବାନ ଆତଙ୍କବାଦୀ ଦିନ କେଇଟାରେ ରାଜଧାନୀ କାବୁଲକୁ ନିଜ ଅକ୍ତିଆରକୁ ନେଇସାରିଛନ୍ତି। ୨୦ ବର୍ଷ ହେଲା ଆମେରିକା ସୈନ୍ୟଙ୍କ ଉପସ୍ଥିତି, ସେମାନଙ୍କ ନିକଟରୁ ଆଧୁନିକ ଯୁଦ୍ଧ କୌଶଳ ତାଲିମ, ଲଢୁଆ ଯୁଦ୍ଧାସ୍ତ୍ର ବ୍ୟବହାର ଆଦି ଶିଖିବା ସତ୍ତ୍ୱେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଆଫଗାନିସ୍ତାନ ସୈନ୍ୟ ଏତେ ସହଜରେ ତାଲିବାନ ନିକଟରେ ହାର ମାନିବା ଏବଂ ନିଜକୁ ଆତ୍ମସମର୍ପଣ କରିଦେବା ଘଟଣା ସମଗ୍ର ବିଶ୍ୱକୁ ଚକିତ କରିଛି।

ତାଲିବାନ କବଜା କରିଥିବା ପ୍ରାଦେଶିକ ରାଜଧାନୀ ତଥା ସହରଗୁଡ଼ିକ ମଧ୍ୟରୁ କେଉଁଠିରେ ବି ପରାକ୍ରମ ଦେଖାଇବାରେ ସମର୍ଥ ହୋଇପାରିନି ସେନା। ଏପରିକି ସେମାନଙ୍କ ନିକଟରୁ ଆତଙ୍କବାଦୀ ହେଲିକପ୍ଟର, ଅସ୍ତ୍ରଶସ୍ତ୍ର ଆଦି ଛଡ଼ାଇ ନେଇ ଫଟୋ ଓ ଭିଡିଓ ଜାରି କରି ଦୁନିଆକୁ ନିଜ ଶକ୍ତି ଏବଂ ସେନାର ଅସାମର୍ଥ୍ୟ ବିଷୟରେ ଅବଗତ କରାଇଛନ୍ତି। ରାଜଧାନୀ କାବୁଲ ସମେତ କାନ୍ଦାହାର, ହେରତ୍ ଭଳି ଗୁରୁତ୍ୱପୂର୍ଣ୍ଣ ସହରକୁ ତାଲିବାନ୍ କବଳରୁ ମୁକ୍ତ ରଖିବା ତଥା ସେଠାକାର ବାସିନ୍ଦାଙ୍କୁ ସୁରକ୍ଷା ଦେବାରେ ଅସଫଳ ହୋଇଛି ଆଫଗାନ ସୈନ୍ୟବାହିନୀ। ଏକ ପ୍ରକାର ବିରୋଧବିହୀନ ଭାବେ ଅତି ସହଜରେ ତାଲିବାନର ଏଣ୍ଟ୍ରି ସଫଳ ହୋଇଛି। ତେବେ କିପରି ଏତେ ମାତ୍ରାରେ ସୈନ୍ୟ କେବଳ ୭୫ ହଜାର ତାଲିବାନୀଙ୍କ ନିକଟରୁ ହାର ମାନିନେଲେ ସେ ନେଇ ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଲିବାନ ବିରୋଧରେ ସେନାର ଏଭଳି ବୀରତ୍ୱହୀନ ପ୍ରଦର୍ଶନକୁ ନେଇ ଆମେରିକାର କାର୍ଯ୍ୟଶୈଳୀ ସମାଲୋଚନାର କାଠଗଡ଼ାରେ ଛିଡ଼ା ହୋଇଛି।



- ୬ ଲକ୍ଷ କୋଟି ଟଙ୍କା ବ୍ୟର୍ଥ
- ସାମ୍ନା କରିପାରିଲେନି ୩ ଲକ୍ଷ ସୈନ୍ୟ
- ୨୦ ବର୍ଷ ପଛକୁ ଫେରିଲା ଦେଶ

ଆଫଗାନ ସେନାକୁ ସଶକ୍ତ କରିବା ପାଇଁ ଗତ ୨୦ ବର୍ଷରେ ଆମେରିକା ପ୍ରାୟ ୮୩ ବିଲିୟନ ଡଲାର ବା ୬ ଲକ୍ଷ ୧୬ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛି। ଆଫଗାନିସ୍ତାନ ସୁରକ୍ଷା ବଳକୁ ମଜଭୁତ କରିବା ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ପ୍ରଶାସନର ମୁଖ୍ୟ ଏଜେଣ୍ଡା ରହିଥିଲା। ୧ ଦଶନ୍ଧି ପୂର୍ବରୁ ଆମେରିକା ସେନାକୁ ଫେରାଇନେବା ଲକ୍ଷ୍ୟ ରହିଥିବାରୁ ଏହି ଏଜେଣ୍ଡାର ଗୁରୁତ୍ୱ ବଢ଼ିଯାଇଥିଲା। କିନ୍ତୁ ଏ ସବୁ ଏବେ ଏକ ପ୍ରକାର ବ୍ୟର୍ଥ ହୋଇଛି। ଆଫଗାନ୍ ସେନା ଆତଙ୍କବାଦୀଙ୍କ ସାମ୍ନା କରିବାରେ ସଫଳ ହୋଇ ନ ଥିବାରୁ ଖୁବ୍‌ଶୀଘ୍ର ପୁରା ଦେଶରେ ତାଲିବାନ ସରକାର ଫେରିବା ସ୍ପଷ୍ଟ ହୋଇଯାଇଛି।

## ରଣନୀତିରେ ସଫଳ ତାଲିବାନ୍

ଆଫଗାନିସ୍ତାନ ଶାସନ ଭାର ନିଜ କବଳକୁ ଆଣିବା ନିମନ୍ତେ ଦୀର୍ଘ ସମୟ ପୂର୍ବରୁ ତାଲିବାନ ପ୍ରସ୍ତୁତ କରିଥିବା ରଣନୀତି ସଫଳ ହୋଇଛି। ଆମେରିକା ନିଜ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିବା ପୂର୍ବରୁ ହିଁ ତାଲିବାନ ଆତଙ୍କବାଦୀ ରଣନୀତିକୁ କାର୍ଯ୍ୟକାରୀ କରିବା କାମ ଆରମ୍ଭ କରିଦେଇଥିଲେ। ପ୍ରଥମେ ସେମାନେ ଗ୍ରାମାଞ୍ଚଳକୁ ଟାର୍ଗେଟ କରି ସେଠାରେ ଥିବା ସୁରକ୍ଷାବଳ ଏବଂ ପୋଲିସ କର୍ମଚାରୀମାନଙ୍କୁ ଆତ୍ମସମର୍ପଣ ନିମନ୍ତେ ବାଧ କରିଥିଲେ। ସୁରକ୍ଷାବଳ ନିକଟରେ ଆବଶ୍ୟକ ସହାୟତା ନ ପହଞ୍ଚିପାରିବା, ଖାଦ୍ୟପାନୀୟ ଅଭାବ ମଧ୍ୟ ସେମାନଙ୍କ ଆତ୍ମସମର୍ପଣର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ସେପଟେ ସେନାଠାରୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇ ଗୋଟିଏ ପରେ ଗୋଟିଏ ଜିଲାରେ ଆତଙ୍କବାଦୀ ପ୍ରବେଶ କରିଚାଲିଥିଲେ। ସଶସ୍ତ୍ର ତାଲିବାନୀଙ୍କ ଉପସ୍ଥିତି ଯୋଗୁ ଆଫଗାନିସ୍ତାନ ଅକ୍ତିଆର ସହଜ ହୋଇଯାଇଥିଲା।

## କାଗଜକଲମରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ସୈନ୍ୟ

ଆଫଗାନିସ୍ତାନ ସରକାର ଦର୍ଶାଇଥିବା ତଥ୍ୟ ଅନୁସାରେ ଦେଶରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ସୈନ୍ୟ ରହିଥିବାବେଳେ ୬୦ ହଜାର ତାଲିବାନ ଆତଙ୍କବାଦୀଙ୍କୁ ସେମାନେ ସାମ୍ନା କରି ନ ପାରିବା ଅନେକଙ୍କୁ ବିସ୍ମିତ କରିଛି। ନାଟୋ ଏବଂ ଆମେରିକା ସୈନ୍ୟବାହିନୀ ସହାୟତା ବିନା ସେମାନେ ଯୁଦ୍ଧକ୍ଷେତ୍ରରେ ଅସମର୍ଥ ବୋଲି ପ୍ରମାଣିତ ହୋଇଛି। ଏତେ ସହଜରେ ଆଫଗାନ ସେନା ହାର ମାନିନେବାକୁ ନେଇ ମୋଟ ସୁରକ୍ଷାକର୍ମୀଙ୍କ ସଂଖ୍ୟା ଉପରେ ସନ୍ଦେହ ଉପୁଜିଛି। ଆଫଗାନିସ୍ତାନ ସରକାର ସୈନ୍ୟ ସଂଖ୍ୟାକୁ ନେଇ ମିଛ ତଥ୍ୟ ରଖିଥିବା କଥା ଅମୂଳକ ହୋଇ ନ ଥାଇପାରେ ବୋଲି ଆଲୋଚନା ହେଉଛି।

ଧରିତ୍ରୀ
DHARITRI

ମଙ୍ଗଳବାର, ଅଗଷ୍ଟ ୧୭/୨୦୨୧ | Tuesday, August 17/2021 | ପୃଷ୍ଠା-୧



## ପୱନଦୀପ ଇଣ୍ଡିଆନ ଆଇଡଲ ବିଜେତା

ସୋନି ଟିଭିରେ ପ୍ରସାରିତ ଗୀତ ରିଆଲିଟି ଶୋ' ଇଣ୍ଡିଆନ ଆଇଡଲ-୧୨ର ଗ୍ରାଣ୍ଡ ଫାଇନାଲରେ ବିଜେତା ହୋଇଛନ୍ତି ପୱନଦୀପ ରାଜନ।

୧୨

୧୩

## ବ୍ରିଟିଶ ଓପନ ଗଲ୍ଫ ପାଇଁ ଅଦିତିଙ୍କୁ ଯୋଗ୍ୟତା

ଭାରତୀୟ ଗଲ୍ଫର ଅଦିତି ଅଶୋକ ଏଆଇଜି ମହିଳା ବ୍ରିଟିଶ୍ ଓପନ ଗଲ୍ଫ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।





ଆଫଗାନିସ୍ତାନ ରାଜଧାନୀ କାବୁଲ ବିମାନବନ୍ଦରରେ ସୋମବାର ଦେଶ ଛାଡ଼ି ଚାଲିଯିବା ଉଦ୍ଦେଶ୍ୟରେ ଲୋକମାନେ ଆମେରିକାର ବାୟୁସେନା ବିମାନରେ ବ୍ୟାକୁଳ ହୋଇ ଚଢ଼ିବାକୁ ପ୍ରୟାସ କରୁଛନ୍ତି।

# ଦେଶ ଛାଡ଼ିବାକୁ ଜୀବନ ବାଜି

**ତାଲିବାନ୍ ଦଖଲରେ ସମ୍ପୂର୍ଣ୍ଣ ଆଫଗାନିସ୍ତାନ**

- କାବୁଲ ବିମାନବନ୍ଦରରେ ଅସମ୍ଭାଳ ଭିଡ଼
- ଗୁଳିମାଡ଼ରେ ୫, ବିମାନରୁ ଖସି ୩ ମୃତ

କାବୁଲ, ୧୬।୮

ଆଫଗାନିସ୍ତାନ ଏବେ ସମ୍ପୂର୍ଣ୍ଣ ଅସ୍ଥିରତା ଭିତରକୁ ଠେଲି ହୋଇଯାଇଛି। ତାଲିବାନ ରାଜଧାନୀ କାବୁଲ ଅକ୍ତିଆର କରିବା ପରେ ଲୋକେ ଭୟରେ ଏବେ ଦେଶ ଛାଡ଼ିବାକୁ ବ୍ୟାକୁଳ ହୋଇପଡ଼ିଲେଣି। ତାଲିବାନର କଠୋର ଶାସନରୁ ମୁକ୍ତି ପାଇଁ ଦେଶ ଛାଡ଼ି ପଳାୟନ କରିବାକୁ ପ୍ରାଣପ୍ରଣେ ଉଦ୍ୟମ ଚଳାଇଛନ୍ତି। ଏପରି କି ଜୀବନକୁ ବାଜି ଲଗାଇ ସ୍ଥାନୀୟ ଓ ବିଦେଶୀ ନାଗରିକ ସୋମବାର ବିମାନ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଛନ୍ତି। ବିମାନ ରନ୍‌ୱେରେ ଚାଲିବାବେଳେ ତା'ଉପରକୁ କିଛି ଲୋକ ଚଢୁଥିବାରୁ ଦୃଶ୍ୟ ଦେଖିବାକୁ ମିଳୁଛି। ବହୁସଂଖ୍ୟାରେ ଲୋକ ଏକସଙ୍ଗେ ବିମାନରେ ଉଠିବାକୁ ଉଦ୍ୟମ କଲାବେଳେ ବିଶୃଙ୍ଖଳିତ ସ୍ଥିତି ସୃଷ୍ଟି ହେବାରୁ ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ ଓ ଦଳାଚକଟାରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବିମାନରୁ ଖସିପଡ଼ି ୩ ଜଣଙ୍କ ଜୀବନ ଯାଇଛି।

ଦେଶ ଛାଡ଼ିବା ପାଇଁ କାବୁଲ୍‌ର ହମିଦ କାର୍ଜାଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେଶନରେ ଯେପରି ଭିଡ଼ ଜମେ ବିମାନବନ୍ଦରରେ ସେହିଭଳି ସ୍ଥିତି ଦେଖିବାକୁ ମିଳିଥିଲା। କାବୁଲରେ ଅବସ୍ଥାପିତ ଆମେରିକା ଦୂତାବାସର କର୍ମଚାରୀ ଓ ଅଧିକାରୀଙ୍କୁ ସ୍ୱଦେଶ ନେବା ପାଇଁ ଆସିଥିବା ବାୟୁସେନା ବିମାନରେ ଶହଶହ ଲୋକ ଏକାବେଳେ ଉଠିବା ପାଇଁ ଚେଷ୍ଟା କରିଥିଲେ। ଭିଡ଼ ହଟାଇବା ପାଇଁ ଆମେରିକା ସୈନ୍ୟ ଫାଙ୍କା ଗୁଳି ଚାଳନା କରିଥିଲେ। ଗୁଳି ଚାଳନା ସତ୍ତ୍ୱେ ଲୋକେ ଏହାକୁ ଭ୍ରୂକ୍ଷେପ ନ କରି ବିମାନ ଚାରିପାର୍ଶ୍ୱରେ ଚଢ଼ିବାକୁ ଲାଗିଥିଲେ। ସାମ୍ପ୍ରତିକ ସ୍ଥିତିକୁ ଦେଖି ବ୍ୟବସାୟିକ ବିମାନ ଚଳାଚଳ ବନ୍ଦ ରହିଥିବାବେଳେ ଯେକୌଣସି ପ୍ରକାରେ କାବୁଲ ବାହାରକୁ ଯିବା ପାଇଁ ଲୋକେ ସାମରିକ ବିମାନରେ ଚଢ଼ିବା ଲାଗି ଉଦ୍ୟମ କରିଥିଲେ। ଆମେରିକା, ବ୍ରିଟେନ ଓ ଅନ୍ୟ ଦେଶର ସାମରିକ ବିମାନ ସେମାନଙ୍କ ନାଗରିକଙ୍କୁ ନେବା ପାଇଁ ଆସିଥିବାବେଳେ ସେଥିରେ ଚଢ଼ିବା ପାଇଁ ଲୋକେ ଭିଡ଼ ଜମାଇଥିଲେ। ଆମେରିକା ବାୟୁସେନା ବିମାନ ଉଡ଼ାଣ ପାଇଁ ରନ୍‌ୱେରେ ଗଡୁଥିବାବେଳେ ଶହ ଶହ ଲୋକ ଏହାର ଦୁଇପାର୍ଶ୍ୱ ଏବଂ ଆଗରେ ଦୌଡୁଥିବା ଭିଡିଓ ଚିତ୍ରରୁ ଦେଖିବାକୁ ମିଳିଛି। ଏପରିକି ତିନିଜଣ ଏକ ସାମରିକ ବିମାନ ଚକାକୁ ଜାବୁଡ଼ି ଧରି ଦେଶ ବାହାରକୁ ପଳାଇବା ପାଇଁ ଉଦ୍ୟମ କରିଥିଲେ। ବିମାନଟି ଉଡ଼ିବା ମାତ୍ରେ ସେମାନେ ଖସିପଡ଼ି ପ୍ରାଣ ହରାଇଥିଲେ। ଉଡ଼ନ୍ତା ବିମାନରୁ ଲୋକେ ଖସିପଡୁଥିବାରୁ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆତଙ୍କିତ ଲୋକେ ବିମାନ ଧରିବା ପାଇଁ ଏୟାରବ୍ରିଜ୍ ଚଢୁଥିବା ଦେଖାଯାଇଛି। ତେବେ ୫ ଜଣଙ୍କର ମୃତ୍ୟୁ ☞ପୃଷ୍ଠା-୨

# ବଢ଼ିଲା ପିଲାଙ୍କ ଚିନ୍ତା

## ୨ ଦିନରେ ୨୪୨ ଆକ୍ରାନ୍ତ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)



ରାଜ୍ୟରେ ଏବେ ଶିଶୁଙ୍କ ଉପରେ କରୋନାର ଆଖି ପଡ଼ିଲାଣି। ଫଳରେ ଚିନ୍ତା ବଢ଼ିଛି। ଗତ ଦୁଇଦିନରେ ୧୮ବର୍ଷରୁ କମ୍ ବୟସ ବର୍ଗରେ ୨୪୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଦୁଇ ଦିନରେ ରାଜ୍ୟରେ ଚିହ୍ନଟ ହୋଇଥିବା ଦୈନିକ ସଂକ୍ରମିତଙ୍କ ମଧ୍ୟରେ ୧୦ ପ୍ରତିଶତରୁ ଊର୍ଦ୍ଧ୍ୱ ପିଲା ରହିଛନ୍ତି। ୧୫ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ସୂଚନାନୁଯାୟୀ, ରାଜ୍ୟରେ ମୋଟ ୧,୦୫୮ ଜଣ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୧୩ ପ୍ରତିଶତ ଅର୍ଥାତ୍ ୧୩୮ଜଣ କେବଳ ପିଲା ରହିଛନ୍ତି। ସେହିଭଳି ୧୬ତାରିଖରେ ବିଭାଗର ତଥ୍ୟ ଅନୁସାରେ ରାଜ୍ୟରେ ମୋଟ ୮୬୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରାୟ ୧୨ ପ୍ରତିଶତ ଅର୍ଥାତ୍ ୧୦୪ ଜଣ କେବଳ ପିଲା ରହିଛନ୍ତି। ରାଜ୍ୟ ସରକାର ☞ପୃଷ୍ଠା-୨

# ୯ମ ଶ୍ରେଣୀ ପିଲାଙ୍କ ସ୍କୁଲ ଖୋଲିଲା

ଭୁବନେଶ୍ୱର, ୧୬।୮(ବ୍ୟୁରୋ)



ଭୁବନେଶ୍ୱର ୟୁନିଟ୍-୧ ବାଳିକା ଉଚ୍ଚ ବିଦ୍ୟାଳୟକୁ ସୋମବାର ଆସିଥିବା ଛାତ୍ରୀମାନେ।

ରାଜ୍ୟରେ ସୋମବାରଠାରୁ ନବମଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହୋଇଛି। ବିଦ୍ୟାଳୟରେ କୋଭିଡ୍ କଟକଣା ସହ ସକାଳ ୯ଟାରୁ ଅପରାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ପାଠ ପଢା ହୋଇଥିଲା। ଛାତ୍ରୀଛାତ୍ରମାନେ ଅଭିଭାବକଙ୍କ ଅନୁମତିପତ୍ର ନେଇ ସ୍କୁଲ ଆସିଥିଲେ। ବିଦ୍ୟାଳୟ ପ୍ରବେଶ ପଥରେ ଛାତ୍ରୀଛାତ୍ରଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ଏହାପରେ ସେମାନଙ୍କୁ କ୍ଲାସ୍‌ରୁମ୍ ଭିତରକୁ ଛଡ଼ାଯାଇଥିଲା। ସାମାଜିକ ଦୂରତା ରକ୍ଷା କରି ଶ୍ରେଣୀଗୃହରେ ବସିବା ବ୍ୟବସ୍ଥା କରାଯାଇଥିଲା। ରବିବାର ଓ ଅନ୍ୟ ସରକାରୀ ଛୁଟି ଦିବସରେ କ୍ଲାସ୍ ହେବ ନାହିଁ ବୋଲି କୁହାଯାଇଛି। କ୍ଲାସ୍‌ରୁମ୍ ପାଠପଢ଼ା ପାଇଁ କାହାକୁ ବାଧ କରାଯିବ ନାହିଁ। ଅଭିଭାବକଙ୍କ ପରାମର୍ଶ ଅନୁଯାୟୀ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନ କ୍ଲାସ୍ କରିପାରିବେ। ସେହିପରି ନବମ ଶ୍ରେଣୀ ପିଲାଙ୍କ ପାଇଁ ହଷ୍ଟେଲ ଖୋଲିଛି। ସୂଚନାଯୋଗ୍ୟ, ଜୁଲାଇ ୨୬ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଫ୍‌ଲାଇନ ପାଠପଢ଼ା ଆରମ୍ଭ ହୋଇସାରିଛି।

## ଆଜି ହକି ଟିମ୍‌କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୬।୮(କ୍ରୀଡ଼ା ପ୍ରତିନିଧି): ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳ ଏବଂ ୪ର୍ଥ ସ୍ଥାନ ହାସଲ କରିଥିବା ମହିଳା ଦଳ ମଙ୍ଗଳବାର ଭୁବନେଶ୍ୱର ଆସିବେ। ଦିନ ୧୧ଟା ବେଳେ ସେମାନେ ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସନ୍ଧ୍ୟା ୬ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନର କମ୍ୟୁନିଟି ହଲ୍‌ରେ ଉଭୟ ମହିଳା ଓ ପୁରୁଷ ଦଳକୁ ସମ୍ବର୍ଦ୍ଧିତ କରିବେ। ଖେଳାଳିଙ୍କୁ ସ୍ୱାଗତ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ଖେଳାଳିଙ୍କର ହୋର୍ଡିଂ ଓ ବ୍ୟାନରମାନ ଲଗାଯାଇଛି। ସେମାନଙ୍କ ରହିବା ହୋଟେଲରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

କାବୁଲରେ ତାଲିବାନ

# ୧ରୁ ବିଧାନସଭା ମୌସୁମୀ ଅଧିବେଶନ

- ୮ ଦିନ ଚାଲିବ
- ବାଧ୍ୟତାମୂଳକ ହେବ କୋଭିଡ୍ ଟେଷ୍ଟ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)



ସେପ୍ଟେମ୍ବର ପହିଲାରୁ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ସେପ୍ଟେମ୍ବର ୯ ତାରିଖ ଯାଏ ଚାଲିବ। ଏହି ଅଧିବେଶନରେ ମୋଟ ୮ଟି କାର୍ଯ୍ୟଦିବସ ରହିଛି। ୮ ଦିନରୁ ୭ ଦିନ ସରକାରୀ ଦିବସ ପାଇଁ ସମୟ ନିର୍ଘଣ୍ଟ ହୋଇଥିବା ବେଳେ ଗୋଟିଏ ଦିନ ଅର୍ଥାତ୍ ସେପ୍ଟେମ୍ବର ୩ ତାରିଖ ବେସରକାରୀ ଦିବସ ପାଇଁ ଦିନ ଧାର୍ଯ୍ୟ ହୋଇଛି। ୫ ତାରିଖ ରବିବାର ପାଇଁ ଛୁଟି ରହିବ। ଏ ନେଇ ସୋମବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ସେପ୍ଟେମ୍ବର ୧ତାରିଖ ପୂର୍ବାହ୍ନ ୧୧ଟାରେ ବିଧାନସଭା ଅଧିବେଶନ ଆରମ୍ଭ ପାଇଁ ରାଜ୍ୟପାଳ ସମନ ଜାରି କରିଛନ୍ତି। ଚଳିତଥର ମଧ୍ୟ କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ଗୃହ ପରିଚାଳିତ ହେବ। ଅଧିବେଶନ ସମୟରେ ବିଧାନସଭାକୁ ଆସୁଥିବା ସମସ୍ତ ଜନପ୍ରତିନିଧି, ସେମାନଙ୍କ ଡ୍ରାଇଭର, ବିଧାନସଭା କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କର ଆରଟି-ପିସିଆର ପରୀକ୍ଷା ବାଧ୍ୟତାମୂଳକ କରାଯିବ। ତେବେ ଏହି ସ୍ୱଳ୍ପକାଳୀନ ବିଧାନସଭା ଅଧିବେଶନ କେତେ ସମୟ ବସିବ ସେ ନେଇ ଆଗାମୀ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହେବ ବୋଲି ବିଧାନସଭା ସଚିବ ଦାଶରଥି ଶତପଥୀ କହିଛନ୍ତି।

# ସାଢ଼େ ୩ କୋଟିଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ

**୭୫ତମ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**



- ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ଇତିହାସ
- ନୂଆ ରୂପରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
- ରାଜ୍ୟ ତଥା ଦେଶର ୨୦୦ରୁ ଅଧିକ ଘରୋଇ ଡାକ୍ତରଖାନାରେ ମିଳିବ ଚିକିତ୍ସା ସୁବିଧା
- ପରିବାର ପାଇଁ ପ୍ରତିବର୍ଷ ୫ ଲକ୍ଷ, ମହିଳାଙ୍କ ଲାଗି ୧୦ ଲକ୍ଷ ଟଙ୍କା

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୭୫ତମ ସ୍ୱାଧୀନତା ଦିବସ ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀଙ୍କ ପାଇଁ ସ୍ମାର୍ଟ ହେଲ୍‌ଥ କାର୍ଡର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ୯୬ ଲକ୍ଷ ପରିବାର, ସାଢ଼େ ୩ କୋଟି ଲୋକଙ୍କୁ ଏହି ସ୍ମାର୍ଟ କାର୍ଡ ମିଳିବ। ସମଗ୍ର ରାଜ୍ୟରେ ପର୍ଯ୍ୟାୟକ୍ରମେ ଏହି କାର୍ଡ ପ୍ରଦାନ କରାଯିବ। ଏଭଳି ସ୍ମାର୍ଟ ହେଲ୍‌ଥ କାର୍ଡ ଦେବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି। ଜାତୀୟ ଖାଦ୍ୟ ସୁରକ୍ଷା ହିତାଧିକାରୀ, ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ, ☞ପୃଷ୍ଠା-୨



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶ୍ରେୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ସାଢେ ୩ କୋଟିଙ୍କୁ...

ଅନ୍ନପୂର୍ଣ୍ଣା ଓ ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ ଏହି ସ୍ମାର୍ଟ ହେଲ୍ଥ କାର୍ଡ ମିଳିବ। ଏଥିରେ ପ୍ରତ୍ୟେକ ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପ୍ରତିବର୍ଷ ଉପଲବ୍ଧ ହେବ। ଓଡ଼ିଶା ସମେତ ସାରା ଦେଶର ୨୦୦ରୁ ଅଧିକ ବଡ଼ ବଡ଼ ହସ୍ପିଟାଲଗୁଡ଼ିକରେ ଏହି କାର୍ଡ ଜରିଆରେ ଚିକିତ୍ସା ସୁବିଧା ମିଳିପାରିବ।

ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଏହି ଐତିହାସିକ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ‘‘ସାରା ଓଡ଼ିଶା ମୋ ପରିବାର। ମୋ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ୍। ଯେତେବେଳେ ଲୋକମାନେ ଚିକିତ୍ସା ପାଇଁ ଜମି, ସୁନା ବିକିବା ଓ ପିଲାଙ୍କ ପାଠପଢ଼ା ବନ୍ଦ କରିବା ଖବର ମିଳେ, ସେତେବେଳେ ମୋତେ ବହୁତ କଷ୍ଟ ଲାଗେ। ଲୋକଙ୍କର ଏହି ଦୁଃଖ ଦୂର କରିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନୂଆ ରୂପରେ ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୁବ ଗୋଷ୍ଠୀଙ୍କ ପାଇଁ ନିବେଶ ଅର୍ଥ ଭବିଷ୍ୟତ ଲାଗି ନିବେଶ।’’ ୪୧ ବର୍ଷର ବ୍ୟବଧାନ ପରେ ଭାରତୀୟ ହକି ଟୋକିଓ ଅଲିମ୍ପିକ୍ସରେ ପଦକ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ଆମ ଖେଳାଳିମାନଙ୍କ ପାଇଁ ସାରା ଦେଶ ଗର୍ବିତ ବୋଲି କହିଛନ୍ତି। ଭାରତୀୟ ହକି ଦଳକୁ ବିଶ୍ୱର ଶ୍ରେଷ୍ଠ ଦଳ ଭାବରେ ଗଢ଼ିତୋଳିବା ପାଇଁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଚାଲିଥିବା ରୂପାନ୍ତର ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହନ୍ତି, ୫-ଟି ଉପକ୍ରମରେ ପ୍ରଥମ ପର୍ଯ୍ୟାୟରେ ୧୦୭୨ ସ୍କୁଲର ରୂପାନ୍ତର କରାଯାଇଛି। ସେହିପରି ମୋ ସ୍କୁଲ ଅଭିଯାନରେ ୫ ଲକ୍ଷରୁ ଅଧିକ ପୁରାତନ ଛାତ୍ରୀଛାତ୍ର ୩୨ ହଜାରରୁ ଅଧିକ ସ୍କୁଲର ବିକାଶ ପାଇଁ ଆଗେଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

କୋଭିଡ୍-୧୯ ମହାମାରୀକୁ ବିଶ୍ୱ ଇତିହାସର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ବର୍ଣ୍ଣନା କରି ଏହାର ମୁକାବିଲାରେ ମାନବ ଜାତି ନିଶ୍ଚୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। କୋଭିଡ୍ ସମୟରେ ଦେଶର ୧୭ଟି ରାଜ୍ୟକୁ ୨ମାସ ଧରି ମେଡିକାଲ ଅକ୍ସିଜେନ୍ ନିରନ୍ତର ଭାବରେ ଯୋଗାଇ ଓଡ଼ିଶା ବହୁ ମୂଲ୍ୟବାନ୍ ଜୀବନ ବଞ୍ଚାଇପାରିଛି। ଏହା ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ଗୌରବମୟ ଭବିଷ୍ୟତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହଛନ୍ତି ଯେ ଆଜି ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ବିକାଶର ନୂଆ ନୂଆ ମାଇଲଷ୍ଟୋନ ହାସଲ କରୁଛି। ସମସ୍ତଙ୍କ ସହଯୋଗରେ ଓଡ଼ିଶା ଆଗାମୀ ଦିନରେ ତା’ର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିପାରିବ ବୋଲି ଦୃଢ଼ ଆଶାପୋଷଣ କରିଛନ୍ତି।

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଅନ୍ୟ ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେଶର ଅଖଣ୍ଡତା ଓ ଶାନ୍ତି ରକ୍ଷା ପାଇଁ ଶହୀଦ ହୋଇଥିବା ଅମର ଯବାନ ଏବଂ କରୋନା ଲଢ଼େଇରେ ଶହୀଦ ହୋଇଥିବା କୋଭିଡ୍ ଯୋଦ୍ଧାଙ୍କ ପ୍ରତି ମଧ୍ୟ ମୁଖ୍ୟମନ୍ତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପ ମହାନିର୍ଦ୍ଦେଶକ କମୋଡର ସୋମେନ୍ ବାନାର୍ଜୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ଉନ୍ନୟନ କମିଶନର ପ୍ରଦୀପ ଜେନା, ରାଜ୍ୟ ପ୍ରଶାସନର ବରିଷ୍ଠ ପଦାଧିକାରୀବୃନ୍ଦ, ୩୦ ଜଣ କୋଭିଡ୍ ଯୋଦ୍ଧାଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଢ଼ିଲା ପିଲାଙ୍କ...

ପ୍ରଥମ ଥର ପାଇଁ ଶୂନରୁ ୧୮ ବର୍ଷ ବୟସ ବର୍ଗଙ୍କ ଦୈନିକ ସଂକ୍ରମିତ ତଥ୍ୟ ଦେଇଛନ୍ତି। ଦେଢ଼ବର୍ଷ ପରେ ହଠାତ୍ ଶିଶୁ ଆକ୍ରାନ୍ତଙ୍କ ତଥ୍ୟ ପ୍ରକାଶ ପରେ ସମସ୍ତଙ୍କ ମନରେ ଆଶଙ୍କା ବଢ଼ିଯାଇଛି। ରାଜ୍ୟରେ ଶିଶୁ ସଂକ୍ରମଣ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଶିଶୁଙ୍କ ସଂକ୍ରମଣ ବିଶ୍ଳେଷଣ ପାଇଁ ଏବେଠାରୁ ତଥ୍ୟ ଉପରେ ନଜର ରଖାଯାଉଛି। ଦୁଇ ଦିନରେ ତଥ୍ୟକୁ ନେଇ ଶିଶୁ ଆକ୍ରାନ୍ତ ବଢ଼ିଛି ବୋଲି କୁହାଯାଇପାରିବ ନାହିଁ। କିଛିଦିନର ବିଶ୍ଳେଷଣ ପରେ ଆକ୍ରାନ୍ତ ହାର ଜଣାପଡ଼ିବ। ସେ ଆହୁରି ମଧ୍ୟ କହିଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ସବୁ ଲକ୍ଷଣଯୁକ୍ତ ପିଲାଙ୍କ କରୋନା ପରୀକ୍ଷା ପାଇଁ କୁହାଯାଇଛି। ଶିଶୁଙ୍କ କ୍ଷେତ୍ରରେ ଟେଷ୍ଟ ଅନୁସାରେ ପଜିଟିଭିଟି ରେଟ୍ କେତେ ଜଣାପଡ଼ିବ। ସରକାରଙ୍କ ପକ୍ଷରୁ ତୃତୀୟ ଲହର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ପିଲାଙ୍କ ସଂକ୍ରମିତ ସଂଖ୍ୟା ତଥ୍ୟ ଦେବା ପରେ ରାଜ୍ୟରେ ତୃତୀୟ ଲହର ବୋଧହୁଏ ପ୍ରବେଶ କଲାଣି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କାରଣ ଏଥିରେ ଛୋଟ ପିଲା ଅଧିକ ସଂକ୍ରମିତ ହେବେ ବୋଲି ପୂର୍ବରୁ ଆକଳନ କରାଯାଇଥିଲା। ତେଣୁ ସମସ୍ତଙ୍କ ମନରେ ଭୟ ଖେଳିଗଲାଣି। ଏ ନେଇ ଡିଏମ୍ଇଟି ସି.ବି.କେ. ମହାନ୍ତି କହିଛନ୍ତି, ଜୁଲାଇ ୨୧ର ପିଆଇବି ବୁଲେଟିନ ଅନୁସାରେ ଦେଶର ୧୨ ପ୍ରତିଶତ ଶିଶୁ କରୋନା ସଂକ୍ରମିତ ହେଉଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ରାଜ୍ୟରେ ବି ଶିଶୁ ସଂକ୍ରମଣ ହାର ପ୍ରାୟ ସମାନ ରହିଛି। ପ୍ରଥମ ଲହରରେ ଶିଶୁ ସଂକ୍ରମଣ ଯେଉଁ ଟ୍ରେଣ୍ଡରେ ଥିଲା ଦ୍ୱିତୀୟ ଲହରରେ ବି ସେହି ଟ୍ରେଣ୍ଡ ରହିଛି। ହେଲେ ଶିଶୁମାନେ ଧରା ପଡୁନାହାନ୍ତି। କାରଣ ଅନେକ ଶିଶୁ ଲକ୍ଷଣ ବିହୀନ ରହୁଛନ୍ତି ଓ ଶିଶୁଙ୍କ ସିଭିଅରିଟି କମ୍ ରହିଛି। ଏଥିସହ ମୃତ୍ୟୁ ହାର ବି କମ୍ ରହିଛି। ତେବେ ସଂକ୍ରମଣ ଉପରମୁହାଁ ହେଲେ କୌଣସି ଲହର ଆସିଲା ବୋଲି ଜଣାପଡ଼ିବ। କିନ୍ତୁ ରାଜ୍ୟରେ ଏବେ ସେମିତି ଅବସ୍ଥା ହୋଇନାହିଁ। ସେ ଆହୁରି କହିଛନ୍ତି, ୧୮ବର୍ଷରୁ ଅଧିକ ଲୋକ ପ୍ରାୟତଃ ସମସ୍ତେ ଟିକା ନେଇସାରିଲେଣି। ତେଣୁ ଏବେ ଶିଶୁଙ୍କୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି। ଆଗକୁ ୧୮ବର୍ଷରୁ କମ୍ ବୟସର ପିଲାଙ୍କ ସଂକ୍ରମଣ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ବିଶେଷ କରି ୯ରୁ ୧୮ ବର୍ଷ ବୟସ ବର୍ଗଙ୍କୁ ଅଧିକ ଭୟ ରହୁଛି। ପିଲାଙ୍କ ପାଇଁ ଟିକା ଆସିନାହିଁ। ତେଣୁ ଶିଶୁ ଓ କିଶୋରଙ୍କୁ ସୁରକ୍ଷିତ ପରିବେଶରେ ରଖିବାକୁ ପଡ଼ିବ। ଅଭିଭାବକ ଓ ଶିକ୍ଷକ ଅଧିକ ସତର୍କ ରହିବା ସହ ସାନିଟାଇଜ ହେବା ଆବଶ୍ୟକ ବୋଲି ଡିଏମ୍ଇଟି ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ କରୋନା ସଂକ୍ରମଣ ପୁଣି ହଜାରେ ତଳକୁ ଖସିଛି। ପୂର୍ବରୁ ହଜାରେ ତଳକୁ ଯାଇଥିଲେ ମଧ୍ୟ ଗତ କିଛିଦିନ ହେବ ପୁଣି ଏକ ହଜାର ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟାନୁସାରେ, ରାଜ୍ୟରେ ଗତ ୨୪ ଘଣ୍ଟାରେ ୨୭ ଜିଲାରୁ ୮୬୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୦୭ କ୍ୱାରାଣ୍ଟାଇନରୁ ଥିବାବେଳେ ୩୬୧ଜଣ ସ୍ଥାନୀୟ ଆକ୍ରାନ୍ତ। ଏମାନଙ୍କ ମଧ୍ୟରେ ୧୦୪ଜଣ ଶୂନରୁ ୧୮ବର୍ଷ ବୟସର ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୫୬ଜଣ ଥିବାବେଳେ କଟକରୁ ୧୫୪ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମିତ ସଂଖ୍ୟା ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ ପଜିଟିଭ୍ ସଂଖ୍ୟା ୯,୬୫,୪୩୩ ହୋଇଛି। ଏଥିସହ ଆଉ ୬୬ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଦେଇଛି। ତେବେ ଏମାନଙ୍କ ମୃତ୍ୟୁ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ହୋଇ ନ ଥିବା ବିଭାଗ ସ୍ପଷ୍ଟ କରିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୬,୯୫୩କୁ ବୃଦ୍ଧି ପାଇଛି।

## ଦେଶ ଛାଡ଼ିବାକୁ...

ଗୁଳିମାଡ଼ରେ ହୋଇଛି କି ଦଳାଚକଟାରେ, ତାହା ସ୍ପଷ୍ଟ ହୋଇନାହିଁ। ସୂଚନା ଯୋଗ୍ୟ, ୨ଦଶନ୍ଧି ଧରି ଆମେରିକା ସେନାର ଉପସ୍ଥିତି ସତ୍ତ୍ୱେ ଆଫଗାନିସ୍ତାନ ଭାଗ୍ୟ ବଦଳିପାରିଲାନି। ରବିବାର କାବୁଲକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବା ପରେ ତାଲିବାନ ଆଫଗାନିସ୍ତାନ ଉପରେ ବିଜୟ ଘୋଷଣା କରିଛି। ଖୁବ୍‌ଶୀଘ୍ର ସେଠାରେ ତାଲିବାନ ସରକାର ଗଠନ ହେବାକୁ ଯାଉଛି। ସେପଟେ ରାଷ୍ଟ୍ରପତି ଅଶ୍ରଫ ଘନି ନିଜ ପଦରୁ ଇସ୍ତଫା ଦେବା ପରେ ଦେଶ ଛାଡ଼ି ପଳାଇ ଯାଇଛନ୍ତି। ତାଜିକିସ୍ତାନରେ ତାଙ୍କୁ ବିମାନରୁ ଓହ୍ଲାଇବାକୁ ଅନୁମତି ନ ମିଳିବାରୁ ସେ ଓମାନ୍‌ରେ ରହିଛନ୍ତି। ସେଠାରୁ ଖୁବ୍‌ଶୀଘ୍ର ସେ ଆମେରିକା ଯିବାକୁ ଉଦ୍ୟମ କରଉଛନ୍ତି। ତାଲିବାନ କବଳରେ ଦେଶ ଥିବାବେଳେ ଘନି ଜନସାଧାରଣଙ୍କୁ ଅସହାୟ ଭାବେ ଛାଡ଼ି ପଳାଇବାକୁ ପୂର୍ବତନ ରାଷ୍ଟ୍ରପତି ହମିଦ୍ କରଜାଇ କଡ଼ା ସମାଲୋଚନା କରିଛନ୍ତି। ଏଥିସହ ଶାନ୍ତିପୂର୍ଣ୍ଣ ଉପାୟରେ ତାଲିବାନ କ୍ଷମତାକୁ ଆସିବା ନିମନ୍ତେ ସେ ଏହି ସଙ୍ଗଠନ ସହ ଆଲୋଚନା କରିବେ ବୋଲି କର୍‌ଜାଇ କହିଛନ୍ତି।

## ଆଜି ହକି ଟିମ୍‌କୁ...

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରି ଦୀର୍ଘ ୪୧ ବର୍ଷର ପଦକ ଶୂନ୍ୟତାକୁ ପୂରଣ କରିଥିଲା। ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳରେ ସାମିଲ ଥିଲେ ଦୁଇ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ। ବୀରେନ୍ଦ୍ର ଉପ ଅଧିନାୟକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଅନ୍ୟପକ୍ଷରେ ମହିଳା ଦଳ ବ୍ରୋଞ୍ଜ ପଦକ ମୁକାବିଲାରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ପରାଜିତ ହୋଇଥିଲା। ରାଣୀ ରାମପାଲଙ୍କ ନେତୃତ୍ୱାଧୀନ ଦଳରେ ଦୁଇ ଓଡ଼ିଆ ଖେଳାଳି ଦୀପ୍‌ଗ୍ରେସ ଏକ୍କା ଓ ନମିତା ଟପ୍ପୋ ସାମିଲ ଥିଲେ। ପ୍ରକାଶ ଯୋଗ୍ୟ ଯେ ଓଡ଼ିଶା ସରକାର ୨୦୧୮ ମସିହାରୁ ଭାରତୀୟ ହକି ଦଳର ପ୍ରାୟୋଜକ ଅଛନ୍ତି। ରାଜ୍ୟ ସରକାର ହକି ସହ ସମ୍ପୃକ୍ତ ହେବା ପରଠାରୁ ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ଟୋକିଓ ଅଲିମ୍ପିକ୍ସ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖେଳାଳିଙ୍କ ସହ ବ୍ୟକ୍ତିଗତଭାବେ କଥା ହୋଇ ସେମାନଙ୍କ ମନୋବଳ ବଢ଼ାଇଥିଲେ। ଭାରତୀୟ ଦଳର ସଫଳତାରେ ଓଡ଼ିଶା ସରକାରଙ୍କ ପ୍ରଚ୍ଛନ୍ନ ହାତ ଅଛି। ଏହା ବିନା ସ୍ୱପ୍ନ କେବେ ସଫଳ ହୋଇପାରି ନ ଥାନ୍ତା ବୋଲି ଅଧିନାୟକ ମନପ୍ରୀତ ସିଂ ସ୍ୱୀକାର କରିଛନ୍ତି। ଓଡ଼ିଶା ସରକାର କେବଳ ହକି ଦଳର ପ୍ରାୟୋଜକ ନାହାନ୍ତି ରାଜ୍ୟରେ ବିଶ୍ୱସ୍ତରୀୟ ହକି ଭିତ୍ତିଭୂମି ମଧ୍ୟ ଉପଲବ୍ଧ କରାଇଛନ୍ତି। ଫଳସ୍ୱରୂପ ଏଠାରେ ୨୦୧୮ରେ ହକି ବିଶ୍ୱକପ ଅନୁଷ୍ଠିତ ହୋଇଛି। କେବଳ ସେତିକି ନୁହେଁ ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ଦ୍ୱିତୀୟ ଥରପାଇଁ ହକି ବିଶ୍ୱକପ ଆୟୋଜନ ଅଧିକାର ମଧ୍ୟ ଓଡ଼ିଶା ପାଇଛି। ଏଥିପାଇଁ ରାଉରକେଲାରେ ଭାରତର ସବୁଠାରୁ ବଡ଼ ହକି ଷ୍ଟାଡିୟମ ନିର୍ମାଣ ଚାଲିଛି। ଏଥିସହିତ ସୁନ୍ଦରଗଡ଼ ଜିଲାରେ ହକିକୁ ଆହୁରି ଲୋକପ୍ରିୟ କରିବା ପାଇଁ ୧୭ଟି ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବ ଘୋଷଣା ଅନୁସାରେ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ବୀରେନ୍ଦ୍ର ଓ ଅମିତଙ୍କୁ ମୁଖ୍ୟମନ୍ତ୍ରୀ ୨.୫୦ କୋଟି ଲେଖାଏ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିପରି ଦୁଇ ମହିଳା ଖେଳାଳି ଦୀପ୍‌ଗ୍ରେସ୍ ଓ ନମିତାଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏଥିସହ ବୀରେନ୍ଦ୍ର ଓ ଅମିତଙ୍କୁ ଓଡ଼ିଶା ପୋଲିସରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ(ଡିଏସ୍‌ପି) ପଦବୀରେ ଅବସ୍ଥାପିତ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି।


# classifieds

**Everyday 0674-2580101, 2549302**




**SALE**

**Plotting project near Jaishipatna before Pipili toll gate only 10nos. of plot available. Per Sqft. Rs-899/-. Plot size-1772/2000. Contact:- 7978950573/ 9439197071 (Homestead land).** D-21358

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70467

**30’road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




Rent for Office/ Bank/ Shop 2000sqft. area. Prime location on NH-Cosmopolis Chaka, near Khandagiri, Bhubaneswar- 751019 was let-out to Bank. Contact- 9871816986. D-71401




Newly Open Saikrupa Panchakarma Spa positively health benefits with Expert. 8984068077. D-21326

Refreshing your mind, your body with tha best therapy at Lotus Spa. 8018891951. D-70468

Newly open SPA center positively health benefits by expert therapist, (home service available). 9439008685. D-71402

Swarna SPA newly open positively health benefits with expert therapist. 9556978408. D-71128

Newly open full body massage ladies and gents. 8658471570, 8327740003. D-70469

Lotus SPA newly open positively health benefits/ expert therapist. 8455987557. D-71403




ଆପଣଙ୍କ ପିଇବା ପାଣି ପିଇବା ଯୋଗ୍ୟ କି ନୁହେଁ କେବେ ପରୀକ୍ଷା କରିଛନ୍ତି କି? ଯଦି ନା, ବିନା ମୂଲ୍ୟରେ ପରୀକ୍ଷା କରିବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ। ଜଳ ହିଁ ଜୀବନ। ସୁସ୍ଥ ପାଣି ପିଅନ୍ତୁ, ସୁସ୍ଥ ରୁହନ୍ତୁ। ଯୋଗାଯୋଗ- 7978488388. D-70943

Job-Rapido Captainରେ ରେଜିଷ୍ଟ୍ରେସନ୍ ହେବା ପାଇଁ DL, RC & Android Mobile ନେଇ ତଳ ଏଡରେସ୍‌ରେ ଆସନ୍ତୁ ଆଉ 25000/- ଯାଏ ମାସିକ କମାନ୍ତୁ। Address- 40, Pawani Complex, Lane L 4, Jagmohan Nagar, Bhubaneswar. Call & WhatsApp. 9513764947, 080-41434143. D-21338

**LOST**

ମୁଁ ଚନ୍ଦନ ପାତିକା ଲେଖିଜଣାଉଛି ମୋର SLC No.- 02070099. Date- 20.05.2018ରେ ହଜିଯାଇଛି। D-21360

**AFFIDAVIT**

ମୁଁ ରୋନୀ ସରକାର, ବାସିନ୍ଦା- ଫ୍ଲାଟ୍ ନଂ.- ୧, ଉପର ମହଲା, କାଶୀ ଏନକ୍ଲେଭ୍, ଏନ୍- ୧୬/୩୪, ବ୍ଲକ୍-ଏ, କୋଲହ୍ୱା ବିନାୟକ, ୱାର୍ଡ ନଂ.-୨ ଛିତୁପୁର, ମହମୁରଗଞ୍ଜ, ବାରାଣସୀ, ନୋଟାରୀ ଯଜ୍ଞେଶ୍ୱର ଆଚାର୍ଯ୍ୟ, ଭୁବନେଶ୍ୱରଙ୍କ ସମ୍ମୁଖରେ ତା୧୬-ଅଗଷ୍ଟ-୨୧ରିଖରେ କରିଥିବା ସତ୍ୟପାଠ ଅନୁଯାୟୀ ମୋ ନାମକୁ ସମ୍ରାଟ ସରକାରକୁ ପରିବର୍ତ୍ତନ କରିଛି। ଧ-୨୧୩୬୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଷି ମଲ୍ଲିଫୁଲ ମାଳି**
**ଠିଆ ହୋଇଥିବ ବଙ୍ଗଳା ତଳେ**
**ଆସ୍ତେ ଚାଲିଗଲା ବେଳେ।**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡ଼ିଯାଏ ଅନେକ ଦୂର, ଠିକ୍ ସେମିତି ସୁଗନ୍ଧିତ ଫୁଲରୁ ମଧୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର। ମନ ମଧ୍ୟରେ ଲୁଚି ରହିଥିବା ଭାବ ଓ ଆବେଗକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିବା ନେଇ ପ୍ରେମୀଯୁଗଳ ସଦା ଚେଷ୍ଟିତ ରହିଥାନ୍ତି। ଏପରି ସ୍ଥଳେ ଇସାରା ମାଧ୍ୟମରେ ନିଜ ମନର ଭାଷା ଜଣେଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କରମଙ୍ଗା**
**କଳି ନାହିଁ କି କଜିଆ ନାହିଁ**
**କଥା କହ କିଆଁ ବଙ୍କା ବଙ୍କା।**

ଯେଉଁମାନେ କଳିହା ପ୍ରକୃତିର ସେମାନେ ବିନା କାରଣରେ କଳିଝଗଡା ଲଗାଇଥାନ୍ତି। କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା ସେମାନଙ୍କ ବଦପ୍ରକୃତି ହୋଇଥାଏ। ମୁହଁ ଉପରେ ସିଧା ନ କହି ଦେଖେଇ ଶୁଣେଇ କୁତ୍ସାରଟନା କରିବା ତାଙ୍କ ମନ୍ଦ ଅଭ୍ୟାସ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ୨୦ରେ ମୁଖ୍ୟମନ୍ତ୍ରୀଙ୍କ ମାଲକାନଗିରି ଗସ୍ତ

**ମାଲକାନଗିରି, ୧୬।୮ (ଡି.ଏନ୍.ଏ.):** ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲା ଗସ୍ତରେ ଆସିବେ। ଏନେଇ ବିଜେଡି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାପୂର୍ବରୁ ୧୮ ଓ ୧୯ ରେ ୮ ଜଣ ମନ୍ତ୍ରୀ ମାଲକାନଗିରି ଗସ୍ତରେ ଆସି ସ୍ଥିତି ସମୀକ୍ଷା କରିବା ସହ ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ୧୦ ଜଣ ନିଗମ ଅଧ୍ୟକ୍ଷ ମଧ୍ୟ ଏଥିରେ ସାମିଲ ହେବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ପରୋକ୍ଷ ଶତ୍ରୁତା କାରଣରୁ ବ୍ୟବସାୟରେ ଟେନ୍‌ସନ୍ ଲାଗି ରହିବ। ପାଖରେ ଥିବା ଲୋକଟି ଅନ୍ୟର ନିର୍ଦ୍ଦେଶରେ କାମ କରିବା ଫଳରେ ସନ୍ଦେହଜନକ ସ୍ଥିତି ହୋଇପାରେ। ଆଜି ଦିନଭିତରେ ଅଫିସିଆଲି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ**

ମଉଜ ମଜଲିସ୍ ମଧ୍ୟରେ କୌତୂହଳ ହୋଇ କଳହକୁ ନିମନ୍ତ୍ରଣ କରିପାରନ୍ତି। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଅବହେଳା ଯୋଗୁଁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବାର ସୂଚନା ରହିଛି।

**ମିଥୁନ**

ମଧ୍ୟାହ୍ନ ପରେ ମନ ଭିତରେ ବସାବାନ୍ଧି ରହିଥିବା ସମସ୍ୟାର ସମାଧାନ ଅନ୍ୟର ସାହାଯ୍ୟରେ ହୋଇଯିବ। ଅଫିସ୍ କାମରେ ଅଧସ୍ତନ କର୍ମଚାରୀ ଓ ସହକର୍ମୀମାନଙ୍କ ସହଯୋଗରୁ କାର୍ଯ୍ୟ ସମ୍ପନ୍ନ କରି ଖୁସି ହେବେ। ପଡ଼ୋଶୀଙ୍କ ସହାୟତାରେ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**କର୍କଟ**

ଦୀର୍ଘଦିନରୁ ଭଲ ସମ୍ପର୍କ ରହି ନ ଥିବା ଆତ୍ମୀୟମାନେ କେବଳ ଦୋଷଦର୍ଶିତା ଗୁଣରୁ ନିନ୍ଦାଗାନ କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ ସମସ୍ୟା ଭିତରେ ଛନ୍ଦି ହୋଇଯିବ। କର୍ମକ୍ଷେତ୍ରରେ ନୀଚଜାତିର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନୂତନ କର୍ମସଂସ୍ଥାନ ସୁଯୋଗ ଜୁଟିପାରେ।

**ସିଂହ**

ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତର ଉପୁଜିପାରେ। କର୍ମକ୍ଷେତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ କାର୍ଯ୍ୟ ସମ୍ପାଦନ କରିବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା ଉପକୃତ ହେବେ। ନିଜର ଅବହେଳା ଓ ସମୟୋଚିତ ପଦକ୍ଷେପ ଅଭାବରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ।

**କନ୍ୟା**

ଅବହେଳାରୁ ଅଟକି ରହିଥିବା କାମ ସକାଶେ ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ସତ ହେବାର ସମ୍ଭାବନା ରହିଛି। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**ତୁଳା**

ସକାଳୁ ସକାଳୁ ଆକସ୍ମିକ ଭାବେ ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ସାଧାରଣ କଥାରେ ତର୍କ ବିତର୍କ ଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବାର ସୂଚନା ମଧ୍ୟ ରହିଛି। କଳା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର କାର୍ଯ୍ୟରେ ନିୟୋଜିତ ହୋଇପାରନ୍ତି। ବହୁତ ଦିନରୁ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବ।

**ବିଛା**

ସ୍ୱାସ୍ଥ୍ୟଗତ ସମସ୍ୟା ସୁସ୍ଥତା ଦିଗକୁ ଗତି କରୁଥିବାରୁ ଆଶ୍ୱସ୍ତି ଲଭିବେ। ଅବହେଳା କାରଣରୁ ଅଟକି ରହିଥିବା କାମ ସକାଶେ ଅଭିଯୋଗ ଆସିପାରେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ସାମାଜିକ ସ୍ତରରେ ଉଚ୍ଚ ପ୍ରଶଂସିତ ମଧ୍ୟ ହେବେ । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ଧନୁ**

ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ପରାମର୍ଶରେ କାର୍ଯ୍ୟକଲେ ସଫଳତା ପାଇବେ। ଅଧିକାଂଶ ସମୟ ପରିବାରର ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁ ଆପଣଙ୍କ ପଛରେ ବିରୋଧାତ୍ମକ କଥା କହି ପରିସ୍ଥିତିକୁ ବିଗାଡି ଦେଇପାରନ୍ତି। ବକେୟା ଅର୍ଥପ୍ରାପ୍ତି ସଙ୍ଗକୁ ଶିଳ୍ପ,ବାଣିଜ୍ୟରେ ଲାଭାଂଶ ବଢ଼ିପାରେ।

**ମକର**

ପ୍ରିୟବନ୍ଧୁଙ୍କ ସହ ଛୋଟ କଥାରେ ସନ୍ଦେହ ହେତୁ ସମସ୍ୟା ବଢ଼ିପାରେ। ଆଜି ଦିନଟିରେ ଯେ କୌଣସି କାମରେ ହେଉନା କାହିଁକି, ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ଅବଶ୍ୟ, ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ମାନସିକ ଶାନ୍ତି ପାଇବେ।

**କୁମ୍ଭ**

ଗ୍ରହପ୍ରତିକୂଳତା ଜନିତ ସହଜ ଓ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଯାହା କି କାର୍ଯକ୍ଷେତ୍ରକୁ ମନ୍ଥର କରିପାରେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ ନ କମିଲେ ମଧ୍ୟ ଚିନ୍ତାଜନକ ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲକ୍ଷ୍ୟ ହାସଲ କରିବେ।

**ମୀନ**

ଆଜିର ପୂର୍ବାହ୍ନରେ ଅଫିସିଆଲି କାମରେ ମଧ୍ୟାହ୍ନରେ ଟେନସନ୍ ବଢ଼ିପାରେ। ସାମାଜିକ ସ୍ତରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। କଚେରି ମାମଲା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୮୨,୬୧,୭୨୪ | ୪୩,୭୯,୫୩୪ | ୧୮,୬୭,୩୧,୧୬୯ |
| ଭାରତ | ୩,୨୨,୪୯,୫୭୩ | ୪,୩୨,୧୨୦ | ୩,୧୪,୪୦,୨୨୧ |
| ଓଡ଼ିଶା | ୯,୯୫,୪୩୩ | ୬୯୫୩(+୫୩) | ୯,୭୯,୪୦୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କରୋନା ଭଲ ନାଗରିକ କରିଦେଇଛି


ଡା. ପ୍ରଜ୍ଞାନ ରାଉତରାୟ

**କ୍ରିଟିକାଲ କେୟାର ମେଡିସିନ କ୍ଷେତ୍ରରେ ଜଣେ ଜଣାଶୁଣା ବିଶେଷଜ୍ଞ ହେଲେ ଡା. ପ୍ରଜ୍ଞାନ ରାଉତରାୟ। ଭୁବନେଶ୍ୱର ନିବାସୀ ଡା. ରାଉତରାୟଙ୍କ ପ୍ରକୃତ ଘର ପୁରୀ। ସେ କଟକ ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଓ ମେଡିସିନ ସ୍ପେଶାଲାଇଜେଶନ କରିଥିଲେ। ଏହାପରେ ଚେନ୍ନାଇ ଆପୋଲୋ ହସ୍ପିଟାଲରେ କ୍ରିଟିକାଲ କେୟାର ଫେଲୋସିପ୍ କରିଥିଲେ। ୨୦୧୧ରୁ ଡାକ୍ତରୀ ଜୀବନ ଆରମ୍ଭ କରିଥିବା ଡା. ରାଉତରାୟଙ୍କ ସହିତ ଧରିତ୍ରୀର ଅସମାପିକା ସାହୁଙ୍କ ଆଳାପ।**

## ଧରିତ୍ରୀ ଆଳାପ

**ପ୍ରଶ୍ନ– କ୍ରିଟିକାଲ କେୟାର ଓ ଏମରଜେନ୍ସି ମେଡିସିନ ଭିତରେ ପାର୍ଥକ୍ୟ କଣ?**

ଉତ୍ତର– ଏମରଜେନ୍ସି ହେଉଛି ଟ୍ରାଫିକ ପୋଲିସ ଭଳି। ଜଣେ ରୋଗୀ ହସ୍ପିଟାଲ ଆସିଲେ ଏମରଜେନ୍ସି ବିଭାଗକୁ ଯାଇଥାଏ। ରୋଗୀଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିଲେ ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନିୟନ୍ତ୍ରଣକୁ ଅଣାଯାଇ ଆଇସିୟୁକୁ ପଠାଯାଏ କିମ୍ବା ରୋଗୀ ଭଲ ଥିଲେ ତାଙ୍କୁ ୱାର୍ଡକୁ ପଠାଯାଏ। ଏମରଜେନ୍ସି ମେଡିସିନ୍ ଡାକ୍ତରଙ୍କ ରୋଗୀଙ୍କ ସହିତ ଯୋଗାଯୋଗ ୫ରୁ ୬ ଘଣ୍ଟା ଥାଏ। ତା'ପରେ ସେମାନେ ଅନ୍ୟ ରୋଗୀଙ୍କୁ ଦେଖିଥାନ୍ତି। କିନ୍ତୁ ଏମରଜେନ୍ସି ବିଭାଗରେ ଯେଉଁ ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ନିୟନ୍ତ୍ରଣ ସମ୍ଭବ ହୋଇପାରେ ତାଙ୍କୁ କ୍ରିଟିକାଲ କେୟାର ବିଭାଗକୁ ପଠାଯାଇଥାଏ। ସେଠାରେ ପୂରା ଠିକ୍ ହେବା ପର୍ଯ୍ୟନ୍ତ ରୋଗୀଙ୍କୁ ଚିକିତ୍ସା କରାଯାଏ। ରୋଗୀ କେତେଦିନ ରହିବେ ତାହା ତାଙ୍କର ସ୍ୱାସ୍ଥ୍ୟବସ୍ଥା ଉପରେ ନିର୍ଭର କରେ।

**ପ୍ରଶ୍ନ– ଗୁରୁତର ରୋଗୀଙ୍କୁ ଚିକିତ୍ସା କରିଥାନ୍ତି। କେତେ ଚ୍ୟାଲେଞ୍ଜିଂ ଥାଏ?**

ଉତ୍ତର– ଚିକିତ୍ସା ଚ୍ୟାଲେଞ୍ଜିଂ ଏବେ ବଢ଼ି ବଢ଼ିଯାଉଛି। ମେଡିକାଲ ସାଇନ୍ସ ଯେତେ ଆଡଭାନ୍ସ ହେଉଛି, ଲୋକଙ୍କର ଆଶା ବି ବଢ଼ୁଛି। ଆଉ ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲୋକଙ୍କର ଡାକ୍ତରଙ୍କ ଉପରେ ଭରସା କମିଯାଉଛି। ତେଣୁ ଲୋକେ ଡାକ୍ତରଙ୍କୁ ଦେଖାନ୍ତି ନାହିଁ। ଫଳରେ ଆମର କେସ୍ ବଢ଼ିଯାଉଛି।

**ପ୍ରଶ୍ନ– ଜଣେ ଗୁରୁତର ରୋଗୀଙ୍କୁ ଚିକିତ୍ସା କରୁଥିବା ସମୟରେ ଆଉ ଜଣେ ଗୁରୁତର ରୋଗୀ ଆସିଗଲେ କିପରି ପରିଚାଳନା କରନ୍ତି ?**

ଉତ୍ତର– ତାକୁ ଆମେ 'ଟ୍ରାଏଜ୍' ବୋଲି କହୁ। ଉଭୟ ରୋଗୀଙ୍କ ବୟସ, କେଉଁ ପ୍ରକାର ରୋଗରେ ପୀଡ଼ିତ ଓ ସରଭାଇଭାଲ ରେଟ୍ ଦେଖି ଆମେ ରୋଗୀଙ୍କୁ ପ୍ରାଥମିକତା ଦେଇଥାଉ।

**ପ୍ରଶ୍ନ–ଗୁରୁତର ରୋଗୀଙ୍କ ଅର୍ଗାନ ଫେଲ୍ୟୁଅର ହେବାର କାରଣ କ'ଣ ଥାଏ?**

ଉତ୍ତର– ଯଦି କୌଣସି ଗୁରୁତର ରୋଗୀଙ୍କ ବ୍ଲଡ୍ ପ୍ରେସର ବହୁତ କମ୍ ଥାଏ ଓ ଅକ୍ସିଜେନ ଲେଭଲ କମ୍ ଥାଏ, ତେବେ ଅର୍ଗାନ ଫେଲ୍ୟୁଅର ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଆମେ ରୋଗୀଙ୍କୁ ଔଷଧ ଦେଇ ବ୍ଲଡ୍‌ପ୍ରେସର ଠିକ୍‌ରେ ରଖିଥାଉ ଏବଂ ଯେଉଁ ରୋଗୀ ଅକ୍ସିଜେନ ଠିକ୍‌ରେ ପାଇପାରୁ ନ ଥିବେ ତେବେ ତାଙ୍କୁ ଭେଣ୍ଟିଲେଟରରେ ରଖିଥାଉ। ସବୁବେଳେ ଶତ ପ୍ରତିଶତ ପ୍ଲାନ୍‌ରେ ଏଭଳି ଚିକିତ୍ସା କଲେ ପ୍ରାୟ ୮୦% ରୋଗୀଙ୍କ ଅର୍ଗାନ ଫେଲ୍ୟୁଅର ହୁଏ ନାହିଁ।

**ପ୍ରଶ୍ନ– କରୋନା ସଂକ୍ରମଣ ଆମ ସମସ୍ତଙ୍କ ପାଇଁ ନୂଆ। ଆପଣଙ୍କ ଡାକ୍ତରୀ ଜୀବନରେ ବି ଏଭଳି ସ୍ଥିତି କେବେ ଦେଖି ନ ଥିବେ। କ'ଣ କହିବେ ଏ ସମ୍ପର୍କରେ ?**

ଉତ୍ତର– ଏହାକୁ ମୁକାବିଲା କରିବା ବହୁତ କଠିନ। ଦିନସାରା ପିପିଇ କିଟ୍ ପିନ୍ଧି କରୋନା ରୋଗୀଙ୍କୁ ଦେଖିବା ସହିତ ତାଙ୍କ ପରିବାର ଲୋକଙ୍କୁ ବୁଝାଇବା ଏବଂ ତା' ସହିତ ଅନ୍ୟ ରୋଗୀଙ୍କୁ ବି ଦେଖିବା କଷ୍ଟ ହୋଇଯାଉଛି। ସବୁବେଳେ ଡର ରୁହେ, ନିଜେ ସଂକ୍ରମଣ ହୋଇ ଘରକୁ ସେହି ଭୂତାଣୁ ନେଇଯିବାନି ତ। ଯଦି କେହି ରୋଗୀ ବା ତାଙ୍କ ସମ୍ପର୍କୀୟ ମାସ୍କ ଠିକ୍‌ରେ ପିନ୍ଧି ନ ଥିବ ଏବଂ ଛିଙ୍କିଦେବ ତା'ହେଲେ ଦିନସାରା କୋଭିଡ୍ ସଂକ୍ରମଣ ଚିନ୍ତା ଘାରୁଛି। ଦେଢ଼ବର୍ଷ ହେଲାଣି ଏହି ଡରରେ ରହିଛୁ। କିନ୍ତୁ ମୋ ମତରେ ଏହି କୋଭିଡ୍ ମୋତେ ଜଣେ ଭଲ ନାଗରିକ କରିବାରେ ସାହାଯ୍ୟ କଲା।

**ପ୍ରଶ୍ନ– କରୋନା ପରବର୍ତ୍ତୀ ଜଟିଳତା ସମ୍ପର୍କରେ କ'ଣ କହିବେ ?**

ଉତ୍ତର– ଯେଉଁମାନେ କରୋନାରେ ଗୁରୁତର ହେଉଛନ୍ତି, ସେମାନେ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଜନିତ ଜଟିଳତାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ସହଯୋଗର ଆବଶ୍ୟକତା ରହିଛି। ମୁଖ୍ୟତଃ ରାଜ୍ୟରେ ହେଲ୍‌ଥ କେୟାର ସିଷ୍ଟମ ଅପ୍‌ଗ୍ରେଡ୍ କରିବାକୁ ପଡ଼ିବ। ୨୦୨୧ରେ ଯଦି କେଉଁ ହସ୍ପିଟାଲରେ ବିନା ଅକ୍ସିଜେନ୍‌ରେ ରୋଗୀ ମରିଯାଉଛି, ତାହା ଗ୍ରହଣୀୟ ନୁହେଁ। ନିଜେ ଆଖି ଖୋଲିବା ସହିତ ସମସ୍ତଙ୍କୁ ଆଖି ଖୋଲିବାକୁ ପଡ଼ିବ ଯେ ଆମେ ହେଲ୍‌ଥ କେୟାର ସିଷ୍ଟମକୁ ୟୁନିଫର୍ମ କରିବା।

**ପ୍ରଶ୍ନ– ସମୟ ମିଳିଲେ କ'ଣ କରନ୍ତି ?**

ଉତ୍ତର– ସମୟ ମିଳିଲେ ଦିନସାରା କ'ଣ କରିଛି ତାକୁ ଆନାଲିସିସ୍ କରେ। ମୁଁ ଘରକୁ ଗଲେ ବି ଶାନ୍ତିରେ ବସି ପାରେନି। ଆଜି ଯେଉଁ ରୋଗୀଙ୍କୁ ଆଟେଣ୍ଡ କରିଥିଲି, ଚିକିତ୍ସା ସମୟରେ କିଛି ମିସ୍ କରିଦେଲି କି। ଯଦି କିଛି ଦେଖେ ତେବେ ସଙ୍ଗେ ସଙ୍ଗେ ଜଣାଏ। ରୋଗୀଙ୍କୁ ଆହୁରି ଭଲ ଚିକିତ୍ସା କିପରି ଦିଆଯାଇପାରିବ ସେ ନେଇ ଆଲୋଚନା କରୁ।

**ପ୍ରଶ୍ନ– କ'ଣ ଖାଇବାକୁ ଭଲଲାଗେ ?**

ଉତ୍ତର– ମିଠା ଖାଇବାକୁ ଭଲ ଲାଗେ। ତେବେ ଛେନାପୋଡ଼ ଅଧିକ।

**ପ୍ରଶ୍ନ– ରୋଷେଇ ଜାଣନ୍ତି କି ?**

ଉତ୍ତର– ଅଣ୍ଡା ତରକାରୀ, ଚିକେନ ତରକାରୀ ପ୍ରସ୍ତୁତ କରିବା ଜାଣିଛି। ବାକି ସବୁ ବି କରିପାରିବି ବୋଲି ଭାବୁଛି।

ଧରିତ୍ରୀ DHARITRI | GUPTA DISTRIBUTORS Symbol of Trust
ଅତୁଟ ବନ୍ଧନ... Rakhi message contest
In association with RUCHI FOODLINE Since 1970 | PANDA TRAVEL MART | Panasonic
15 Gold Coins & 30 Silver Coins to be won
WIN BIG Loaded with 60 Attractive Prizes
Cut the Coupon & Send it to :- Dharitri, B-15, Industrial Estate, Rasulgarh, Bhubaneswar-751010
or
Click the photo of the filled message & send it to : - Whatsapp 78944 47155 rakhimessagecontest@dharitri.com
ଭଉଣୀ ଓ ଭାଇର ପବିତ୍ର ସମ୍ପର୍କର ସାକ୍ଷୀ 'ରାକ୍ଷୀ ପୂର୍ଣ୍ଣମୀ'। ଏହି ପବିତ୍ର ସମ୍ପର୍କ ଭିତ୍ତିକ Rakhi Message Contest ରେ ୪୦ଟି ଶବ୍ଦର ବାର୍ତ୍ତା ୨୦ ଅଗଷ୍ଟ ୨୦୨୧ ସୁଦ୍ଧା ପଠାଇବାକୁ ଅନୁରୋଧ। ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ।
MESSAGE COUPON
ବାର୍ତ୍ତା :
ନାମ................................, ବୟସ..........
ଠିକଣା..........................................
..........................ମୋବାଇଲ୍....................
"BASIC T & Cs" : *T & C Apply
The Dharitri Management reserves the right to decide on the qualification and basis for winning messeges.

# ୩ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

- ଉତ୍ତର କନ୍ଧମାଳ ଅଞ୍ଚଳ ଦାୟିତ୍ୱରେ ଥିଲେ
- ୨ଜଣଙ୍କ ନାମରେ ୪ଲକ୍ଷ ଟଙ୍କା ପୁରସ୍କାର ଥିଲା

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ଓଡ଼ିଶା ପୋଲିସ ନିକଟରେ ସୋମବାର ଛତିଶଗଡ଼ କ୍ୟାଡର ୩ଜଣ ଦୁର୍ଦ୍ଦାନ୍ତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ କୋଡଙ୍ଗା ମହାନଦୀ ସଂଯୁକ୍ତ ଏରିଆ କମିଟିର ଲକ୍ମା ମାଡ୍‌ଭି ଓରଫ ଲଖନ, ଗଙ୍ଗା ମାଡକାମୀ ଓରଫ ସେଣ୍ଡରା ଓ ଶୁକା ସୁଡି ଓରଫ ନବୀନ। ଏମାନେ ଓଡ଼ିଶାର ଉତ୍ତର କନ୍ଧମାଳ ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିଲେ। ଏନେଇ ପୋଲିସ ମହାନିର୍ଦ୍ଦେଶକ ଅଭୟ ଭୁବନେଶ୍ୱରସ୍ଥିତ ନିଜ କ୍ୟାମ୍ପ ଅଫିସରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି, ଆତ୍ମସମର୍ପଣ କରିଥିବା ୩ ମାଓବାଦୀ କନ୍ଧମାଳ ସୀମାନ୍ତରେ ମହାନଦୀ ଏରିଆ କମିଟି ଦାୟିତ୍ୱରେ ଥିବାବେଳେ ଅନେକ ମାଓବାଦୀ ହିଂସାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏମାନେ ଦୀର୍ଘ ୧୨ବର୍ଷ ଧରି ମାଓବାଦୀ କାର୍ଯ୍ୟକଳାପରେ ସାମିଲ ଥିଲେ। ସେମାନଙ୍କ ମଧ୍ୟରେ ୨ଜଣ କମାଣ୍ଡର ରହିଥିଲେ। ଆତ୍ମସମର୍ପଣ କରିଥିବା ଦୁଇ ମାଓବାଦୀଙ୍କ ନାମରେ ଓଡ଼ିଶା ପୋଲିସ ପକ୍ଷରୁ ୪ଲକ୍ଷ ଟଙ୍କା ଲେଖାଏ ଏବଂ ଅନ୍ୟ ଜଣକ ନାମରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ସରକାରଙ୍କ ପକ୍ଷରୁ ଥଇଥାନ ଯୋଜନାରେ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ। ସମ୍ପୃକ୍ତ ୩ ମାଓବାଦୀଙ୍କ ଆତ୍ମସମର୍ପଣ ପରେ ଅନ୍ୟମାନଙ୍କୁ ମଧ୍ୟ ଆତ୍ମସମର୍ପଣ ଲାଗି ପୋଲିସ ଡିଜି ଅଭୟ ଆହ୍ୱାନ ଦେଇଛନ୍ତି। ସମସ୍ତ ମାଓବାଦୀ ଆତ୍ମସମର୍ପଣ କରି ଶାନ୍ତିପୂର୍ଣ୍ଣ ଓ ନୂଆ ଜୀବନ ଗଢ଼ନ୍ତୁ ବୋଲି ପୋଲିସ ଡିଜି କହିଛନ୍ତି।

୨୦୨୦ରେ୩୪ମାଓବାଦୀଗିରଫହୋଇଥିବାବେଳେ ୨୧ ଆତ୍ମସମର୍ପଣ କରିଥିଲେ ଓ ୧୮ ପୋଲିସ ଗୁଳିରେ ନିହତ ହୋଇଥିଲେ। ସେହିପରି ୨୦୨୧ରେ ଏପର୍ଯ୍ୟନ୍ତ ୨୫ ଗିରଫ ହୋଇଥିବାବେଳେ ୧୫ ଆତ୍ମସମର୍ପଣ କରିଛନ୍ତି ଓ ୩ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ସୂଚନା ମିଳିଛି।




# ଜିଲ୍ଲା ଶିଳ୍ପ ବିକାଶ ଅଧିକାରୀ ନିଲମ୍ବିତ

**ବାଲେଶ୍ୱର ଅଫିସ, ୧୬।୮:** ସରକାରୀ ସେବା ପ୍ରଦାନରେ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗରେ ବାଲେଶ୍ୱର ଜିଲା ଶିଳ୍ପକେନ୍ଦ୍ରରେ କାର୍ଯ୍ୟରତ ଆଇପିଓ(ଶିଳ୍ପ ବିକାଶ ଅଧିକାରୀ) ଆଲୋକ ନାୟକଙ୍କୁ ସୋମବାର ଚାକିରିରୁ ନିଲମ୍ବନ କରାଯାଇଛି। 'ମୋ ସରକାର' କାର୍ଯ୍ୟକ୍ରମ ଅନୁଯାୟୀ ଏମ୍‌ଏସ୍‌ଏମ୍‌ଇ ବିଭାଗ ଦ୍ୱାରା ହିତାଧିକାରୀମାନଙ୍କୁ ପ୍ରତିଦିନ ସରକାରୀ ସୁବିଧା, ସହଯୋଗ, କାର୍ଯ୍ୟର ଅଗ୍ରଗତି ଏବଂ ସମସ୍ୟା ସମ୍ପର୍କରେ ଫୋନ୍ ଯୋଗେ ଯୋଗାଯୋଗ କରାଯାଇ ମତାମତ ସଂଗ୍ରହ କରାଯାଉଛି। ଏହି କ୍ରମରେ ବାଲେଶ୍ୱର ଜିଲାର ଜଣେ ହିତାଧିକାରୀ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମରୁ ରିହାତି ପାଇବା ନେଇ ବହୁ ହଇରାଣ ହରକତର ସାମ୍ନା କରୁଥିବା ବିଭାଗକୁ ଜଣାଇଥିଲେ। ଘଟଣାର ସତ୍ୟାସତ୍ୟ ଉପରେ ଯାଞ୍ଚ କରି ସତ୍ୟତା ଥିବା ପ୍ରମାଣ ମିଳିବା ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଆଇପିଓଙ୍କୁ ନିଲମ୍ବନ କରିବା ପାଇଁ ଶିଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିଲମ୍ବିତ ଅଧିକାରୀଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ରହିଥିବା ଜଣାପଡ଼ିଛି। ନିଲମ୍ବନ ପରେ କଟକ ସଦର ଶିଳ୍ପ ନିର୍ଦ୍ଦେଶାଳୟରେ ତାଙ୍କୁ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇଛି। ଏହି ମାମଲାର ତଦନ୍ତ ପାଇଁ ଜଣେ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦିଆଯାଇଛି।

# ସ୍କୁଲରେ ରାତିସାରା ଉଡ଼ିଲା ଜାତୀୟ ପତାକା

**ପ୍ରତିବାଦ କରିବାରୁ ଯୁବକଙ୍କୁ ପିଟିଲେ ପ୍ରଧାନଶିକ୍ଷକ**

ଲୋଇସିଂହା,୧୬।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଘୁଙ୍ଗି ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ବିଦ୍ୟାଳୟ ପରିସରରେ ଜାତୀୟ ପତାକା ଉଡୁଥିବା ଦେଖିବାକୁ ମିଳିଥିଲା। ଏହାର ପ୍ରତିବାଦ କରିବାରୁ କ୍ରୋଧିତ ହୋଇ ସ୍କୁଲର ପ୍ରଧାନଶିକ୍ଷକ ଜଣେ ଯୁବକଙ୍କୁ ମାଡ ମାରି ନାକ ଫଟାଇ ଦେଇଥିବା ବଲାଙ୍ଗୀର ସଦର ଥାନାରେ ଅଭିଯୋଗ ହୋଇଛି।

ରବିବାର ଘୁଙ୍ଗି ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ସୂର୍ଯ୍ୟାସ୍ତ ପୂର୍ବରୁ ଜାତୀୟ ପତାକାକୁ ସ୍କୁଲ କର୍ତ୍ତୃପକ୍ଷ ଅବତରଣ କରିବା କଥା। ହେଲେ ସେମାନେ ତାହା କରି ନ ଥିଲେ। ସୋମବାର ସକାଳେ ସ୍କୁଲ ପରିସରରେ ଜାତୀୟ ପତାକା ଉଡୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏହାପରେ ଗ୍ରାମର ଡୋଲାମଣି ସାହୁ, କାର୍ତ୍ତିକ ସାହୁ, ଅର୍ଜୁନ ସାହୁ, ହିମାଂଶୁ ନାଏକ ଓ ସଞ୍ଜୀବ ନାଏକ ପ୍ରମୁଖ ସ୍କୁଲ ପରିଚାଳନା କମିଟି ସଭାପତି ଚୂଡ଼ାମଣି ସାହୁଙ୍କୁ ଡାକି ପତାକାକୁ ଅବତରଣ କରିଥିଲେ। ଡୋଲାମଣି ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ନେଇ ପ୍ରଧାନଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ରାଗିଯାଇ ପ୍ରଧାନଶିକ୍ଷକ କୁଞ୍ଜବିହାରୀ ସାହୁ ତାଙ୍କୁ ମାଡ ମାରିଥିଲେ। ଏଥିରେ ଡୋଲାମଣିଙ୍କ ନାକ ଫାଟିଯାଇ ରକ୍ତ ବାହାରିଥିଲା। ଏହି ଘଟଣା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଡୋଲାମଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲା(ନଂ.୨୬୩/୨୧) ରୁଜୁ ହୋଇଛି।

# ୨ ଏସିଏଫ୍‌ଙ୍କ ସମେତ ୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଜେରା

**ଏସିଏଫ୍ ସୌମ୍ୟ ମୃତ୍ୟୁ ଘଟଣା**

ପାରଳାଖେମୁଣ୍ଡି,୧୬।୮(ଡି.ଏନ୍.ଏ.)



ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୋମବାର ୪ ଜଣଙ୍କୁ ଜେରା କରିଛି। ପ୍ରଥମ ପର୍ଯ୍ୟାୟରେ ସୌମ୍ୟଙ୍କ ୨ ସହକର୍ମୀ ଏସିଏଫ୍ ଗୌରୀପ୍ରସାଦ ରଥ ଓ କେ. ଭାସ୍କର ରାଓଙ୍କୁ ଜେରା କରାଯାଇଥିଲା। ପରେ ତାଙ୍କ ରୋଷେୟା ମନ୍ମଥ କୁମ୍ଭ ଓ ରାତ୍ରି ଜଗୁଆଳି ସନ୍ତୋଷ ବିଶ୍ୱାଳଙ୍କୁ ଟିମ୍ ଜେରା କରିଛି। ଜେରା ବେଳେ ଏମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିବା ଓ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ସମସ୍ତଙ୍କୁ କ୍ରମାନ୍ୱୟରେ ପଚରାଉଚରା କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଏସପି ଜ୍ଞାନ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଏପରିକି ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ, ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କୁ ମଧ୍ୟ ପୁଣି ଥରେ ଜେରା କରାଯାଇପାରେ ବୋଲି କୁହାଯାଇଛି। ତେବେ ସେମାନଙ୍କୁ କେବେ ଓ କେଉଁଠି ପଚରାଉଚରା କରାଯିବ ତାହା ଜଣାପଡ଼ିନାହିଁ।

ଏସିଏଫ୍ ସୌମ୍ୟଙ୍କ ମୃତ୍ୟୁ ମାମଲାର ତଦନ୍ତ ଭାର ଗତ ଶନିବାରଠାରୁ କ୍ରାଇମ୍‌ବ୍ରାଞ୍ଚକୁ ଦିଆଯାଇଛି। ସୌମ୍ୟଙ୍କ ମୃତ୍ୟୁ ଦୁର୍ଘଟଣା ନା ଆତ୍ମହତ୍ୟା ନା ହତ୍ୟା ଜାଣିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଗତ ୩ ଦିନ ଧରି ତଦନ୍ତ ଚଳାଇଛି। ସୋମବାର ସୌମ୍ୟଙ୍କ ୨ ସହଯୋଗୀ ଏସିଏଫ୍, ରୋଷେୟା, ନାରାୟଣପୁର ରେଞ୍ଜର ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ଆକାଶ ପ୍ରଧାନ ଏବଂ ୨ ଜଗୁଆଳି ସନ୍ତୋଷ ଓ ଅଜିତ ବେହେରାଙ୍କୁ ପୋଲିସ ପାରଳାଖେମୁଣ୍ଡି ଥାନାକୁ ଆଣି ଏକ ସ୍ୱତନ୍ତ୍ର କୋଠରିରେ ରଖିଥିଲା। ରବିବାର ପୋଲିସଠାରୁ ପାଇଥିବା ସମସ୍ତ ଦସ୍ତାବିଜକୁ ତର୍ଜମା କରିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ରହୁଥିବା ଗେଷ୍ଟ ହାଉସକୁ ପ୍ରଥମେ ଦୁଇ ସହଯୋଗୀ ଏସିଏଫ୍ ରଥ ଓ ରାଓଙ୍କୁ ନେଇ ଦୀର୍ଘ ୪ ଘଣ୍ଟା ପର୍ଯ୍ୟନ୍ତ ଜେରା କରିଥିଲା। ଅପରାହ୍ନରେ ଦ୍ୱିତୀୟ ପର୍ଯ୍ୟାୟରେ ରୋଷେୟା କୁମ୍ଭ ଓ ରାତ୍ରି ଜଗୁଆଳି ସନ୍ତୋଷଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ ଜେରା କରି ଛାଡ଼ିଛି। ମଙ୍ଗଳବାର ଅନ୍ୟ ୨ ଜଣଙ୍କୁ ଜେରା କରାଯିବ। ଡିଏଫ୍‌ଓ ବେହେରା ଓ ଗୁରାଣ୍ଡି ଥାନା ଓଆଇସି ମମତା ପଣ୍ଡାଙ୍କୁ ମଧ୍ୟ ଟିମ୍ ଜେରା କରିପାରେ ବୋଲି ସୂଚନା ମିଳିଛି।

DAYANAND INSTITUTE
Dhanupali, Sambalpur- 768005
Helpline- 9114338817, 9938895475, 9437158817
ADMISSION NOTICE
NTT- 1year regular and correspondence course
Eligibility- +2 & Above (Only Ladies)
B. Ed- NCTE Approved (2 years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
M.A. IN YOGA- Affiliated Utkal University of Culture, BBSR
Eligibility- Any Graduate
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
OFFICE TIME 8AM TO 1PM
Please visit at – dayanandgroupofinstitution.co.in

ଅତିମାନବ କିଏ ? ଯେ ଏହି ଜଡ଼ମୁଖୀ ବିଭଗ୍ନ ମାନବୀୟ ବ୍ୟକ୍ତିଜୀବନର ଊର୍ଦ୍ଧ୍ୱକୁ ଉଠିଯାଇପାରେ– ଏବଂ ନିଜକୁ ବିଶ୍ୱମୟ କରିଦେଇ ଏକ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦ ଓ ଦିବ୍ୟଜ୍ଞାନରେ ନିଜକୁ ଦିବ୍ୟମଣିଷ କରି ଦେଇପାରେ। **–ଶ୍ରୀଅରବିନ୍ଦ**



# କାବୁଲରେ ତାଲିବାନ

ତାଲିବାନ ଅଗଷ୍ଟ ୧୫ରେ ଆଫଗାନିସ୍ତାନ ରାଜଧାନୀ କାବୁଲ ଅକ୍ତିଆର କରି ରାଷ୍ଟ୍ରପତି ଭବନକୁ ହାତକୁ ନେଇଯିବା ପରେ ଦେଶର ନାଗରିକ ପୁଣି ଭିନ୍ନ ଏକ ଯୁଗକୁ ଠେଲି ହୋଇଯାଇଛନ୍ତି। ଆମେରିକା ଓ ପାଶ୍ଚାତ୍ୟ ସେନା ଆଫଗାନିସ୍ତାନରୁ ଅପସରି ଯିବା ପରେ ଯୁଦ୍ଧ ଶେଷ ହେଲା ବୋଲି ତାଲିବାନ ଘୋଷଣା କରିଛି। ଇତିମଧ୍ୟରେ ରାଷ୍ଟ୍ରପତି ଅଶ୍ରଫ୍ ଘନି ଦେଶ ଛାଡ଼ି ପଳାଇ ଯାଇଛନ୍ତି। ଅନ୍ୟପକ୍ଷରେ ତାଲିବାନର ପରିଚିତ ଚେହେରା ତଥା ରାଜନୈତିକ ମୁଖ୍ୟ ମୁଲ୍ଲା ଅବଦୁଲ ଘନି ବରାଦର ଆଫଗାନିସ୍ତାନର ନୂଆ ରାଷ୍ଟ୍ରପତି ହେବେ ବୋଲି କୁହାଗଲାଣି। ଏଭଳି ସ୍ଥଳେ ଆଫଗାନିସ୍ତାନ ନାଗରିକଙ୍କ ଦୁଃଖ ବହୁଗୁଣ ବଢ଼ିଯିବା ସ୍ୱାଭାବିକ।

ଏହି ପରିପ୍ରେକ୍ଷୀରେ ଇତିହାସକୁ ଦେଖିଲେ ଆମେରିକାର ନ୍ୟୁୟର୍କସ୍ଥିତ ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି) ଓ ୱାଶିଂଟନ୍ ଡିସିସ୍ଥିତ ଆମେରିକାର ପ୍ରତିରକ୍ଷା କାର୍ଯ୍ୟାଳୟ 'ପେଣ୍ଟାଗନ' ଉପରେ ଓସାମା ବିନ୍ ଲାଡେନଙ୍କ ନେତୃତ୍ୱରେ ଅଲ୍–କାଏଦା ୧୧ ସେପ୍ଟେମ୍ବର ୨୦୦୧ରେ ଉଡ଼ାଜାହାଜରେ ଆକ୍ରମଣ କରିଥିଲା। ୯/୧୧ ଭାବେ ପ୍ରସିଦ୍ଧ ଏହି ଦିବସ ଆମେରିକାକୁ ଥରହର କରିଦେଇଥିଲା। ଏହି ଆକ୍ରମଣରେ ୨,୯୭୭ ଲୋକଙ୍କର ପ୍ରାଣହାନି ଘଟିଥିଲା। ଏହା କେବଳ ଆମେରିକା ନୁହେଁ, ପାଶ୍ଚାତ୍ୟ ସମାଜକୁ ମୁସଲମାନ ଜଗତ ପ୍ରତି ଭୟ ସୃଷ୍ଟି କରିଥିଲା। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ୨ୟ ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ସହଯୋଗୀ ଦେଶଗୁଡ଼ିକ ସହ ମିଶି ଆଫଗାନିସ୍ତାନ ଉପରେ ଆକ୍ରମଣ କରିଥିଲେ। ସେତେବେଳର ଆକ୍ରମଣର କାରଣ ଦର୍ଶାଇବାକୁ ଯାଇ କୁହାଯାଇଥିଲା ଯେ, ୧୯୯୬ ମସିହାଠାରୁ ଆଫଗାନିସ୍ତାନ ଉପରେ ଶାସନ କରୁଥିବା ତାଲିବାନ ଗୋଷ୍ଠୀ ଦ୍ୱାରା ଅଲ୍–କାଏଦା ଏବଂ ତା'ର ନେତା ଓସାମା ବିନ୍ ଲାଡେନଙ୍କୁ ସମର୍ଥନ ଓ ସୁରକ୍ଷା ଦିଆଯାଉଛି। ମୁଲ୍ଲା ଉମାରଙ୍କ ନେତୃତ୍ୱରେ ପରିଚାଳିତ ଆଫଗାନିସ୍ତାନର ତାଲିବାନ ସରକାର ସେତେବେଳର ଆକ୍ରମଣକୁ ସମ୍ମୁଖୀନ ହେବାରେ ବିଫଳ ହୋଇଥିଲା। ଅଧିକାଂଶ ସହରାଞ୍ଚଳକୁ ଛାଡ଼ି ସବୁ ତାଲିବାନ ଯୋଦ୍ଧା ଉପାନ୍ତ ଅଞ୍ଚଳକୁ ଖସି ପଳାଇଥିଲେ। ପରବର୍ତ୍ତୀ ସମୟରେ ମୁଲ୍ଲା ଉମାରଙ୍କୁ ଠାବ କରାଯାଇପାରି ନ ଥିଲା। ପାକିସ୍ତାନର ଆବଟ୍ଟାବାଦଠାରେ ଲୁଚି ରହିଥିବା ଓସାମାଙ୍କୁ ୨୦୧୧ରେ ଆମେରିକାର ନେଭି ସିଲ୍ ହତ୍ୟା କରିଥିଲା। ଇତିମଧ୍ୟରେ ଆଫଗାନିସ୍ତାନର ଅନେକ କଥା ଉପର ତଳ ହୋଇଯାଇଛି। ସେଠାରେ ବଞ୍ଚିଥିବା ନାଗରିକଙ୍କ ପାଇଁ ସବୁବେଳେ ଦୁଃଖ ଓ କଷ୍ଟ ଲାଗିରହିଥିବା ଭଳି ବାହାରୁ ଜଣାପଡ଼େ।

ଏଠାରେ ତାଲିବାନ ବିରୋଧରେ ଅନେକ କଥା କହିବା ଭଳି ଅଛି। ସେମାନଙ୍କର ଇସ୍‌ଲାମୀୟ ଜେହାଦୀ ମନୋଭାବକୁ ବିଶେଷକରି ମହିଳା, ଶିଶୁ ଓ ବୃଦ୍ଧଙ୍କ ପାଇଁ କୌଣସି ସାମାଜିକ ସମ୍ମାନ କିମ୍ବା ସ୍ଥାନ ରଖାଯାଇ ନାହିଁ। ଅପରପକ୍ଷରେ ଆମେରିକା ଓ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସହିତ ମିଶିଥିବା ତଥାକଥିତ ସରକାର ଓ ତା'ର ସେନା ଏବଂ ପୋଲିସର କାର୍ଯ୍ୟକଳାପ ମଧ୍ୟ କୌଣସି ଭାବେ ଊଣା ନୁହେଁ। ଉଦାହରଣ ସ୍ୱରୂପ 'ବଚ୍ଚାବାଜି'କୁ ଦେଖାଯାଇପାରେ। ସୈନ୍ୟବାହିନୀର କର୍ତ୍ତୃପକ୍ଷ, ପୋଲିସବାଲା ଏବଂ ଆଫଗାନିସ୍ତାନର ପୂର୍ବତନ ସରକାରକୁ ସମର୍ଥନ କରୁଥିବା ଅଣଆନୁଷ୍ଠାନିକ ସଶସ୍ତ୍ର ବାହିନୀର ସଦସ୍ୟମାନେ ଅଳ୍ପ ବୟସ୍କ ସୁନ୍ଦର ପୁଅପିଲାଙ୍କୁ ଯୌନ ଅତ୍ୟାଚାର କରୁଥିଲେ। ଏହି ଅସ୍ୱାଭାବିକ ଅନ୍ୟାୟ ପ୍ରତି ପାଶ୍ଚାତ୍ୟ ମିଳିତ ସେନାର କୌଣସି ଅଧିକାରୀ ସ୍ୱର ଉତ୍ତୋଳନ କରୁ ନ ଥିଲେ। ଭାରତରେ ଆମେ ସାଧାରଣତଃ ପାଶ୍ଚାତ୍ୟ ଗଣମାଧ୍ୟମର ମତ ଦ୍ୱାରା ପ୍ରଭାବିତ ହୋଇଥାଉ। ସେଥିପାଇଁ ବଚ୍ଚାବାଜି ଭଳି ଜଘନ୍ୟ ସାମାଜିକ ପ୍ରଥାକୁ ଭାରତୀୟମାନେ ଦୃଷ୍ଟି ପକାନ୍ତି ନାହିଁ।

ବର୍ତ୍ତମାନକୁ ଦେଖିଲେ ତାଲିବାନର ପୁନର୍ଜନ୍ମ ଏକ ନୂଆ ବିପଦ ସୃଷ୍ଟି କରିପାରେ। କାରଣ ପ୍ରଥମେ ତାଲିବାନ ଏବଂ ପରବର୍ତ୍ତୀ ସମୟରେ ଇସ୍‌ଲାମିକ୍ ଷ୍ଟେଟ୍ସ (ଆଇଏସ୍)ର ପତନ ପରେ, ବିଶ୍ୱବ୍ୟାପୀ, ଇସ୍‌ଲାମୀୟ ଆତଙ୍କବାଦରେ ହ୍ରାସ ଘଟିଛି। ଆତଙ୍କବାଦ ବିରୋଧରେ ବିଧିବଦ୍ଧ ଲଢ଼େଇ ଆରମ୍ଭ ହେଲା ୯/୧୧ ପରେ। ଏହାର ପ୍ରଥମ ପ୍ରତୀକ ଥିଲା ତାଲିବାନ ବିରୋଧୀ ଅଭିଯାନ। ଆମେରିକାର ଦୀର୍ଘ ଦୁଇ ଦଶନ୍ଧିର ଉପସ୍ଥିତି ସତ୍ତ୍ୱେ ଏବେ ତାଲିବାନ ବଞ୍ଚିରହିବା ଓ ପୁନର୍ବାର ଆଫଗାନିସ୍ତାନକୁ ଅକ୍ତିଆର କରିବା ବିଭିନ୍ନ ଅନ୍ତର୍ଜାତୀୟ ସଙ୍କେତ ଦେଇପାରେ। ତାଲିବାନ ଦ୍ୱାରା ପ୍ରୋତ୍ସାହିତ ନୂଆ ଆତଙ୍କବାଦୀ ଇସ୍‌ଲାମୀୟ ସଙ୍ଗଠନ ଗଢ଼ିଉଠିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାଦ୍ୱାରା କେବଳ ପାଶ୍ଚାତ୍ୟ ରାଷ୍ଟ୍ର ନୁହେଁ, ଆଫଗାନିସ୍ତାନର ପଡ଼ୋଶୀ ଦେଶଗୁଡ଼ିକ ପ୍ରବଳ ମାତ୍ରାରେ ପ୍ରଭାବିତ ହୋଇପାରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଅଗଷ୍ଟ ୧୯୯୬**

- ରୁଷିଆର ରାଷ୍ଟ୍ରପତିଙ୍କ ଦୂତ ଭାବେ ଚେଚେନିଆ ଗସ୍ତ କରିଥିବା ଜେନେରାଲ ଆଲେକ୍‌ଜାଣ୍ଡର ଲେବେଡ ଓ ଚେଚେନିଆର ବିଦ୍ରୋହୀ ନେତା କେଲିସ ଖାନ ଲାଣ୍ଡରଡିଏଭଙ୍କ ମଧ୍ୟରେ ଯୁଦ୍ଧ ବିରତି ନେଇ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କ ଦିଲ୍ଲୀ ଓ ହିମାଚଳ ପ୍ରଦେଶରେ ଥିବା ବାସଭବନ ଉପରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇ ନଗଦ ୩.୫ କୋଟି ଟଙ୍କା ଜବତ କରାଯାଇଛି।
- ଆନ୍ଧ୍ରପ୍ରଦେଶର ମେଡକ ଜିଲାରେ ଜିପ୍ ଏବଂ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜିପ୍‌ରେ ଯାଉଥିବା ୨୦ ଜଣ ଯାତ୍ରୀଙ୍କ ପ୍ରାଣହାନି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | 7 | | | |
| 4 | 1 | | | | | 8 | | |
| | 5 | | | 1 | 2 | | | |
| | | | 1 | | | 5 | | |
| | 8 | | | 5 | | | 9 | 6 |
| | | | | | | 1 | | |
| | | 6 | | | | | 8 | 4 |
| | | | | 9 | | 6 | | |
| 2 | | | 4 | 6 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 5 | 9 | 1 | 8 | 4 | 6 | 3 |
| 9 | 6 | 1 | 3 | 4 | 5 | 8 | 2 | 7 |
| 3 | 4 | 8 | 7 | 6 | 2 | 1 | 5 | 9 |
| 1 | 5 | 3 | 6 | 2 | 7 | 9 | 8 | 4 |
| 8 | 2 | 7 | 4 | 9 | 3 | 6 | 1 | 5 |
| 6 | 9 | 4 | 8 | 5 | 1 | 7 | 3 | 2 |
| 5 | 1 | 6 | 2 | 7 | 4 | 3 | 9 | 8 |
| 4 | 8 | 9 | 5 | 3 | 6 | 2 | 7 | 1 |
| 7 | 3 | 2 | 1 | 8 | 9 | 5 | 4 | 6 |

ଗତ ସଂସ୍କରଣର ଉତ୍ତର

# ଆମେରିକାର ଅର୍ଥନୈତିକ ଉତ୍ଥାନ ପତନ



ଡ. ଚିତ୍ତରଞ୍ଜନ ମିଶ୍ର

କୋଭିଡ୍–୧୯ ଟିକା କାର୍ଯ୍ୟକ୍ରମରେ ଅହେତୁକ ସଫଳତା ଏବଂ ଏଥିପାଇଁ ସରକାରଙ୍କ ପ୍ରୋତ୍ସାହନ ଦ୍ୱାରା ଏ ବର୍ଷ ଆମେରିକାର ଅର୍ଥନୀତି ୭ ପ୍ରତିଶତ ହାରରେ ଦ୍ରୁତ ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଛି। ସଂପ୍ରତି ବିଶ୍ୱ ଅର୍ଥନୈତିକ ପୁନରୁଦ୍ଧାର ପ୍ରକ୍ରିୟାରେ ଆମେରିକା ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଜୁଲାଇ ୪ରେ ଆମେରିକାର ୨୪୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ସମାରୋହରେ ଭାଷ୍ୟକାରମାନେ ଆମେରିକାର ପୁନରଭ୍ୟୁଦୟ ବିଷୟରେ ଅବତାରଣା କରିଥିଲେ ଏବଂ ଆମେରିକାର ଭବିଷ୍ୟତକୁ ନେଇ ବିଶ୍ୱ ଭବିଷ୍ୟତ ସହ ଏକ ତୁଳନାତ୍ମକ ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। କିନ୍ତୁ ଗୋଟିଏ ସମସ୍ୟା ରହିଛି। ଆମେରିକା ଖୁବ୍ ନିକଟ ଅତୀତରେ ଏକ ଅର୍ଥନୈତିକ ପୁନରଭ୍ୟୁଦୟ ପ୍ରକ୍ରିୟା ମଧ୍ୟଦେଇ ଗତି କରିଆସିଛି। ଏହା ପୁଣି ଥରେ ପୁନର୍ଜନ୍ମ ନେବ ଏ ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ଗୋଟାଏ ଦଶକ ପୂର୍ବରୁ ୨୦୦୮ର ଅର୍ଥନୈତିକ ସଙ୍କଟକାଳରେ ପ୍ରଥମଥର ପାଇ ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର୍ସ ସମେତ ବିଶ୍ୱର ଏକାଧିକ କ୍ରେଡିଟ୍ ରେଟିଂ ଏଜେନ୍ସି ଆମେରିକା ସରକାରଙ୍କ ପାଇଁ ସେମାନଙ୍କର କ୍ରେଡିଟ୍ ରେଟିଂସକୁ ନିମ୍ନସ୍ତରକୁ ଖସାଇ ଦେଇଥିଲେ, ଯାହାଫଳରେ ଅଗଷ୍ଟ ୫, ୨୦୧୧ରେ ଆମେରିକାର ରେଟିଂସ ଆଉଟଷ୍ଟାଣ୍ଡିଂ (AAA)ରୁ ଏକ୍ସଲେଣ୍ଟ (AA+) କୁ ଖସି ଆସିଥିଲା। ଏହା ଆମେରିକା ଅଧୋଗତିର ଭୟଙ୍କର ଭବିଷ୍ୟବାଣୀ ଉପସ୍ଥାପନ କରିଥିଲା। ଏହା ପରିବର୍ତ୍ତେ ୨୦୧୦ ଦଶକରେ ଆମେରିକୀୟ ଅର୍ଥନୈତିକ ଶକ୍ତିର ସଂପ୍ରସାରଣ ହେଲା। ଏହା ଆମେରିକାର ଅଭୂତପୂର୍ବ ବୈଷୟିକ ଶକ୍ତିର ପରାକାଷ୍ଠା ଦ୍ୱାରା ହିଁ ସମ୍ଭବ ହୋଇପାରିଲା। ପୁନଶ୍ଚ ଆମେରିକା ମଧ୍ୟ ତା'ର ଋଣ ସମସ୍ୟାକୁ ଶୀଘ୍ର ସମାଧାନ କରି ତୁଳନାତ୍ମକ ଭାବେ ଅର୍ଥନୈତିକ ସ୍ଥିତିକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇପାରିଲା।

ଗ୍ଲୋବାଲ୍ ଜିଡିପିରେ ଆମେରିକାର ଅଂଶ ୨୦୧୧ରେ ଥିବା ୨୧ ପ୍ରତିଶତରୁ ୨୦୨୦ରେ ୨୫ ପ୍ରତିଶତକୁ ବୃଦ୍ଧି ଘଟିଥିଲା। ୨୦୧୦ ଦଶକର ଆରମ୍ଭରେ ଆମେରିକାର ହାରାହାରି ରୋଜଗାର ୟୁରୋପ ଅପେକ୍ଷା ୨୬ ପ୍ରତିଶତ ଅଧିକ ଥିଲାବେଳେ ଦଶକର ଶେଷଭାଗକୁ ତାହା ୬୦ ପ୍ରତିଶତ ଅଧିକ ଥିଲା। ଏପରିକି ଜାପାନ ଅପେକ୍ଷା ଆମେରିକାର ରୋଜଗାର ନାଟକୀୟ ଢଙ୍ଗରେ ଅଭିବୃଦ୍ଧି ଘଟିଲା। ୨୦୨୦ର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେରିକୀୟ ମଧ୍ୟବିତ୍ତ ଶ୍ରେଣୀରେ ଚାକିରି କ୍ଷେତ୍ରରେ ନୈରାଶ୍ୟ ଦେଖାଯାଇ ବେରୋଜଗାରୀ ୫୦ବର୍ଷ ତଳକୁ ଖସିଯାଇଥିଲା।

୨୦୧୦ ଦଶକରେ ଆମେରିକାର ଷ୍ଟକ୍ ମାର୍କେଟରେ ୨୫୦ପ୍ରତିଶତ ଅଭିବୃଦ୍ଧି ଘଟିଥିଲା ଏବଂ ତା'ର ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିକାଶଦୌଡ଼ରେ ପଛକୁ ଠେଲିଦେଇଥିଲା। ଗ୍ଲୋବାଲ୍ ଷ୍ଟକ୍ ମାର୍କେଟରେ ମଧ୍ୟ ଆମେରିକାର ଅଂଶଧନ ୪୨ ପ୍ରତିଶତରୁ ୫୮ ପ୍ରତିଶତକୁ ଅଭିବୃଦ୍ଧି ଘଟିଲା। ଫଳରେ ଆମେରିକୀୟ ଡଲାର ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇ ଅନ୍ୟାନ୍ୟ ବିକଶିତ ରାଷ୍ଟ୍ରମାନଙ୍କ ମଧ୍ୟରେ ନିଜର ନେତୃତ୍ୱ ଜାହିର କରିବା ପାଇଁ ପଥ ପ୍ରଦର୍ଶନ କରାଇଲା।

୨୦୧୯ର ଶେଷ ଭାଗକୁ ବ୍ୟକ୍ତିବିଶେଷ ଓ କର୍ପୋରେଶନମାନଙ୍କୁ ଆମେରିକା ପ୍ରଦାନ କରିଥିବା ତା'ର ସମସ୍ତ ବିଦେଶୀ ଋଣର ୭୫ ପ୍ରତିଶତ ଡଲାର ଦ୍ୱାରା ହିଁ କରିଥିଲା। ୨୦୦୮ର ଅର୍ଥନୈତିକ ସଙ୍କଟ ପୂର୍ବରୁ ଥିବା ୬୦ପ୍ରତିଶତରୁ ଏହା ଅଧିକ ଥିଲା। ପୃଥିବୀର ପ୍ରତ୍ୟେକ ୧୦ଟି ରାଷ୍ଟ୍ରରୁ ୬ଟି ରାଷ୍ଟ୍ର ଆମେରିକୀୟ ଡଲାରକୁ ସେମାନଙ୍କ ଦେଶର 'ଆଙ୍କର' ବା ଲଙ୍ଗର ଭାବେ ବ୍ୟବହାର କଲେ, ଯେଉଁ ଡଲାର ମାଧ୍ୟମରେ ସେମାନେ ସେମାନଙ୍କ ଦେଶର ମୁଦ୍ରାର ମୂଲ୍ୟ ନିର୍ଦ୍ଧାରଣ କରିବା ସହ ତାକୁ ସୁଦୃଢ଼ ମଧ୍ୟ କରିପାରିଲେ। ୨୦୧୦ ଦଶକରେ ଆମେରିକୀୟ ଡଲାରକୁ ବିଶ୍ୱର ଅଧିକ ଆଦରଣୀୟ 'ରିଜର୍ଭ କରେନ୍ସି' ଭାବେ ଚାଇନାର ଚ୍ୟାଲେଞ୍ଜ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଚରମ ବିଫଳତାର ମୁଖ ଦର୍ଶନ କରିଥିଲା।

୨୦୧୦ ଦଶକରେ ଆମେରିକା ଚାଖିଥିବା ବିକାଶର ଅମୃତ ସ୍ୱାଦ ୨୦୨୦ ଦଶକରେ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ ବୋଲି ପ୍ରତୀୟମାନ ହେଉଛି। ୧୯୬୦ ଦଶକରେ ଆମେରିକାର ଅର୍ଥନୀତି ବିଶ୍ୱରେ ନେତୃତ୍ୱ ନେଇଥିଲା, କିନ୍ତୁ ୧୯୭୦ ଦଶକରେ ଏହା ସୋଭିଏଟ ଦେଶ ପଛକୁ ପଡ଼ିଗଲା। ପରେ ୧୯୮୦ ଦଶକରେ ଆମେରିକା ଜାପାନକୁ ନେଇ ଅଧିକ ଚିନ୍ତିତ ହୋଇପଡ଼ିଲା। କିନ୍ତୁ ୧୯୯୦ ଦଶକରେ ଟେକ୍ନୋଲୋଜିର ଅଭୂତପୂର୍ବ ଅଭିବୃଦ୍ଧି ଫଳରେ ଆମେରିକା ପୁଣି ପ୍ରତ୍ୟାବର୍ତ୍ତନ କଲା ଓ ବିକାଶରାସ୍ତାରେ ଆଗେଇଚାଲିଲା। ହେଲେ ୨୦୦୦ ଦଶକରେ ଚିତ୍ର ବଦଳିଗଲା ଓ ଚାଇନା ନେତୃତ୍ୱରେ ବିଶ୍ୱ ବଜାର ବ୍ୟବସ୍ଥା ସଗର୍ବେ ମୁଣ୍ଡ ଟେକି ଉଠିଲା। ଏସୀୟ ବ୍ୟାଘ୍ର ଚାଇନା ସମଗ୍ର ବିଶ୍ୱରେ ନିଜର ବାଣିଜ୍ୟିକ ଆଧିପତ୍ୟ ଜାହିର କରିବାକୁ ଲାଗିଲା।

ଆଉ ଏକ ଆମେରିକୀୟ ଦଶନ୍ଧିର ଶୁଭ ଆଗମନକୁ ନେଇ ଆକଳନ କରାଯାଉଛି। ଏହା ନିର୍ଭର କରୁଛି,ଆମେରିକା କେତେଦୂର ଟେକ୍ନୋଲୋଜି କ୍ଷେତ୍ରରେ ବିଶ୍ୱ ନେତୃତ୍ୱକୁ ବଳବତ୍ତର ରଖିପାରିବ। କିନ୍ତୁ ଏବେ ବୃହତ୍ ଆମେରିକୀୟ ଇଣ୍ଟରନେଟ କମ୍ପାନୀଗୁଡ଼ିକ ଏସିଆରୁ ଆଫ୍ରିକା ପର୍ଯ୍ୟନ୍ତ ମୁଣ୍ଡଟେକି ଉଠୁଥିବା ବଜାର ବ୍ୟବସ୍ଥାରେ କଠିନ ଆହ୍ୱାନର ମୁକାବିଲା କରୁଛନ୍ତି ଯେଉଁଠାରେ ଆଞ୍ଚଳିକ ଉଦ୍ୟୋକ୍ତାମାନେ ଇ–କମର୍ସ, ଇ–ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଜାତୀୟ ଓ ଆଞ୍ଚଳିକ ବଜାର ନେତୃତ୍ୱ ଗଢି ତୋଳୁଛନ୍ତି।

ରୋବୋଟିକ୍ସ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ୟୁରୋପ ନିଜର ପରିଆରା ଜାହିର କରିବାରେ ଲାଗିପଡ଼ିଛି। ୟୁରୋପୀୟ ଷ୍ଟାର୍ଟ ଅପ୍ କମ୍ପାନୀଗୁଡ଼ିକ ପୂର୍ବାପେକ୍ଷା ଅଧିକ ଘରୋଇ ଅଂଶଧନ ଆକର୍ଷଣ କରୁଛନ୍ତି। 'ଗ୍ଲୋବାଲ୍ ଭେଞ୍ଚର କ୍ୟାପିଟାଲ' କ୍ଷେତ୍ରରେ ୟୁରୋପୀୟ ଭାଗୀଦାରିରେ ଧୀରେ ଧୀରେ ଅଭିବୃଦ୍ଧି ଘଟୁଛି ଏବଂ ଏହାର ଟେକ୍ନୋଲୋଜି ସେକ୍ଟର ମଧ୍ୟ ଗତ ୫ବର୍ଷ ଭିତରେ ଚାରିଗୁଣା ଅଭିବୃଦ୍ଧି ହାସଲ କରିଛି।

ଆମେରିକା ଅତ୍ୟଧିକ ଆତ୍ମସନ୍ତୋଷ ଲାଭକରିବା ହିଁ ତା' ଅଭିବୃଦ୍ଧିରେ ଗ୍ରହଣ ଲଗେଇ ଦେଉଛି। ଆମେରିକାର ଉଭୟ ସରକାରୀ ଓ ବିରୋଧୀ ଦଳ ଯୁକ୍ତି ବାଢିଥାନ୍ତି ଯେ ଆମେରିକା ଋଣ କରି ସେହି ଅର୍ଥକୁ ମୁକ୍ତ ଭାବେ ଖର୍ଚ୍ଚ କରିବା ପ୍ରକ୍ରିୟା ଜାରି ରଖୁ। ସେଥିପାଇଁ ବିଶ୍ୱର ସର୍ବାଧିକ ଆକାଂକ୍ଷିତ ମୁଦ୍ରା ଭାବେ ଆମେରିକୀୟ ଡଲାରର ଅଦ୍ୱିତୀୟତା ଧନ୍ୟବାଦାର୍ହ । କୋଭିଡ୍–୧୯ ମହାମାରୀ ସହ ଲଢ଼ିବା ପାଇଁ ୨୦୨୦ରେ ଆମେରିକାର ସରକାରୀ ଋଣ ପରିମାଣ ମୋଟ ଆଭ୍ୟନ୍ତରୀଣ ଉତ୍ପାଦ (ଜିଡିପି)ର ୧୦୯ ପ୍ରତିଶତରୁ ୧୩୧ ପ୍ରତିଶତକୁ ବୃଦ୍ଧି ଘଟିଥିଲା ଯାହାକି ବିକଶିତ ବିଶ୍ୱର ହାରାହାରି ପରିମାଣଠାରୁ ବହୁ ଅଧିକ ଥିଲା।

ଆମେରିକାର ସଂଘୀୟ ସରକାର ଏବଂ କର୍ପୋରେଶନଗୁଡ଼ିକ ଏବେ ଅତ୍ୟଧିକ ଋଣ ଭାରରେ ବୁଡ଼ି ରହିଛନ୍ତି । ଏଣୁ ସେମାନେ ପୁନଶ୍ଚ ଅର୍ଥନୀତିର ଅଭିବୃଦ୍ଧିରେ ସହାୟକ ହେବେ ବୋଲି କେବେ ବି କଳ୍ପନା କରିହେଉନାହିଁ। ୨୦୧୦ରେ ଅବଶିଷ୍ଟ ବିଶ୍ୱ ପାଖରେ ଆମେରିକାର ଋଣ ଭାର ୨.୫ ଟ୍ରିଲିୟନ ଡଲାର ଥିଲା। ଏହା ସେତେବେଳେ ତା' ଜିଡିପିର ୧୭ପ୍ରତିଶତ ସହ ସମାନ ଥିଲା। ୨୦୨୦ର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଦାୟ ପରିମାଣରେ ଅଭିବୃଦ୍ଧି ଘଟି ୧୦ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା, ଯାହାକି ଆମେରିକା ଜିଡିପିର ୫୦ ପ୍ରତିଶତରୁ ବି ଅଧିକ। ଏହାକୁ ଅର୍ଥନୀତିରେ ଏରୁଣ୍ଡିବନ୍ଧର ସୀମା ବୋଲି ଅଭିହିତ କରାଯାଇଥାଏ ଏବଂ ଅତୀତରେ ମଧ୍ୟ ଏଭଳି କାରଣରୁ ଆମେରିକାରେ ମୁଦ୍ରା ସଙ୍କଟ ଦେଖାଦେଇଥିଲା। ସଂପ୍ରତି ଏହି ଦାୟ ପରିମାଣ ୧୪ ଟ୍ରିଲିୟନ ଡଲାରରେ ପହଞ୍ଚି ସାରିଲାଣି, ଯାହାକି ଆମେରିକା ଜିଡିପିର ୬୭ ପ୍ରତିଶତ।

ବିଶ୍ୱାସ କରାଯାଏ ଯେ ଆମେରିକୀୟ ଉପଭୋକ୍ତାମାନେ କୋଭିଡ୍–୧୯ ମହାମାରୀ ଅପସରିଗଲା ପରେ ମୁକ୍ତ ଭାବେ ଅର୍ଥ ବ୍ୟୟ କରିବେ ଯାହାକି ଆମେରିକାରେ ଏକ ନୂତନ ଅର୍ଥନୈତିକ ସମ୍ଭାବନା ସୃଷ୍ଟି ହେବ। ଏହା ମଧ୍ୟ ଆର୍ଥିକ କ୍ଷେତ୍ରରେ ସୂର୍ଯ୍ୟୋଦୟ ଘଟାଇବ। ହେଲେ ଏ ପର୍ଯ୍ୟନ୍ତ ଆମେରିକୀୟ ଉପଭୋକ୍ତାମାନେ ସେମାନଙ୍କ ଅର୍ଥର ପ୍ରମୁଖ ଅଂଶକୁ ଋଣ ପରିଶୋଧ କ୍ଷେତ୍ରରେ କିମ୍ବା ଶେୟାର କାରବାରରେ ବିନିଯୋଗ କରୁଛନ୍ତି।

ବିଶ୍ୱ ଅର୍ଥନୀତିରେ ଚାଇନାର ଅଭ୍ୟୁଦୟ ଓ କ୍ରମବର୍ଦ୍ଧିଷ୍ଣୁ ଭାଗୀଦାରି ମୁଖ୍ୟତଃ ୟୁରୋପ ଓ ଜାପାନର ମୂଲ୍ୟ ବିନିମୟରେ ହିଁ ସମ୍ଭବପର ହୋଇପାରିଛି। ଅନେକ ଆମେରିକୀୟ ବିଶ୍ୱାସ କରନ୍ତି ଯେ ଚାଇନା ଆମେରିକାକୁ ଟପି ବିକାଶର ରାଜରାସ୍ତାରେ ଖୁବ୍ ଶୀଘ୍ର ଆଗକୁ ବଢ଼ିଯିବ। ହେଲେ ସେମାନେ ଜାଣିପାରୁନାହାନ୍ତି ଯେ, ଚାଇନା ଉପରେ ମଧ୍ୟ ଏକ ବିରାଟ ଋଣର ବୋଝ ରହିଛି।

ଆମେରିକା ଆଗକୁ ଏକ ମଧ୍ୟମ ସ୍ତରର ଦଶନ୍ଧି ଦେଇ ଗତି କରିବାକୁ ଯାଉଛି ବୋଲି ପ୍ରତୀୟମାନ ହେଉଥିଲେ ମଧ୍ୟ ନିକଟ ଅତୀତର ଦ୍ରୁତ ଉତ୍ଥାନର ବୋଝରେ ଭାରାକ୍ରାନ୍ତ ହୋଇ ନଇଁପଡ଼ିବ ବୋଲି ବିଶ୍ୱାସ କରାଯାଉଛି। ଅନ୍ୟ ମାର୍କେଟ ତୁଳନାରେ ଆମେରିକାର ଷ୍ଟକ୍ ମାର୍କେଟ ୧୦୦ବର୍ଷ ମଧ୍ୟରେ ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି। ଅର୍ଥନୈତିକ ମୂଲ୍ୟାୟନ ଏକ ନୂତନ ଆଶା ସଂଚାର କରିପାରିଛି। ଆମେରିକାର ଅପ୍ରତ୍ୟାଶିତ ସଫଳତାର ଏକ ଦଶନ୍ଧି ପରେ ଏକାଧିକ ଅର୍ଥନୈତିକ ବିଶ୍ଳେଷକ ଆମେରିକା ପାଇଁ ଆଗକୁ ଠିକ୍ ସେହିପରି ଭଲ ସମୟ ଆସିବ ବୋଲି କଳନା କରିଛନ୍ତି। ଏହା 'ଆମେରିକାର ଦଶନ୍ଧି' ହେବ ବୋଲି ମଧ୍ୟ ଭବିଷ୍ୟବାଣୀ କରାଯାଇଛି। ହେଲେ 'ସମୟ' ହିଁ ଠିକ୍ ଭାବେ ଏ ପ୍ରଶ୍ନର ଉତ୍ତର ଦେଇପାରିବ।

**ନୟାପଲ୍ଲୀ, ଭୁବନେଶ୍ୱର**
**ମୋ– ୯୩୩୮୨୦୪୯୯୩**

# ଖସିପଡ଼ିବାର ଦୁଃଖ



ଡ. ଭାରତ ଭୂଷଣ ରଥ

ଆମ ଦେଶ ଧୀରେ ଧୀରେ ବିକାଶର ଶିଖର ସ୍ପର୍ଶ କରିବାକୁ ଯାଉଥିଲା। ଠିକ୍ ଏତିକିବେଳେ କରୋନା ମହାମାରୀରେ ଦେଶ ବହୁତ ପଛକୁ ଫେରିଯିବାକୁ ବାଧ୍ୟ ହୋଇଛି। ସତରେ ଶିଖର ଛୁଁ ଛୁଁ ଖସିପଡ଼ିବାର ଦୁଃଖ ବଡ଼ ଦାରୁଣ। ଆଜକୁ ପ୍ରାୟ ପାଞ୍ଚଶହ ବର୍ଷ ତଳେ ଭାରତ ବିଶ୍ୱର ଏକ ସମୃଦ୍ଧିଶାଳୀ ଦେଶ ଭାବରେ ସମ୍ମାନିତ ଥିଲା। ଭାରତର ନିଜସ୍ୱ ଜ୍ଞାନକୌଶଳ ତଥା ବୈଜ୍ଞାନିକ ପଦ୍ଧତି ବିଶ୍ୱକୁ ବିଜ୍ଞାନ, ବାଣିଜ୍ୟ, ସାହିତ୍ୟ ଏବଂ କଳା କ୍ଷେତ୍ରରେ ଅନେକ କିଛି ଶିକ୍ଷା ଦେଇଛି। ଭାରତର ଗୁରୁକୁଳୀୟ ଶିକ୍ଷା ପଦ୍ଧତି ଥିଲା ବିଶ୍ୱର ପ୍ରାଚୀନ ଶିକ୍ଷା ବ୍ୟବସ୍ଥାର ଏକ ବଳିଷ୍ଠ ନମୁନା। ବୈଦିକ ଶିକ୍ଷା ଥିଲା ଏହି ଦେଶର ମେରୁଦଣ୍ଡ। ନୈତିକତା ଥିଲା ଭାରତର ଆଦର୍ଶ। ଏହି ଦେଶର ଶିଳ୍ପୀମାନେ ନିଜର ତୀକ୍ଷ୍ଣ ବୁଦ୍ଧି ଏବଂ ପ୍ରତ୍ୟୁତ୍ପନ୍ନମତିତାର ପରିଚୟ ଦେଇ କୋଣାର୍କ, ମହାବଳୀପୁର, କାଞ୍ଚିପୁର ତଥା ଖଜୁରାହ ଇତ୍ୟାଦିରେ ଗଢ଼ିତୋଳିଥିଲେ ଅବିଶ୍ୱସନୀୟ ଶିଳ୍ପକଳା। ଚରକ, ଶୁଶ୍ରୁତ, ପତଞ୍ଜଳି ପ୍ରଭୃତିଙ୍କର ଅମୃତସ୍ପର୍ଶ ଆଧୁନିକ ମେଡିକାଲ ସାଇନ୍ସର ବିକାଶ ପାଇଁ ଇନ୍ଧନ ଯୋଗାଇଛି। କୌଟିଲ୍ୟ, ମନୁ ତଥା ଯାଜ୍ଞବଲ୍କ୍ୟ ପ୍ରଭୃତି ମହାମନୀଷୀଙ୍କର ଧୀଶକ୍ତି ଏବଂ ସମାଜଜ୍ଞାନ ଭାରତର ସମ୍ବିଧାନ, ରାଜନୀତି ଏବଂ କୂଟନୀତି ପ୍ରଭୃତିର ଦିଗ୍‌ଦର୍ଶକ ସାଜିଛନ୍ତି। ଋଗ୍‌ବେଦର ବିଜ୍ଞାନ, ଅଥର୍ବବେଦର ତନ୍ତ୍ରବିଦ୍ୟା ତଥା ସାମ୍‌ବେଦର ଗାନ୍ଧର୍ବକଳା ବିଶ୍ୱରେ ସମ୍ମାନିତ। ଏମିତି ଅନେକ କିଛି ଜ୍ଞାନରାଶିର ଭଣ୍ଡାରରେ ପରିପୂର୍ଣ୍ଣ ଏହି ଭାରତ ଏକ ସ୍ୱତନ୍ତ୍ର ବିକଶିତ ଦେଶର ସମ୍ମାନ ପାଇଥିଲା। ତେବେ ଏହାର ଉନ୍ନତିରେ ଅସହିଷ୍ଣୁ ଅନେକ ବୈଦେଶିକ ଶକ୍ତି ଭାରତକୁ ବାରମ୍ବାର ଆକ୍ରମଣ କଲେ। ଶାନ୍ତିପ୍ରିୟ ଭାରତର ଜନତା ବୈଦେଶିକଙ୍କ କୂଟନୀତିର ଶରବ୍ୟ ହେଲେ ଏବଂ ଧୀରେ ଧୀରେ ନିଜେ ପରାଧୀନ ହୋଇଗଲେ। ତନ୍ମଧ୍ୟରେ ମୋଗଲ ଏବଂ ଇଂରେଜମାନଙ୍କର ଶାସନର କଳା ଦିବସଗୁଡ଼ିକ ଭାରତର ଅଧଃପତନର ପ୍ରମୁଖ ଅଂଶ ହେଲା। ଦେଶର ଅନେକ ଦେଶୀୟ ମହାରାଜା, ରାଜା, ଥାଟରାଜା ଏବଂ ପାଟରାଜାମାନେ ମଧ୍ୟ ମନମୁଖି ଶାସନ କରି ନାଗରିକଙ୍କୁ ଶୋଷଣ କଲେ। ତଦ୍ଦ୍ୱାରା ଦେଶରେ ବୃଦ୍ଧିପାଇଲା ଗୁପ୍ତଚର କାର୍ଯ୍ୟକଳାପ। ଅଣ୍ଟି ଛୁରି ତଣ୍ଟି କାଟେ ଭଳି ନିଜେ ନିଜର ଶତ୍ରୁ ହୋଇଗଲେ ଭାରତୀୟ ଜନତା।

ସମୟର ପ୍ରବାହ କ୍ରମେ ମହାପୁରୁଷମାନଙ୍କର ପ୍ରାଣବଳି ଏବଂ ତ୍ୟାଗର ଫଳସ୍ୱରୂପ ଏ ଦେଶ ସ୍ୱାଧୀନ ହେଲା। କିନ୍ତୁ ତତ୍ପରେ ଦେଶ ହୋଇଗଲା ଲଗାମଛଡ଼ା। ଶାସନର ଅଭାବ ଫଳରେ ଅନେକ ସ୍ଥାନରେ ଏକଚ୍ଛତ୍ରବାଦର ପ୍ରଭାବ ବିସ୍ତାର କଲା। ଦିନକୁଦିନ ବୃଦ୍ଧି ପାଇଲା ଭ୍ରଷ୍ଟାଚାର, ଶୋଷଣ, ହତ୍ୟା, ଚୋରି,ଡକାୟତି ଏବଂ ରାହାଜାନିର ପ୍ରଭାବ। ଏଥିପାଇଁ କେତେକାଂଶରେ ଦାୟୀ ହେଉଛି ଲୋକଙ୍କର ନୀଚ ପ୍ରବୃତ୍ତି ଏବଂ ଅନ୍ୟ କେତେକାଂଶରେ ଦାୟୀ ସମାଜର ଦାରିଦ୍ର୍ୟ। ଏହାରି ଭିତରେ ବିଗତ ପ୍ରାୟ କୋଡ଼ିଏ ବର୍ଷ ଧରି ଦେଶରେ ଦୃଷ୍ଟିଗୋଚର ହେଉଥିଲା ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିଜ୍ଞାନ ପ୍ରଭୃତିରେ ବିକାଶର ଚିତ୍ର। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ରାସ୍ତାଘାଟ, ଘରବାଡ଼ି ତଥା କଳକାରଖାନାର ଅଭିବୃଦ୍ଧି ଦେଶର ଭୌତିକ ବିକାଶର ନମୁନା ପାଲଟିଥିଲା। ଭାରତର ନାଗରିକ ବିଶ୍ୱଭ୍ରାତୃତ୍ୱଭାବରେ ବାନ୍ଧି ହୋଇ ବିଦେଶକୁ ଯାଇ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଏବଂ ରୋଜଗାରର ଉତ୍ସ ଖୋଜି କୃତକାର୍ଯ୍ୟ ହେଲେ। ଦେଶ ତଥା ରାଜ୍ୟମାନଙ୍କ ଭିତରେ ସୃଷ୍ଟି ହେଲା ସହଭାବ। ଗମନାଗମନର ବିକାଶ ସହିତ ଶିକ୍ଷା ଏବଂ କର୍ମନିଯୁକ୍ତି କ୍ଷେତ୍ରରେ ସମସ୍ତ ରାଜ୍ୟ ଏକତାବଦ୍ଧ ହୋଇ କାର୍ଯ୍ୟ କଲେ। ମରହଟ୍ଟା, କଳିଙ୍ଗ, ପାଣ୍ଡ୍ୟ, ଉତ୍ତର, ବଙ୍ଗ, ଦକ୍ଷିଣ ପ୍ରଭୃତି ଯେଉଁ ପ୍ରାନ୍ତୀୟ ଭେଦ ଥିଲା ତାହା ଧୀରେ ଧୀରେ ସମ୍ପୂର୍ଣ୍ଣ ଦୂର ହୋଇଛି। ଜାତି,ଧର୍ମ,ବର୍ଣ୍ଣ,ଲିଙ୍ଗର ଭେଦଭାବ ଯୁବସମାଜରେ ବିଶେଷ ପରିଲକ୍ଷିତ ହେଉ ନାହିଁ। ବର୍ତ୍ତମାନର ନିନ୍ଦନୀୟ ରାଜନୈତିକ ବାତାବରଣ ପ୍ରତି ସଚେତନ ହୋଇ ଦେଶର ଜନତା ଏକତ୍ରିତ ହେଲେ ଏବଂ ଆତ୍ମବିକାଶ ସହିତ ଦେଶ ବିକାଶର ସ୍ରୋତରେ ସାମିଲ ହେଲେ। ମୋଟାମୋଟି ଭାବେ ଭାରତ ପୁନଃ ବସୁଧୈବ କୁଟୁମ୍ବକମ୍ ଭାବନାର ସ୍ରୋତରେ ଗତି କରୁଥିଲା। ଉପରୋକ୍ତ ସମସ୍ତ ତଥ୍ୟ ପ୍ରମାଣ ଦିଏ ଭାରତର ଆର୍ଥିକ ସ୍ଥିତିରେ ସୁଧାର ଆସି ଦେଶ ଏକ ବିକାଶଶୀଳ ରାଷ୍ଟ୍ରର ଶିଖର ସ୍ପର୍ଶ କରିବାପାଇଁ ପ୍ରସ୍ତୁତ ହେଉଥିଲା। ତେବେ ଠିକ୍ ଏତିକିବେଳକୁ କରୋନା ମହାମାରୀ ଉନ୍ନତିର ଶିଖର ସ୍ପର୍ଶ ଦିଗରେ ଅଗ୍ରଗତି ଥିବା ଭାରତର ମେରୁଦଣ୍ଡରେ ଏକ ଶକ୍ତ ପ୍ରହାର ଦେଇଛି ନିଶ୍ଚୟ। ବିଶ୍ୱୈକୀକରଣ ପ୍ରକ୍ରିୟାରେ ସାମିଲ ହୋଇଥିବା ଭାରତର ପ୍ରାୟ ପ୍ରତ୍ୟେକ ନାଗରିକ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଉନ୍ନତିରେ ଯେତିକି ପଛେଇ ଯାଇଛନ୍ତି ତା'ଠାରୁ ବିଶେଷ ପ୍ରଭାବିତ ହୋଇଛନ୍ତି ନିଜ ନିଜ କର୍ମକ୍ଷେତ୍ରରେ। ଅନେକ ରୋଜଗାର ହରାଇଛନ୍ତି। ଅନେକ ନୂତନ କର୍ମନିଯୁକ୍ତି ଅପେକ୍ଷାରେ। ସଦ୍ୟ ପାଠପଢ଼ା ସାରିଥିବା ଯୁବକଯୁବତୀମାନେ କେବଳ ନୀରବଦ୍ରଷ୍ଟା। ଶିଳ୍ପ ଏବଂ ବାଣିଜ୍ୟ କ୍ଷେତ୍ର ବିଶେଷଭାବରେ ପ୍ରଭାବିତ।

ଏପରି ସ୍ଥିତିରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ସ୍ଥିତିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଶତତ ପ୍ରଚେଷ୍ଟାରତ। କରୋନାର କରାଳତାରେ ଏ ମାଟି ତା'ର ଅନେକ ସନ୍ତାନସନ୍ତତିଙ୍କୁ ସବୁଦିନ ପାଇଁ ହରାଇ ସାରିଛି। ତେଣୁ ଏହି ସମୟ ହେଉଛି ଜାଗରୁକତାର ସମୟ। ସମ୍ଭ୍ରାନ୍ତ, ମଧ୍ୟବିତ୍ତ ଏବଂ ଗରିବ ସମସ୍ତ ଜନତା ନିଜ ନିଜ ଭିତରେ ସହଭାବ ରଖିବାର ସମୟ। କୃଷି ଏବଂ କୌଳିକ ବିଦ୍ୟାକୁ ସମ୍ମାନ ଦେବାର ସମୟ। ପରିବାରରେ ସଦସ୍ୟ ଏବଂ ପିଲାମାନେ; ମା' ବାପା ତଥା ଘରର ମୁରବିଙ୍କର ଅବସ୍ଥାକୁ ବୁଝିବାର ସମୟ। କର୍ମଚାରୀଙ୍କ ଦୁଃଖକୁ ମାଲିକମାନେ ନିଜ ଦୁଃଖ ବୋଲି ଧରିନେବାର ସମୟ। ଏହି ବେଳାରେ ହୃଦୟର କଠୋରତାକୁ ଗ୍ରହଣ ନ କରି କୋମଳତାକୁ ସମ୍ମାନ ଦେଲେ ଭାରତ ଧୀରେ ଧୀରେ ପୁନଃ ଅଗ୍ରସର ହୋଇପାରିବ। ଭାରତ ପୁନଃ ଉନ୍ନତିର ଶିଖର ସ୍ପର୍ଶ କରିବା ପାଇଁ ସଂକଳ୍ପବଦ୍ଧ ହେଉ ଏହା ଭାରତବାସୀଙ୍କ ଲକ୍ଷ୍ୟ।

**ଅଧ୍ୟାପକ, ସଂସ୍କୃତ ସାହିତ୍ୟ**
**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି**
**ଆନ୍ଧ୍ରପ୍ରଦେଶ, ମୋ: ୮୮୯୭୪୨୬୨୪୩**

## ଏଇ ଭାରତରେ

ହାତୀ ଓ ମଣିଷ ମଧ୍ୟରେ ଲାଗିରହୁଥିବା ସଂଘର୍ଷକୁ କମ୍ କରିବାରେ ପଶ୍ଚିମବଙ୍ଗର ଜଣେ ଶିକ୍ଷକଙ୍କ ଅବଦାନ ନିଶ୍ଚୟ ପ୍ରେରଣାଦାୟକ। ଜଳପାଇଗୁଡ଼ି ଜିଲାର ମାଲ୍‌ବଜାର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଏସ୍.ପି. ପାଣ୍ଡେ ବନ ଅଧିକାରୀ, ପଞ୍ଚାୟତ ଏବଂ ଚା ବଗିଚାର ମାଲିକମାନଙ୍କ ସହଯୋଗରେ ଏହି କାର୍ଯ୍ୟ କରୁଛନ୍ତି। ଶିକ୍ଷାଦାନ କରିବା ସହ ବଳକା ସମୟରେ ପାଣ୍ଡେ ଗତ ଦୁଇବର୍ଷ ହେବ ପାଞ୍ଚଟି ହାତୀ କରିଡରରେ ସଚେତନତାଭିତ୍ତିକ କାର୍ଯ୍ୟକ୍ରମ ଚଳାଇ ହାତୀ–ମଣିଷ ସଂଘର୍ଷ କମ୍ କରିପାରିଛନ୍ତି। ଏଥିପାଇଁ ୱାଇଲ୍ଡ ଟ୍ରଷ୍ଟ ଅଫ୍ ଇଣ୍ଡିଆ ତାଙ୍କୁ ଗ୍ରୀନ୍ କରିଡର ଚାମ୍ପିୟନ ଆଖ୍ୟା ପ୍ରଦାନ କରିଛି। ମେକି ନଦୀ କଡ଼େ କଡ଼େ ପଶ୍ଚିମକୁ ଓ ଭାରତ–ନେପାଳ ସୀମା ଦେଇ ପୂର୍ବକୁ ସଙ୍କେଶ ନଦୀ ଯାଏ ବ୍ୟାପ୍ତ ପଶ୍ଚିମବଙ୍ଗର ନର୍ଦ୍ଦର୍ନ ଏଲିଫ୍ୟାଣ୍ଟ ରେଞ୍ଜ୍‌ରେ ପ୍ରାୟ ୫୦୦ ହାତୀ ରହିଛନ୍ତି। ୨୦୦୯ରୁ ୨୦୧୮ ମଧ୍ୟରେ ହାତୀ–ମଣିଷ ଲଢ଼େଇରେ ୧୧୬ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୨୧୭ ଲୋକ ଆହତ ହୋଇଥିଲେ। ଏହି ସମୟ ମଧ୍ୟରେ ପ୍ରତିବର୍ଷ ହାରାହାରି ୭ ହାତୀଙ୍କର ମୃତ୍ୟୁ ଘଟୁଥିଲା। କିନ୍ତୁ ଗତ ଦୁଇବର୍ଷ ମଧ୍ୟରେ ଏଭଳି ମୃତ୍ୟୁକୁ ସେ ୫୦% କମ୍ କରିପାରିଛନ୍ତି। ସେ ସ୍ୱୋଆର ନାମକ ଏକ ସଂସ୍ଥା ଗଠନ କରି ତା'ମାଧ୍ୟମରେ ଏହି ଅଭିଯାନ ଚଳାଇଛନ୍ତି। ଏଥିପାଇଁ ପାଣ୍ଡେ ୨୬ଟି ଦଳ ଗଠନ କରିଛନ୍ତି। ପ୍ରତ୍ୟେକ ଦଳରେ ୬ ଜଣ ସ୍ଥାନୀୟ ସ୍ୱେଚ୍ଛାସେବୀ ରହିଛନ୍ତି।

## ଚିରନ୍ତନୀ

ଡାକି ଉଠେ ଶମଶାନେ
ପିଶାଚ ଶକୁନି କରି ରଡ଼ି
ମହାତମସାର କୋଳେ
ମୋର ମହାଦୀପ ଉଠେ ଜଳି।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରହସ୍ୟର ପରଦା ହଟାଯାଉ

ମହାଶୟ,

ପେଗାସସ୍ ଗୋଇନ୍ଦାଗିରିକୁ କେନ୍ଦ୍ର କରି ଦେଶର ରାଜନୈତିକ ତାତି ବୃଦ୍ଧି ପାଇ ଯେଉଁ ଭଳି ଭାବେ ସଂସଦରେ ଅଚଳାବସ୍ଥା ଲାଗି ରହିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଶେଷ କରି କେନ୍ଦ୍ର ସରକାରଙ୍କ କେତେକ ମନ୍ତ୍ରୀ, ବିଭିନ୍ନ କର୍ତ୍ତୃପକ୍ଷ ଏହି ଗୋଇନ୍ଦାଗିରି ଅଭିଯୋଗକୁ ଦୃଢ଼ ଅସ୍ୱୀକାର କଲେ ମଧ୍ୟ ଜନସାଧାରଣଙ୍କ ମନରୁ ସନ୍ଦେହ ଦୂର ହେଉ ନ ଥିବାରୁ ଏହି ପ୍ରସଙ୍ଗ ଉପରେ ଆଲୋଚନା ଜରୁରୀ ଥିଲା। ମାତ୍ର ଏହାର ତଦନ୍ତ ପାଇଁ କେନ୍ଦ୍ର ସରକାର ଇଚ୍ଛା ପ୍ରକାଶ ନ କରି ପଛଘୁଞ୍ଚା ଦେଉଥିବାରୁ ବ୍ୟକ୍ତିଗତ ଗୋପନୀୟତା ସୁରକ୍ଷା ହୋଇପାରୁନାହିଁ; ଯଦ୍ଦ୍ୱାରା ସରକାର ଅବହେଳା ପ୍ରଦର୍ଶନ କରୁଥିବା ସ୍ପଷ୍ଟ ପ୍ରମାଣିତ ହୋଇଛି। ଏହା ଆଦୌ ସମୀଚୀନ ନୁହଁ। ଅନ୍ୟପକ୍ଷେ ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀଙ୍କ ଦାବିକୁ କେନ୍ଦ୍ରସରକାର ଗ୍ରହଣ ନ କରିବା କ୍ଷୋଭର ବିଷୟ। ଫଳରେ କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ବଢ଼ିବ ବୋଲି ମନେହୁଏ। କେବଳ ଏତିକି ନୁହଁ, ଦେଶର ଗୋଇନ୍ଦା କାର୍ଯ୍ୟକୁ ପେଗାସସ୍ ସ୍ପାଏୱେର ମାଧ୍ୟମରେ ସରକାର ଚଳାଉଛନ୍ତି ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବାରୁ ରାଜନୈତିକ ବାତାବରଣ ଅଧିକ ସରଗରମ ହୋଇରହିଛି। ଏପରି କି ବିରୋଧୀ ଦଳର ନେତା, ବିଚାରପତି, କେନ୍ଦ୍ରମନ୍ତ୍ରୀ ଏବଂ ସାମ୍ବାଦିକମାନଙ୍କ ଫୋନ୍‌କୁ ହ୍ୟାକ୍ କରାଯାଉଥିବାରୁ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଏଣୁ ଏଭଳି ଗୋଇନ୍ଦାଗିରି ଉପରୁ ରହସ୍ୟର ପରଦା ହଟାଯାଉ।

–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ,
ଢେଙ୍କାନାଳ ଟାଉନ୍

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଇଆର୍‌ଏଡି ଆପ୍ ଶୁଭାରମ୍ଭ କଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

## ରାସ୍ତାରୁ ୧୫ ବର୍ଷର ପୁରୁଣା ଗାଡ଼ି ହଟିବ

ରାସ୍ତାରୁ ୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ି ହଟିବ। ଏ ନେଇ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ପୁରୁଣା ଗାଡ଼ି ଚିହ୍ନଟ କାର୍ଯ୍ୟ ସରିଛି। ପରିବହନ ବିଭାଗ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିସାରିଛି। ରାଜ୍ୟରେ ଏବେ ଲକ୍ଷାଧିକ ୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ି ଅଛି। କେନ୍ଦ୍ର ସରକାରଙ୍କ ନୂଆ ନିୟମ(ସ୍କ୍ରାପ୍ ପଲିସି) ଓଡ଼ିଶାରେ କାର୍ଯ୍ୟକାରୀ କରାଯିବ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି।

ଏଥିସହିତ ପରିବହନ ଦୁର୍ଘଟଣାସ୍ଥଳ ତଥ୍ୟ ସଂଗ୍ରହ କରିବା ପାଇଁ ମନ୍ତ୍ରୀ ରବିବାର ଇଣ୍ଟିଗ୍ରେଟେଡ୍ ରୋଡ୍ ଆକ୍ସିଡେଣ୍ଟ ଡାଟାବେସ(ଆଇଆର୍‌ଏଡି)ଆପ୍ଲିକେଶନର ଶୁଭାରମ୍ଭ କରିଛନ୍ତି। ଏହି ନୂତନ ଆପ୍ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ସଡ଼କ ଦୁର୍ଘଟଣା କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ। ଏହି ଆପ୍ ଦ୍ୱାରା ସଡ଼କ ଦୁର୍ଘଟଣାର କାରଣଗୁଡ଼ିକୁ ବିଶ୍ଳେଷଣ କରାଯାଇ ପାରିବ। ଏହା ଦୁର୍ଘଟଣାଜନିତ ମୃତ୍ୟୁ ହାରକୁ ରୋକିବାରେ ବିଶେଷ ସହାୟକ ହେବ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସ୍ତରର ସଡ଼କ ଦୁର୍ଘଟଣା ଡାଟାବେସ୍ ପ୍ରସ୍ତୁତ କରାଯିବ । ଏହି ଆପ୍ ସଡ଼କ ଦୁର୍ଘଟଣାର ସମସ୍ତ ତଥ୍ୟ ଠିକ୍ ଭାବେ ପ୍ରଦାନ କରିବାରେ ସହାୟତା କରିବ। ଏହି ତଥ୍ୟ ଆଧାରରେ ଓଡ଼ିଶାରେ ରାସ୍ତା ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହୋଇପାରିବ। ଏ ନେଇ ନୂତନ ନୀତି ଓ ଯୋଜନା ପ୍ରସ୍ତୁତ କରାଯାଇ ପାରିବ। ବାଣିଜ୍ୟ ଓ ପରିବହନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି ଯେ ଏହି ଆପ୍ ଦ୍ୱାରା ସଂଗୃହୀତ ତଥ୍ୟକୁ ଆଧାର କରି ସରକାର ଡ୍ରାଇଭିଂ ରୁଲ୍, ରାସ୍ତାର ଅବସ୍ଥା, ଜିଲା ଓ ଜାତୀୟ ରାଜପଥ ରାସ୍ତାଗୁଡ଼ିକରେ ସୁରକ୍ଷା ପଦକ୍ଷେପ ନିଆଯାଇ ପାରିବ। ଏହି ଆପ୍ ଦ୍ୱାରା ପୋଲିସ, ପରିବହନ ବିଭାଗ, ପୂର୍ତ୍ତ ଏବଂ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ନିଜର ମୋବାଇଲ ମାଧ୍ୟମରେ ସ୍ୱତଃ ଦୁର୍ଘଟଣାର ତଥ୍ୟ ସଂଗ୍ରହ କରିପାରିବେ।

# ଶିକ୍ଷକ ପଦବୀ ପୂରଣ ପାଇଁ ୨୩ରୁ ଆବେଦନ

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

## ପ୍ରକାଶ ପାଇଲା ବିଜ୍ଞପ୍ତି

ରାଜ୍ୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଖାଲି ପଡ଼ିଥିବା ୪,୬୧୯ ପଦବୀ ପୂରଣ ନିମନ୍ତେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯୋଗ୍ୟ ପ୍ରାର୍ଥୀମାନେ ଚୁକ୍ତିଭିତ୍ତିକ ହିନ୍ଦୀ, ସଂସ୍କୃତ ଓ ପିଇଟି ଶିକ୍ଷକ ପଦବୀ ପାଇଁ ଆବେଦନ କରିପାରିବେ। ବିଜ୍ଞପ୍ତି ଅନୁସାରେ, ଯୋଗ୍ୟ ପ୍ରାର୍ଥୀମାନେ କମ୍ପ୍ୟୁଟରରେ ପରୀକ୍ଷା ଦେବେ। ଚୟନ କରାଯାଇଥିବା ରାଜ୍ୟର କିଛି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହେବ। ହିନ୍ଦୀ ଶିକ୍ଷକ ପାଇଁ ୨,୦୫୫, ସଂସ୍କୃତ ଲାଗି ୧,୩୦୪ ଏବଂ ୧,୨୬୦ ପିଇଟି ଶିକ୍ଷକ ପଦବୀ ନିମନ୍ତେ ବିଜ୍ଞପ୍ତି ବାହାରିଛି। ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ମାସିକ ୧୬,୮୦୦ ଟଙ୍କା ଏବଂ ପିଇଟି ଶିକ୍ଷକ ୧୦ହଜାର ଟଙ୍କା ଦରମା ପାଇବେ। ଯୋଗ୍ୟ ପ୍ରାର୍ଥୀମାନେ ଆସନ୍ତା ୨୩ତାରିଖରୁ http://dseodisha.inକୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ସେପ୍ଟେମ୍ବର ୧୪ ଆବେଦନର ଶେଷ ତାରିଖ। ଅକ୍ଟୋବର ପ୍ରଥମ ସପ୍ତାହରେ ପରୀକ୍ଷା ହେବ। ଏସ୍‌ସି, ଏସ୍‌ଟି ଓ ଦିବ୍ୟାଙ୍ଗ ବର୍ଗର ପ୍ରାର୍ଥୀଙ୍କୁ ଆବେଦନ ଫି' ୪୦୦ ଟଙ୍କା ଦେବାକୁ ପଡ଼ିବ। ବାକି ଅନ୍ୟ ପ୍ରାର୍ଥୀଙ୍କୁ ଆବେଦନ ପାଇଁ ୬୦୦ଟଙ୍କା ଦେବାକୁ ପଡ଼ିବ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2021-10, ତା.11.08.2021ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥ ଅଧିନ ସମ୍ବଲପୁର ମଣ୍ଡଳରେ ଭୂଷଣ ଷ୍ଟିଲ ଏବଂ ପାୱାର ଲିମିଟେଡ୍ (BSPL) ବ୍ଲକ କ୍ୟାବିନ୍ ଷ୍ଟେସନରେ ପ୍ୟାନେଲ ଇଣ୍ଟରଲକିଂ (Panel Interlocking)ର ଯୋଗାଣ, ସଂସ୍ଥାପନ ଏବଂ କମିସନିଂ (Commissioning) ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ):** 1,08,46,878/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.26.08.2021 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ(ସଂକେତ)/ ସମ୍ବଲପୁର
PR-290/M/21-22

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.CMS-SBP-BMW-ET-02-21

**କାର୍ଯ୍ୟର ନାମ:** ଖୋଲା ଟେଣ୍ଡର ଜରିଆରେ ତିନି(03) ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର ଠାରୁ ଚିକିତ୍ସାଳୟ ଜୈବ-ଚିକିତ୍ସା ଆବର୍ଜନାଗୁଡ଼ିକର(BIO-MEDICAL WASTE) ସଂଗ୍ରହ, ପରିବହନ ଏବଂ ନିଷ୍କାସନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 15,79,884/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, କାର୍ଯ୍ୟ ଶେଷ ହେବା ଅବଧି: 03 (ତିନି) ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.02.09.2021 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଟେଣ୍ଡରଦାତା ଦ୍ୱାରା ଯଦି କୌଣସି ସୂଚନାର ଆବଶ୍ୟକତା ପଡ଼େ, ତେବେ ତାହା ଟେଣ୍ଡର ନଥିପତ୍ରରେ ଉଲ୍ଲେଖିତ ତାରିଖ ଅନୁଯାୟୀ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ କାର୍ଯ୍ୟନିର୍ଘଣ୍ଟ ସମୟରେ ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ସମ୍ବଲପୁରଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରାଯାଇପାରିବ ।

ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (Surg.)/ ସମ୍ବଲପୁର
PR-291/M/21-22


# ବାହାରିନ୍‌ରୁ ମୃତଦେହ ଓଡ଼ିଶା ଫେରାଇ ଆଣିଲା ଓଡ଼ିଶା-ମୋ ପରିବାର

ଭୁବନେଶ୍ୱର, ୧୬।୮(ବ୍ୟୁରୋ)

ବାହାରିନ୍‌ରେ କାର୍ଯ୍ୟରତ ଜଣେ ପ୍ରବାସୀ ଓଡ଼ିଆଙ୍କର ସେଠାରେ ମୃତ୍ୟୁ ହୋଇଥିଲା। ଏଭଳି ସ୍ଥିତିରେ ମୃତକଙ୍କ ପାର୍ଥିବ ଶରୀରକୁ ଓଡ଼ିଶା ଫେରାଇ ଆଣିବା ସହ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏଥିପାଇଁ ଓଡ଼ିଶା-ମୋ ପରିବାର ପକ୍ଷରୁ ସମ୍ପୂର୍ଣ୍ଣ ସହାୟତା କରାଯାଇଛି । ଗଞ୍ଜାମ ଜିଲା ଖଲିକୋଟ ବ୍ଲକ୍ ତୋଟାଗ୍ରାମର ସୀମାଞ୍ଚଳ ରାଉତ ବାହାରିନ୍‌ରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଜୁଲାଇ ୧୮ରେ ଉଚ୍ଚ ରକ୍ତଚାପ ଯୋଗୁ ତାଙ୍କ ବ୍ରେନ୍ ହାମ୍‌ରେଜ୍ ହୋଇ ବାହାରିନ୍‌ର ଏକ ସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ବାହାରିନ୍‌ରେ ଥିବା ଓଡ଼ିଆ ସମାଜର ପ୍ରତିଷ୍ଠାତା ଅରୁଣ କୁମାର ପ୍ରହରାଜଙ୍କ ତତ୍ତ୍ୱାବଧାନରେ ସେଠାରେ ଦୀର୍ଘ ୨୧ ଦିନର ଚିକିତ୍ସା ପରେ ଅଗଷ୍ଟ ୮ରେ ତାଙ୍କର ମୃତ୍ୟୁ ହୋଇଥିଲା । ଓଡ଼ିଶା-ମୋ ପରିବାର ଏବଂ ପ୍ରହରାଜଙ୍କ ସହଯୋଗରେ ବିମାନ ଯୋଗେ ତାଙ୍କର ପାର୍ଥିବ ଶରୀରକୁ ଭୁବନେଶ୍ୱର ବିମାନବନ୍ଦର ଏବଂ ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନେବାରେ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। ସୀମାଞ୍ଚଳଙ୍କ ପାର୍ଥିବ ଶରୀର ବିମାନବନ୍ଦରରେ ପହଞ୍ଚିବା ସମୟରେ ଓଡ଼ିଶା-ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ ଓ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମୟରେ ଷ୍ଟାଲିନ୍ ପରିଜା ଉପସ୍ଥିତ ଥିଲେ।


**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

**Department of Empowerment of Persons with Disabilities (Divyangjan)**
**(Ministry of Social Justice & Empowerment, Govt. of India)**
**Olatpur, P.O.- Bairoi, Dist.- Cuttack - 754010, Odisha**

Ref. No. AD 6B 19 **RECRUITMENT NOTICE** Date: 16.08.2021

| | |
|---|---|
| **Advertisement No. AD 6B 19/04/2021 Dated: 16.08.2021** | |
| 1 | Incubation Manager (Consultant) - 01 |
| 2 | Prototype Engineer/Design Engineer (Consultant) - 01 |
| 3 | Rehabilitation Professional - 02 |
| 4 | Visiting Faculty (Consultant) |
| **Advertisement No. AD 6B 12/05/2021 Dated: 16.08.2021** | |
| 1 | Assistant Professor (Speech & Hearing) (Consultant) - 01 |
| 2 | Assistant Professor (Clinical Psychology) (Consultant) - 01 |
| 3 | Lecturer (Physiotherapy) (Consultant) - 01 |
| 4 | Lecturer (Occupational Therapy) (Consultant) - 01 |
| 5 | Special Educator/orientation & Mobility Instructor (Consultant) - 02 |
| 6 | Clinical Assistant (Consultant) - 02 |

The aspiring applicants fulfilling the eligibility criteria in all respect can submit there application through **Online mode**. The online registration of application will be made available on SVNIRTAR, Cuttack official website i.e. **http://www.nirtar.nic.in**. The link for submission of online applications in respect of above said posts along with other relevant information will be activated within 7 days from the date of publication of the advertisement.

**Sd./- Director (Offg.)**


# ଲଘୁଚାପ:ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୬।୮(ବ୍ୟୁରୋ)

## ଉପକୂଳରେ କାଁ ଭାଁ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ର ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ତେବେ ଏହା ସେତେ ବଳଶାଳୀ ହେବ ନାହିଁ। ରାଜ୍ୟକୁ ଆବଶ୍ୟକ ଅନୁଯାୟୀ ବର୍ଷା ମିଳିବ ନାହିଁ। ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେଲେ ମଧ୍ୟ ରାଜ୍ୟର ଅନ୍ୟାନ୍ୟ ଜିଲାରେ କମ୍ ରହିବ। ୧୯ ତାରିଖ ଯାଏ ରାଜ୍ୟରେ କାଁ ଭାଁ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି କୋରାପୁଟ, ମାଲକାନଗିରି, ଗଜପତି, ନବରଙ୍ଗପୁର, ରାୟଗଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, କଟକ, କଳାହାଣ୍ଡି ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୮ ତାରିଖରେ କନ୍ଧମାଳ, ବୌଦ୍ଧ, ପୁରୀ, ଖୋର୍ଦ୍ଧା, କଟକ ଜିଲାରେ ପ୍ରବଳରୁ ଅତି ପ୍ରବଳ ଏବଂ ସମ୍ବଲପୁର, ସୁବର୍ଣ୍ଣପୁର, ନୟାଗଡ଼, ଅନୁଗୋଳ, କଳାହାଣ୍ଡି, ଜଗତ୍‌ସିଂହପୁର, ଗଞ୍ଜାମ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି।



ଏହି ଲଘୁଚାପ ଅଧିକ ଘନୀଭୂତ ହେଉ ନ ଥିବାରୁ ରାଜ୍ୟକୁ ଆବଶ୍ୟକ ବର୍ଷା ମିଳିବ ନାହିଁ। ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ଅଧିକ ବର୍ଷା ହେଲେ ମଧ୍ୟ ଉପକୂଳ ଓ ଉତ୍ତର ଓଡ଼ିଶାରେ ଆଶାନୁରୂପ ବର୍ଷା ହେବ ନାହିଁ। ରାଜ୍ୟରେ ଏ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୨୯ ପ୍ରତିଶତ କମ୍ ବର୍ଷା ହୋଇଛି । ଜୁନ୍ ପହିଲାରୁ ଅଗଷ୍ଟ ୧୬ ତାରିଖ ମଧ୍ୟରେ ରାଜ୍ୟରେ ୭୬୧.୮ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୫୩୭.୪ ମିଲିମିଟର । ରାଜ୍ୟର ୫ଟି ଜିଲାକୁ ଛାଡି ଦେଲେ ଅନ୍ୟ ସମସ୍ତ ୨୫ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ବର୍ଷା ଅଭାବରୁ ଧାନ ସମେତ ସମସ୍ତ ଖରିଫ ଫସଲ ନଷ୍ଟହେବାର ଆଶଙ୍କା ସୃଷ୍ଟି ହୋଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଟିଟିଲାଗଡ଼ରେ ସର୍ବାଧିକ ୬୩.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରଳାଖେମୁଣ୍ଡି ୬୨.୬, କୋରାପୁଟ ୩୫.୮, ହୀରାକୁଦ ୧୯, ସମ୍ବଲପୁର ୧୫.୬, ଭବାନୀପାଟଣା ୪୦.୨, ମାଲକାନଗିରି ୨୨.୪ ଏବଂ କଟକରେ ୧୦.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5655/PSC, (1R-34-21-22) (DR-V),** **Dt. 16.8.21**

**No. D-86:-** It is for information of all concerned that, pursuant to the advertisement No. 08 of 2020-2021, **14 (fourteen)** more candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of Assistant Professor in **Material Science**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **25.08.2021** as per the programme mentioned below.

**PROGRAMME OF VERIFICATION**

| Date | Time of Verification | Subject | PPSAN/Application number of candidates |
|---|---|---|---|
| 25.08.2021 | 10.30 AM | Material Science | 00088620OD000820APU-00009592, 00094736OD000820APU-00011075, 00101875OD000820APU-00010865, 00096070OD000820APU-00011834, 00087869OD000820APU-00008086, 00092003OD000820APU-00011646, 00091791OD000820APU-00008490, 00077641OD000820APU-00011642, 00078154OD000820APU-00010055, 00087700OD000820APU-00005228, 00096709OD000820APU-00011845, 00088743OD000820APU-00001862, 00090512OD000820APU-00011773 & 00079455OD000820APU-00002017 = 14 Candidates |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. 04 sets of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0056/2122 **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5662/PSC, (1R-30-21-22) (DR-V),** **Dt. 16.8.21**

**No. D-87:-** It is for information of all concerned that, pursuant to the advertisement No. 08 of 2020-2021, **32 (thirty two)** candidates, bearing the following **PPSAN** have been called for the physical verification of original documents and interview to determine their eligibility and suitability for recruitment to the post of Assistant Professor.

The physical verification of original certificates / documents etc. and the interview in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **24.08.2021** as per the programme mentioned below.

**PROGRAMME OF VERIFICATION & INTERVIEW**

| Date | Time of Verification | Subject | PPSAN/Application number of candidates |
|---|---|---|---|
| 24.08.2021 | 10.30 AM | Life Science (Botany) | 00097397OD000820APU-00009017, 00092971OD000820APU-00011493, 00090944OD000820APU-00007515, 00083889OD000820APU-00004055, 00092459OD000820APU-00010632, 00088773OD000820APU-00001765, 00099611OD000820APU-00010995, 00085898OD000820APU-00001387, 00092188OD000820APU-00008734, 00093400OD000820APU-00007230, 00087630OD000820APU-00006117, 00091887OD000820APU-00003807, 00094531OD000820APU-00011140, 00098143OD000820APU-00012354, 00077233OD000820APU-00002984, 00077620OD000820APU-00006035, 00086635OD000820APU-00001466, 00096350OD000820APU-00007346, 00096719OD000820APU-00006556, 00098050OD000820APU-00011893, = 20 Candidates |
| 24.08.2021 | 02.30 PM | Life Science (Botany) | 00095354OD000820APU-00011630, 00098038OD000820APU-00012056, 00078278OD000820APU-00011972, 00082163OD000820APU-00003766, 00094769OD000820APU-00012059, 00087451OD000820APU-00007222, 00087769OD000820APU-00005889, 00091958OD000820APU-00005521, 00089656OD000820APU-00002111, 00096138OD000820APU-00009494, 00082931OD000820APU-00001534, 00088465OD000820APU-00011262 = 12 Candidates |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. 04 sets of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0057/2122 **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5678/PSC., (1E-13-2020-21) (DR-II), Dt. 16.8.2021**

**No. D-89:-** It is for information of all concerned that, the physical verification of original certificates, documents etc. in respect of **56** candidates, who have appeared the written examination held on 06.08.2021, for recruitment to the posts of Assistant Professors in 07 (Seven) different Dentistry disciplines, pursuant to the Advt. No.**11 of 2018-19**, will be held in the office of the Commission at 19, Dr. P.K. Parija Road, Cuttack - 753001 **from 18.08.2021 to 21.08.2021** as per the programme detailed below.

The candidates are required to come with hard-copies of online application form (indicating their Roll Nos. at the top right corner), three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para - 9** of the aforesaid Advertisement and duly filled in "**Attestation Form**" (to be downloaded from the website of the Commission) and submit the same in **person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy / deficiency found at any stage before or after the verification of original certificate/ documents and is subject to fulfillment of terms and conditions laid down in the advertisement.

**PROGRAMME OF VERIFICATION**

| Date | Time of Verification | Disciplines | Roll numbers of candidates |
|---|---|---|---|
| 18.08.2021 | 10.30 A.M. | Oral Medicine and Radiology | 202201, 202202, 202203, 202204, 202207, 202208, 202209, 202210, 202211 & 202212 = 10 candidates |
| | 2.30 P.M. | Oral Pathology and Microbiology | 202401, 202402, 202403, 202404, 202405, 202406, 202407, 202408, 202409 & 202410 = 10 candidates |
| 19.08.2021 | 10.30 A.M. | Prosthodontics | 202601, 202602, 202604, 202605, 202607, 202608, 202609, 202610, 202611 & 202612 = 10 candidates |
| | 2.30 P.M. | Oral and Maxilofacial Surgery | 202302, 202303, 202304, 202305, 202308, 202309 & 202310 = 07 candidates |
| | | Community Dentistry | 202101, 202102 & 202105 = 03 candidates |
| 21.08.2021 | 10.30 A.M. | Orthodontics | 202501, 202503, 202504, 202505, 202506, 202507, 202508, 202509, 202510, 202513 & 202514 = 11 candidates |
| | 2.30 P.M. | Pedodontics and Preventive Dentistry | 202701, 202703, 202704, 202705 & 202706 = 05 candidates |

**N.B.:- The candidates are advised to report at the Office of the Commission one hour before the commencement of verification on their scheduled date & time as mentioned against each.**

**Special instructions & guidelines for candidates in view of Covid-19**

a) Covid-19 test report (**RT-PCR**) showing "**negative**" (-ve) obtained from authorized laboratories of ICMR within 48 hours of the date of document verification to be brought by all candidates. No candidate shall be permitted for document verification, **if Negative RT-PCR report not furnished.**
b) Self declaration by the candidates that he/she has not physically interacted with any Covid patient in last 07 days.
c) The candidates should bring their own water bottles.
d) Each candidate should carry his/her own sanitizer bottle and wear mask properly. No candidates shall be permitted to the document verification without proper masking.
e) Each candidate should maintain social distancing norm of 6 feet while coming to verification process.
f) No candidate would be accompanied by any guardian or parent. Entry to the premises will be for candidates only.

OIPR-12002/11/0059/2122 **Sd./- Secretary**

## ଜିଲ୍ଲା ପୋଲିସର ରକ୍ତଦାନ ଶିବିର

ବୌଦ୍ଧ,(ସ୍ୱ.ପ୍ର.): ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲ୍ଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଟାଉନ ହଲଠାରେ ଆୟୋଜିତ ଏହି ଶିବିରକୁ ଜିଲାପାଳ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ପୋଲିସ ମୁଖ୍ୟ ଜ୍ଞାନ ରଞ୍ଜନ ମହାନ୍ତି ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରୁ ମୋଟ ୮୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ଉଦୟ ସାହୁ ଓ ଅନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

# ବର୍ଷା ଅଭାବ, ଜମି ଫାଟି ଆଁ

କର୍ଲାମୁଣ୍ଡା,୧୬।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଉତ୍ତେଇ ଜଳସେଚନ ପ୍ରକଳ୍ପ ଜରିଆରେ କେନାଲ ମାଧ୍ୟମରେ ଚାଷୀଙ୍କ ଜମିକୁ ଜଳସେଚନ କରାଯିବା ବ୍ୟବସ୍ଥା ରହିଛି। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଦାୟିତ୍ୱହିନତା ଯୋଗୁ କିଛି ସ୍ଥାନରେ ପାଣି ଅଭାବରୁ ଚାଷୀଙ୍କ ଜମି ଫାଟି ଧାନ ମରିବାକୁ ବସିଲାଣି। ଏପରିସ୍ଥିତି ବ୍ଲକର ରିଞ୍ଜା ଓ ସ.ମାଲପଡା ପଞ୍ଚାୟତ ବିଭିନ୍ନ ଗାଁରେ ଦେଖିବାକୁ ମିଳିଛି। ରିଞ୍ଜା କେନାଲ ଜରିଆରେ ଚାଷୀଙ୍କ ଜମିକୁ ଜଳସେଚନ କରାଯିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ କେନାଲର ଶେଷ ମୁଣ୍ଡରେ ଥିବା ଜମିଗୁଡିକୁ ପାଣି ପହଞ୍ଚି ନ ପାରିବାରୁ ଧାନ ଚାଷ ମରିବାକୁ ବସିଥିବା ବେଳେ


ରିଞ୍ଜା କେନାଲର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚି ପାରୁ ନ ଥିବାରୁ ଜମି ଫାଟି ଆଁ କରିଛି।

### ଆଗେଇ ପାରୁନି ଚାଷ କାର୍ଯ୍ୟ

ଜମି ଫାଟି ଆଁ କରିଛି। ଅନ୍ୟପଟେ ଏହି ବ୍ଲକର ଗଜବାହଲ ପଞ୍ଚାୟତ କଅଁସିଲ, ଧଅଁରାଖମନ, ଟେଟେଙ୍ଗପଦର, ପରମାନନ୍ଦପୁର, ବୁଢୀମୁଣ୍ଡା, ଯୋରାଡବ୍ରା ପଞ୍ଚାୟତ ସିଲେଟପଡା, ସିଶାଖାଲ, ଟେର୍ଛାପଲା, କାର୍ଣ୍ଣିଖୁଣ୍ଟି ଆଦି ଗାଁରେ ବର୍ଷା ଅଭାବରୁ ଜମି ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଜୁଲାଇ ଓ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଚାଷୀଙ୍କ ଆବଶ୍ୟକ ମୁତାବକ ବର୍ଷା ହେଉ ନ ଥିବା ଯୋଗୁ ଚାଷୀଙ୍କ ଚାଷ କାର୍ଯ୍ୟ ଗୋଟିଏ ପ୍ରକାର ଠପ୍ ହୋଇଯାଇଛି।

## ସଂକ୍ଷେପରେ

### ବେଲଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକାକରଣ

ତୁଣ୍ଡଲା,୧୬।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରରେ ସୋମବାର କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ଜଣ ମହିଳା ଓ ପୁରୁଷଙ୍କୁ ଟିକା ଦିଆଯାଇଥିଲା। ତୁଣ୍ଡଲା, ହାତୀଖୋଜ, ତୁର୍ଲାଖମନ, ସିର୍ଜାପାଲି ପଞ୍ଚାୟତ ଜନସାଧାରଣଙ୍କୁ ଟିକା ଦେବା ବ୍ୟବସ୍ଥା ରହିଛି। ଏହି କେନ୍ଦ୍ରରେ ସପ୍ତାହରେ ପ୍ରତ୍ୟେକ ସୋମବାର, ବୁଧବାର, ଶୁକ୍ରବାର ଟିକାକରଣ କରାଯିବ। ଟିକା କରଣରେ ଏମଏଚ୍‌ୟୁ ଡା. କୁଞ୍ଜ ବିହାରୀ ସାହୁ, ବେଲଖଣ୍ଡି ସ୍ୱାସ୍ଥ୍ୟ କେନ୍ଦ୍ର ଡା. ବିନୟ କୁମାର ଜୈନ, ବେଲଖଣ୍ଡି ସବସେଣ୍ଟର ଏଏନଏମ ସସ୍ମିତା ନାଏକ, ଏଚଡବ୍ଲୁ (ଏମ) ଦୀପକ କୁମାର ନାଗ, ତୁଣ୍ଡଲା ଏଏନଏମ ଗିତାଞ୍ଜଳି ସାହୁ, ଅମାଠର ଏଚଡବ୍ଲୁ (ଏମ) ସତ୍ୟବାନ ଭୋଇ, ଭେକ୍‌ସିନେଟର୍ ଅର୍ପିତା ନାଗ ସାମିଲ ଥିଲେ। ଇଣ୍ଟରନେଟ୍ ଠିକ ଭାବେ ରହୁ ନ ଥିବାରୁ ଡାଟାଏଣ୍ଟ୍ରି କରିବାରେ ବାଧାପ୍ରାପ୍ତ ହେଉଛି ବୋଲି ଡିଇଓ ସଞ୍ଜୟ ଗୌଡ ପ୍ରକାଶ କରିଛନ୍ତି।

### ରାଜଭବନ ଧାରଣାରେ କଳାହାଣ୍ଡିର ବିନ୍ଦୁ ମହାନନ୍ଦ ସାମିଲ

ଗୋଲାମୁଣ୍ଡା,୧୬।୮(ଡି.ଏନ.ଏ.) ଓଡିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ରାଜ୍ୟର ୩୦ଟି ଜିଲାର ସୂଚନା ଅଧିକାର କର୍ମୀମାନେ ଓଡିଶା ଲୋକାୟୁକ୍ତ ଅଧକ୍ଷଙ୍କ ବହିଷ୍କାର ଦାବିରେ ଭୁବନେଶ୍ୱର ରାଜଭବନଠାରେ ଧାରଣା ଦେଇଥିଲେ। ଲୋକାୟୁକ୍ତ ଛୋଟ ଛୋଟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବଡ ବଡ ସଚିବମାନଙ୍କୁ କ୍ଲିନ ଚିଟ ଦେଇ ଓ ହାଇକୋର୍ଟ ନିର୍ଦ୍ଦେଶନାମା କୁ ଜାଲିଆତି କରି ସୁପ୍ରିମ କୋର୍ଟଠାରେ ଦାଖଲ କରିବା ବିରୋଧରେ ସୋମବାର ଧାରଣା ଦେଇ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଧାରଣା ଓ ଦାବିପତ୍ର ଦେବା କାର୍ଯ୍ୟକ୍ରମରେ ଦୁର୍ନୀତି ବିରୋଧି ମହାସଂଘ ଆବାହକ ବିନ୍ଦୁ ମହାନନ୍ଦ ପ୍ରତ୍ୟକ୍ଷ ଭାବରେ ଯୋଗ ଦେଇ ଅଶଂଗ୍ରହଣ କରିଥିଲେ।

### ସ୍କୁଲରୁ ଚୋରି, ପୋଲିସର ତଦନ୍ତ

ଗୋଲାମୁଣ୍ଡା,୧୬।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଡୁଙ୍ଗୁରିଗୁଡା ପ୍ରାଥମିକ ବିଦ୍ୟାଳୟରୁ ରବିବାର ରାତିରେ ଚୋରି ହୋଇଛି। ଏ ନେଇ ପ୍ରଧାନ ଶିକ୍ଷକ ସୋମବାର ଲିଖିତ ଅଭିଯୋଗ କରିବା ପରେ ଗୋଲାମୁଣ୍ଡା ପୋଲିସ ତଦନ୍ତ ଆରମ୍ଭ କରିଛି। ରବିବାର ରାତିରେ କେହି ଦୁର୍ବୃତ୍ତ ସ୍କୁଲ କୋଠରିର ତାଲା ଭାଙ୍ଗି ଭିତରେ ଲାଗିଥିବା ୭ଟି ସଲିଙ୍ଗ ପଙ୍ଖା, ୨ଟି ବାର ଲାଇଟ, ଗୋଟିଏ ଟେବୁଲ ପଙ୍ଖା, ୭ ଚୌକି, ୧୦ ବ୍ୟାଗ ସିମେଣ୍ଟ, ୧ କୁଇଣ୍ଟାଲ ଛଡ, ଟ୍ୟୁବ୍ ଲାଇଟ ଓ ଷ୍ଟ୍ରିଟ ଲାଇଟ ଚୋରି କରି ନେଇଥିବା ପ୍ରଧାନ ଶିକ୍ଷକ ଅଶ୍ୱିନ କୁମାର ରାଉତ ଲିଖିତ ଅଭିଯୋଗ କରିଛନ୍ତି। ସୋମବାର ସକାଳ ୮ଟାରେ ସ୍କୁଲ ଗୃହ ଖୋଲିବା ପରେ ଏହି ଘଟଣା ଜଣାପଡ଼ିଥିଲା। ଥାନାରେ ପ୍ରଧାନ ଶିକ୍ଷକ ଲିଖିତ ଅଭିଯୋଗ ପରେ ଥାନା ଆଇଆଇସି ଯୁଗଳ ଶବର ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ଜରିଆରେ ଅଧିକ ତଦନ୍ତ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ, ୨୦୨୦ରେ କରୋନା ପାଇଁ ଗ୍ରାମପଞ୍ଚାୟତ ପକ୍ଷରୁ ଉକ୍ତ ସ୍କୁଲ କ୍ୱାରେଣ୍ଟାଇନ ସେଣ୍ଟର କରାଯାଇ ଏହି ସବୁ ଜିନିଷ ଲାଗିଥିଲା।

### ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀରେ ଆଧାତ୍ମିକ ଚିନ୍ତନ ବୈଠକ

କୋକସରା,୧୬।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ସଭା ଗୃହରେ ରବିବାର ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅରବିନ୍ଦଙ୍କ ପଦାନୁଗାମୀ ଯୁବ ଚେତନା ଯୁବକ ବଳରାମ ବଗର୍ତ୍ତିଙ୍କ ଅଧକ୍ଷତାରେ ଧର୍ମଗଡ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଦିବ୍ୟ ଚେତନା ଓ ତାଙ୍କ ଚଲାପଥକୁ ଯୁବଗୋଷ୍ଠୀ ଆପଣେଇବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ଼. ଅଜୟ କୁମାର ମଲ୍ଲିକ, ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷ ଗୁଣାକାର ପଣ୍ଡା, କୋକସରା ବିଡିଓ ମନୀଷା ଦାସ, କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଚିନ୍ତନ ବୈଠକରେ କୋକସରା ବ୍ଲକ ସଚେତନ ନାଗରିକ ଯୁବଗୋଷ୍ଠୀ ମଧ ଉପସ୍ଥିତ ଥିଲେ।

# କରଞ୍ଜୀକୋଟକୁ ପର୍ଯ୍ୟଟନସ୍ଥଳୀ କରିବା ପ୍ରୟାସ ଆରମ୍ଭ


ଜିଲା ପ୍ରଶାସନିକ ଅଧିକାରୀମାନେ କରଞ୍ଜକୋଟ ଭିତ୍ତିଭୂମି ସମୀକ୍ଷା କରୁଛନ୍ତି।

ଗୋଲାମୁଣ୍ଡା,୧୬।୮(ଡି.ଏନ.ଏ.)

ପ୍ରାକୃତିକ ସୌନ୍ଦର୍ଯ୍ୟଭରା କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କରଞ୍ଜକୋଟ। ଏଠାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୧୯୭୧ରେ ଏଡ ଡ୍ୟାମ ନିର୍ମାଣ ହୋଇଥିବା ବେଳେ ଉକ୍ତ ଡ୍ୟାମ କଡରେ ୧୯୭୮ରେ ଏକ ଶିବ ମନ୍ଦିର ନିର୍ମାଣ ହୋଇଥିଲା। ସେହି ଦିନଠାରେ ଏଠାକୁ ବଣଭୋଜି ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେବାକୁ ଲୋକଙ୍କ ଭିଡ ହୋଇଥିଲା। ଗତ କିଛିବର୍ଷ ହେଲା ଏଠାକୁ ପର୍ଯ୍ୟଟଙ୍କ ପ୍ରବଳ ଭିଡ ହେଉଥିବା ଦେଖି ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଏହାର ବିକାଶ ତଥା ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ପର୍ଯ୍ୟଟନ ବିଭାଗକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ଅଗ୍ରାଧିକାର ଦେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ କରଞ୍ଜକୋଟର ଭିତ୍ତିଭୂମି ସମୀକ୍ଷା କରିବାକୁ ଜିଲାପାଳଙ୍କୁ ଏକ ଚିଠି ଲେଖିଥିଲେ। ଏହି କ୍ରମରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ କରଞ୍ଜକୋଟ ଗସ୍ତ କରି ଆବଶ୍ୟକ ଭିତ୍ତିଭୂମିର ସମୀକ୍ଷା କରିଥିଲେ। ବୋଟିଂ ପାଇଁ ଡ୍ୟାମର ଜଳରାଶି ତଥା ପାର୍କ ନିର୍ମାଣ ସ୍ଥାନ ବୁଲି ଦେଖିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ଧର୍ମଗଡ ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ଧିରେନ୍ଦ୍ର ନାଏକ, ବ୍ଲକ ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ, ନୂଆଗାଁ ସରପଞ୍ଚ ଶ୍ୟାମନ ସୁନ୍ଦର ଛତ୍ରିଆ, ପର୍ଯ୍ୟଟନ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କରଞ୍ଜକୋଟ ପର୍ଯ୍ୟଟନସ୍ଥଳିର ମାନ୍ୟତା ପାଇଲେ ଅଞ୍ଚଳର ଅନେକ ବିକାଶ ହେବ। ଏଥିଲାଗି ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି।

# ସଇଁତଲା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି

ସଇଁତଲା, ୧୬।୮(ଡି.ଏନ.ଏ.)

ବର୍ଷାଭାବ ଯୋଗୁଁ ବଲାଙ୍ଗୀର ଜିଲା ସଇଁତଲା ବ୍ଲକରେ ମରୁଡ଼ି ପରିସ୍ଥିତ ସୃଷ୍ଟି ହୋଇଛି। ଏଥିଯୋଗୁଁ ସରକାର ତୁରନ୍ତ ସଇଁତଲା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଅଞ୍ଚଳଭାବେ ଘୋଷଣା କରିବାକୁ ଦାବି କରିଛି କିଶାନ କଂଗ୍ରେସ। ବ୍ଲକ କିଶାନ କଂଗ୍ରେସ ସଭାପତି ଉତ୍ତମ ପଟେଲଙ୍କ ଆହ୍ୱାନକ୍ରମେ ସୋମବାର ରାଜ୍ୟପଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ


କିଷାନ କଂଗ୍ରେସ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

### ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

କଂଗ୍ରେସ ସଭାପତି ଗୁଣସାଗର ମାଝୀ, ସତ୍ୟନାରାୟଣ ପଣ୍ଡା, ସରପଞ୍ଚ ବଜରଙ୍ଗ ଜୈନ, ଉମାକାନ୍ତ ରଣା, ସମିତି ସଭ୍ୟ ବୈକୁଣ୍ଠ ଭୋଇ, ପ୍ରମୋଦ ଅଗ୍ରୱାଲ, ଧନମତ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ପରେ ପୂର୍ବମନ୍ତ୍ରୀ ସିଂଭୋଇ ତହସିଲଦାର ଦାୟିତ୍ୱରେ ଥିବା ଯୁଗେଶ୍ୱର ଧରୁଆଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ କିଶାନ କଂଗ୍ରେସ ସଦସ୍ୟମାନେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବିଦ୍ୟୁତ୍ ସରବରାହ ଠିକ ରଖିବା ପାଇଁ କହିଥିଲେ। ଦାବି ଅନୁଯାୟୀ କାର୍ଯ୍ୟ ନ ହେଲେ ଆଗାମୀ ଦିନରେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପଧାନ ସମ୍ବର୍ଦ୍ଧିତ

ସୋହେଲା,୧୬।୮(ଡି.ଏନ.ଏ)

୭୫ତମ ସ୍ୱାଧୀନତା ଦିବସ ଅବସରରେ ବରଗଡ ଜିଲା ପ୍ରଶାସନ ପକ୍ଷରୁ ସୋହେଲା ବ୍ଲକର ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମର ବର୍ଷିୟାନ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ପାଣିମୋରା ଗ୍ରାମକୁ ଯାଇ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠରେ ମାଲ୍ୟାର୍ପଣ କରିଥିଲେ। ଏହି ସମୟରେ ଡିଏସ୍‌ଆର ସଦାନନ୍ଦ କୁମ୍ଭାର, ସୋହେଲା ବିଡିଓ ବିଶ୍ୱରଞ୍ଜନ କର, ତହସିଲଦାର ମାନସ ରଞ୍ଜନ କର, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ସରପଞ୍ଚ ଜୀତେନ ଭୋଇ, ସହକାରୀ ଯନ୍ତ୍ରୀ ନରେଶ କୁମାର ଅଗ୍ରୱାଲ, ଡବ୍ଲ୍ୟୁଇଓ ଅତିଶ ଭୋଇ, ସୋହେଲା ଡିଗ୍ରୀ କଲେଜ ଅଧ୍ୟକ୍ଷ ହରିହର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସମସ୍ତେ ସ୍ୱାଧୀନତା ସଂଗ୍ରାମୀ ଜିତେନ୍ଦ୍ର ପଧାନଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧନା ଦେଇଥିଲେ ଏବଂ ସଂଗ୍ରାମୀଙ୍କ ଠାରୁ ଆଶୀର୍ବାଦ ନେଇଥିଲେ।

# ପେନ୍‌ସନ୍ ଭୋଗୀ କଳାକାର ସଂଘର ଜୋନାଲସ୍ତରୀୟ ବୈଠକ

କର୍ଲାମୁଣ୍ଡା,୧୬।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା, ମ.ରାମପୁର ସୀମାସ୍ଥିତ ଶାନ୍ତିବନଠାରେ ଜିଲାର ନର୍ଲା, କର୍ଲାମୁଣ୍ଡା, ମ.ରାମପୁର ବ୍ଲକର ପେନ୍‌ସନ ଭୋଗୀ କଳାକାରମାନଙ୍କୁ ନେଇ ଜୋନାଲସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପେନ୍‌ସନ ଭୋଗୀ କଳାକାର ସଂଘ ସଭାପତି ଚିତ୍ର ନିର୍ଦ୍ଦେଶକ ନାଟ୍ୟ ଭୂଷଣ ପ୍ରଦୀପ ଧଙ୍ଗଡା ମାଝି ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ମ.ରାମପୁର ବ୍ଲକ ଉପସଭାପତି ଶ୍ରୀପତି ପଟ୍ଟନାୟକ, ଜିଲା କମିଟି ଉପସଭାପତି ସତ୍ୟନାରାୟଣ ମେହେର, ସହସମ୍ପାଦକ କାହ୍ନୁଚରଣ ଗଉଡ ପ୍ରମୁଖ ଯୋଗଦେଇଥିଲେ। ପେନ୍‌ସନ ଭୋଗୀ କଳାକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପଦକ୍ଷେପ ନେବାକୁ ସ୍ଥିର କରିଥିଲେ। ଏହି ଅବସରରେ ୩ଟି ବ୍ଲକର ପେନ୍‌ସନ ଭୋଗୀ କଳାକାରମାନଙ୍କୁ ନେଇ ଜୋନାଲସ୍ତରୀୟ କମିଟି ଗଠନ କରାଯାଇଥିଲା।

# କେସିଙ୍ଗାରେ ନିର୍ମାଣ ହେବ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ

କେସିଙ୍ଗା,୧୬।୮(ଡି.ଏନ.ଏ.)

କ୍ରୀଡା ଭିତ୍ତିଭୂମୀର ବିକାଶ ପାଇଁ ଓଡିଶାର ୮୯ ସହରରେ ସହରାଞ୍ଚଳ କ୍ରୀଡା ଭିତ୍ତିଭୂମୀ ବିକାଶ ଯୋଜନା ମାଧ୍ୟମରେ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ନିର୍ମାଣ ହେବାକୁ ଯାଉଛି। ସେଥିପାଇଁ କେସିଙ୍ଗା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ କେସିଙ୍ଗା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ଭବାନୀପାଟଣା ବିଧାୟକ ଦୁଷ୍ମନ୍ତ ନାଏକ, ଅନ୍ତର୍ଜାତୀୟ କବି ତଥା ରାଜ୍ୟ ପରିଷଦ ସଦସ୍ୟ ଭବାନୀଶଙ୍କର ନିଆଲ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜିଲା ପଛୁଆ ବର୍ଗ ସଭାପତି ମହେନ୍ଦ୍ର ନାଏକ, ଜିଲା ସମ୍ପାଦକ ସୁରେଶ ମହାନନ୍ଦ, ନୃପ ଯାଦବ, କେସିଙ୍ଗା ସହର ବିଜେଡି ସଭାପତି ରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ପ୍ରାୟ ୧୮ ମାସରେ ନିର୍ମାଣ ହେବ ଏହି ବହୁମୁଖି ଇନ୍‌ଡୋର ଷ୍ଟାଡିୟମ। ବ୍ୟାଡମିଣ୍ଟନ, ଟେବୁଲ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ ବ୍ୟକ୍ତିମାନେ ।

ଟେନିସ, ଭାର ଉତ୍ତୋଳନ କ୍ରୀଡା ସହ ଏଥିରେ ବହୁମୁଖି କ୍ରୀଡାର ଉପଯୋଗ ରହିବ ତା ସହିତ ବାତ୍ୟା ଓ ମହାମାରୀ ସମୟରେ ଏହା ଡାକ୍ତରଖାନା ଭଳି କାମ କରିବ ବୋଲି ମନ୍ତ୍ରୀ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର କୁମାର ମୁନି ମଞ୍ଚ ପରିଚାଳନା ଓ ଅତିଥି ପ୍ରଦାନ କରିଥିବା ବେଳେ ନୃପ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନେକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଧନ୍ୟବାଦ କାର୍ଯ୍ୟକ୍ରମରେ ଦିନେଶ ବଗର୍ତ୍ତି, ନର ନିଆଲ, ରାମଜୀ ମାତଖଣ୍ଡିଆ, ନଳୀନ ପଟ୍ଟନାୟକ ପ୍ରମୁଖଙ୍କ ସହ ବହୁ ବିଜେଡି କର୍ମୀ, ଏସଏସଜି ଗ୍ରୁପ ମହିଳା ଓ ସ୍ଥାନୀୟ ଖେଳାଳିମାନେ ଉପସ୍ଥିତ ଥିଲେ।

## ବନ ବିଭାଗ ଚଢ଼ାଉ, ଶାଗୁଆନ କାଠ ଜବତ

କଣ୍ଟାବାଞ୍ଜି, ୧୬।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ ଡୁମେରବୁଆଁ ଗାଁରେ ବନ ବିଭାଗ ବେଆଇନଭାବେ କରାଯାଇଥିବା ଏକ ଫର୍ନିଚର ୟୁନିଟ ଉପରେ ଚଢାଉ କରିଥିଲା। ଗାଁର ନରେଶ ହଂସଙ୍କ ଘରେ ଚଢାଉ ବେଳେ ୩ ସିଏଫ୍‌ଟି ଶାଗୁଆନ ପଟ୍ଟା, ଅର୍ଦ୍ଧନିର୍ମିତ ପଲଙ୍କ ୧ଟି, ୪ଟି ଡାଇନିଙ୍ଗ ସେଟ, ୨ଟି ଟି ପଏ ସହ ଯନ୍ତ୍ରାଂଶ ବନ ବିଭାଗ ଜବତ କରିଛି। ଚଢାଉ ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ତେବେ ୟୁନିଟରେ କାମ କରୁଥିବା ଘୁଲି ଫୁଂଜି ନାମକ ଜଣେ ଶ୍ରମିକଙ୍କୁ ଗିରଫ କରାଯାଇଛି। ଏ ନେଇ ବନ ବିଭାଗ ଏକ ମାମଲା ରୁଜୁ କରିଛି । କଣ୍ଟାବାଞ୍ଜି ରେଞ୍ଜର ଶ୍ରଦ୍ଧାଦେବ ବଡମାଲି, ଟାଉନ ଫରେଷ୍ଟର ବିନୋଦ ବିହାରି ଧରୁଆ ଓ ବିଭାଗୀ କର୍ମଚାରୀ ଚଢାଉରେ ସାମିଲ ଥିଲେ।

# ବିଶ୍ୱ ଆଦିବାସୀ ସପ୍ତାହ ଉଦ୍‌ଯାପନୀ ସମାରୋହ

ଖଡିଆଳ,୧୬।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ବରଗାଁ ହାଇସ୍କୁଲ ପରିସରରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଚାଲିଥିବା ବିଶ୍ୱ ଆଦିବାସୀ ସପ୍ତାହ ସମାରୋହ ଉଦ୍‌ଯାପନୀ ହୋଇଯାଇଛି। ପ୍ରଥମେ ସମସ୍ତେ ଏକତ୍ରିତ ହୋଇ ପାରମ୍ପାରିକ ବେଶ ଭୁଷା ସହ ଅସ୍ତ୍ରଶସ୍ତ୍ର, ବାଦ୍ୟଯନ୍ତ୍ର ସହ ଆଦିବାସୀଙ୍କୁ ବିଭିନ୍ନ ସ୍ଲୋଗାନ ନେଇ ନଗର ପରିକ୍ରମା କରିଥିଲେ। ଏଥିରେ ଆଦିବାସୀଙ୍କ ଜଙ୍ଗଲ, ଜମି, ଜୀବନ ଜୀବିକା, ଭାଷା, ଆଦିବାସୀଙ୍କ ସୁରକ୍ଷା ଓ ଉଚ୍ଚ ଶିକ୍ଷା, ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସମସ୍ତ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ସୋମନାଥ ଖମାରୀ, ପୂର୍ବତନ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର, ଚିତ୍ତରଞ୍ଜନ ବନଗୋଲା, ଦଳ ସଭାପତି ଭୁବନେଶ୍ୱର ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ଜିଲା ଆଦିବାସୀ ଗଣ୍ଡ ସଭାପତି ପ୍ରସନ୍ନ କୁମାର ମାଝି, ଜୟରାମ ଶବର, ମଝିଆ ମାଝିଙ୍କ ସମେତ ଶତାଧିକ ଆଦିବାସୀ ଯୋଗଦେଇଥିଲେ। କରୁଣାକର ମାଝି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲାରେ ବାସ କରୁଥିବା ୮ ପ୍ରଜାତିର ଆଦିବାସୀ ଯୋଗଦେଇଥିଲେ । ୯ ଦଫା ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ଜାତୀୟ ପତାକାକୁ ଅସମ୍ମାନ

କୋକସରା,୧୬।୮(ଡି.ଏନ.ଏ.)

ଜାତୀୟ ପତାକାକୁ ଅସମ୍ମାନ କରାଯାଇଛି। ରାତି ସାରା ଝୁଲି ରହିଲା ପତାକା। ଏଭଳି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଅଧୀନ ଲଡୁଗାଁ ପଞ୍ଚାୟତ ସୁପାଡ଼ ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ରବିବାର ସ୍ୱାଧୀନତା ଦିବସ ପାଳନ ପରେ ସନ୍ଧ୍ୟା ୬ଟା ପୂର୍ବରୁ ଜାତୀୟ ପତାକା ଅବତରଣ କରିବା କଥା। କିନ୍ତୁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ଦାୟୀତ୍ୱରେ ଥିବା କର୍ମଚାରୀ ଭୁଲିଗଲେ। ଫଳରେ ରାତି ସାରା ଖୁଣ୍ଟରେ ଝୁଲି ରହିଲା ଜାତୀୟ ପତାକା । ଏ ନେଇ ଗ୍ରାମବାସୀ ସୋସିଆଲ ମିଡ଼ିଆରେ ଫଟୋ ପୋଷ୍ଟ କରିଛନ୍ତି। ଏ ନେଇ କୋକସରା ବିଆରସି ତୋଫାନ ମାଝିଙ୍କୁ ପଚାରିବାରୁ ଆମ ପାଖରେ ଏହି ଅଭିଯୋଗ ଆସିଛି। ମଙ୍ଗଳବାର ତଦନ୍ତ ପରେ ଯଦି କିଛି ଅନିୟମିତତା ରହିଛି, ତାହେଲେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ



ନିଆଯିବ ବୋଲି କହିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରତିକ୍ରିୟା ମିଳି ନ ଥିବା ବେଳେ ଲଡୁଗାଁ କ୍ଲଷ୍ଟର ସିଆରସିସି ଗୋବର୍ଦ୍ଧନ ବେମାଲଙ୍କ ପ୍ରତିକ୍ରିୟା ନେବାରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରବଳ ଜ୍ୱର ହେବାରୁ ସେ ପତାକା ଉତ୍ତୋଳନ ପରେ ସ୍କୁଲରୁ ପତାକା ଅବତରଣ କରିବାକୁ ୨ଜଣ ଶିକ୍ଷକଙ୍କୁ କହି ଚାଲି ଯାଇଥିଲେ। ହେଲେ ସେହି ଶିକ୍ଷକମାନେ ଅବହେଳା କରି ପତାକା ବାହାର କରି ନ ଥିଲେ ବୋଲି କହିଥିଲେ।

# ଭାରତୀୟ କିଷାନ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ବୌଦ୍ଧ,୧୬।୮(ସ୍ୱ.ପ୍ର)

ଚଳିତବର୍ଷ ବୌଦ୍ଧ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ ଠିକ୍ ଭାବେ ହୋଇପାରିନାହିଁ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚଳିତବର୍ଷ ଜିଲାର ସାଲୁଙ୍କୀ ଓ ବାଘନଦୀ ଜଳସେଚନ ପ୍ରକଳ୍ପ ଚାଷୀଙ୍କ ଜମିକୁ ଜଳ ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଜିଲାରେ ଚାଷ ଉଜୁଡି ସାରିଥିବାବେଳେ ଯାହାକିଛି ବଞ୍ଚିଥିଲା ପ୍ରଚଣ୍ଡ ଖରା ଯୋଗୁ ତଳି ଜଳିଯିବା ସହ ମାଟିଫାଟି ଆଁ କଲାଣି। ଚାଷୀ ପରିବାର ହତାଶ ହୋଇସାରିଲେଣି। ଜିଲାରେ ଅଣଜଳସେଚିତ ଅଞ୍ଚଳର ଅବସ୍ଥା ନ କହିବା ଭଲ। ଏନେଇ ଭାରତୀୟ କିଷାନ ସଂଘ ପକ୍ଷରୁ ପୂର୍ବରୁ ହରଭଙ୍ଗା ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା। ସୋମବାର ସଂଘର ଏକ ପ୍ରତିନିଧି ମଣ୍ଡଳୀ ସଭାପତି ସୂର୍ଯ୍ୟନାରାୟଣ ମହାପାତ୍ର ଓ ସମ୍ପାଦକ ଭୋଳାଗିରି ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। କିଷାନ ସଂଘ ପକ୍ଷରୁ ଦାବିପତ୍ରରେ ବୌଦ୍ଧ ଜିଲାକୁ ସମ୍ପୂର୍ଣ୍ଣ ମରୁଡିଗ୍ରସ୍ତ ଘୋଷଣା କରାଯାଇ ଆନୁସଙ୍ଗିକ ସରକାରୀ ସାହାଯ୍ୟ ଯୋଗାଇଦେବା, ପ୍ରଧାନମନ୍ତ୍ରୀ ଶସ୍ୟବୀମା ଯୋଜନାରେ କ୍ଷତିପୂରଣ ରାଶି ପ୍ରଦାନ, ବିକଳ୍ପ ଚାଷ ପାଇଁ ମାଗଣାରେ ସାର, ଔଷଧ ଓ ବିହନ ଆଦି ଯୋଗାଇଦେବା ଓ ମରୁଡିର ସ୍ଥାୟୀ ସମାଧାନ ପାଇଁ ସାଲୁଙ୍କୀ ନଦୀର


ମରୁଡି ଘୋଷଣା ନେଇ କିଷାନ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ବୌଦ୍ଧ ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ପାଇଁ ଦାବି

ବୌଦ୍ଧ ବ୍ଲକ ଗୁରୁଜୀମୁଣ୍ଡା, କଣ୍ଟାମାଳ ବ୍ଲକ ଖଡଙ୍ଗ ନଦୀର ସାଦାଙ୍ଗଠାରେ ଜଳଭଣ୍ଡାର ନିର୍ମାଣ ତଥା ମହାନଦୀର ସାମ୍ପୋଚ, ଧଳପୁର, ରାମଗଡଠାରେ ତିନୋଟି ମେଗା ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବାକୁ ଦାବି କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଦାବି ପୂରଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ବୌଦ୍ଧର ହଜାର ହଜାର ଚାଷୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କିଷାନ ସଂଘ ପକ୍ଷରୁ ଦାବିପତ୍ର ଜରିଆରେ ଚେତାବନୀ ଦିଆଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୭ ଅଗଷ୍ଟ, ୨୦୨୧



## ବୌଦ୍ଧ ଜିଲା କୋର୍ଟ ପରିସରରେ ସ୍ଥାପିତ ହେଲା ଗାନ୍ଧୀ ମୂର୍ତ୍ତି

**ବୌଦ୍ଧ,(ସ୍ୱପ୍ର):** ବୌଦ୍ଧ ଜିଲା ଦୌରାଜଜଙ୍କ କୋର୍ଟ କାର୍ଯ୍ୟାଳୟ ପରିସରରେ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଜିଲା ଦୌରାଜଜ ସୁଶ୍ରୀ ପ୍ରତିମା ପଣ୍ଡା ଗାନ୍ଧୀଙ୍କ ଏହି ମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲା ଦୌରାଜଜ ସତ୍ୟ ନାରାୟଣ ଷଡଙ୍ଗୀ ଓ ସମସ୍ତ ବିଚାରବିଭାଗୀୟ ଅଧିକାରୀ, ସମସ୍ତ ଆଇନଜୀବୀ, କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ଏଥିସହିତ କୋର୍ଟ ପରିସରରେ ବୃକ୍ଷ ରୋପଣ ହୋଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ଶ୍ରମିକ ମୃତ

**ଅତାବିରା,୧୬।୮ (ଡି.ଏନ.ଏ):** ବରଗଡ଼ ଜିଲା ଗୋଡଭଗା-ତୁରୁମ ୫୪ ନଂ. ରାଜ୍ୟ ରାଜପଥର ମହୁଲେ ନିକଟରେ ରବିବାର ଗାଡି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭେଡେନ ବ୍ଲକ ଅଇଁଲାପାଲି ଗ୍ରାମର ଗୁରୁଚରଣ ମାଝୀ। ସେ ସାଇକେଲ ଯୋଗେ ଏକ ରାଇସ୍ ମିଲ୍‌କୁ କାମ କରିବାକୁ ଯାଉଥିବା ବେଳେ ଏକ ବୋଲେରୋ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁଚରଣଙ୍କୁ ଉଦ୍ଧାର କରି ବୁର୍ଲା ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ସିସି କ୍ୟାମେରା ଫୁଟେଜକୁ ଆଧାର କରି ରୁଷୁଡା ଫାଣ୍ଡି ପୋଲିସ ତଦନ୍ତ କରୁଛି।

### ମଉଳୁଛି ମିନି ଷ୍ଟାଡିୟମ ଆଶା

**ଲାଠୋର, ୧୬।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ୨୨ ଅପ୍ରେଲ ୨୦୧୭ରେ ଗ୍ରାମର ଘନଶ୍ୟାମ ସରାଫ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି ରଖିଥିଲେ। ଏହାକୁ ଭିତ୍ତି କରି ଅନୁଯାୟୀ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ବିଳମ୍ବରେ ମିନି ଷ୍ଟାଡିୟମ ନଟ ଆଭିଲେବଲ ବୋଲି ରିପ୍ଲାଏ ଦେଇଥିଲା। ଏହାପରେ ଘନଶ୍ୟାମ ଏବଂ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ କରିଥିଲେ। ଏ ନେଇ ପଦକ୍ଷେପ ନେବାକୁ କ୍ରୀଡା ଏବଂ ଯୁବ ବ୍ୟାପାର ବିଭାଗ ପତ୍ର ସଂଖ୍ୟା ୩୨୨୩/ତା୨୩।୩।୨୦୨୧ରିଖରେ ପଞ୍ଚାୟତରାଜ ବିଭାଗକୁ ପଠାଇଥିଲା। ପଞ୍ଚାୟତରାଜ ବିଭାଗ ତାଙ୍କ ପତ୍ର ସଂଖ୍ୟା ୭୨୮୬ ତା ୨୨।୪।୨୦୨୧ରିଖରେ ବଲାଙ୍ଗୀର ଡିଆରଡିଏ ପିଡି ଏବଂ ଖପ୍ରାଖୋଲ ବିଡିଓଙ୍କୁ ପତ୍ର ଦେଇ ୭ଦିନ ମଧରେ ରିପୋର୍ଟ ଦେବାକୁ କହିଥିଲେ। ୪ମାସ ବିତିଯାଇଥିଲେ ମଧ ଏହାର କୌଣସି ଉତ୍ତର ଦିଆଯାଇନାହିଁ। ଏ ନେଇ ଖପ୍ରାଖୋଲ ବିଡିଓଙ୍କୁ ପଚାରିବାରୁ ଏମ୍‌ଜିଏନ୍‌ଆରଇଜିଏସରେ ଏକ ଖେଳ ପଡିଆ ନିର୍ମାଣ ହେବ ବୋଲି କହିଛନ୍ତି। ଏଭଳି ସୂଚନା ପରେ ସାନଗୁର୍ଜିଭଟାରେ ମିନି ଷ୍ଟାଡିୟମ ନିର୍ମାଣ ଆଶା ମଉଳିବାରେ ଲାଗିଛି।

### ଜନ ଆଶୀର୍ବାଦ ଗସ୍ତକୁ ନେଇ ପ୍ରସ୍ତୁତି

**କଣ୍ଟାବାଞ୍ଜି, ୧୬।୮(ଡି.ଏନ.ଏ.):** କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତା ୨୨ରେ ଜନ ଆଶୀର୍ବାଦ ଯାତ୍ରାରେ ସାମିଲ ହେବ। ଏଥିପାଇଁ ସୋମବାର କଣ୍ଟାବାଞ୍ଜିରେ ଏକ ଖବରଦାତା ସମ୍ମିଳନୀ କରି ଦଳୀୟ ନେତୃବୃନ୍ଦ ସୂଚନା ଦେଇଛନ୍ତି। ହରି ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତକୁ ଭାଜପା ସ୍ୱାଗତ କରିବା ସହିତ ରେଳ ସମସ୍ୟାକୁ ଉପସ୍ଥାପନ କରିବ ବୋଲି କୁହାଯାଇଛି। ସମ୍ମିଳନରେ ଜିଲା ସଭାପତି ଶିବାଜି ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାୟକ ଉପସ୍ଥିତ ଥିଲେ।

### କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

**ଟିଟିଲାଗଡ଼, ୧୬।୮(ଡି.ଏନ.ଏ):** ଟିଟିଲାଗଡ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ସହାୟକ ଜିଲାପାଳ ତଥା ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ଲଳିତ ବାଗଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ପ୍ରେମଲାଲ ହିଆଲ, ଅତିରିକ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ, ଉପଜିଲା ପୁଲିସ ଅଧିକ୍ଷକ ସୁରେନ୍ଦ୍ରନାଥ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋଟ ୩୪ଜଣ କରୋନା ଯୋଦ୍ଧାଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ ସହ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ।

### କଣ୍ଟାବାଞ୍ଜି ଏନ୍‌ଏସିସ୍ତରୀୟ ସ୍ୱାଧୀନତା ଦିବସ

**କଣ୍ଟାବାଞ୍ଜ, ୧୬।୮(ଡି.ଏନ.ଏ.):** କଣ୍ଟାବାଞ୍ଜି ଏନଏସି ସ୍ତରୀୟ ସ୍ୱାଧୀନତା ଦିବସ ରେଲୱେ ଷ୍ଟାଡିୟମରେ ପାଳିତ ହୋଇଛି। ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ହକି ଷ୍ଟିକକୁ ଗୋଟିଏ ଆଙ୍ଗୁଠିରେ ଅଧିକ ସମୟ ରଖି ଗିନିଜ ବୁକ୍ ଅଫ ରେକର୍ଡସରେ ସ୍ଥାନିତ ହୋଇଥିବା ଗୋପାଳ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏନଏସି ନିର୍ବାହୀ ଅଧିକାରୀ ସାମ୍ପି ରେଡ୍ଡି ଜୟଶ୍ରୀ, ପୋଲିସ ଏସ୍‌ଡିପିଓ. ଡ ହୃଷିକେଶ ମେହେର ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି କେ.ଭି. କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର ସଭା ପରିଚାଳନା, ଏନ୍‌ଏସି ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଏଫ୍‌ଓ ଅଫିସ ସମ୍ବଲପୁରରେ ମିଶ୍ରଣ ପ୍ରସ୍ତାବ

**ସୋନପୁର,୧୬।୮(ନି.ପ୍ର.)**



ସୁବର୍ଣ୍ଣପୁର ଡିଏଫ୍‌ଓଙ୍କ ଅଫିସ।

- ଜୁନ୍ ମାସରେ ଡିଡିଟି ଅଫିସ ଡାଉନଗ୍ରେଡ୍ ହୋଇଛି
- ଡିଏଫ୍‌ଓଙ୍କ ଅଫିସ ଉଠିଯିବା ଏକ ଗୁଜବ : ଅର୍ଥମନ୍ତ୍ରୀ

ଡିଡିଟି ଅଫିସ ପରେ ଏବେ ସୁବର୍ଣ୍ଣପୁର ଡିଏଫଓଙ୍କ ଅଫିସ ପାଳି। ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ(ଡିଏଫଓ)ଙ୍କ ଅଫିସକୁ ସମ୍ବଲପୁର ଡିଏଫଓଙ୍କ ଅଫିସ ସହିତ ମିଶ୍ରଣ କରିବାକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରସ୍ତାବ ରହିଛି। ସମ୍ପୂର୍ଣ୍ଣ ସୁବର୍ଣ୍ଣପୁର ବନଖଣ୍ଡ ସମ୍ବଲପୁର ଡିଏଫଓଙ୍କ ନିୟନ୍ତ୍ରଣରେ ରହିବ। ସୁବର୍ଣ୍ଣପୁରରେ କେବଳ ଜଣେ ଏସିଏଫ(ସହକାରୀ ବନସଂରକ୍ଷକ) ରହିବେ। ଉପରସ୍ତରରେ ଏଥିନେଇ ପ୍ରକ୍ରିୟା ଚାଲିଛି। ସୁବର୍ଣ୍ଣପୁର ସମେତ ରାଜ୍ୟର ଅନ୍ୟ ୩ଟି ଡିଏଫଓଙ୍କ ଅଫିସ ଅନ୍ୟତ୍ର ମିଶ୍ରଣ ପାଇଁ ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏ ସମ୍ପର୍କରେ କାହାରି ମତାମତ ନିଆଯାଇନି କି ବିଜ୍ଞପ୍ତି ପ୍ରକାଶ ପାଇନି। ଗତ ସପ୍ତାହରେ ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାର ଥିଲା। କିନ୍ତୁ କୌଣସି କାରଣରୁ ଶେଷ ମୁହୂର୍ତ୍ତରେ ଏହି ବୈଠକ ବାତିଲ ହୋଇଛି। ଏହି ଘଟଣା ଜଣାପଡିବା ପରେ ଜିଲାର ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକ୍ ସୋସିଆଲ ମିଡିଆରେ ଭିଡିଓ ବାର୍ତ୍ତା ସେୟାର କରି ଡିଏଫଓ ଅଫିସ ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଛନ୍ତି। ଏହାଦ୍ୱାରା ଜିଲାବାସୀ ଅସୁବିଧା ଭୋଗିବେ, ଗରିବ ଶ୍ରେଣୀର ଲୋକ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କର୍ମସଂସ୍ଥା ହରାଇବେ ଓ ଜଙ୍ଗଲ କ୍ଷୟ ବୃଦ୍ଧି ପାଇବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ବନ ବିଭାଗର ପ୍ରସ୍ତାବ ସମ୍ପର୍କରେ ଅବଗତ ହେବା ପରେ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତତ୍‌କ୍ଷଣାତ୍ ଉପରିସ୍ଥ ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ନ କରିବାକୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ଅର୍ଥମନ୍ତ୍ରୀ ପୂଜାରୀଙ୍କ ମତାମତ ନେବାରୁ ସେପରି କିଛି ହେବାର ସମ୍ଭାବନା ନାହିଁ। ଏହା ଏକ ଗୁଜବ କହି କଥାକୁ ଏଡାଇ ଯାଇଥିଲେ। ପ୍ରକାଶ ଯେ, ରାଜ୍ୟ ସରକାର ଉପନିର୍ଦ୍ଦେଶକ ବୟନ ଶିଳ୍ପ(ଡିଡିଟି) କାର୍ଯ୍ୟାଳୟ ସୋନପୁରକୁ ଗତ ଜୁନ୍ ୨ତାରିଖରେ ଡାଉନଗ୍ରେଡ୍ କରି ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ(ଏଡିଟି) କରିଛନ୍ତି। ଏହା ଜିଲାବାସୀଙ୍କୁ କଷ୍ଟ ଦେଇଥିବା ବେଳେ ପୁଣି ଡିଏଫଓଙ୍କ ଅଫିସ ସମ୍ବଲପୁରରେ ମିଶ୍ରଣ ହେବା ଖବରକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ଚିକିତ୍ସା ପାଇଁ ଅର୍ଥ ବାଧକ


ଶଯ୍ୟାଶାୟୀ ଭକ୍ତ ଚରଣ।

**ପାଇକମାଳ,୧୬।୮(ଡି.ଏନ.ଏ)**

ପାଇକମାଳ ବ୍ଲକ କୋକନରା ଗ୍ରାମର ଗରିବ ଦିନ ମଜୁରିଆ ଭକ୍ତ ଚରଣ ରଣା (୩୯) ଏବେ କ୍ୟାନ୍‌ସର ପୀଡିତ। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ପରିବାରର ସମ୍ବଳ ନ ଥିବାରୁ ଭକ୍ତଙ୍କ ଉଚ୍ଚତର ଚିକିତ୍ସା ହୋଇପାରୁନାହିଁ। ଫଳରେ ସେ ଭାଗ୍ୟକୁ ଆଦରି ଘରେ ପଡିରହିଛନ୍ତି।

ଭକ୍ତଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ବନିତା (୩୫), ତାଙ୍କ ଦୁଇ ପୁଅଝିଅ ସମୀର (୧୧) ଓ ପ୍ରିୟଙ୍କା (୭) ଏବଂ ବୁଢ଼ୀ ମା'। ଭକ୍ତ ଦିନ ମଜୁରୀ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ସେ କ୍ୟାନସର ପୀଡିତ ହୋଇ ପାଇକମାଳ ଡାକ୍ତରଖାନାରୁ ଆରମ୍ଭ କରି ନୂଆପଡା, ବରଗଡ, ବୁର୍ଲା ପରେ କଟକ ଆଚାର୍ଯ୍ୟ ହରିହର ଡାକ୍ତରଖାନାରେ ଚିକିତ୍ସିତ ହେଲେ। ଯାହା କିଛି ଜମିବାଡି ଥିଲା ପରିବାର ଲୋକେ ତାକୁ ବିକ୍ରି କରିବା ସହ ଧାରକରଜ କରି ୫ ମାସ ଧରି ଚିକିତ୍ସା କରାଇଲେ। ସମ୍ବଳ ଶେଷ ହୋଇଯିବାରୁ ଭକ୍ତଙ୍କୁ ଘରକୁ ଫେରାଇ ଆଣିଲେ। ଏବେ ସେ ଶଯ୍ୟାଶାୟୀ। ପରିବାରର ମୁଖ୍ୟ ଶଯ୍ୟାଶାୟୀ ହେତୁ ତାଙ୍କ ପରିବାର ବହୁ କଷ୍ଟରେ ଜୀବନ କାଟୁଛନ୍ତି। ପ୍ରତିଦିନ ଔଷଧ ବାବଦକୁ ହଜାରେରୁ ୧୨ ଶହ ଟଙ୍କା ଖର୍ଚ୍ଚ ହେଉଥିବା ତାଙ୍କ ସ୍ତ୍ରୀ ବନିତା କହିଛନ୍ତି। ଏଣୁ ତାଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଓ ଜିଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି। ସେହିପରି କୌଣସି ସହୃଦୟ ବ୍ୟକ୍ତି କି ଅନୁଷ୍ଠାନ ସାହାଯ୍ୟ କଲେ ଭକ୍ତଙ୍କ ଉଚ୍ଚତର ଚିକିତ୍ସା ହୋଇପାରନ୍ତା ବୋଲି ତାଙ୍କ ପରିବାର ଲୋକେ ଆଶା ରଖିଛନ୍ତି।

# ପାଟଖଣ୍ଡା ଫୁଟ୍‌ବଲ: ଜରାସିଂହା ଚାମ୍ପିୟନ

**ଦେଓଗାଁ,୧୬.୮(ଡି.ଏନ.ଏ.)**


ଚାମ୍ପିୟନ ଜରାସିଂହା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନି ଷ୍ଟାଡିୟମଠାରେ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗତ ୬ଦିନ ଧରି ଚାଲିଥିବା ପ୍ରଥମ ମାଁ ପାଟଖଣ୍ଡା ଫୁଟବଲ କପ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜରାସିଂହା ବିଏନଏଏ ଓ କୁଶମେଲ(ବଲାଙ୍ଗୀର) ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଜରାସିଂହା ୪-୨ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଖେଳକୁ କୁନ୍ତେ ମେହେର, କୈଳାସ କର୍ତ୍ତ, ପ୍ରଶାନ୍ତ ଥନାପତି ଓ ଲକ୍ଷ୍ମୀ ମହାନ୍ତି ପରିଚାଳନା କରିଥିଲେ। ବିଏନଏଏ ସଭାପତି ପୁରୁଷୋତ୍ତମ ଥନାପତିଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ରାଜକିଶୋର ସେଠଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭ ବ୍ଲକ ଅଧକ୍ଷା ରୀନା ମେହେର, ସମ୍ମାନୀତ ଅତିଥି ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ, ଯୁଗ୍ମ-ସମ୍ପାଦକ କରୁଣାକର ମେହେର, କ୍ରୀଡାବିତ୍ ସଚ୍ଚିଦାନନ୍ଦ ପାଢ଼ୀ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

### କାର୍-ବାଇକ୍ ଧକ୍କା: ଜଣେ ମୃତ

**ବାଉଁଶୁଣୀ, ୧୬।୮(ଡି.ଏନ୍.ଏ.)**

ସୋମବାର ଅପରାହ୍ନ ସାଢେ ୪ଟାରେ ୫୭ନଂ. ଜାତୀୟ ରାଜପଥର ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବଲାକିରା ଛକ ନିକଟରେ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ -କାର୍ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ସୁଜିତ ବେହେରା (୩୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ମୁଣ୍ଡିପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଲାକିରା ଗ୍ରାମରେ। ସୁଜିତ ବାଇକ୍ ଓଡ଼ି ୩୧ଜି ୬୭୨୮ ଯୋଗେ ବାଉଁଶୁଣୀ ଦିଗରୁ ନିଜ ଘରକୁ ଫେରୁଥିଲେ। ବଲାକିରା ଛକ ନିକଟରେ ସେ ଗାଁ ଆଡକୁ ଯିବା ପାଇଁ ହଠାତ୍ ଡାହାଣକୁ କାଟି ଦେବାବେଳେ ପଛ ପଟୁ ଆସୁଥିବା ଏକ କାର ଏପି ୨୮ଡ଼ିଆର ୬୭୩୨ ଧକ୍କା ଦେଇଥିଲା। ବାଉଁଶୁଣୀ ଦମକଳ ବାହିନୀ ସୁଜିତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା କାର୍ ଓ ବାଇକକୁ ଜବତ କରି ପୋଲିସ ତଦନ୍ତ କରୁଛି।

### ସ୍ୱଚ୍ଛତା ସଚେତନତା ବାର୍ତ୍ତା ନେଇ ସାଇକେଲ ରାଲି

**ବାଉଁଶୁଣୀ,୧୬।୮(ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ଲଭ ଅର୍ଗାନାଇଜେଶନ ୟୁଥ କ୍ଲବ ତରଫରୁ ସ୍ୱଚ୍ଛତା ସଚେତନତା ବାର୍ତ୍ତାନେଇ ରବିବାର ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ସଭାପତି ଗୋପାଳ କ୍ରିଷ୍ଣାଥାପା, ସମ୍ପାଦକ କୃଷ୍ଣାପଣ ଦନାୟକଙ୍କ ନେତୃତ୍ୱରେ ସ୍ୱାଧୀନତା ଦିବସ ପାଳନ ସହ ଏହି ଅବସରରେ ରାଲି ହୋଇଥିଲା। ପୂର୍ବଦିନ ନିଇଟ କମ୍ପ୍ୟୁଟର ସେଣ୍ଟର ବାଉଁଶୁଣୀଠାରେ ଅନୁଷ୍ଠିତ ହୋଇଥିବା କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୁନିଲ କୁମାର ସାହୁ, ଦ୍ୱିତୀୟ ଏକଲବ୍ୟ ମେହେର ଏବଂ ତୃତୀୟ ଖଗେଶ୍ୱର ରଣାଙ୍କୁ ଏହି ଅବସରରେ ମୁଖ୍ୟ ଅତିଥି ବିବେକାନନ୍ଦ ଦେହୁରୀ ପୁରସ୍କାର ସହିତ ସାର୍ଟିଫିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଲଭ ଅର୍ଗାନାଇଜେଶନ ଉପସଭାପତି ସୁମନ୍ତ ମେହେର ତଥା ଅନ୍ୟାନ୍ୟ ସଦସ୍ୟ ଦୀପକ ମେହେର, ଦେବାଶିଷ ପୃଷ୍ଟି, ସୁଜିତ ପେରା, କ୍ଷୀରୋଦବିଶାଳ, ମନ୍ଟୁ ମେହେର, ତୁଷାରକାନ୍ତ ମେହେର, ବେଦବ୍ୟାସ ମେହେର, ନିରଞ୍ଜନ ଭୋଇ, ସୁନିଲ ସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହା ସହିତ ବାଉଁଶୁଣୀ ମା' ମାହେଶ୍ୱରୀ ଗାଡି ଚାଳକ ସଂଘ ପକ୍ଷରୁ ମଧ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଭାପତି ଆନନ୍ଦ ଖଟୁଆ ଓ ସମ୍ପାଦକ ପଦ୍ମଲୋଚନ ମହଲା ପତାକା ଉତ୍ତୋଳନ କରିଥିଲେ।



ଲଭ ଅର୍ଗାନାଇଜେଶନ ୟୁଥ କ୍ଲବ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

### ଇସ୍ତଫା ଦେଲେ ବୀରମହାରାଜପୁର ବ୍ଲକ ଅଧକ୍ଷ

**ଅମରପାଲି,୧୬।୮(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧକ୍ଷ ପଦରୁ ଇସ୍ତଫା ଘୋଷଣା କରିଛନ୍ତି ସନ୍ତୋଷ କୁମାର ଭୋଇ। ରବିବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରେସିଡେନସିରେ ଏକ ଖବରଦାତା ସମ୍ମିଳନୀରେ କରି ସେ ଏହି ଘୋଷଣା କରିଛନ୍ତି। ସେ ବ୍ୟକ୍ତିଗତ ଓ ଘରୋଇ କାରଣରୁ ପଦ ଛାଡିଥିବା କହିଛନ୍ତି। ଜଣେ ଶିକ୍ଷକ ଭାବେ ସେ ୧୭ ହଜାର ଛାତ୍ରଛାତ୍ରୀଙ୍କୁ ପାଠ ପଢାଇଛନ୍ତି। ଗରିବ ନିସହାୟ ବୃଦ୍ଧାବୃଦ୍ଧଙ୍କୁ ନିଜସ୍ୱ ଉଦ୍ୟମରେ ଅନ୍ନପୂର୍ଣ୍ଣା ଆହାର ଯୋଜନା ମାଧ୍ୟମରେ ମାଗଣାରେ ଗୋଟିଏ ଓଳି ରନ୍ଧା ଖାଦ୍ୟ ଯୋଗାଇ ଆସୁଥିଲେ ବୋଲି କହିଛନ୍ତି। ବ୍ଲକ ଅଧକ୍ଷ ଭାବେ ନିର୍ବାଚିତ ହେବା ପରେ ସେ ବୀରମହାରାଜପୁରର ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରିଛନ୍ତି। ଏବେ ସେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ପଦରେ ଅଛନ୍ତି। ତେବେ ହଠାତ୍ ଖବରଦାତା ସମ୍ମିଳନୀ କରି ଅଧକ୍ଷ ପଦବୀରୁ ଇସ୍ତଫା ଘୋଷଣା କରିବା ସମସ୍ତଙ୍କୁ ଚକିତ କରିଛି। ତେବେ ଏ ନେଇ ସେ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଭାଜପାର ଜିଲା ଓ ରାଜ୍ୟ ପଦାଧିକାରୀଙ୍କୁ ସାକ୍ଷାତ କରି ଜଣାଇବେ ବୋଲି କହିଛନ୍ତି। ଏହା ସହିତ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ କୌଣସି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି କହିଛନ୍ତି।

# ରାଷ୍ଟ୍ର ନିର୍ମାଣ ସଂକଳ୍ପରେ ସଂକଳ୍ପିତ ହେବାକୁ ଆହ୍ୱାନ

**ବଲାଙ୍ଗୀର ଅଫିସ,୧୬।୮**

ବଲାଙ୍ଗୀର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ମନୋହାରପୁର ପୋଲିସ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ସୁଶାନ୍ତ ସିଂ ଜାତୀୟ ପତାକା ଉତ୍ତୋଳନ କରି ସମ୍ବୋଧିତ କରିଥିଲେ। ସ୍ୱାଧୀନତା ପାଇଁ ଜୀବନକୁ ବାଜି ଲଗାଇ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରନାୟକଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଲାଙ୍ଗୀର ଜିଲାର ପର୍ଯ୍ୟଟନ, ଲୋକସଂସ୍କୃତି, ଲୋକକଳା, ଲୋକନୃତ୍ୟ କୁଟୀର ଶିଳ୍ପର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଉପଜିଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଏସ୍‌ପି ମନୋରଞ୍ଜନ ପ୍ରଧାନ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପରିଚାଳନା କରିଥିଲେ।

ସଦାଇପାଲିସ୍ଥିତ ସାଇଟ୍‌ଠାରେ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାଇଟ ଡିପ୍ଲୋମା ଅଧକ୍ଷା ନମିତା ପଟେଲ, ସୁଶ୍ରୀ ଆଇଟିଆଇ ଅଧ୍ୟକ୍ଷ ଇଂ. ସନ୍ତୋଷ କୁମାର ବ୍ରହ୍ମା, ସାଇଟ ନର୍ସିଂ ଅଧକ୍ଷା ସ୍ନିଗଧା ମିନତି ଦାନୀ, ସାଇଟ ନର୍ସିଂ ପ୍ରଶାସନିକ ଅଧିକାରୀ ଡ. ସିଦ୍ଧେଶ୍ୱର ମିଶ୍ର ଉପସ୍ଥିତ ଥିଲେ। ସେହିପରି ଜିଲା ପୂର୍ବତନ ସୈନିକ ସଂଘ କାର୍ଯ୍ୟାଳୟରେ ସଭାପତି ବିଭୂତି ଭୂଷଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଦର ବିଡିଓ ରାମଦତ୍ତ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ ସଭା ପରିଚାଳନା କରିଥିଲେ। ଅନୁରୂପଭାବେ ବାଲାଜୀ କଲେଜ ପରିସରରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, କଲେଜ ପରିଚାଳନା ନିର୍ଦ୍ଦେଶକ କୈଳାସ ଅଗ୍ରୱାଲ, ନିର୍ଦ୍ଦେଶକ ସୁଜାତା ଅଗ୍ରୱାଲ, ବିଷ୍ଣୁପ୍ରସାଦ କେଡିଆ, ଉପସ୍ଥିତ ଥିଲେ। ବିନାୟକ ପବ୍ଲିକ ସ୍କୁଲରେ ପରିଚାଳନା

## ୭୫ତମ ସ୍ୱାଧୀନତା ଦିବସ ପାଳିତ

ନିର୍ଦ୍ଦେଶିକା ସରସ୍ୱତୀ ନନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ପ୍ରେମାନନ୍ଦ ସାହୁ, ଜ୍ୟୋତିର୍ମୟ ରାଉତ, ଅଞ୍ଜୁକୁମାରୀ ବେହେରା ସହଯୋଗ କରିଥିଲେ। ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ରୀନା ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବରଗଡ଼ ଅଫିସ୍,୧୬।୮:** ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହିତ ଅଭିବାଦନ ଗ୍ରହଣ କରିଥିଲେ। ସମାରୋହରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ରାହୁଲ ଜୈନଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ବରଗଡ଼ ସାମ୍ବାଦିକ ସଂଘରେ ସଭାପତି ଶଙ୍କର ବଲ୍ଲଭ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଗାନ୍ଧୀଛକ ନବରତ୍ନ ମିଡ଼ିଆ ଆଗରେ ଖବରକାଗଜ ବିତରକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଏଠାରେ ବିଧାୟକ ଦେବେଶ ଆଚାର୍ଯ୍ୟ ପତାକା ଉତ୍ତୋଳନ କରିଥିବାବେଳେ ସଂଘ ସଭାପତି ଜୟପ୍ରକାଶ କୁମ୍ଭାର, ସମ୍ପାଦକ ଅଚ୍ୟୁତ ସର, ଦେବ ନାରାୟଣ ଦାଶ, ନୀଳାଞ୍ଚଳ ଘିବେଲା, ଯୋଗେନ୍ଦ୍ର ସାହୁ, ଦୁର୍ଗା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଆବାସିକ ସ୍କୁଲରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ପତାକା ଉତ୍ତୋଳନ କରିଥିଲେ। ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ପ୍ରତିଷ୍ଠାତ୍ରୀ ସାବିତ୍ରୀ ସାୱାଡ଼ିଆ ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷ ସୁମନ ସାୱାଡ଼ିଆ, ଉପାଧକ୍ଷ ରୋଶନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ପେରିୟଲ କଲେଜରେ ଶିଶୁ କଣ୍ଠଶିଳ୍ପୀ ଶୁଭଶ୍ରୀ ମେହେର ପତାକା ଉତ୍ତୋଳନ କରିଥିବାବେଳେ ନିର୍ଦ୍ଦେଶକ ଦୀପକ ଗୋୟଲ ଉଦ୍‌ବୋଧନ ଦେଇଥିଲେ।

**ସୋନପୁର(ନି.ପ୍ର.):** ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମନ୍ତ୍ରୀ ନାୟକ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ସଂଗ୍ରାମୀଙ୍କୁ ସ୍ମରଣ କରିବା ସହ ଜିଲାକୁ ଶ୍ରେଷ୍ଠ ଓ ସମୃଦ୍ଧ କରିବାକୁ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ନାୟକ ଜିଲାର ବୟନକଳା, ସଂସ୍କୃତି ଓ ପରମ୍ପରାକୁ ପ୍ରଶଂସା କରିଥିଲେ। ଖଲିଆପାଲିସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ସାଧନା ଓ ସମାଧିପୀଠ ଯୋଗୁଁ ଦେଶ ବିଦେଶରେ ଜିଲାର ପ୍ରସିଦ୍ଧି ରହିଥିବା କହିଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ଅବସରରେ ଜିଲାପାଳ ଅବୋଲି ସୁନୀଲ ନରୱଣେ, ଜିଲା ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ପିଡି ଡିଆରଡିଏ ଡୋଳାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ଡିଆଇପିଆରଓ ଅଶୋକ କୁମାର ଭୋଇ ଉପସ୍ଥିତ ଥିଲେ।

**ବୌଦ୍ଧ,୧୬।୮(ସ୍ୱ.ପ୍ର.):** ବୌଦ୍ଧ ସହରର କଚେରୀ ଖେଳପଡିଆରେ ନିରାଡମ୍ବର ଭାବରେ ୭୫ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହିତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମହାପୁରୁଷଙ୍କ ବଳିଦାନ ଆମ ପାଇଁ ସ୍ୱାଧୀନତା ଆଣି ଦେଇଥିବା ଜିଲାପାଳ ମିଶ୍ର କହିଥିଲେ। ଏହା ସହ ଜିଲାର ବିକାଶ ପାଇଁ ସମସ୍ତ ଜିଲାବାସୀଙ୍କ ସହଯୋଗ ଲୋଡିଥିଲେ। ରିଜର୍ଭ ଇନ୍ସପେକ୍ଟର ମଧୁସୂଦନ ମହାପାତ୍ରଙ୍କ ନେତୃତ୍ୱରେ କେବଳ ଆଇଆରବି ଓ ଜିଲା ପୋଲିସର ଯବାନମାନେ ଉତ୍ସବରେ ସାମିଲ ହୋଇ ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ସମ୍ମାନିତ ଅତିଥି ଭାବରେ ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଜିଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତିକାନ୍ତି ବଳିଆରସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ବଲାଙ୍ଗୀର ଠାରେ ମୁଖ୍ୟଅତିଥି ମନ୍ତ୍ରୀ ସୁଶାନ୍ତ ସିଂ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରୁଛନ୍ତି।



ବରଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।



ସୁବର୍ଣ୍ଣପୁରରେ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ପାରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

# ୭୫ବର୍ଷ ପରେ ବ୍ୟାଙ୍କ ସେବା




ସମ୍ବଲପୁର କୁଦଗୁଣ୍ଡେରପୁରରେ ବ୍ୟାଙ୍କ ସେବା ଉଦ୍‌ଘାଟନ କରାଯାଉଛି।

**ସମ୍ବଲପୁର, ୧୬।୮ (ବ୍ୟୁରୋ)**

ସ୍ୱାଧୀନତାର ୭୫ବର୍ଷ ପରେ ବିକାଶଧାରାରେ ସାମିଲ ହୋଇଛନ୍ତି ସମ୍ବଲପୁର ଜିଲାର କୁଦଗୁଣ୍ଡେରପୁର ପଞ୍ଚାୟତବାସୀ। ରାଜ୍ୟ ପଞ୍ଚାୟତିରାଜ ବିଭାଗ ଉଦ୍ୟମରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଏକ ଗ୍ରାହକସେବା କେନ୍ଦ୍ରକୁ ସୋମବାର ଉଦ୍‌ଘାଟନ କରାଯାଇଛି। ଜିଲାପାଳ ଦାୟିତ୍ୱରେ ଥିବା ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧନକଉଡା ବିଡିଓ ବସନ୍ତ ହାତୀ, ଜନପ୍ରତିନିଧି, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ସମ୍ବଲପୁର ଜିଲା ଧନକଉଡା ବ୍ଲକର ମହାନଦୀ ଘେରରେ ୭ ଗୋଟି ରାଜସ୍ୱ ଗ୍ରାମକୁ ନେଇ ରହିଛି କୁଦଗୁଣ୍ଡେରପୁର ପଞ୍ଚାୟତ। ପଞ୍ଚାୟତର ଲୋକସଂଖ୍ୟା ୬ ହଜାର ହେବ। ମହାନଦୀ ଘେରରେ ରହିଥିବାରୁ ଲୋକେ ଅମଳ ଧାନ

## ବିକାଶ ଧାରାରେ ୭ ଗ୍ରାମବାସୀ

ଓ ଅନ୍ୟ ଫସଲ ବିକ୍ରି ସମସ୍ୟା ସହ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଅଞ୍ଚଳବାସୀଙ୍କୁ ମୁଖ୍ୟ ସୋତ୍ରରେ ସାମିଲ କରି ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଯୋଜନା କରିଥିବା ଦାୟିତ୍ୱରେ ଥିବା ଜିଲାପାଳ ତ୍ରିପାଠୀ କହିଛନ୍ତି। ସେ କହିଥିଲେ, କିଛିମାସ ହେବ ମହାନଦୀ ଉପରେ ଏକ ସେତୁ ନିର୍ମାଣ କରାଯାଇଛି। ଲୋକାର୍ପଣ ହୋଇ ନ ଥିଲେ ବି ଲୋକେ ଗମନାଗମନ ସୁବିଧା ପାଇପାରୁଛନ୍ତି। ଆର୍ଥିକ ଅଭିବୃଦ୍ଧି ପାଇ ପଦକ୍ଷେପ ଗ୍ରହଣ କରାଯାଇଛି। ତେଣୁ ବ୍ୟାଙ୍କ ସେବା ଲୋକଙ୍କ ପାଖରେ ପହଞ୍ଚାଯାଇଛି। ପୂର୍ବରୁ ଏହି ସେବା ପାଇଁ ପ୍ରାୟ ୧୫ରୁ ୨୦କି.ମି. ଦୂରକୁ ଯିବାକୁ ପଡୁଥିଲା। ଋଣ ନେବା ଓ ପରିଶୋଧ କରିବାରେ ଗ୍ରାହକଙ୍କୁ ସୁବିଧା ହେବ। ଏସ୍‌ଏଚ୍‌ଜି ମହିଳା, ଚାଷୀ, ବ୍ୟବସାୟୀ ସମସ୍ତେ ବ୍ୟାଙ୍କର ଲାଭ ନେଇପାରିବେ। ଏହା ଅଞ୍ଚଳ ପାଇଁ ଏକ ବଡ ଅବଦାନ ବୋଲି କହିଥିଲେ। ବିଡିଓ ହାତୀ କହନ୍ତି, ଆଗକୁ ଅନେକ ଲୋକାଭିମୁଖୀ ଯୋଜନା ରହିଛି। ମିଶନଶକ୍ତି ଗୃହ ନିର୍ମାଣ ଶେଷ ହୋଇଛି। ସେହିପରି ଦକ୍ଷତା ବିକାଶ କେନ୍ଦ୍ର ଓ ପଞ୍ଚାୟତ ଭବନ ନିର୍ମାଣ କରିବାକୁ ଯୋଜନା କରାଯାଇଛି। ଏବେ ପଞ୍ଚାୟତ ଅଫିସ ନ ଥିବାରୁ ରାଜୀବ ଭବନରେ କାର୍ଯ୍ୟାଳୟ ଚାଲୁଛି। ହାଇସ୍କୁଲ ପାଇଁ ନୂତନ କୋଠା ମଧ୍ୟ ଉଦ୍‌ଘାଟନ କରାଯାଇଛି। ଯୋଜନାଗୁଡିକ ଶୀଘ୍ର ଆରମ୍ଭ କରିବାକୁ ଜିଲାପାଳ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିବା ବିଡିଓ କହିଥିଲେ। ଅଞ୍ଚଳର ପ୍ରଭାସିନୀ ନାଏକ କହିଛନ୍ତି, ଆଜି ଆମ ପାଇଁ ଖୁସିର ଦିନ। ଚାଷୀଙ୍କ ସହିତ ସମସ୍ତ ଅଞ୍ଚଳବାସୀ ଲାଭବାନ ହୋଇପାରିବେ। ବିଶେଷ କରି ଏସ୍‌ଏଚ୍‌ଜି ମହିଳାଙ୍କୁ ଟଙ୍କା ନେଣଦେଣରେ ସୁବିଧା ହେବ।

# ଜାତୀୟ ଶିକ୍ଷାନୀତି ୨୦୨୦- ବିଶ୍ୱ ଜ୍ଞାନ ଅର୍ଥନୀତିରେ ଶୀର୍ଷସ୍ଥାନ ହାସଲ କରିବାର ଆୟୁଧ

**୧୬।୮(ଧରିତ୍ରୀ):** ଚଳିତବର୍ଷ ଜୁଲାଇ ୮ ତାରିଖରେ ମୁଁ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କଲି। ଶିକ୍ଷା ଭଳି ଏକ ପ୍ରତିଷ୍ଠିତ ଓ ଖ୍ୟାତିସମ୍ପନ୍ନ ବିଭାଗର ଦାୟିତ୍ୱ ଗ୍ରହଣ କରିବା ଉଭୟ ଉତ୍ସାହଜନକ ତଥା କଷ୍ଟସାଧ୍ୟ। ବିଶେଷ କରି ଏବେ ଦୀର୍ଘ ୩୪ ବର୍ଷ ପରେ ନୂଆ ଜାତୀୟ ଶିକ୍ଷାନୀତି -୨୦୨୦ କାର୍ଯ୍ୟକାରୀ ହେଉଥିବାରୁ ଦାୟିତ୍ୱଟି ନିଶ୍ଚିତ ଆହ୍ୱାନମୂଳକ। ଏହା ପୁଣି ଏକବିଂଶ ଶତାବ୍ଦୀର ଦେଶର ପ୍ରଥମ ନୂଆ ଶିକ୍ଷାନୀତି ହୋଇଥିବାରୁ ଏହାର ଗୁରୁତ୍ୱ ଅଧିକ। ୨୦୨୦-ଜାତୀୟ ଶିକ୍ଷାନୀତିର ପ୍ରଭାବ ଦେଶର ଶିକ୍ଷାକ୍ଷେତ୍ରରେ ଯେ ମହତ୍ତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ଏହା କହିଲେ ଅତ୍ୟୁକ୍ତି ହେବନାହିଁ। ଦେଶର ଆଭ୍ୟନ୍ତରୀଣ ସ୍ଥିତିସ୍ଥାପକତ୍ୱ ରକ୍ଷା ଓ ସମ୍ବଳ ବୃଦ୍ଧି ତଥା ବିଶ୍ୱ ଦରବାରରେ ଭାରତର ସ୍ଥିତିକୁ ଜାହିର କରି ଏହା ଆମ ରାଷ୍ଟ୍ରର ଭାଗ୍ୟ ନିର୍ଦ୍ଧାରଣ ଓ ରୂପାୟନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ମୁଁ ସମ୍ପୂର୍ଣ୍ଣ ଦାୟିତ୍ୱବୋଧ ସହ ଏହି ମତ ଉପସ୍ଥାପନ କରୁଛି। ଏହା ଏକ ପଥ ପ୍ରଦର୍ଶନକାରୀ ଦର୍ଶନ; ଏକ ପବିତ୍ର ପାଠ। ମୋଦି ସରକାରଙ୍କ ପାଇଁ ଆପଣ ଯଦି ଏହାକୁ ଦେଶର କୋଟି କୋଟି ଯୁବତୀଯୁବକଙ୍କ ଆଶାଆକାଂକ୍ଷା ପୂରଣ କରିବାକୁ ଆଗ୍ରହୀ ହୋଇ ଏକ ଆୟୁଧ ଭାବେ ବ୍ୟବହାର କରିବାକୁ ଚାହୁଁଛନ୍ତି; ମୋର ଆଶା ଓ ବିଶ୍ୱାସ, ଏହି ନୂଆ ଶିକ୍ଷାନୀତି ସମାନତା, ମାନ, ସହଜଲଭ୍ୟତା ଓ ସୁଲଭତା ଆଧାରରେ ତାହା ପୂରଣ କରିବାକୁ ସମର୍ଥ।

ନୂଆଶିକ୍ଷାନୀତିରେଅନେକଅତ୍ୟାଧୁନିକଭବିଷ୍ୟବାଦୀ ନୀତି ଓ ଦିଗଭାଗ ରହିଥିଲେ ହେଁ ମୁଁ ନିମ୍ନଲିଖିତ କେତେକ ବିଷୟ ଉପରେ ମୋର ବିତର୍କ ଉପସ୍ଥାପନ କରୁଛି।

ପ୍ରଥମତଃ, ଏହି ନୂଆ ଶିକ୍ଷାନୀତି ମାଧ୍ୟମରେ ଜଣେ ଶିଶୁ ପାଇଁ ଆମେ ପ୍ରାକ୍ ବିଦ୍ୟାଳୟ ସ୍ତରରୁ ପୌଢ଼ତ୍ୱ ପର୍ଯ୍ୟନ୍ତ ଏକ ସମର୍ଥ ପରିବେଶ ସୁନିଶ୍ଚିତ କରିବାକୁ ପ୍ରୟାସୀ। ଏଥିରେ ନିର୍ଦ୍ଦିଷ୍ଟ ଭାବେ ସମାବେଶୀ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ନୂଆ ଶିକ୍ଷାନୀତିରେ ଶିଶୁଙ୍କ ପାଇଁ ଶିକ୍ଷାକୁ ଆମୋଦୀୟ କରିବା ସହିତ ଶିକ୍ଷାର ମାନକୁ ଯଥୋଚିତ ଗୁରୁତ୍ୱ ଦେଇ ପିଲାଙ୍କୁ ନୂତନ ୫+୩+୩+୪ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଆନୁଷ୍ଠାନିକ ସ୍କୁଲ ଶିକ୍ଷା ଓ ପାଠପଢ଼ା ନିମନ୍ତେ ପ୍ରସ୍ତୁତ କରିବାର ପ୍ରୟାସ ହୋଇଛି। ଏ ଯାଏ ପ୍ଲେ-ସ୍କୁଲର ବିଚାର, ସହରସମୂହର ଘରୋଇ ବିଦ୍ୟାଳୟଗୁଡ଼ିକରେ ସୀମିତ ଥିଲା ଏବଂ କେବଳ ସ୍ୱଚ୍ଛଳ ପିଲାଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ ରହିଥିଲା। ଦ୍ୱିତୀୟତଃ, ଦକ୍ଷତା ଓ ପାଠପଢ଼ା, କରିକୁଲାର ଓ ଏକ୍ସଟ୍ରାକରିକୁଲାର, କଳା ଓ ବିଜ୍ଞାନ ଆଦିର ଜଟିଳ ଭିନ୍ନତାର ଅବସାନ ଘଟାଇ ଆନ୍ତଃବିଷୟକ ବା ମଲ୍ଟିଡିସିପ୍ଲିନାରୀ ଅଧ୍ୟୟନ, ଧାରଣାଗତ ବୋଧଗମ୍ୟତା ଓ ଗହନ ଚିନ୍ତନକୁ ନୂଆ ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ଗଣିତ ଓ ଚିତ୍ରକାରୀ ଭଳି ସର୍ଜନାତ୍ମକ ବିଷୟ ପ୍ରତି ଏହା ପିଲାଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ସହ ସେମାନଙ୍କଠାରେ ଥିବା ସୁପ୍ତ ପ୍ରତିଭାର ବିକାଶରେ ସହାୟକ ହେବ। ଛାତ୍ର ଜୀବନରେ ପିଲାଏ ସମ୍ମୁଖୀନ ହେବାକୁ ଥିବା ଅନେକ ଚାପକୁ ପ୍ରତିହତ କରିବା ପାଇଁ ମାର୍କଶିଟ ବଦଳରେ ଏକ ସାମଗ୍ରିକ ପ୍ରୋଗ୍ରେସ କାର୍ଡ ପ୍ରତ୍ୟେକ ଶୈକ୍ଷିକ ଅଧିବେଶନ ପରେ ପିଲାଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି କାର୍ଡ ପିଲାଙ୍କ କୌଶଳ, ଯୋଗ୍ୟତା, ମନୋଦୃଷ୍ଟି, ଆଗ୍ରହ ଓ ସାମର୍ଥ୍ୟକୁ ପରଖିବା ସହିତ ଅନ୍ୟାନ୍ୟ ବିଷୟରେ ସେମାନଙ୍କ ପ୍ରତିଭାର ମୂଲ୍ୟାୟନ କରିବ।

ପ୍ରତ୍ୟେକ ହାଇସ୍କୁଲ ପିଲା ଧନ୍ଦାମୂଳକ ଶିକ୍ଷାର ସୁଯୋଗ ପାଇବେ। ଷଷ୍ଠ ଶ୍ରେଣୀରୁ ଏହା ଆରମ୍ଭ ହେବ ଏବଂ ଏଥିପାଇଁ ଇଣ୍ଟର୍ନଶିପ ବ୍ୟବସ୍ଥା ଅଛି। ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ପଥ ରହିଛି; ଯାହାଫଳରେ ଜଣେ ଯେତେବେଳେ ଚାହିଁବ ପଢ଼ା ଆରମ୍ଭ କରିପାରିବ ବା ଛାଡ଼ିପାରିବ।



ଧର୍ମେନ୍ଦ୍ର ପ୍ରଧାନ

ସ୍କୁଲ ଶିକ୍ଷାସ୍ତରରେ ଡିଜିଟାଲ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଛି। ତାହା ସ୍ୱାଧୀନ ଭାବେ ଆନ୍ତଃ ସଂଚାଳିତ ବ୍ୟବସ୍ଥାରେ କାର୍ଯ୍ୟ କରିବ; ଯାହା ଏନ୍‌ଡିଇଏଆର୍ (ଏଣ୍ଡିୟର) ନାମରେ ପରିଚିତ। ଏହା କିଛି ନୀତିନିୟମ, ମାନ ଓ ନିର୍ଦ୍ଦେଶାବଳୀର ଏକ ସମାହାର। ଏହି ବ୍ୟବସ୍ଥାଟି ପ୍ରସ୍ତୁତ ହୋଇସାରିଛି। ସମଗ୍ର ଡିଜିଟାଲ ଶିକ୍ଷା ବ୍ୟବସ୍ଥାକୁ ଏହା ପ୍ରୋତ୍ସାହିତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିକ୍ଷାକ୍ଷେତ୍ରରେ ସଂସ୍କାର ଓ ପରିବର୍ତ୍ତନ ଆଣିବାକୁ ଯେଉଁସବୁ ମୌଳିକ ଲକ୍ଷ୍ୟ ତଥା ମାନ ନିର୍ଦ୍ଧାରଣ ପରିକଳ୍ପନା କରିଛନ୍ତି, ତାହାକୁ ଏହା ରୂପାୟିତ କରିବାରେ ସହାୟକ ହେବ।

'ଏଣ୍ଡିୟର' ମଧ୍ୟ ସମଗ୍ର ଶିକ୍ଷା ଯୋଜନା ୨.୦କୁ ସୁଗମ କରିବ। ଏହା ଆସନ୍ତା ପାଞ୍ଚବର୍ଷ ପାଇଁ ଚାଲିବ। ଏଥିପାଇଁ ୨.୯୪ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ଚଳିତ ମାସରେ ଘୋଷଣା କରାଯାଇଛି। ଏହା ଏକ ମହାତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ଏବଂ ଏହାର ପରିସର ବ୍ୟାପକ। ପ୍ରାକ୍‌ସ୍କୁଲରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏହାର ପରିସର ପରିବ୍ୟାପ୍ତ। ଏଥିରେ ୧୧.୬ ଲକ୍ଷ ସ୍କୁଲ, ୧୫.୬ କୋଟିରୁ ଅଧିକ ଛାତ୍ରୀଛାତ୍ର ତଥା ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ସ୍କୁଲ ସମୂହର ୫୭ ଲକ୍ଷ ଶିକ୍ଷକ/ଶିକ୍ଷୟିତ୍ରୀ ଅନ୍ତର୍ଭୁକ୍ତ। ସରକାର ନୂଆ ବ୍ୟବସ୍ଥାରେ ସବୁ ପିଲାଙ୍କୁ ସେମାନଙ୍କର ପ୍ରୋତ୍ସାହନମୂଳକ ଅର୍ଥ ଡିବିଟି ମାଧ୍ୟମରେ ଯୋଗାଇ ଦେବେ। ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଏକାଡେମିକ ବ୍ୟାଙ୍କ କ୍ରେଡିଟ ବା ଏବିସି ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଉଚ୍ଚତର ଶିକ୍ଷାନୁଷ୍ଠାନ ହାସଲ କରିବା ଶୈକ୍ଷିକ ଶ୍ରେୟ ବା ଏକାଡେମିକ କ୍ରେଡିଟ ଆଦିକୁ ଡିଜିଟାଲ ବ୍ୟବସ୍ଥାରେ ଏଥିରେ ସଂରକ୍ଷିତ କରାଯିବ। ଏହାଛଡ଼ା ଏଥିରେ ମଧ୍ୟ ଧନ୍ଦାମୂଳକ ପ୍ରଦର୍ଶନ, ଶୈକ୍ଷିକ ତାଲିମ, ଗ୍ରେଡ ଆଦି ସ୍ଥାନ ପାଇବ।

ଛାତ୍ରୀଛାତ୍ରମାନେ ପାଠପଢ଼ାର କୌଣସି ସ୍ତରରେ ଯଦି ଅପସରି ଯାଆନ୍ତି, ତଥାପି ସେମାନଙ୍କର ଉପଲବ୍ଧି, ସଫଳତା ଓ ପ୍ରଦର୍ଶନ ଆଦିକୁ ସଂରକ୍ଷିତ କରି ରଖିବାର ବ୍ୟବସ୍ଥା ହୋଇଛି। ପରବର୍ତ୍ତୀ ସମୟରେ ଏସବୁକୁ ବିଚାରକୁ ନେଇ ବିଶେଷ ପରିସ୍ଥିତିରେ ଚୂଡାନ୍ତ ଡିଗ୍ରୀ ପ୍ରଦାନ କରାଯାଇପାରିବ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହା ବିଦେଶୀ ବିଶ୍ୱବିଦ୍ୟାଳୟ ସହିତ ସଂଯୁକ୍ତ ବା ଟୁଇନିଂ ହେବାରେ ବିଶେଷ ସହାୟକ ହେବ। ନୂଆ ଶିକ୍ଷାନୀତିରେ ଏହି ଟୁଇନିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଆମ ଛାତ୍ରୀଛାତ୍ର ଏକ ଅଂଶୀଦାର ବ୍ୟବସ୍ଥାରେ ବିଦେଶୀ ଶିକ୍ଷାନୁଷ୍ଠାରୁ ସେମିଷ୍ଟର ସମ୍ପୂର୍ଣ୍ଣ କରିବାର ସୁଯୋଗ ପାଇବାର ବ୍ୟବସ୍ଥା କରାଯାଇଛି।

ମେଡିକାଲ ଓ ଆଇନ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାଡ଼ି ଦେଶର ଅନ୍ୟ ସବୁ ଉଚ୍ଚତର ଶିକ୍ଷାନୁଷ୍ଠାନ ପାଇଁ ଏକକ ନିୟନ୍ତ୍ରକ ବ୍ୟବସ୍ଥା ଭାବେ ଭାରତୀୟ ଉଚ୍ଚତର ଶିକ୍ଷା ପରିଷଦ କାର୍ଯ୍ୟ କରିବ। ଏହା ଏକ ହାଲୁକା ଅଥଚ ଟିପା (ଲାଇଟ ଓ ଟାଇଟ) ନିୟାମକ ବ୍ୟବସ୍ଥା ସୁନିଶ୍ଚିତ କରିବାରେ ସହାୟକ ହେବ।

ନୂଆ ଶିକ୍ଷାନୀତିରେ ଥିବା ତ୍ରିଭାଷୀ ନୀତି ଭାଷାଗତ ପ୍ରବଣତାକୁ ବିବିଧ ବାଟ ଦେଖାଇ ଏକ ଜ୍ଞାନ ଅର୍ଥନୀତି ସୃଷ୍ଟି କରିବ। ଏଥିରେ ମାତୃଭାଷା/ସ୍ଥାନୀୟ ଭାଷା କିମ୍ବା ଆଞ୍ଚଳିକ ଭାଷା ଶିକ୍ଷାଗ୍ରହଣର ମାଧ୍ୟମ ହେବା ସହିତ ଭାରତୀୟ ସାଇନ ଲାଙ୍ଗୁଏଜ୍ ବା ଭାରତୀୟ ସାଂକେତିକ ଭାଷାର ମାନ ବୃଦ୍ଧିରେ ଏହା ସହାୟକ ହେବ। ଏହା ଫଳରେ ଶ୍ରବଣବାଧିତ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟ ଓ ଆଞ୍ଚଳିକ ପାଠ୍ୟକ୍ରମ ପ୍ରସ୍ତୁତି ସହଜ ଏବଂ ଉଚ୍ଚମାନର ହୋଇପାରିବ। ୟୁନେସ୍କୋ ପକ୍ଷରୁ ଅବଶ୍ୟ ଇତିମଧ୍ୟରେ କିଙ୍ଗ ସେଜଙ୍ଗ ସାକ୍ଷରତା ପୁରସ୍କାର-୨୦୨୧ ଘୋଷଣା କରାଯାଇଛି। ଟେକ୍ନୋଲୋଜିର ଉପଯୋଗ କରି ଭିନ୍ନକ୍ଷମ, ବିଶେଷ କରି ଭାରତୀୟ ସାଂକେତିକ ଭାଷା ମାଧ୍ୟମରେ ଯେଉଁମାନେ ସମାବେଶୀ ପାଠ୍ୟ ଉପକରଣ ତଥା ବିଷୟବସ୍ତୁ ପ୍ରସ୍ତୁତ କରୁଛନ୍ତି, ସେମାନଙ୍କ ପାଇଁ ଏହି ପୁରସ୍କାର ଉଦ୍ଦିଷ୍ଟ।

ଏହି ସମସ୍ତ ସୂତ୍ରବନ୍ଧନ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅସୁବିଧାରେ ଥିବା ବର୍ଗ ଓ ଗୋଷ୍ଠୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଉଛି। ସେଥିପାଇଁ ଏକ ଲିଙ୍ଗଗତ ସମାବେଶୀ ପାଣ୍ଠି ତିଆରି ହୋଇଛି। ଶିକ୍ଷାକ୍ଷେତ୍ରରେ ଅନଗ୍ରସର ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଶୈକ୍ଷିକ ଜୋନ୍ ପ୍ରତିଷ୍ଠା କରାଯାଇ ସେଠାକାର ଲୋକଙ୍କୁ ଶିକ୍ଷିତ ଓ ସମର୍ଥ କରାଇବାକୁ ସରକାର ଉଦ୍ୟମ କରୁଛନ୍ତି। ବାଳଭବନ ଓ ଡେ-ଟାଇମ ବୋର୍ଡିଂ ସ୍କୁଲମାନ ଖୋଲିବାକୁ ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ୨୦୨୦ ନୂଆ ଶିକ୍ଷାନୀତି ଅଣଉତ୍ପାଦକ୍ଷମ ଶିକ୍ଷା ଢାଞ୍ଚା ଭାଙ୍ଗି ଶିଶୁଙ୍କ ଦକ୍ଷତାକୁ ପ୍ରୋତ୍ସାହନ ଓ ସହାୟତା ଦେବାକୁ ଉଦ୍ଦିଷ୍ଟ। ବିଶ୍ୱର ଅନ୍ୟତମ ସର୍ବବୃହତ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଓ ସଂସ୍କାର ଆଣିବା ପୂର୍ବରୁ ଏହା ଉପରେ ବ୍ୟାପକ ବିଚାର ଆଲୋଚନା ଓ ସମୀକ୍ଷା ପରେ ଏହି ନୂଆ ଶିକ୍ଷାନୀତି ପ୍ରସ୍ତୁତ କରାଯାଇଛି। ଭାରତୀୟ ଶିକ୍ଷା ଇତିହାସରେ ଏହା ଏକ ଐତିହାସିକ ପଦକ୍ଷେପ।

ଭାରତକୁ ଜ୍ଞାନ ଅର୍ଥନୀତିର ଶୀର୍ଷରେ ପହଞ୍ଚାଇବା ଲକ୍ଷ୍ୟରେ ଏହି ନୀତି ପ୍ରଣୀତ ଏବଂ ଏଥିରେ ଦେଶର ନେତୃତ୍ୱର ସଂକଳ୍ପ ଓ ଲକ୍ଷ୍ୟ ପ୍ରତିଫଳିତ। ଆମେ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ବା ୭୫ତମ ବର୍ଷ ପାଳନ କରିବା ଅବସରରେ ଏହି ନୂଆ ଶିକ୍ଷାନୀତି ୫ରୁ ୧୫ ବର୍ଷ ବୟସ ବର୍ଗର ପିଲାମାନଙ୍କ ଶୈକ୍ଷିକ ଓ ବୌଦ୍ଧିକ ବିକାଶରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ସେମାନେ ଉତ୍ପାଦନକ୍ଷମ ୩୦ରୁ ୪୦ ବର୍ଷ ବୟସରେ ପହଞ୍ଚିବା ବେଳକୁ ଭାରତ ସ୍ୱାଧୀନତାର ଏକଶହ ବର୍ଷ ପାଳନ କରୁଥିବ।

ମୋର ସୌଭାଗ୍ୟ ଯେ ଏହି ପ୍ରକ୍ରିୟାରେ ସାମିଲ ହୋଇ ଯୋଗଦାନ ଦେବାର ସୁଯୋଗ ମୋତେ ମିଳିଛି। ଏକ ଯୋଗ୍ୟ ଓ ଯଥାର୍ଥ ଜନବଳ ସୃଷ୍ଟି ପ୍ରକ୍ରିୟାରେ ମୁଁ ସାମିଲ ହୋଇଛି। ସେହି ଜନବଳ ବୈଜ୍ଞାନିକ ବିଚାର, ଗହନ ଚିନ୍ତନ ଏବଂ ମାନବବାଦୀ ଆଭିମୁଖ୍ୟ ନେଇ ବିଶ୍ୱ ସମୁଦାୟର ଧ୍ୱଜାଧାରୀ ହେବ, ଏହା ମୋର ଆଶା ଓ ବିଶ୍ୱାସ।

**କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ମନ୍ତ୍ରୀ**

# ୨ଲକ୍ଷ ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## ବିଷମକଟକ ଟ୍ରକ୍-ଆମ୍ବୁଲାନ୍ସ ଦୁର୍ଘଟଣା ପ୍ରସଙ୍ଗ

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ):** ରାୟଗଡ଼ା ବିଷମକଟକ ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୪ ଜଣଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହିତ ଏଭଳି ଦୁଃଖ ସମୟରେ ଭଗବାନ ସେମାନଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ସଦସ୍ୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରିବା ସହ ଆହତମାନଙ୍କ ମାଗଣା ଚିକିତ୍ସା ପାଇଁ ଘୋଷଣା କରାଯାଇଛି। ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରୁ ଜଣେ ରୋଗୀଙ୍କୁ ବଲାଙ୍ଗୀର ଜିଲା ବଙ୍ଗମୁଣ୍ଡାକୁ ଯାଉଥିବା ଏକ ଆମ୍ବୁଲାନ୍ସକୁ ଆମ୍ବାଦଳା ଥାନା ମଞ୍ଜୁରୀ କୋପା ନିକଟରେ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଯାଉଥିବା ରୋଗୀଙ୍କ ସହ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରୁ ୩ ଜଣ ବଲାଙ୍ଗୀର ଏବଂ ଜଣେ ରାୟଗଡ଼ାର ଅଛନ୍ତି।

# ରାତି ୭ଟା ପର୍ଯ୍ୟନ୍ତ ଉଡ଼ିଲା ଜାତୀୟ ପତାକା

**ଅମରପାଲି, ୧୬।୮ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଜାତୀୟ ପତାକାକୁ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ବୀରମହାରାଜପୁର ସଦର ମୁଖ୍ୟ ଛକରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଶାଖାରେ ରାତି ୭ଟା ପର୍ଯ୍ୟନ୍ତ ପତାକା ଅବତରଣ କରାଯାଇ ନ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ରାତି ୭ଟା ପରେ ପତାକା ଅବତରଣ କରାଯଇଥିଲା। ଏନେଇ ବୀରମହାରାଜପୁର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ନେତ୍ରାନନ୍ଦ ନାଏକଙ୍କୁ ପଚାରିବାରୁ ରବିବାର ମୋର ମାଙ୍କ ଚିକିତ୍ସା ପାଇଁ ଛୁଟିରେ ଥିଲି। ଏନେଇ ଖବର ପାଇଲା ପରେ କର୍ମଚାରୀଙ୍କୁ କହି ରାତି ୭ଟା ପରେ ପତାକା ଅବତରଣ କରାଯାଇଥିବା କହିଛନ୍ତି। ସେହିପରି ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଜାତୀୟ ପତାକାକୁ ଅସମ୍ମାନ କରାଯାଇଛି। ପତାକା ଉତ୍ତୋଳନ ପୂର୍ବରୁ ଖୁଣ୍ଟ ସହ ପତାକା ଦୀର୍ଘ ସମୟ ଧରି ତଳେ ପଡିଥିଲା। ଏହି ଘଟଣା ପରେ ସଂଗ୍ରାମପୁର ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସରପଞ୍ଚ ରାଜକିଶୋର ପ୍ରଧାନଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।




ବୀରମହାରାଜପୁର ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ସନ୍ଧ୍ୟା ୭ଟାରେ ମଧ୍ୟ ପତାକା ଉଡୁଛି।

# ବୀରମହାରାଜପୁର ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

**ଅମରପାଲି, ୧୬।୮ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ଅଶୋକ କୁମାର ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପଖଣ୍ଡୀୟ ପୋଲିସ ଅଧିକାରୀ ତୋଳାମଣୀ ଭୋଇ, ବିଡିଓ ମୋତିଲାଲ ସୁଲିଆ ଓ ଆଇଆଇସି ଅଞ୍ଜଳି କୁମ୍ଭାର ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୋଭିଡ ଯୋଦ୍ଧା ମେଡିକାଲ ଅଫିସର ଡା. କମଳଲୋଚନ ବେହେରା, ଉଲୁଣ୍ଡା ସିଏଚସିର ଡା. ମୁକେଶ କୁମାର ମେହେର, ଉଲୁଣ୍ଡା ଆୟୁର୍ବେଦିକ ଡା. ସୀମା ନାଏକ, ବିଏନଏଲଡବ୍ଲ୍ୟୁ ପ୍ରାଣବନ୍ଧୁ ଦେହୁରୀ, ଉଲୁଣ୍ଡା ଝାରପଡାର ଆଶା କର୍ମୀ ନମିତା ପାଣ୍ଡେ, ଆଶାକର୍ମୀ ଯଶୋବନ୍ତି ଚାନ୍ଦ, କନଷ୍ଟେବଲ ତାରାକାନ୍ତ ଥନାପତି, ଗୃହରକ୍ଷୀ ସୁନୀଲ ପୁରୋହିତ, ସଞ୍ଜୀବ କୁମାର ସାହୁ, ଫାୟାରମ୍ୟାନ କୃଷ୍ଣଚନ୍ଦ୍ର ଛୁରିଆ, ଅଙ୍ଗନୱାଡି କର୍ମୀ ସବିତା ପ୍ରଧାନ ଓ ଅନିତା ଶତପଥୀ, ପୋଲିସ ଏସଆଇ ସୁଦର୍ଶନ ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏକଦିବସୀୟ ଫୁଟବଲ ମେଘଲା ଚାମ୍ପିୟନ

**ଉଲୁଣ୍ଡା, ୧୬।୮ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବଡମାଲ ସୋଲାର ପ୍ଲାଣ୍ଟଠାରେ ସ୍ୱାଧୀନତା ଦିବସ ଅବସରରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ବାପୁଜୀ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବଦୁଆପାଲିକୁ ହରାଇ ମେଘଲା ଚାମ୍ପିୟନ ହୋଇଛି। ପ୍ରଥମ ସେମିରେ ବଦୁଆପାଲି ଦଳ ବିଏମପୁରକୁ ପେନାଲଟି ସୁଟଆଉଟ ୫-୪ ଗୋଲରେ ଏବଂ ଦ୍ୱିତୀୟ ସେମିରେ ମେଘଲା ଦଳ କଲାପଥରକୁ ୫-୪ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ବଦୁଆପାଲିକୁ ୫-୪ ଗୋଲରେ ହରାଇ ମେଘଲା ଚାମ୍ପିୟନ ହୋଇଛି। ଖେଳକୁ ଅଭି ମହାନନ୍ଦ, କୃଷ୍ଣ ମଦାର, ବିଶ୍ୱାମିତ୍ର ଛନ୍ଦ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଚଡେଇପଙ୍କ ସରପଞ୍ଚ ଦୁର୍ଯ୍ୟୋଧନ ପର୍ଡିଆ, ସାମାଜିକ କର୍ମୀରମେଶ ମାହାର, ପିଇଓ ନରେଶ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ବିଜେତା ମେଘଲା ଓ ଉପବିଜେତା ବଦୁଆପାଲିକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। କ୍ଲବର ରାଜକୁମାର ସିଂ, ତ୍ରିଲୋଚନ ମାହାର, ଜିତେନ୍ଦ୍ର ଭୁଏ, ପ୍ରଦୀପ ଭୁଏଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବଲାଙ୍ଗୀର ସଦର ବ୍ଲକକୁ ମରୁଡ଼ି ଘୋଷଣା ଦାବି

**ବଲାଙ୍ଗୀର ଅଫିସ, ୧୬।୮**

ବଲାଙ୍ଗୀର ସଦର ବ୍ଲକକୁ ମରୁଡି ଘୋଷଣା କରିବାକୁ ଦାବି କରିଛି ବ୍ଲକ କିଶାନ କଂଗ୍ରେସ। ସଂଗଠନ ସଭାପତି ବିଶ୍ୱଜିତ ନାଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ଜିଲା ମୁଖ୍ୟ କୃଷି ଅଧିକାରୀ ବୈକୁଣ୍ଠ ଚରଣ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ପ୍ରତିନିଧି ମଣ୍ଡଳୀ ତରଫରୁ କୁହାଯାଇଥିଲା ଯେ, ଜୁଲାଇ ୩୧ତାରିଖ ସୁଦ୍ଧା ଧାନରୁଆ ଏବଂ ବେଉଷଣ କାର୍ଯ୍ୟ ସରିବା କଥା । ହେଲେ ବର୍ଷାଭାବରୁ କାମ ହୋଇ ପାରିନାହିଁ। ଶ୍ରୀଧର ବାରିକ, ଫକୀର ମୋହନ ଥାଟି, ସଂକୀର୍ତ୍ତନ ମେହେର, ପ୍ରିୟବ୍ରତ ପଣ୍ଡା, ଗଙ୍ଗାଧର ସୁନା, ଟୁନା ପାଣିଗ୍ରାହୀ ପ୍ରତିନିଧି ଦଳରେ ସାମିଲ ଥିଲେ । କୃଷି ବିଭାଗ ପକ୍ଷରୁ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସାହୁ କହିଥିଲେ।



ବଲାଙ୍ଗୀର ବ୍ଲକ୍ କିଶାନ କଂଗ୍ରେସ ପ୍ରତିନିଧିମଣ୍ଡଳି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ରୁଗୁଡିପଡ଼ା ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୧୬।୮**

ବଲାଙ୍ଗୀର ରୁଗୁଡ଼ିପଡ଼ା ଦୁର୍ଗାପୂଜା ଟ୍ରଷ୍ଟ ପକ୍ଷରୁ ଆସନ୍ତା ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚେତନାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୨୦୨୦ ବର୍ଷର ଦୁର୍ଗାପୂଜା ଆୟବ୍ୟୟ ହିସାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଦୁର୍ଗାପୂଜା କମିଟି ପକ୍ଷରୁ ୧୦ ଲକ୍ଷ ଟଙ୍କାର ଏକ ଫିକ୍ସ ଡିପୋଜିଟ୍ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ବୈଠକରେ ଆଗାମୀ ୩ବର୍ଷ ପାଇଁ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା। ଚେତ୍ରାନନ୍ଦ ପଣ୍ଡା ସଭାପତି, ସଞ୍ଜୀବ କୁମାର ଶତପଥୀ ଓ ପ୍ରଦୀପ କୁମାର ପଟ୍ଟନାୟକ ଉପସଭାପତି, ହରିନାରାୟଣ ପୂଜାରୀ ସମ୍ପାଦକ, ବିଜୟାନନ୍ଦ ବାଗ ଓ ଦେବବ୍ରତ ବଗର୍ତ୍ତୀ ସହସମ୍ପାଦକ ଦେବାଶିଷ ମହାକୁରଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିଭଳି ଏକ କାର୍ଯ୍ୟକାରୀ କମିଟିରେ ଲକ୍ଷ୍ମୀ ମହାରଣା, ଅଶୋକ କୁମାର ମହାନ୍ତି, ଭାଗିରଥି ମହାକୁର, ପ୍ରଦ୍ୟୁମ୍ନ ପୁରୋହିତ, ସଞ୍ଜୟ କୁମାର ପୂଜାରୀ ପ୍ରମୁଖଙ୍କ ସାମିଲ କରାଯାଇଛି। ବିଶ୍ୱଜିତ ନାୟକଙ୍କୁ ଆର୍ଥିକ ଉପଦେଷ୍ଟା ଭାବେ ଚୟନ କରାଯାଇଛି।

# ଅନୁମୋଦନ ଅପେକ୍ଷାରେ ମାଷ୍ଟର ପ୍ଲାନ୍

**ବଲାଙ୍ଗୀର ଅଫିସ, ୧୬।୮**

## ନୃସିଂହନାଥ-ହରିଶଙ୍କର ସମନ୍ୱିତ ବିକାଶ ପ୍ରକଳ୍ପ

- ରୋପ୍-ୱେ ଟେଣ୍ଡର ସରିଯାଇଛି: ମନ୍ତ୍ରୀ
- ପ୍ରସ୍ତାବରେ ୬୮୦ ସିଟ୍ ବିଶିଷ୍ଟ ସାଂସ୍କୃତିକ ମଣ୍ଡପ, ମ୍ୟୁଜିୟମ୍



ବଲାଙ୍ଗୀର ଜିଲାରେ ପର୍ଯ୍ୟଟନର ଅଜସ୍ର ସମ୍ଭାବନା ରହିଛି। ଜିଲାର ଐତିହାସିକ ଗନ୍ଧମାର୍ଦ୍ଦନ ପାହାଡ ପାଦଦେଶରେ ରହିଛି ପର୍ଯ୍ୟଟନସ୍ଥଳୀ ହରିଶଙ୍କର। ଏହି ସ୍ଥଳୀର ବିକାଶ ଲକ୍ଷ୍ୟ ନେଇ ରାଜ୍ୟ ସରକାର ଏକ ସମନ୍ୱିତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଏହି ପାହାଡର ଆରପଟ ବରଗଡ ଜିଲାରେ ରହିଛି ପ୍ରସିଦ୍ଧ ନୃସିଂହନାଥ ପୀଠ। ଏହି ଦୁଇ ପ୍ରମୁଖ ପର୍ଯ୍ୟଟନ ତଥା ତୀର୍ଥସ୍ଥଳୀ ନୃସିଂହନାଥ-ହରିଶଙ୍କର ପୀଠର ସମନ୍ୱିତ ବିକାଶ ଲକ୍ଷ୍ୟ ନେଇ ଏହି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହୋଇଛି। ଏହି ମାଷ୍ଟର ପ୍ଲାନ୍ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଛି। ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଳାଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ତରଫରୁ ନୃସିଂହନାଥ-ହରିଶଙ୍କର ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଜିଲାପାଳଙ୍କଠାରେ ଅନୁମୋଦିତ ହେବା ପରେ ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯାଇଛି। ଓଡିଶା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ନୂଆଦିଲ୍ଲୀର ମେସର୍ସ ଆର୍କୋହମ୍ ସଂସ୍ଥା ପକ୍ଷରୁ ଏହି ଉଭୟ ପର୍ଯ୍ୟଟନ ପୀଠର ଉନ୍ନୟନ ପାଇଁ ଏକ ଡ୍ରାଫ୍ଟ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବଲାଙ୍ଗୀର ଓ ବରଗଡ ଜିଲାର ଏହି ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ଉନ୍ନତି ପରିଲକ୍ଷିତ ହେବ ବୋଲି ସେ କହିଛନ୍ତି।

ଏହି ସଂସ୍ଥା ପକ୍ଷରୁ ପ୍ରସ୍ତୁତ ପ୍ଲାନ୍‌ରେ ହରିଶଙ୍କର ପୀଠରେ ଏକ ସୁନ୍ଦର ଯୋଜନା ପ୍ରସ୍ତୁତ କରାଯାଇଛି। ଯୋଜନା ମୁତାବକ ଗନ୍ଧମାର୍ଦ୍ଦନ ପାହାଡରୁ ବୋହି ଆସୁଥିବା ତଥା ହରିଶଙ୍କର ମନ୍ଦିର ସଂଲଗ୍ନ ପାପନାଶିନୀ ଝରଣା କଡରେ ସୁନ୍ଦର ପାଦଚଲା ରାସ୍ତା ସହ ୬୮୦ ସିଟ୍ ବିଶିଷ୍ଟ ସାଂସ୍କୃତିକ ମଣ୍ଡପ, ଅଭିନେତାଙ୍କ ପାଇଁ ଗ୍ରୀନ୍‌ରୁମ୍, ପ୍ରବେଶ ମଣ୍ଡପ, ବୁଦ୍ଧ ମନ୍ଦିର, ଭିଆଇପି ରେଷ୍ଟରୁମ୍, ଟଏଲେଟ୍ ଏବଂ ମ୍ୟୁଜିୟମ ଆଦି ତିଆରି କରାଯିବ। ମନ୍ଦିର ପରିସରରେ ଯେଉଁ ଘରଗୁଡିକ ତାକୁ ଭଙ୍ଗାଯିବ। ଏଠାରେ ଏକ ପାର୍କ ମଧ୍ୟ ତିଆରି କରାଯିବ। ପର୍ଯ୍ୟଟକମାନେ ଯେଭଳି ସୁବିଧାରେ ଗନ୍ଧମାର୍ଦ୍ଦନର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ସୁବିଧା କରାଯିବ। ଏହା ସହିତ ହରିଶଙ୍କରଠୁ ନୃସିଂହନାଥ ଏହି ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଅପେକ୍ଷାରେ ରହିଥିବା ସୂଚନା ମିଳିଛି। ହରିଶଙ୍କର-ନୃସିଂହନାଥ ପାହାଡରେ ରୋପ୍-ୱେ ପ୍ରକଳ୍ପ ତିଆରି କରାଯିବାକୁ ଯୋଜନା କରାଯାଇଛି। ଏହି ରୋପ୍-ୱେର ଟେଣ୍ଡର କାର୍ଯ୍ୟ ସରିଯାଇଥିବା ସମ୍ପର୍କରେ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ସୂଚନା ଦେଇଛନ୍ତି। ଗତ ଫେବୃୟାରୀ ୩ ତାରିଖରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ମୁଖ୍ୟମନ୍ତ୍ରୀଙ୍କ (୫-ଟି) ସଚିବ ଭିକେ ପାଣ୍ଡିଆନ୍‌ଙ୍କ ନେତୃତ୍ୱାଧୀନ ଏକ ଉଚ୍ଚସ୍ତରୀୟ ଟିମ୍ ଉଭୟ ହରିଶଙ୍କର ଓ ନୃସିଂହନାଥ ପରିଦର୍ଶନରେ ଆସିଥିଲେ। ହରିଶଙ୍କର ପୀଠର ପାରିପାର୍ଶ୍ୱିକ ବିକାଶ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ରହିବା ବ୍ୟବସ୍ଥା, ହରିଶଙ୍କରଠାରୁ ନୃସିଂହନାଥକୁ ଗନ୍ଧମାର୍ଦ୍ଦନ ପାହାଡ ଉପର ରାସ୍ତାର ଉନ୍ନତି, ଇକୋ ଟୁରିଜିମ୍ ବ୍ୟବସ୍ଥା ସହ କଟେଜ ନିର୍ମାଣ, ଲଘୁବନ ଜାତ ଦ୍ରବ୍ୟ ସଂଗ୍ରହ ଓ ପ୍ରକ୍ରିୟାକରଣ ଓ ବଜାର ବ୍ୟବସ୍ଥା, ଜୈବ ବିବିଧତା ସୁରକ୍ଷା ଓ ଔଷଧୀୟ ଗୁଳ୍ମଲତା ସୁରକ୍ଷା, ଔଷଧ ପ୍ରସ୍ତୁତି, ଖପ୍ରାଖୋଲରୁ ହରିଶଙ୍କରକୁ ଯାତ୍ରୀବାହୀ ବସ୍ ବ୍ୟବସ୍ଥା, ରାସ୍ତା ପ୍ରଶସ୍ତିକରଣ ସକାଶେ ମନ୍ଦିର କମିଟି ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ପ୍ରକଳ୍ପ ଅନୁମୋଦନକୁ ନେଇ ବିଳମ୍ବ ହେଉଥିବାରୁ ପର୍ଯ୍ୟଟକ ଏବଂ ଜିଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

## ୧୨ଜିଲାରେ ହେବ ସେରୋ ସର୍ଭେ

ଭୁବନେଶ୍ୱର, (ବ୍ୟୁରୋ): ରାଜ୍ୟର ୧୨ ଜିଲାରେ ସେରୋ ସର୍ଭେ ହେବ। ସେହି ଜିଲାଗୁଡ଼ିକ ହେଲା ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର। ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି) ପକ୍ଷରୁ ଏହି ୧୨ ଜିଲାରେ ରାଜ୍ୟସ୍ତରୀୟ ସେରୋ ସର୍ଭେ କରାଯିବ। ସେରୋ ସର୍ଭେ ପାଇଁ ଆର୍‌ଏମ୍‌ଆର୍‌ସି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅନୁମତି ମାଗିଥିଲା। ସ୍ୱାସ୍ଥ୍ୟ ବିଭାଗ ଏଥିଲାଗି ଅନୁମତି ଦେଇଛି। ଏନେଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକାଙ୍କୁ ଚିଠି ଲେଖି ଜଣାଇଛନ୍ତି।





୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ରବିବାର ରାଜ୍ୟ ପୋଲିସ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ସାହସିକତା ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୋଲିସ ଅଧିକାରୀଙ୍କୁ ପଦକ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ହାର୍ଡକୋର ମାଓବାଦୀ ମଙ୍ଗଳଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୬।୮ (ଡି.ଏନ.ଏ.):** ମାଲକାନଗିରି ସୀମାନ୍ତ ବିଜାପୁରରେ ସ୍ୱାଧୀନତା ଦିବସ ପାଳନ ଅବସରରେ ରବିବାର ଜଣେ ହାର୍ଡକୋର ମାଓବାଦୀ ବିଜାପୁର ପୋଲିସ ଅଧୀକ୍ଷକ କମଲଲୋଚନ କଶ୍ୟପ, ଡେପୁଟି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଆଶିଷ କୁଞ୍ଜାମଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ମଙ୍ଗଳ କୁଞ୍ଜାମ। ସେ ଭାମରାଗର ପ୍ଲାଟୁନ ନଂ.- ୭ର ସେକ୍ସନ୍ କମାଣ୍ଡର ଥିଲେ। ମାଓବାଦୀ ସଙ୍ଗଠନ ନିଜ ନୀତି ଆଦର୍ଶରୁ ଓହରି ଯାଇଥିବାରୁ ମଙ୍ଗଳ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସେ ୨୦୦୫ରୁ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ୨୦୦୭ରେ ଉତ୍ତର ଗଡଚିରୋଲିର ସତଗାଓଁ ଜିଲା ମାର୍କାନାର ପୋଲିସ ଷ୍ଟେଶନରେ ପୋଲିସ ଉପରେ ହୋଇଥିବା ଆକ୍ରମଣରେ ସାମିଲ ଥିଲେ। ଏଥିରେ ୧୫ ଜଣ କମାଣ୍ଡୋ ଶହୀଦ ହୋଇଥିଲେ। ଆତ୍ମସମର୍ପଣ ପରେ ତାଙ୍କୁ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି ଅନୁଯାୟୀ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

### ବରଗଡ଼ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

**ବରଗଡ଼ ଅଫିସ୍,୧୬।୮ :** ବରଗଡ଼ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାପତି ଶଙ୍କର ବଲ୍ଲଭ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇଥିଲା। ସଭାପତି ମିଶ୍ର ସଂଘର ନିର୍ବାଚନ ଉପରେ ସୂଚନା ଦେଇଥିଲେ। ବିଗତ ବର୍ଷଗୁଡ଼ିକ ଭଳି ନିର୍ବାଚନ ବଦଳରେ ମନୋନୟନ ହୋଇଥିଲା । ଏଥିରେ ଶଙ୍କର ବଲ୍ଲଭ ମିଶ୍ର ପୁନଃ ସଭାପତି ମନୋନୀତ ହୋଇଥିଲେ । ସେହିପରି ବିରେନ୍ଦ୍ର ପ୍ରଧାନ ଉପସଭାପତି, ପ୍ରେମାନନ୍ଦ ଖମାରୀ ସାଧାରଣ ସମ୍ପାଦକ, ପ୍ରବୀଣ କୁମାର ସାହୁ ଯୁଗ୍ମ ସମ୍ପାଦକ ଏବଂ ବ୍ୟୋମକେଶ କର କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ସଂଘର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ହୋତା, ପ୍ରସନ୍ନ ମିଶ୍ର, ଅଶୋକ ମିଶ୍ର, ଦୀପକ ଶର୍ମା, ଉମେଶ ବିଶ୍ୱାଳ ଏବଂ ରବି ନାରାୟଣ ପଣ୍ଡାଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ସନ୍ଧ୍ୟାରେ ନୂତନ କର୍ମକର୍ତ୍ତାମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବର୍ଷାରେ ଧସିଲା ରାସ୍ତା ତଳର ମାଟି



**ଜୁନାଗଡ,୧୬।୮ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ଗ୍ରାମକୁ ସଂଯୋଗ କରୁଥିବା ଆରଡି ରାସ୍ତା ପଞ୍ଚାୟତ ନିକଟରେ ବର୍ଷା ଯୋଗୁ ମାଟି ଧସିଯାଇଥିବା ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ଲୋକଙ୍କ ଯାତାୟାତରେ ଏବେ ଅସୁବିଧା ଦେଖାଦେଇଛି। ରାସ୍ତା ତିଆରି କରିବା ସମୟରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ଏପରି ସମସ୍ୟା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ପୋଲ ନିର୍ମାଣ ସମୟରେ ଜଣେ ଠିକାଦାର ୨ ପଟର ଗାର୍ଡୱାଲ ନିର୍ମାଣ କରି ନ ଥିବାରୁ ବର୍ଷା ସମୟରେ ଏପରି ମାଟି ଧସୁଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଶୀଘ୍ର ଆରଡି ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଏହାର ମରାମତି କରିବା ପାଇଁ ଦାବି କରିଛନ୍ତି।

# ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟ ଦେଖିଲେ ୫-ଟି ସଚିବ

**ହିଞ୍ଜିଳିକାଟୁ/ଶେରଗଡ଼, ୧୬।୮ (ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ରବିବାର ଓ ସୋମବାର ୨ଦିନିଆ ଗସ୍ତରେ ଆସି ହିଞ୍ଜିଳିକାଟୁ ବ୍ଲକ, ପୌରାଞ୍ଚଳ ଓ ଶେରଗଡ଼ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଏଣିକି ଏସବୁ ସ୍କୁଲର ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସରେ ଆଧୁନିକ ପ୍ରଣାଳୀରେ ଶିକ୍ଷା ପାଇପାରିବେ ବୋଲି ୫-ଟି ସଚିବ କହିଛନ୍ତି। ଏଥିସହ ଶିକ୍ଷୟିତ୍ରୀ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ଓ ଜନ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ସ୍କୁଲଗୁଡ଼ିକରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ମିଳିତ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦେଇଛନ୍ତି।

ହିଞ୍ଜିଳିକାଟୁର ୨୫ଟି ଓ ଶେରଗଡ଼ ବ୍ଲକର ୨୭ଟି ରୂପାନ୍ତରୀକରଣ ଉଚ୍ଚ ବିଦ୍ୟାଳୟ ଖୁବ୍‌ଶୀଘ୍ର ଉଦ୍‌ଘାଟନ କରାଯିବାକୁ ସ୍ଥିର ହୋଇଛି। ଏହା ପୂର୍ବରୁ ରବିବାର ପୂର୍ବାହ୍ନରେ ୫-ଟି ସଚିବ ଏସବୁ ସ୍କୁଲ କାର୍ଯ୍ୟ ଅନୁଧ୍ୟାନ ପାଇଁ ଆସିଥିଲେ।



ଶେରଗଡ଼ ବ୍ଲକ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ୫-ଟି ସଚିବ, ଜିଲାପାଳ ଓ ଅନ୍ୟମାନେ।

ଅପରାହ୍ନରେ ୫-ଟି ସଚିବ ପାଣ୍ଡିଆନ୍, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଡିଆର୍‌ଡିଏ ପିଡି ସିନ୍ଧେ ଦତାତ୍ରେୟ ଭାଉସାହେବ ପ୍ରମୁଖ ହିଞ୍ଜିଳିକାଟୁ ବ୍ଲକର ଭାବନ୍ଧଠାରେ ପହଞ୍ଚି ଜେସିସି ହାଇସ୍କୁଲ ପରିଦର୍ଶନ କରିଥିଲେ। ପରେ ବ୍ଲକ ଓ ପୌରାଞ୍ଚଳର ଅନ୍ୟ ସମସ୍ତ ରୂପାନ୍ତରୀକରଣ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ବୁଲିଥିଲେ। ପ୍ରତ୍ୟେକ ସ୍କୁଲରେ ନିର୍ମିତ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରି, ଆଧୁନିକ ବିଜ୍ଞାନାଗାର, ଖେଳ ପଡ଼ିଆ,ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଆଦି ଅନୁଧ୍ୟାନ କରିଥିଲେ। ୫-ଟି ସଚିବ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ହିଞ୍ଜିଳିକାଟୁ ପୂର୍ତ୍ତ ଓ ପୌର ଡାକବଙ୍ଗଳାରେ ରାତ୍ରିଯାପନ କରି ସୋମବାର ଶେରଗଡ଼ ବ୍ଲକ ଗସ୍ତରେ ଯାଇଥିଲେ। ଶେରଗଡ଼ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରୀକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ ୫-ଟି ସଚିବ। କେତେକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ସହ ମଧ୍ୟ ସ୍ମାର୍ଟ ସ୍କୁଲ ସମ୍ପର୍କରେ ଆଲୋଚନା କରିଥିଲେ। କରଡ଼ାକଣା ଉଚ୍ଚ ବିଦ୍ୟାଳୟ ପରିସରରେ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ସହ କଥା ହେବା ସହ ୫-ଟି ସଚିବ ଫଟୋ ଉଠାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶପ୍ରକାରେ ଅଗଷ୍ଟ ୧୫ସୁଦ୍ଧା ସ୍କୁଲଗୁଡ଼ିକର ରୂପାନ୍ତରୀକରଣ କାର୍ଯ୍ୟ ସରିଥିବାରୁ ପ୍ରଶାସନକୁ ପ୍ରଶଂସା କରିଥିଲେ। ଗସ୍ତ ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଜିଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଶେରଗଡ଼ ବିଡିଓ ଶମ୍ଭୁନାଥ ନନ୍ଦି, ହିଞ୍ଜିଳିକାଟୁ ବିଡିଓ ସୁବ୍ରତ ଜେନା, ପୌର ନିର୍ବାହୀ ଅଧିକାରୀ ଡ଼ ମନୋରଞ୍ଜନ ସାହୁ, ତହସିଲଦାର ପ୍ରଭାତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ଜିଲାପାଳ, ସିଡିଏମ୍‌ଓଙ୍କ ରିପୋର୍ଟ ଦାଖଲ

**କଟକ ଅଫିସ,୧୬।୮**

■ କୁଷ୍ଠାଶ୍ରମ ଦୁରବସ୍ଥା ସମ୍ପର୍କିତ ମାମଲା

ବାଲେଶ୍ୱର ବାମପଦାସ୍ଥିତ କୁଷ୍ଠାଶ୍ରମ ଦୁରାବସ୍ଥା ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ଏଠାରେ ବାଲେଶ୍ୱର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡିଏମ୍‌ଓ) ଏକ ଯୁଗ୍ମ ରିପୋର୍ଟ ଦାଖଲ କରିଛନ୍ତି। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି, ବାମପଦାସ୍ଥିତ କୁଷ୍ଠାଶ୍ରମ ଅବସ୍ଥାରେ ସୁଧାର ଆସିଛି। ଗୁରୁତର କୁଷ୍ଠରୋଗୀ ମାଳତୀ ମାଝୀ ଓ ସୋମରାଏ ମାରାଣ୍ଡିଙ୍କୁ ଚିକିତ୍ସା ନିମନ୍ତେ କଟକ ନୂଆବଜାର କୁଷ୍ଠରୋଗ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା ଶୌଚାଳୟ ମରାମତି କରାଯାଇଥିବାବେଳେ କୁଷ୍ଠରୋଗୀଙ୍କ ନିମନ୍ତେ ଡା. ରାମଚନ୍ଦ୍ର କିସ୍କୁଙ୍କ ସମେତ ୨ଜଣ ଅଭିଜ୍ଞ ନର୍ସଙ୍କୁ ନିୟୋଜିତ କରାଯାଇଛି। ଖୁବ୍‌ଶୀଘ୍ର ଏକ ନୂତନ କୋଠା ନିର୍ମାଣ କରାଯିବ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବା ସହ ଉକ୍ତ ରିପୋର୍ଟ ଆଧାରରେ ବିଭିନ୍ନ କାର୍ଯ୍ୟ ହୋଇଛି କି ନାହିଁ, ତାହାର ତଦାରଖ କରି ଜଣାଇବାକୁ ଆମିକସ୍‌କ୍ୟୁରୀଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର, ବିଭୁ ପ୍ରସାଦ ତ୍ରିପାଠୀ ଓ ପମି ରଥଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩ ତାରିଖରେ ହେବ।

ସୂଚନାଯୋଗ୍ୟ, ଆବେଦନକାରୀ ବିପିନ ବିହାରୀ ପ୍ରଧାନ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କୁଷ୍ଠାଶ୍ରମର ଅବସ୍ଥା ସମ୍ପର୍କରେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ବିଚାରକରି ଜୁଲାଇ ୧୪ରେ ୩ ଜଣ ଆମିକସ୍‌କ୍ୟୁରୀ ନିଯୁକ୍ତ କରିଥିଲେ। ପରେ ସେମାନେ ବାମପଦାସ୍ଥିତ କୁଷ୍ଠାଶ୍ରମରେ ତଦନ୍ତ କରି ଗତ ୩ରେ ହାଇକୋର୍ଟଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। କୁଷ୍ଠାଶ୍ରମର ଅବସ୍ଥାରେ ସୁଧାର ଆଣିବା ଓ ସେଠାକାର ରୋଗୀଙ୍କୁ ଠିକ୍ ଚିକିତ୍ସା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ଲାଗି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହି କାର୍ଯ୍ୟଗୁଡ଼ିକ ସମାପନକରି ଅଗଷ୍ଟ ୧୬ ସୁଦ୍ଧା ଏକ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

# ଚାଷୀଙ୍କୁ ମିଳିନି ବୀମା କ୍ଷତିପୂରଣ

**ବରଗଡ଼ ଅଫିସ୍,୧୬।୮**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ କନସିଂହା ସେବା ସମବାୟ ସମିତି ଅଧିନ ଭେଡ଼ଉଁରିଆ ଏବଂ ଚାରପାଲି ପଞ୍ଚାୟତର ଚାଷୀମାନଙ୍କୁ ଏପର୍ଯ୍ୟନ୍ତ ଗତ ୨୦୧୯-୨୦ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଉଭୟ ପଞ୍ଚାୟତର ଚାଷୀମାନେ ସୋମବାର ବରଗଡ଼ ଜିଲାପାଳଙ୍କ ଅଫିସ ଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତି ପଣ୍ଡାଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

ବୀମା କମ୍ପାନୀ ତଥା ସରକାରୀ କର୍ମଚାରୀଙ୍କ ସର୍ଭେକ୍ଷଣ ଅନୁଯାୟୀ, ଉକ୍ତ ୨ପଞ୍ଚାୟତରେ ବୀମା ଲାଗୁ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ଉକ୍ତ ପଞ୍ଚାୟତର ଚାଷୀଙ୍କ ଆକାଉଣ୍ଟରେ ବୀମା କ୍ଷତିପୂରଣ ଜମା ହୋଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଉକ୍ତ ପଞ୍ଚାୟତର ଚାଷୀଙ୍କ ବୀମା କ୍ଷତିପୂରଣ ଟଙ୍କା କେଉଁ ଆକାଉଣ୍ଟରେ ଜମା କରାଯାଇଛି, ତାହା ମଧ୍ୟ ସେମାନେ ଜାଣି ପାରୁନାହାନ୍ତି। ଫଳରେ ଏଥିରେ ଏକ ବଡ଼ଧରଣର ଅନିୟମିତତା ହୋଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏ ଦିଗରେ ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ସହିତ ଚାଷୀଙ୍କ ଆକାଉଣ୍ଟରେ ବୀମା କ୍ଷତିପୂରଣ ଜମା କରିବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଯଶୋବନ୍ତ ବିଶ୍ୱାଳ, ଗଙ୍ଗାଧର ସାହୁ, ସରୋଜ ମାଝୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ୱାର୍ଡ଼ସଭ୍ୟ

**ବରଗଡ଼ ଅଫିସ୍,୧୬।୮**

ବରଗଡ଼ ବ୍ଲକ ତୋରା ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ନେଇ ସୋମବାର ଉକ୍ତ ପଞ୍ଚାୟତର ୱାର୍ଡ଼ସଭ୍ୟମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡାଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

୨୦୧୭ରୁ ଉକ୍ତ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବାବେଳେ ରାଜ୍ୟ, କେନ୍ଦ୍ର ସରକାରଙ୍କଠାରୁ ଆସୁଥିବା ଅନୁଦାନର ସଠିକ୍ ବିନିଯୋଗ ହେଉ ନ ଥିବା ଅଭିଯୋଗ ହୋଇଛି । ସେହିପରି ସାମଗ୍ରୀ ନଥିବାରୁ ନଳକୂପ ମରାମତି ହେଉ ନ ଥିବା, ରାସ୍ତାଘାଟ ଶୋଚନୀୟ ହୋଇ ପଡ଼ିଥିବା, ଭତ୍ତା ପ୍ରଦାନ, ପାଇଖାନା ନିର୍ମାଣରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ୱାର୍ଡ଼ସଭ୍ୟମାନେ ଅଭିଯୋଗ କରିଛନ୍ତି। ଏହା ସହିତ ୱାର୍ଡ଼ସଭ୍ୟମାନେ ସେ ନେଇ କୌଣସି ଅଭିଯୋଗ ଆଣିଲେ ତାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଗ୍ରାମସଭା, ମାସିକ ସଭା ମଧ୍ୟ ଠିକ୍ ଭାବେ ହେଉନାହିଁ ବୋଲି ୱାର୍ଡ ସଭ୍ୟାସଭ୍ୟମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସରୋଜ କୁମାର ବାଗ, ମନବୋଧ କୁମ୍ଭାର, ମାୟାରାମ ଯାଦବ, ପଦ୍ମାବତୀ ବେଦୀ, ଯଶୋବନ୍ତୀ କୁମ୍ଭାର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ବାଲି ମାଫିଆଙ୍କୁ ଗିରଫ ଦାବି ତେଜିଲା

**ବରଗଡ଼ ଅଫିସ୍,୧୬।୮**

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅଧୀନ ପୋଡ଼ବାଡ଼ି ଛକରେ ଗତ ୧୨ତାରିଖରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଥିରେ ବାଲି ମାଫିଆଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ କରି ଗ୍ରାମବାସୀ ସେମାନଙ୍କ ଗିରଫ ଦାବି କରିଛନ୍ତି। ଏହି ଦାବି ନେଇ ସୋମବାର ପୋଡ଼ବାଡ଼ି, ଝଙ୍କାବାହାଲ ତଥା ଆଖପାଖ ଗ୍ରାମର ଶତାଧିକ ଲୋକ ବରଗଡ଼ ଜିଲାପାଳ ଏବଂ ଏସ୍‌ପି ଅଫିସକୁ ଆସିଥିଲେ। ସେମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡା ଏବଂ ଏସ୍‌ପି ରାହୁଲ ଜୈନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କୁ ସ୍ମାରକପତ୍ର ଦେଇଥିଲେ। ଏହି ଘଟଣାରେ ସୋମବାର ଅତାବିରା ପୋଲିସ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲରମ୍ଭାର



ବରଗଡ଼ ଡେପୁଟି କଲେକ୍ଟର ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

ବଳଦେବ କଲେତ୍(୨୬), ଭରତ ପଞ୍ଚବିହାର(୨୦) ଏବଂ ଲରମ୍ଭା ମାର୍କେଟ ପଡ଼ାର ମଧୁସୂଦନ ଓରଙ୍ ଆକାଶ ଛତ୍ରିଆ(୨୨)। ସେମାନଙ୍କ ବିରୋଧରେ ଅତାବିରା ଥାନାରେ ଏକ ମାମଲା (ନଂ.୨୨୯/୨୧) ରୁଜୁ ହୋଇଛି।

ତେବେ ଏଥିରେ ଅନ୍ୟ ୨ଜଣ ବାଲି ମାଫିଆଙ୍କ ସିଧାସଳଖ ସମ୍ପୃକ୍ତି ରହିଛି ଏବଂ ସେମାନେ ମାରଣାସ୍ତ୍ର ଧରି ଖୋଲାଖୋଲି ବୁଲୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବା ଯୋଗୁ ଏହାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତ ବାଲି ମାଫିଆଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଏସ୍‌ପି ଓ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଅତାବିରା ଥାନା ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣାଦିନ ଯେଉଁ ୩ଜଣ ଆକ୍ରମଣ କରିଥିଲେ ସେମାନଙ୍କୁ

■ ଜିଲାପାଳ, ଏସ୍‌ପିଙ୍କୁ ଫେରାଦ ହେଲେ
■ ୩ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
■ ମାରଣାସ୍ତ୍ର ସହ ବୁଲୁଛନ୍ତି ବାଲି ମାଫିଆ
■ କୋହଳ ଦଫାକୁ ନେଇ ଜନ ଅସନ୍ତୋଷ

ଗିରଫ କରିବା ସହିତ ବ୍ୟବହୃତ ବାଇକ୍ ଓ ଭୁଜାଲି ଜବତ କରାଯାଇଛି। ଏହାର ଅଧିକ ତଦନ୍ତ ଚାଲିଛି ଏବଂ ଏହି ଘଟଣାରେ ଯେଉଁମାନଙ୍କ ବି ସମ୍ପୃକ୍ତି ରହିଥିବ ସେମାନଙ୍କୁ ଗିରଫ କରାଯିବ। ଗ୍ରାମର ଶାଖା କୁମାର ମିଶ୍ର, ବ୍ରଜମୋହନ କଲେତ, ଲୋକନାଥ କ୍ଷେତି, ଜଗଦୀଶ କ୍ଷେତି, ଜୀବର୍ଦ୍ଧନ କ୍ଷେତି, ଲିଙ୍ଗରାଜ କ୍ଷେତିଙ୍କ ସମେତ ଅନ୍ୟ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ସବ୍‌ଜଜ୍‌ଙ୍କୁ ଦୁର୍ବ୍ୟବହାର, ମାମଲା ରୁଜୁ

**ସୋହେଲା,୧୬।୮ (ଡି.ଏନ.ଏ.)**

ସୋହେଲା ସିଭିଲ କୋର୍ଟ (ସିନିୟର ଡିଭିଜନ)ର ସବଜଜ୍‌ଙ୍କୁ ସୋହେଲା ତହସିଲ ଅଫିସର ଜଣେ ପୂର୍ବତନ କର୍ମଚାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ସରକାରୀ କ୍ୱାର୍ଟର ଗେଟ୍‌କୁ ଭାଙ୍ଗି ଦେବା ଅଭିଯୋଗ ହୋଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା ରୁଜୁ ହୋଇଛି । ଗତ ୧୪ ତାରିଖ ସକାଳ ପ୍ରାୟ ୬ଟା ସମୟରେ ସବଜଜ୍ ତାଙ୍କ ସରକାରୀ ବାସଭବନରେ ଶୋଇଥିଲେ। ଏହି ସମୟରେ ସୋହେଲା ତହସିଲ କାର୍ଯ୍ୟାଳୟର ଜଣେ ପୂର୍ବତନ କର୍ମଚାରୀ ଗେଟ୍ ଭାଙ୍ଗି କ୍ୱାର୍ଟର୍ସ ପରିସରକୁ ପଶିଥିଲେ। ପରେ ସେ ହଠାତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କବାଟ ବାଡେଇଥିଲେ। ସବଜଜ୍ କବାଟ ଖୋଲି ତାଙ୍କୁ ବାହାରକୁ ଚାଲିଯିବାକୁ କହିଥିଲେ। କିନ୍ତୁ ପୂର୍ବତନ କର୍ମଚାରୀ ଜଣକ ସେଠାରୁ ନ ଯାଇ ସବଜଜ୍‌ଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ସୋହେଲା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଛି। ଆଇଆଇସି ହରିବନ୍ଧୁ ଗଡତିଆଙ୍କୁ ପଚାରିବାରୁ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଯାଉଥିବା ପ୍ରକାଶ କରିଛନ୍ତି ।

ସୌନ୍ଦର୍ଯ୍ୟ

# ଫେସ୍‌ମାସ୍କ ଲଗାଉଥିଲେ...



**ବର୍ତ୍ତମାନ ନିଜ ତ୍ୱଚାକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ଲାଗି ଅନେକେ ବିଭିନ୍ନ ପ୍ରକାର ଫେସ୍ ମାସ୍କ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହାକୁ ଲଗାଇବା ପରେ ବି ତ୍ୱଚାରେ ଇଚ୍ଛା ମୁତାବକ ଗ୍ଲୋ ଆସୁ ନ ଥିବା ଅଭିଯୋଗ କେତେକଙ୍କର ରହିଛି। ତେବେ ଏଥିପାଇଁ କ'ଣ ଦାୟୀ ଏବଂ କିପରି ଏହାକୁ ସୁଧାରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...**

➤ଅନେକେ ଭାବନ୍ତି ଆମେ ଯେତେ ଅଧିକ ଫେସ୍ ମାସ୍କ ବ୍ୟବହାର କରିବା ମୁହଁ ସେତେ ଅଧିକ ଗ୍ଲୋ କରିବ। ହେଲେ ଏହା ଏକ ଭ୍ରାନ୍ତ ଧାରଣା। କାରଣ ଆବଶ୍ୟକରୁ ଅଧିକ ଫେସ୍ ମାସ୍କ ବ୍ୟବହାର କରିବା ବି ତ୍ୱଚା ପାଇଁ ଠିକ୍ ନୁହେଁ। ତେଣୁ ଫେସ୍ ମାସ୍କ ବ୍ୟବହାର କରିବା ପୂର୍ବରୁ ଏହାକୁ କେତେ ପରିମାଣରେ ଏବଂ କେତେ ସମୟ ପର୍ଯ୍ୟନ୍ତ ଲଗାଇଲେ ଉପକୃତ ହେବେ ସେ ସମ୍ପର୍କରେ କୌଣସି ବ୍ୟୁଟିସିଆନ୍‌ଙ୍କଠାରୁ ବୁଝି ନିଅନ୍ତୁ।

➤ଫେସ୍ ମାସ୍କ ବ୍ୟବହାର କରିବା ଲାଗି ଯଦି ବ୍ରସ୍ ବ୍ୟବହାର କରୁଛନ୍ତି ତେବେ ଏହାକୁ ସର୍ବଦା ପରିଷ୍କାର ରଖିବାକୁ ଚେଷ୍ଟା କରନ୍ତୁ କିମ୍ବା ହାତରେ ଲଗାଉଥିଲେ ପ୍ରଥମେ ହାତକୁ ଭଲ ଭାବେ ସଫା କରନ୍ତୁ। କାରଣ ଏପରି ନ କଲେ ହାତ କିମ୍ବା ବ୍ରସ୍‌ରେ ଥିବା ଅପରିଷ୍କାର ଜୀବାଣୁ ତ୍ୱଚାରେ ଲାଗିବା ଦ୍ୱାରା ବ୍ରଣ ସହ ତ୍ୱଚାର ଅନ୍ୟାନ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ।

➤ନିଜ ତ୍ୱଚାର ପ୍ରକାର ଯଥା– ଅଏଲି, ଡ୍ରାଏ କିମ୍ବା ନର୍ମାଲ ଜାଣିବା ପରେ ଫେସ୍ ମାସ୍କ ବାଛିବା ଆବଶ୍ୟକ। ନ ହେଲେ ଏହାକୁ ଲଗାଇବାର ସୁଫଳ ମିଳିବା ବଦଳରେ ତ୍ୱଚା ଡ୍ରାଏ ଲାଗିବା ସହ ଗ୍ଲୋ କମିଯିବା ଭଳି ସମସ୍ୟା ଦେଖାଦେଇଥାଏ।

➤ଫେସ୍ ମାସ୍କକୁ ବେଶି ସମୟ ଲଗାଇଲେ ତ୍ୱଚା ଅଧିକ ଗ୍ଲୋ କରିବ, ଏଭଳି ମାନସିକତା ଅନେକଙ୍କର ରହିଛି; ଯାହା କି ସେମାନଙ୍କଠାରେ ତ୍ୱଚା ରୁକ୍ଷ ହେବାପାଇଁ ଦାୟୀ। ତେଣୁ ମାସ୍କ ଶୁଖିଆସିଲେ ଏହାକୁ ଓଦା କରି ଆଙ୍ଗୁଠି ଟିପ ସାହାଯ୍ୟରେ ଧୀରେ ଧୀରେ ଛଡ଼ାନ୍ତୁ। ମନେରଖନ୍ତୁ ମାସ୍କ ଛଡ଼ାଇବା ବେଳେ ଆଦୌ ରଗଡ଼ନ୍ତୁ ନାହିଁ।



# ସ୍ପେଶାଲ ଅଫର୍



ବିଭିନ୍ନ ସାମଗ୍ରୀରେ ଆକର୍ଷଣୀୟ ଅଫର୍ ଥାଏ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି; ଯାହା କି ସବୁବର୍ଗର ଗ୍ରାହକଙ୍କ ଲାଗି ଉଦ୍ଦିଷ୍ଟ ଥିଲେ ହେଁ ଏହା ବେଶି ଆକୃଷ୍ଟ କରେ ଶପିଂ ପ୍ରେମୀ ମହିଳାମାନଙ୍କୁ। ବିଭିନ୍ନ ଦୋକାନ, ମଲ୍ ହେଉ କିମ୍ବା ଇ- ଶପିଂ ସାଇଟ୍‌ରେ କୌଣସି ସାମଗ୍ରୀ ଉପରେ ସ୍ପେଶାଲ୍ ଡିସ୍କାଉଣ୍ଟ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ଅଫର ଦେଖିଲେ ସେମାନେ ଏହାକୁ କିଣିବା ଲାଗି ତତ୍ପର ହୋଇ ଉଠନ୍ତି। ହେଲେ ଏଭଳି ସେଲ୍ ସମୟରେ ବିଭିନ୍ନ ଅଫର ପାଇବା ଆଳରେ ଠକାମିର ଶିକାର ନ ହେବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ବୁଦ୍ଧିମତ୍ତାର କାର୍ଯ୍ୟ...



**ମହିଳାମାନଙ୍କ ଶପିଂ କ୍ରେଜ୍ ସବୁଠୁ ଅଧିକ। ମାର୍କେଟ୍‌କୁ ଯିବା ମାତ୍ରେ ହେଉ କିମ୍ବା ଅନ୍‌ଲାଇନ୍ ଶପିଂ ସାଇଟ୍ ଖୋଲିଲେ ଭଳିକି ଭଳି ପୋଷାକ, ଜୋତା, କସ୍‌ମେଟିକ୍ସ, ଗହଣାଠାରୁ ଆରମ୍ଭ କରି ବିଭିନ୍ନ ଘରକରଣା ସାମଗ୍ରୀ ପର୍ଯ୍ୟନ୍ତ ସବୁଥିରେ ସେମାନଙ୍କ ଆଖି। ଆଉ ଏମିତିରେ ଯଦି ସେମାନଙ୍କୁ ମିଳିଯାଏ କିଛି ସ୍ପେଶାଲ ଅଫର ବା ଡିସ୍କାଉଣ୍ଟ ତେବେ ପାଦ ଆଉ ପଛକୁ ନ ଫେରେ...**

**ଦେଖନ୍ତୁ ଟର୍ମ ଆଣ୍ଡ କଣ୍ଡିଶନ୍:** ବର୍ତ୍ତମାନ ବର୍ଷା ଯୋଗୁ ଅନେକ ଦୋକାନ, ମଲ୍ ଏବଂ ଶପିଂ ସାଇଟ୍‌ଗୁଡ଼ିକରେ ମନ୍‌ସୁନ୍ ବା ରେନି ଡେ' ସେଲ୍ ଚାଲିଛି। ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବିଭିନ୍ନ ସାମଗ୍ରୀ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍ ଭଳି ଅଫର୍ ଦିଆଯାଉଛି; ଯାହାକୁ ଦେଖି ଅନେକ ମହିଳା ଆଗ ପଛ ବିଚାର ନ କରି କିଣି ନିଅନ୍ତି। ହେଲେ ପରବର୍ତ୍ତୀ ସମୟରେ ଏଥିରେ ଥିବା ବିଭିନ୍ନ ସର୍ତ୍ତାବଳୀ ସମ୍ପର୍କରେ ଜାଣିବାକୁ ପାଇଥାନ୍ତି ଏବଂ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ସେଲ୍‌ରେ କିଛି ବି ସାମଗ୍ରୀ କିଣିବା ବେଳେ ପ୍ରଥମେ ଟର୍ମ ଆଣ୍ଡ କଣ୍ଡିଶନ୍ ସମ୍ପର୍କରେ ପ୍ରଥମେ ଭଲ ଭାବେ ବୁଝିନିଅନ୍ତୁ।

**ଲୋଭ ଛାଡ଼ନ୍ତୁ:** ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଡିସ୍କାଉଣ୍ଟ ଅଫର୍ ଆଦି ଦେଖିବା ମାତ୍ରେ ଅନେକ ମହିଳା ଅଫର୍ ହାତଛଡା ନ ହୋଇଯିବା ଲୋଭରେ କାଳ ବିଳମ୍ବ ନ କରି ଶୀଘ୍ର କିଣିନିଅନ୍ତି। ହେଲେ କୌଣସି ବି ସାମଗ୍ରୀ କିଣିବା ବେଳେ ତରବର ଭାବେ ନିଷ୍ପତ୍ତି ନ ନେଇ ପ୍ରଥମେ ବିଚାର କରନ୍ତୁ। ତେଣୁ ଆପଣ ଚାହିଁଲେ ଅନ୍ୟ ଦୋକାନରେ କିମ୍ବା ଅନ୍‌ଲାଇନ୍‌ରେ ଉକ୍ତ ସାମଗ୍ରୀର ଦାମ୍ କେତେ ଦେଖିବା ପରେ କିଣିପାରିବେ।

**ମ୍ୟାଟେରିଆଲ୍ କ୍ୱାଲିଟି ଯାଞ୍ଚ କରନ୍ତୁ:** ଅଧିକାଂଶ ମହିଳା ନୂଆ ନୂଆ ପୋଷାକ କିଣିବା ପ୍ରତି ଅଧିକ ଆଗ୍ରହୀ। ଦୋକାନ ବା ଶପିଂ ମଲ୍‌ରୁ ହେଉ କିମ୍ବା ଅନ୍ ଲାଇନ୍‌ରେ ଅନ୍ୟ ସାମଗ୍ରୀ ତୁଳନାରେ ଫେବ୍ରିକ୍ ଆଇଟମ୍‌ରେ ଅଧିକ ଡିସ୍କାଉଣ୍ଟ କିମ୍ବା ବାଏ ୱାନ୍ ଗେଟ୍ ୱାନ୍ ଫ୍ରି ଭଳି ବିଭିନ୍ନ ଆକର୍ଷଣୀୟ ଅଫର ରହିଥାଏ, ଯାହାକୁ ଦେଖି ଅନେକ ମହିଳା ନିଜ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ଲାଗି ଆବଶ୍ୟକରୁ ଅଧିକ ଡ୍ରେସ୍ କିଣିନିଅନ୍ତି ଏବଂ ପରବର୍ତ୍ତୀ ସମୟରେ ଠକାମିର ଶିକାର ହୁଅନ୍ତି। କାରଣ ବେଳେ ବେଳେ ଷ୍ଟକ୍ ମାଲ୍‌ଗୁଡିକୁ ଶୀଘ୍ର ବିକ୍ରି ହେବା ଲାଗି ଏଭଳି ଅଫର ଦିଆଯାଇଥାଏ। ତେଣୁ କିଣିବା ପୂର୍ବରୁ ଏହାର ଫେବ୍ରିକ୍ ବା ମ୍ୟାଟେରିଆଲ୍ କ୍ୱାଲିଟି ଠିକ୍ ଅଛି ନା ନାହିଁ ଯାଞ୍ଚ କରିବାକୁ ଭୁଲନ୍ତୁ ନାହିଁ।



**ଠିକ୍ ଦାମ୍ ଜାଣନ୍ତୁ:** ଅଧିକ ରିହାତି, ମାଗଣା ଉପହାର ଆଦି ଭଳି ବିଭିନ୍ନ ଅଫର ଦେଖିବା ମାତ୍ରେ ଅନେକେ ପ୍ରଥମେ ଏହି ସାମଗ୍ରୀ କିଣିବା ପ୍ରତି ଗୁରୁତ୍ୱ ଦେଇଥାନ୍ତି। ହେଲେ ହଠାତ୍ କିଣି ନ ନେଇ ଅନ୍ୟ ଦୋକାନ କିମ୍ବା ଅନ୍‌ଲାଇନ୍ ସାଇଟ୍‌ରେ ଏହାର ମୂଲ୍ୟ କେତେ ରହିଛି ଦେଖିନେବା ଦରକାର। କାରଣ ଅଫର ଦାମ୍ ହିଁ ଉକ୍ତ ସାମଗ୍ରୀର ପ୍ରକୃତ ଦାମ୍ ହୋଇଥାଏ ଏବଂ ସେହିପରି ଅନ୍ୟପଟେ ଫ୍ରି ଦିଆଯାଉଥିବା ସାମଗ୍ରୀର ଦାମ୍ ମିଶିଥାଏ।

**ଇ-ଶପିଂ ବେଳେ ରୁହନ୍ତୁ ସଜାଗ:** ଅନ୍‌ଲାଇନ୍ ଶପିଂ ସାଇଟ୍‌ରେ ସେଲ୍‌ରେ କିଛି ଜିନିଷ କିଣୁଥିଲେ ଯେପରି ଠକାମିର ଶିକାର ନ ହୁଅନ୍ତି ସେଥିପାଇଁ ସତର୍କ ରହିବା ଦରକାର। ପ୍ରଥମେ କିଛି ଟର୍ମ ଆଣ୍ଡ କଣ୍ଡିସନ୍ ଅଛି କି ନାହିଁ ଦେଖନ୍ତୁ, କିଣୁଥିବା ଜିନିଷ ପସନ୍ଦ ନ ହେଲେ ବଦଳାଇବାର ସୁବିଧା ଅଛି କି ନାହିଁ ଜାଣନ୍ତୁ। ତେବେ ଅନ୍‌ଲାଇନ୍ ଶପିଂ କରୁଥିଲେ ଜିନିଷ ଦେଖିବା ପରେ ପେମେଣ୍ଟ କରିବା ବା କ୍ୟାଶ୍ ଅନ୍ ଡେଲିଭରର ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ। ନଚେତ୍ ଥରେ କିଣିବା ପରେ ସାମଗ୍ରୀ ପସନ୍ଦ ନ ହେଲେ ନା ଆପଣ ଏହାକୁ ବଦଳାଇପାରିବେ ନା ଟଙ୍କା ଫେରସ୍ତ ପାଇପାରିବେ।








ଖାଦ୍ୟରୁଚି

## ପିଜୁଳି ଜାମ୍

**ଆବଶ୍ୟକ ସାମଗ୍ରୀ:** ପାଚିଲା ପିଜୁଳି ରସ ଦୁଇ କପ୍, ଚିନି ଅଧା କପ୍ ଏବଂ ଲେମ୍ବୁ ରସ ଏକ ଟେବୁଲ୍ ସ୍ପୁନ୍।



**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ନନ୍‌ଷ୍ଟିକ୍ ପ୍ୟାନ୍ ବସାନ୍ତୁ। ସେଥିରେ ପିଜୁଳି ରସ, ଚିନି ଏବଂ ଲେମ୍ବୁ ରସ ପକାଇ ଧୀରେ ଧୀରେ ଗୋଳାନ୍ତୁ। ୨୦-୨୫ ମିନିଟ୍ ପରେ ଏହି ମିଶ୍ରଣ ଧୀରେ ଅଠାଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାକୁ ଥଣ୍ଡା କରିବା ପରେ ଏୟାର ଟାଇଟ୍ ବୋତଲରେ ରଖି ଦିଅନ୍ତୁ। ଏହି ଜାମ୍ ସମ୍ପୂର୍ଣ୍ଣ କେମିକାଲ ଫ୍ରି ହୋଇଥିବାରୁ ସ୍ୱାସ୍ଥ୍ୟ ପ୍ରତି ହିତକର। ଏହାକୁ ଆପଣ ଫ୍ରିଜ୍‌ରେ ରଖି ୧୦-୧୨ ଦିନ ପର୍ଯ୍ୟନ୍ତ ଖାଇପାରିବେ।

ଇଏ ବି ଜଣେ ନାରୀ

## ହସ୍ତକଳା ଦେଇଛି ପରିଚୟ

ଜହ୍ନମାମୁ ପତ୍ରିକାରେ ପ୍ରକାଶ ପାଉଥିବା ଗପଗୁଡ଼ିକ ପଢ଼ିବାଠାରୁ ତାଙ୍କୁ ଅଧିକ ଆକୃଷ୍ଟ କରୁଥିଲା ଏଥିରେ ଥିବା ସୁନ୍ଦର ସୁନ୍ଦର ଛବି ସବୁ; ଯାହାକୁ ଅବିକଳ ଆଙ୍କିବାର ଉଦ୍ୟମ ତାଙ୍କୁ ଭବିଷ୍ୟତରେ ଜଣେ ଚିତ୍ରଶିଳ୍ପୀ ହେବାକୁ ବାଟ କଢ଼ାଇଲା। ଆଉ ବର୍ତ୍ତମାନ ସେ ବିଭିନ୍ନ ଶୈଳୀର ଚିତ୍ରକଳା ଏବଂ ହସ୍ତଶିଳ୍ପକୁ ନେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଛନ୍ତି। ସେ ହେଉଛନ୍ତି ଭୁବନେଶ୍ୱର ଶୈଳଶ୍ରୀବିହାରରେ ରହୁଥିବା କୁମୁଦିନୀ ଏବଂ ରାଧାଚରଣ ସାହୁଙ୍କ ଝିଅ ଅନସୂୟା। ସେ କୁହନ୍ତି, ''ପିଲାବେଳୁ ବହୁତ ଚିତ୍ରାଙ୍କନ ମୋତେ ଖୁବ୍ ଭଲଲାଗେ। ଜହ୍ନମାମୁ ପତ୍ରିକାଠାରୁ ଆରମ୍ଭ କରି ପିଲାଙ୍କ ଗପ ଏବଂ କବିତା ବହିରୁ ଦେଖି ବିଭିନ୍ନ ଛବି ଆଙ୍କେ। ଝୋଟ, ମେହେନ୍ଦୀ ଆଦି ମଧ୍ୟ ଭଲ କରୁଥିବାରୁ ଅନେକେ ପ୍ରଶଂସା କରୁଥିଲେ। ଧୀରେ ଧୀରେ ଏଥିରେ କ୍ୟାରିୟର ଗଢ଼ିବାର ଆଗ୍ରହ ବୃଦ୍ଧି ହୋଇଥିଲା। କିନ୍ତୁ ଏଦିଗରେ କ'ଣ ଭବିଷ୍ୟତ ରହିଛି ବୋଲି ପରିବାର ଲୋକେ ଗୁରୁତ୍ୱ ଦେଇ ନ ଥିଲେ। ହେଲେ ମୋର ଇଚ୍ଛା ଜାଣି ହାଇଦ୍ରାବାଦରେ ରହୁଥିବା ଜଣେ ସାଙ୍ଗ ସୁଭାଷିନୀ ରାଓ ପ୍ରଥମେ ଏଥିରେ ସ୍ପେଶାଲ କୋର୍ସ କରିବାକୁ ପ୍ରସ୍ତାବ ଦେଇଥିଲା। ଘର ଲୋକଙ୍କୁ ବୁଝାଇ ହାଇଦ୍ରାବାଦରେ ଏକ ୩ ବର୍ଷିଆ ଡିପ୍ଲୋମା ଇନ୍ ଅଏଲ୍ ପେଣ୍ଟିଂ କୋର୍ସ କଲି। ସେଠାରେ ଥିବା ବେଳେ କଲେଜରେ କ୍ଲାସ ବ୍ୟତୀତ ଅନ୍ୟ ସମୟରେ ଅନେକ କ୍ରାଫ୍ଟ ୱାର୍କ ମଧ୍ୟ ଶିଖୁଥିଲି। ଏହାପରେ ଧଉଳି ଚାରୁକଳା ମହାବିଦ୍ୟାଳୟରୁ ଭିଜୁଆଲ୍ ଆର୍ଟରେ ବ୍ୟାଚଲର ଡିଗ୍ରୀ ହାସଲ କଲି। ଇତି ମଧ୍ୟରେ ଭୁବନେଶ୍ୱର ପୋଖରୀପୁଟରେ ରହୁଥିବା ସୁଶାନ୍ତ ସାହୁଙ୍କ ସହ ବିବାହ ହୋଇଥିଲା। ସ୍ୱାମୀ ଏବଂ ଶ୍ୱଶୁରଙ୍କ ସହଯୋଗ ଏଦିଗରେ ଆଗକୁ ବଢ଼ିବାକୁ ସାହାଯ୍ୟ କଲା।'' ନିଜର ଦୈନନ୍ଦିନ ଗୃହକାର୍ଯ୍ୟ କରିବା ସହ ଅନସୂୟା 'ଚିତ୍ରକଳା' ନାମକ ଏକ ଚିତ୍ରକଳା ଶିକ୍ଷା ଅନୁଷ୍ଠାନ ଗଢ଼ି ଶନିବାର ଏବଂ ରବିବାର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଏହି କଳା ଶିକ୍ଷା ଦେଉଛନ୍ତି। ବିଭିନ୍ନ ଆର୍ଟ ଏବଂ କ୍ରାଫ୍ଟ ୱାର୍କ ପ୍ରୋଜେକ୍ଟ ମଧ୍ୟ କରୁଛନ୍ତି। କବଳ ଏତିକି ନୁହେଁ ସେ ବ୍ୟୁଟି କୋର୍ସ କରି ନିଜର ଏକ ବ୍ୟୁଟିପାର୍ଲର ମଧ୍ୟ କରିଛନ୍ତି। ଗତ ଦୁଇ ବର୍ଷ ହେବ କରୋନା ଲାଗି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ସେ ଚିନ୍ତିତ ହୋଇ ପଡ଼ିଥିଲେ। ଏମିତିରେ ସ୍ୱାମୀ ଇକୋ ଫ୍ରେଣ୍ଡଲୀ ରାଖୀ ପ୍ରସ୍ତୁତ କରିବାକୁ ଦେଇଥିବା ପରାମର୍ଶ ତାଙ୍କୁ ବେଶ୍ ପ୍ରେରଣା ଯୋଗାଇଥିଲା। ସେ ସୂତା, ବିଭିନ୍ନ ପ୍ରକାର ମଞ୍ଜି, ତୁଳା, ନଡା, କାଠିରେ ବିଭିନ୍ନ ଆକର୍ଷଣୀୟ ଇକୋ ଫ୍ରେଣ୍ଡଲୀ ରାଖୀ ପ୍ରସ୍ତୁତ କରି ୱାଟ୍ସଆପ୍ ଗ୍ରୁପ୍ ଜରିଆରେ ଅନ୍‌ଲାଇନ୍ ବିକ୍ରୟ କରୁଛନ୍ତି; ଯାହା କି ବେଶ୍ ଲୋକାଦୃତ ହୋଇପାରିଛି।







ତେବେ ଭବିଷ୍ୟତରେ ଅଧିକରୁ ଅଧିକ ଲୋକଙ୍କୁ ଏହି କଳା ଶିଖାଇବାକୁ ଲକ୍ଷ୍ୟ ରଖିଥିବା ଅନସୂୟା ନିଜ ୭ ବର୍ଷର ପୁଅଠାରେ ମଧ୍ୟ ଏହି କଳାର ପ୍ରତିଫଳନ ଦେଖି ବେଶ୍ ଖୁସି ଥିବା ପ୍ରକାଶ କରନ୍ତି।

– ସୁବାସ ପ୍ରଧାନ

## ଚାଷୀଙ୍କ ନାମ ପଞ୍ଜୀକରଣ ସମୟ ୨୩କୁ ବୃଦ୍ଧି

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)

ରାଜ୍ୟରେ ଚଳିତ ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ନାମ ପଞ୍ଜୀକରଣର ସମୟସୀମାକୁ ବୃଦ୍ଧି କରାଯାଇଛି । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଅଗଷ୍ଟ ୧୬ ଶେଷ ତାରିଖ ଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପରାମର୍ଶକ୍ରମେ ବିଭାଗ ପକ୍ଷରୁ ଏହି ସମୟସୀମା ୨୩ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ମର୍ମରେ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖାଯାଇଛି। ସମ୍ପୃକ୍ତ ପ୍ୟାକ୍ସ/ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣିପଞ୍ଚାୟତ ମାଧ୍ୟମରେ ବର୍ଦ୍ଧିତ ସମୟସୀମା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇବା ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ଏବଂ ସମବାୟ ସମିତି ସମୂହ ରେଜିଷ୍ଟ୍ରାରଙ୍କୁ ଅନୁରୋଧ କରାଯାଇଛି। ଯେଉଁ ଚାଷୀମାନେ ଏ ପର୍ଯ୍ୟନ୍ତ ସୋସାଇଟିରେ ସେମାନଙ୍କ ନାମ ପଞ୍ଜୀକରଣ କରିପାରି ନାହାନ୍ତି ସେମାନେ ଏହାଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି ।

# କୋଲକାତା-ଓଡ଼ିଶା ସୀମାରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)

- ମେଡିକାଲ୍, ଇଞ୍ଜିନିୟରିଂରେ ନାମ ଲେଖାଇଦେବା ଆଳରେ ୪୦ଲକ୍ଷ ଠକେଇ
- କମ୍ ମାର୍କ ରଖୁଥିବା ଧନିକ ଶ୍ରେଣୀର ପିଲାଙ୍କୁ ଫସାଉଥିଲେ
- ରିମାଣ୍ଡରେ ଆଣି ପଚରାଉଚରା କରିବ ପୋଲିସ



ଗିରଫ ଅଭିଯୁକ୍ତ।

ମେଡିକାଲ କଲେଜ, ଇଞ୍ଜିନିୟରିଂ କଲେଜଠାରୁ ଆରମ୍ଭ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ଦେବାକୁ କହି ଛାତ୍ରୀଛାତ୍ରଙ୍କୁ ଠକୁଥିବା ଜଣେ ଯୁବକଙ୍କୁ ସୋମବାର କମିଶନରେଟ୍ ପୋଲିସର ସ୍ପେଶାଲ୍ ସ୍କ୍ୱାଡ୍ ଟିମ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ନାରଣପୁରର ସୁମିତ୍ କୁମାର ବିଶ୍ୱାଳ। ସୁମିତ ମୁଖ୍ୟତଃ କମ୍ ମାର୍କ ରଖିଥିବା ଧନୀକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନିଜ ଜାଲରେ ଫସାଉଥିଲେ। ଦେଶ ବାହାର ତଥା ଦେଶ ମଧ୍ୟରେ ଥିବା ବଡ ବଡ କଲେଜରେ ନାମ ଲେଖାଇଦେବାର ବିଶ୍ୱାସ ଜନ୍ମାଇ ଛାତ୍ରୀଛାତ୍ରଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଠକି ନେଉଥିଲେ। ସୁମିତଙ୍କ ନାମରେ କମିଶନରେଟ ପୋଲିସର ଏକାଧିକ ଥାନାରେ ମାମଲା ରହିଥିବା ବେଳେ କେବଳ ଲିଙ୍ଗରାଜ ଥାନାରେ ୪ ଅଭିଯୋଗ ରହିଛି। ଏପର୍ଯ୍ୟନ୍ତ ତାଙ୍କ ନାମରେ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ନେଇ ଅଭିଯୋଗ ଆସିସାରିଥିବା ବେଳେ ଆଗକୁ ଏଥିରେ ଆହୁରି ବୃଦ୍ଧି ଘଟିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଆଗକୁ ସୁମିତଙ୍କୁ ରିମାଣ୍ଡରେ ଅଣାଯାଇ ଠକେଇ ସମ୍ପର୍କରେ ଅଧିକ ଖୋଳତାଡ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

ସୂଚନା ଅନୁଯାୟୀ, ସୁମିତଙ୍କ ବିରୋଧରେ କମିଶନରେଟ୍ ପୋଲିସର ଏକାଧିକ ଥାନାରେ ଅଭିଯୋଗ ଆସିବା ପରେ ତାଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏନେଇ ଡିସିପି ଉମାଶଙ୍କର ତଦନ୍ତ ଭାର ସ୍ପେଶାଲ୍ ସ୍କ୍ୱାଡ୍‌କୁ ଦେଇଥିଲେ। ପରେ ସ୍ପେଶାଲ୍ ସ୍କ୍ୱାଡ ପକ୍ଷରୁ ଘଟଣାର ତଦନ୍ତ କରାଯିବା ସହ ସୁମିତଙ୍କ ଉପରେ ନଜର ରଖାଯାଇଥିଲା। ସୁମିତ ଠକେଇ ଟଙ୍କାରେ କୋଲକାତାରେ ରହି ବିଳାସ ବ୍ୟସନ ଜୀବନ ବିତାଉଥିବା ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଥିଲା। ଏନେଇ ସ୍ପେଶାଲ୍ ସ୍କ୍ୱାଡ୍‌ର ଏକ ଟିମ୍ କୋଲକାତା ଯାଇଥିଲା। ସେଠାରେ ସୁମିତ୍ ରହୁଥିବା ହୋଟେଲ୍ ଉପରେ ପୋଲିସ ନଜର ରଖିଥିଲା। ତେବେ ଏହା ଜାଣିପାରି ସୁମିତ ରବିବାର ସେଠାରୁ ଖସି ଓଡ଼ିଶା ପଳାଇ ଆସିବାକୁ ଉଦ୍ୟମ କରିଥିଲେ। ମାତ୍ର ପୋଲିସ ତାଙ୍କ ପିଛା କରିବା ସହ କୋଲକାତା-ଓଡ଼ିଶା ସୀମା ନିକଟରେ ତାଙ୍କୁ କାବୁ କରିଥିଲା।

## ଟ୍ରକ୍ ଡ୍ରାଇଭରଙ୍କୁ ପିଟି ମାରିଦେଲେ

**ବାରିପଦା ଅଫିସ/ବିଶୋଇ, ୧୬।୮ (ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ଛେଳିଗୁଡୁଡ଼ି ଘାଟି ନିକଟସ୍ଥ ଧାଙ୍ଗଡ଼ିମୋଟା ଅଞ୍ଚଳରେ ଦୁର୍ବୃତ୍ତମାନେ ଜଣେ ଡ୍ରାଇଭରଙ୍କୁ ପିଟିପିଟି ହତ୍ୟା କରିଥିବା ବେଳେ ହେଲପର ଗୁରୁତର ହୋଇଛନ୍ତି। ମୃତକ ହେଲେ ମହାରାଷ୍ଟ୍ରର ନାଗପୁର ଜିଲା ଅନ୍ତର୍ଗତ ମାଡାକଲୋନୀର ମଣ୍ଟୁ ରାଜପୁତ(୨୩)। । ଆହତ ହେଲପର ସେହି ଅଞ୍ଚଳର ଦେବେନ୍ଦ୍ର ସାନ୍ତାରାମ କୁମେର(୧୯)। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୧୦୪/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତିରେ ୪୯ନଂ. ଜାତୀୟ ରାଜପଥରେ ମହାରାଷ୍ଟ୍ରରୁ ଆସିଥିବା ଏକ ଟ୍ରକ୍‌ର ଚକ ପମ୍ପଚର ହେବାରୁ ଧାଙ୍ଗଡ଼ିମୋଟା ନିକଟରେ ଅଟକି ରହିଥିଲା। ଟ୍ରକ୍ ଡ୍ରାଇଭର ଓ ହେଲପର ଟାୟାର ପରିବର୍ତ୍ତନ କରୁଥିବା ସମୟରେ ୩ ଦୁର୍ବୃତ୍ତ ସେଠାରେ ପହଞ୍ଚି ସେମାନଙ୍କଠାରୁ ଲୁଟ ଉଦ୍ୟମ କରିଥିଲେ। ଡ୍ରାଇଭର ଓ ହେଲପର ଏହାକୁ ବିରୋଧ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ପିଟିଥିଲେ। ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ମନୋରଞ୍ଜନ ବିଶ୍ୱାଳଙ୍କ ସମେତ ବିଶୋଇ ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଏକ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ତଦନ୍ତ ଜାରିରଖିଛନ୍ତି।

## ବାଜପେୟୀଙ୍କ ୩ୟ ଶ୍ରାଦ୍ଧବାର୍ଷିକି ପାଳିଲା ଭାଜପା

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ):** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୩ୟ ପୁଣ୍ୟତିଥିରେ ରାଜ୍ୟ ଭାଜପା ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟ ନେତୃବୃନ୍ଦ ସ୍ୱର୍ଗତଃ ବାଜପେୟୀଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସମୀର କହିଛନ୍ତି, ଓଡିଶାର ବିକାଶ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ । ଗ୍ରାମ ସଡକ ଯୋଜନା, ଗାଁ ଗାଁରେ ମୋବାଇଲ ସଞ୍ଚୋଗ, ଅନ୍ତୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରୀବଙ୍କ ପାଖରେ ଅନ୍ନ ପହଞ୍ଚାଇବାରେ ବାଜପେୟୀଙ୍କ ଯୋଗଦାନ ଅତୁଳନୀୟ । ରାଜ୍ୟବାସୀଙ୍କ ପ୍ରତି ଅଟଳଜୀଙ୍କ ସେହ୍ନ ଓ ଶ୍ରଦ୍ଧା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ସଭାପତି ସମୀର କହିଛନ୍ତି ।

## ପ୍ରଥମ ରନର୍ସ ଅପ୍ ହେଲେ ଗଞ୍ଜାମର ଗୁଞ୍ଜନ

### ସର୍ବଭାରତୀୟ ସୁନ୍ଦରୀ ପ୍ରତିଯୋଗିତା

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)-**ରାଜ୍ୟ ତଥା ଜାତୀୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କମାଲ୍ ଦେଖାଉଛନ୍ତି ଓଡ଼ିଆ ଝିଅ। ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବଭାରତୀୟ ସୁନ୍ଦରୀ ପ୍ରତିଯୋଗିତାରେ ପ୍ରଥମ ରନର୍ସଅପ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଗୁଞ୍ଜନ ପ୍ରିୟଦର୍ଶିନୀ। କୌଶିକ୍ ଇଭେଣ୍ଟ ଦ୍ୱାରା ଗତ ୧୪ ତାରିଖରେ ଆୟୋଜିତ ଏହି ମଡେଲ ପ୍ରତିଯୋଗିତାରେ 'ମିସ୍ ଇଣ୍ଡିଆ ସାଇନ୍ ଅଫ୍ ସ୍କାଏ'ରେ ଯୁବତୀ, ଯୁବକ, ବିବାହିତା ମହିଳା ଆଦି ବିଭିନ୍ନ ବର୍ଗରେ ଦେଶର ବିଭିନ୍ନ ରାଜ୍ୟରୁ ୫୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ ପ୍ରତିଯୋଗୀ ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ଫ୍ୟାଶନ୍ ମଡେଲ ପ୍ରଶିକ୍ଷଣ ସଂସ୍ଥା ଓଡ଼ିଶା ଫ୍ୟାଶନ ଭିଲ୍ଲାରୁ ମନୋନୀତ ହୋଇ ୧୭ ବର୍ଷୀୟା ଗୁଞ୍ଜନ ଭାଗନେଇଥିଲେ। ଗଞ୍ଜାମ ଜିଲା ବଡକୋଦଣ୍ଡା ଭଞ୍ଜନଗର ନିବାସୀ ପଞ୍ଚାନନ ବିଶୋଇ ଓ ମନୋରମା ବିଶୋଇଙ୍କ ଝିଅ ଗୁଞ୍ଜନ ପ୍ରଥମ ରନର୍ସଅପ୍ ହୋଇଥିଲେ। ଯୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଗୁଞ୍ଜନ ଜଣେ ନୃତ୍ୟଶିଳ୍ପୀ ଓ ଥିଏଟର କଳାକାର। ନିଜର କଳା ପାଇଁ ସେ ରାଷ୍ଟ୍ରପତିଙ୍କଠାରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି।



## ଶେଖ୍ ରେହମାନ ହତ୍ୟା ମାମଲା
# ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ ଅଫିସ, ୧୬।୮

ମୟୁରଭଞ୍ଜ ଜିଲା ପଡିଆଗଦା ଅଞ୍ଚଳର ବ୍ୟବସାୟୀ ଶେଖ୍ ରେହମାନ ହତ୍ୟା ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଏହାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଛନ୍ତି। ୧୯୯୯ ଅଗଷ୍ଟ ୨୬ରେ ପଡିଆଗଦା ହାଟରେ ବ୍ୟବସାୟୀ ସେଖ୍ ରେହମାନକୁ ରବୀନ୍ଦ୍ର କୁମାର ପାଲ ଓରଫ ଦାରା ସିଂ ଓ ସହଯୋଗୀମାନେ ହତ୍ୟା କରିଥିଲେ। ଏହାପୂର୍ବରୁ ୧୯୯୯ ଜାନୁୟାରୀ ୨୨ରେ ଗ୍ରାହାମ ଷ୍ଟେନ୍ସ ଓ ୨ ଶିଶୁପୁତ୍ରଙ୍କୁ ଜିଅନ୍ତା ପୋଡି ହତ୍ୟା କରିବା ଘଟଣାରେ ଦାରା ମୁଖ୍ୟ ଅଭିଯୁକ୍ତ ଥିଲେ। ସେହିପରି ଜଣେ ଖ୍ରୀଷ୍ଟିଆନ ପୂଜକ ହତ୍ୟାକାଣ୍ଡର ଅଭିଯୁକ୍ତ ହେଉଛନ୍ତି ଦାରା। ଏବେ ସେ ତିନୋଟି ହତ୍ୟା ଘଟଣାରେ ଆଜୀବନ ସଜା ଭୋଗୁଛନ୍ତି। ତେବେ ଶେଖ୍ ରେହମାନ ହତ୍ୟା ମାମଲାର ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ଦାରା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୋମବାର ହାଇକୋର୍ଟ ଏହି ମାମଲାର ଶୁଣାଣି କରିଥିବାବେଳେ ରାୟ ସଂରକ୍ଷିତ ରଖିଛନ୍ତି।

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା

### ୩ କୋର୍ଟ ଚାଲାଣ

ବାରିପଦା ଅଫିସ, ୧୬।୮

ମୟୂରଭଞ୍ଜ ଜିଲା ବାରିପଦା ରଘୁନାଥପୁରସ୍ଥିତ ସୁଧାର ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସାଧିନ ଥିବା ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ନିକଟ କଳିଙ୍ଗା ଗ୍ରାମର ଦୀପକ କୁମାର ଦାସ(୧୯)। ଏ ସଂକ୍ରାନ୍ତରେ ଦୀପକଙ୍କ ସାନଭାଇ ସିପୁନଙ୍କ ଅଭିଯୋଗ କ୍ରମେ ବାରିପଦା ଟାଉନ ଥାନା ପୋଲିସ ଏକ ମାମଲା(ନଂ.୭୩୬/୨୧)ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କେନ୍ଦ୍ରର ସତ୍ତ୍ୱାଧିକାରୀ ଦେବବ୍ରତ ଘୋଷ, କର୍ମଚାରୀ ବାରିପଦା ମାଳିସାହି ୱାର୍ଡନଂ.୮ର ବିଜେନ୍ଦ୍ର ମୁଖି ଓ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ତୁଷାର ଦାସ।

ସୂଚନା ଅନୁଯାୟୀ, ଦୀପକ ନିଶାରେ ଅଭ୍ୟସ୍ତ ହେବା ପରେ ପରିବାର ଲୋକେ ତାଙ୍କୁ ସୁଧାର ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଗତ ୧୪ତାରିଖରେ ବଡ଼ଭାଇଙ୍କୁ ଦେଖା କରିବାକୁ ସିପୁନ କେନ୍ଦ୍ରକୁ ଆସିଥିବା ବେଳେ କର୍ମଚାରୀ ବିଜେନ୍ଦ୍ର ଦେଖା କରିବାକୁ ଦେଇ ନ ଥିଲେ। ସେହିଦିନ ରାତି ୧୦ଟାରେ ତାଙ୍କ ଭାଇଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ବୋଲି ସିପୁନଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏହାର ୧୫ମିନିଟ ପରେ ଦୀପକଙ୍କ ମୃତ୍ୟୁ ହୋଇଥିବା ଖବର ପାଇ ସିପୁନ ବାରିପଦା ପିଆର୍‌ଏମ ମେଡିକାଲକୁ ଆସିଥିଲେ। ସେଠାରେ ତାଙ୍କ ଭାଇଙ୍କ ଶରୀରରେ ଏକାଧିକ ମାଡ଼ ଦାଗ ଦେଖି ପିଟିପିଟି ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ।


**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-36(11)/SERIFED/2021-22/678 DT.16.08.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only, from the registered contractors "A" & "Above" for the **"Interior Furnishing work of Proposed Marketing and Sourcing Hub of Utkalika"** at Rasulgarh, Bhubaneswar. The bid documents such as DTCN/ BOQ etc. can be seen/ downloaded from the government website: **www.tendersodisha.gov.in** during the period **dt. 20.08.2021 to 17.00 hours up to dt. 14.09.2021.** Online bids shall be received till **17.00 hours dt. 14.09.2021** & shall be opened at **11.30 AM on Dt. 15.09.2021.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR



**ODISHA HYDRO POWER CORPORATION LTD.**
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O.- BARINIPUT, DIST.- KORAPUT - 764006, ODISHA
Phone: 06854-242001, Fax: 06854-242093, Email: sgmel.ukhep@gmail.com
CIN: U40101OR1995SGC003963

**OPEN TENDER CALL NOTICE No. UKHEP-07/2021-2022, Dated: 06.08.2021**

No. CAD-889: Sealed tenders are invited in two parts i.e. (1) Techno Bid & (2) Price Bid in separate sealed envelopes from Govt. registered contractors/agencies for following works on job contract basis for a Calendar year (12 Months)

| Sl. No. | Description of Work | Cost of Tender Paper in Rs. | EMD |
|---|---|---|---|
| A | "Operation and Maintenance of Electric Pumps, Diesel Pumps of Power House-I & Power House-II, Maintenance of Switchyard of Power House-I & Power House-II of Potteru Small Hydro Project, Gompakonda in the District, Malkangiri by Skilled Workmen" on Job contract basis. | 7080/- (Non-refundable) (Rs.6000/- + 18% GST) | @ 1% of Quoted Total Value |
| B | "Up-keeping, Cleaning, Watch & Ward and Sanitation works of Power House-I & Power House-II, Ofifce, Stores, Guest House, Switchyard of Power House-I & II of Potteru Small Hydro Project, Gompakonda in the District- Malkangiri by Un-skilled Workmen" on Job contract basis. | | |

The sale of tender paper will be from : 17.08.2021 to 13.00 hrs. of 02.09.2021
The last date & time of receipt of tender : 16.00 hrs. of 02.09.2021
The date and time of opening of tender : 16.30 hrs. of 02.09.2021
For details of the tender documents, terms & conditions, downloading please visit our website www.ohpcltd.com.
OIPR-04002/11/0010/2122 Sd./- C & P Head, Upper Kolab H.E. Project, Bariniput



**NATIONAL HYDROLOGY PROJECT**
SPMU-ODISHA, BHUBANESWAR, H.P
ADMINISTRATIVE BUILDING, DELTA SQUARE,
UNIT-8, BHUBANESWAR, ODISHA-751012
Email: odishagwhp3@gmail.com/dddapbbsr@gmail.com
No. A-367

Invitation For Bids (IFB) National Competitive Bid (NCB)
'e'-procurement Notice No. ODISHA(SW)/NHP/RTDAS/IFB-07/21-22
Package No.NHP-2021-22-OD-311590, PIP Code - A1.1.01

| | | | |
|---|---|---|---|
| 1. | Name of work | : | Supply, Installation, Testing, Commissioning, Training and Maintenance of additional 150 Real Time Data Acquisition System (RTDAS) Stations for different River Basins in Odisha. |
| 2. | Period of Completion | : | 365 days. |
| 3. | Bid Publication date & time | : | 17.08.2021 at 11.00 hrs |
| 4. | Period during which the tender document can be downloaded | : | From 17.08.2021 at 11.30 hrs. to 15.09.2021 up to 15.00 hrs. |
| 5. | Pre-bid meeting | : | 01.09.2021 at 11.00 hrs. |
| 6. | Online Bid Submission closing date | : | 15.09.2021 at 15.00 hrs. |
| 7. | Date of opening of bid (Technical) through Online. | : | 15.09.2021 at 15.30 hrs. |

Further details can be seen in the website **www.tendersodisha.gov.in**.
Chief Engineer & Director, GWD &
Nodal Officer, SPMU-NHP-Odisha, Bhubaneswar
OIPR-32002/11/0008/2122



GOVERNMENT OF ODISHA
**OFFICE OF EXECUTIVE ENGINEER**
**KALAHANDI MINOR IRRIGATION DIVISION, BHAWANIPATNA**
Ph. 06670-230755, e-mail: eemikld@rediffmail.com
No. / /MIKLD/ **e-Procurement Notice** Dt.07.08.2021
Bid Identification No. Online kldmi-04/2021-22

No. A-370: Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1. Name of the work : Civil construction/renovation & improvement works
2. No. of Works : 31 (Thirty one) Nos.
3. Estimated Cost : Varies from Rs.2.50 lakh to Rs.29.00 lakhs (Approximately)
4. Period of Completion : 01 (One) to 3 (Three) calendar months
5. Date and time of availability of bid documents in the portal : From 16.08.2021 (10.00 A.M.) to 26.08.2021 (5.00 P.M.)
6. Last date/time of receipt of bids in the portal : 26.08.2021 (5.00 P.M.)
7. Date of Opening of Bid : 27.08.2021 at 11.00 A.M. onwards
8. Name and addres of the OIT : Executive Engineer, Kalahandi Minor Irrigation Division, Bhawanipatna
9. Mode of payment of Bid cost & Bid Security : Online
10. Date of transperent lottery if cases arise : 17.09.2021 at 11.00 A.M. or onwards
11. **N.B.: Bidders are requested to mention their valid email I.D & Telephone/ Mobile Contact No. for communication (must be a valid ID & Mobile Number). This office has not been responsible for invalid email & Mobile No. of the bidders.**

**Further details can be seen from the e-Procurement market place http://tendersodisha.gov.in.

Sd./- S.P. Kalamuri
Executive Engineer, Kalahandi M.I. Division, Bhawanipatna
OIPR-32035/11/0002/2122



**OFFICE OF THE SUPERINTENDING ENGINEER**
**RWS&S DIVISION, BHANJANAGAR - 761126**
No. O-538
Phone No. 06821-241026(O)/241079(R), Fax No. 06821-241026/240056
e-mail: eerwss_bnj@nic.in<eerwssbnj2009@gmail.com>

**Govt. of Orissa "e" Procurement Notice**
Bid Identification No. S.E._RWS&S_27/2021-22

1. The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate/$G_2$ bid in Double Cover System according to the norm of "e" Procurement system in Online mode for different PWS Schemes in Ganjam District from the eligible contractors as per DTCN.
2. Nature of Work : Constructuion, testing, commissioning of RCC ESR/OGR construction of valve chamber, providing 100% FHTC, laying of distribution of pipeline etc. for PWS to different village in the Ganjam District.
3. No. of Tender : 06 Nos.
4. Tender Paper Cost : Rs.10,000/-
5. Tender Cost : 75.20 lakhs to 248.84 lakhs
6. Class of Contractor : B & A Class
7. Date and time of availability of bid document in the portal : Dt.17.08.2021 at 11.00 A.M. to 31.08.2021 upto 5.00 P.M.
8. Date of Opening of Bid : Dt.01.09.2021 at 11.00 A.M.
9. Period of Completion : 330 (Three hundred thirty) days.
10. The bidders have to participate in Online bidding only. Further details can be seen from the website **https://tendersorissa.gov.in**.

Sd./- Superintending Engineer
RWS&S Division, Bhanjanagar
OIPR-25021/11/0021/2021



**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5669/PSC, (1R-43-21-22) (DR-V), Dt. 16.8.21**

**No. D-88:-** It is for information of all concerned that, pursuant to the advertisement No. 08 of 20-2021, **12 (twelve)** more candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of Assistant Professor in **Public Administration**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack - 753001 on **25.08.2021** as per the programme mentioned below.

**PROGRAMME OF VERIFICATION**

| Date | Time of Verification | Subject | PPSAN/Application number of candidates |
|---|---|---|---|
| 25.08.2021 | 10.30 AM | Public Administration | 00090930OD000820APU-00003585, 00102213OD000820APU-00011092, 00099161OD000820APU-00010417, 00049816OD000820APU-00005235, 00088629OD000820APU-00003427, 00086989OD000820APU-00006338, 00094560OD000820APU-00012050, 00094713OD000820APU-00004581, 00087504OD000820APU-00007668, 00086441OD000820APU-00006920, 00095209OD000820APU-00011952, 00097627OD000820APU-00011436 = 12 Candidates |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. 04 sets of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0058/2122 **Sd./- Secretary**



**ODISHA PUBLIC SERVICE COMMISSION**
**NOTICE**
No. 5687/P.S.C., dt.16.8.21

**No. D-90:** It is for information of all concerned that the "**Admission Certificate**" & "**Instructions to Candidates**" for the OCS-2020 preliminary examination shall be available in the website of the Commission from **19.08.2021** onwards.
The candidates are advised to visit the website of the Commission http://opsc.gov.in to download their "**Admission Certificate**".
OIPR-12002/11/0060/2122 **Sd./- Secretary**



**ZILLA SWASTHYA SAMITI, ANGUL**
**CORRIGENDUM**
**No. 2021 Date: 13.08.2021**
**Ref.: Advertisement No. 1813 / Dtd.23.07.2021**

No. E-338: The candidates are hereby requested to visit **www.angul.nic.in** for revised age relaxation criteria for several posts advertised vide above advertisement and the last date of receipt of application has been extended upto Dtd.20.08.2021 keeping all other conditions as such or any other selection criterion prescribed by OSH&FW, Soceity from time to time.

**Sd./- CDM&PHO-cum-District Mission Director, Angul**
OIPR-10142/11/0004/2122



**DISTRICT PROJECT OFFICER**
**SAMAGRA SHIKSHA, CUTTACK**
E-mail: dpccuttackssa.opepa@nic.in
**No. 3109/VII-51/14 Date: 16.08.2021**
**SHORT QUOTATION CALL NOTICE**

Sealed quotations are invited from reputed Manpower Agencies/ Service Providers to provide the services of 15 (Fifteen) No. of **Data Entry Operators** on contract basis for day to day official work going under **Samagra Shiksha** project in different Block Education Offices of Cuttack district.
The detailed information for outsourcing the service of aforesaid posts has given in the tender document which may be downloaded from the website **www.cuttack.nic.in** and **www.opepa.in**. The last date and time for submission of tender documents is **07.09.2021 by 5.30 P.M.** The tender documents must be sent by **Speed Post or Registered Post** only addressed to the **District Project Coordinator, Samagra Shiksha, Cuttack, Collectorate Building, P.O.- Chandin Chowk, Cuttack, PIN - 753002** and the envelope should be with superscription as **"Quotation for Providing Manpower"**.

By order of the Collector-cum-Chairman
**Sd./- District Project Coordinator**
**Samagra Shiksha, Cuttack**



**OFFICE OF THE**
**MUNICIPAL COUNCIL, BARBIL**
**No. 4103 Date: 13.08.2021**
**QUOTATION CALL NOTICE**

No. C-748: Sealed quotations are invited from the registered firms/authorized dealers/distributors/suppliers/manufacturers for supply and installation following accessories/works. The prescribed quotation scheduled can be obtained from the Office of the Barbil Municipality on payment of paper cost (Quotation Schedule) including GST (Non-refundable) in shape of Cash/Bank Draft/Bankers cheque drawn in favour of the Executive Offier, Barbil Municipality payable at Barbil from any Nationalized Bank from **Dt.16.08.2021 to Dt.21.08.2021 upto 5.00 P.M.** during office hour except holidays. The quotation paper along with all documents should reach the undersigned by Regd. Post/Speed Post or by person on or before **Dt.23.08.2021 upto 12.30 P.M.** The quotation will be opened on **Dt.24.08.2021 at 11.30 A.M.** in presence of the quotationer or their authorized representative if any. The quotation received beyond the schedule date and time will not be considered at all. The undersigned has rights to accept, cancel or reject any or all the quotations without assigning any reason thereof.

1. **Provision of CCTV System, Computer Lane, Net Lane to newly constructed Poura Bhawan at Barbil - Cost of Quotation Schedule Rs.4,200/-.**
2. **Provision of periphery Illumination system, Sound System, Projecter System and Glow Sign Board to newly constructed Poura Bhawan at Barbil - Cost of Quotation Schedule Rs.4,200/-.**

All terms and conditions may be seen in the quotation schedule. The undersigned has the rights to accept, cancel or reject any or all the quotations without assigning any reason thereof.

**Sd./- Executive Officer**
**Barbil Municipality**
OIPR-13108/11/0008/2122

## ପାଇକାରୀ ମୁଦ୍ରାସ୍ଫୀତି ୧୧.୧୬%

ଜୁଲାଇରେ ଲଗାତାର ଦ୍ୱିତୀୟ ମାସ ଲାଗି ପାଇକାରୀ ମୁଦ୍ରାସ୍ଫୀତି ସ୍ୱାଭାବିକ ହେବା ସହ ୧୧.୧୬% ସ୍ତରରେ ରହିଛି। ଗତ ବର୍ଷ ଜୁଲାଇରେ ଏହା -୦.୨୫% ସ୍ତରରେ ରହିଥିଲା। ଲୋ ବେସ୍ ଇଫେକ୍ଟ ଯୋଗୁ ପାଇକାରୀ ମୂଲ୍ୟ ଭିତ୍ତିକ ମୁଦ୍ରାସ୍ଫୀତି ଲଗାତାର ୨ ଅଙ୍କ ବିଶିଷ୍ଟ ରହୁଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରେ ପ୍ରକାଶ ପାଇଛି।

**ସଂକ୍ଷେପରେ**

### ଆରାମ୍କୋ-ରିଲାଏନ୍ସ ଡିଲ୍ ଶୀଘ୍ର ହୋଇପାରେ

**ନୂଆଦିଲ୍ଲୀ,୧୬।୮:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଏଲ ରିଫାଇନେରି, କେମିକାଲ ବିଜ୍ନେସରେ ସାଉଦି ଆରାମ୍କୋ ପ୍ରାୟ ୨୦% ଅଂଶଧନ ହାସଲ କରିପାରେ। ଏଥିଲାଗି ସାଉଦି ଆରବ ଭିତ୍ତିକ ଏହି କମ୍ପାନୀ ପ୍ରାୟ ୨୦ ବିଲିୟନ ଡଲାରରୁ ୨୫ ବିଲିୟନ ଡଲାରର ଏକ ଚୁକ୍ତିରେ ସାମିଲ ହୋଇପାରେ। ଏହି ଚୁକ୍ତି ଲାଗି ଧୀରେ ଧୀରେ ରାସ୍ତା ଖୋଲୁଥିବା ଜଣାପଡିଛି। ୨ କମ୍ପାନୀ ମଧ୍ୟରେ ଏ ନେଇ କଥାବାର୍ତ୍ତା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବା ବ୍ଲୁମ୍ବର୍ଗ ନ୍ୟୁଜ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଆଗାମୀ କିଛି ସପ୍ତାହରେ ଏହି ଚୁକ୍ତି ହେବାର ସମ୍ଭାବନା ରହିଥିବା ପ୍ରକ୍ରିୟା ସହ ଜଡିତ କିଛି ବ୍ୟକ୍ତିବିଶେଷ ନାମ ଗୋପନ ରଖି କହିଛନ୍ତି। ରିଲାଏନ୍ସ ଏହାର ରିଫାଇନେରି ବିଜ୍ନେସରୁ ୨୦% ପ୍ରାୟ ୧୫ ବିଲିୟନ ଡଲାରରେ ସାଉଦି ଆରାମ୍କୋ ଦେବ ବୋଲି ୨୦୧୯ରେ ଘୋଷଣା କରିଥିଲା। ମାତ୍ର ଗତ ବର୍ଷ କରୋନା ମହାମାରୀ ଯୋଗୁ ଡିଲ୍ ବିଳମ୍ବ ହୋଇଥିଲା। ଚଳିତ ବର୍ଷ ଏହି ଡିଲ୍ ଚୂଡ଼ାନ୍ତ ହେବା ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଜୁନ୍ରେ କହିଥିଲେ। ଆରାମ୍କୋର ଅଧ୍ୟକ୍ଷ ୟାସିର ଅଲ୍-ରୁମାୟନ ବର୍ତ୍ତମାନ ରିଲାଏନ୍ସ ବୋର୍ଡରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଅଛନ୍ତି।

# ତେଲ ଦର ବୃଦ୍ଧିରୁ ମିଳିବନି ଆଶ୍ୱସ୍ତି

ନୂଆଦିଲ୍ଲୀ,୧୬।୮



- ସ୍ପଷ୍ଟ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ
- ଉତ୍ପାଦ ଟିକସ ହ୍ରାସ ପାଇଁ ମନା କଲେ
- କହିଲେ ତେଲ ମହଙ୍ଗା ପାଇଁ ଉପା ସରକାର ଦାୟୀ

କରୋନା କାଳରେ ତେଲ ଦର ଶତକ ପାର କରିବାରୁ ଖାଉଟିଙ୍କ ଚିନ୍ତା ବଢ଼ିଯାଇଛି। ଲୋକମାନେ ବର୍ତ୍ତମାନ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ବେଳେ ପେଟ୍ରୋଲ,ଡିଜେଲ ଦର ମାତ୍ରାଧିକ ବୃଦ୍ଧି ଲୋକଙ୍କ ଲାଗି ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଇନ୍ଧନ ଉପରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଲାଗୁ କରୁଥିବା ବୃହତ୍ ପରିମାଣର ଟିକସ ଯୋଗୁ ଏହାର ଦର ଖସୁନାହିଁ। ତେଲ ଦର କମାଇବା ଲାଗି ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଏପଟେ ନିକଟରେ ତାମିଲନାଡୁ ସରକାର ପେଟ୍ରୋଲ ଦର ୩ ଟଙ୍କା କମାଇ ଲୋକଙ୍କୁ କିଛିଟା ଆଶ୍ୱସ୍ତି ଦେଇଛନ୍ତି। ଏହି ପ୍ରସଙ୍ଗରେ ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମୁହଁ ଖୋଲିଛନ୍ତି। ଏବେ ତେଲ ଦର କମିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କାରଣ ବର୍ତ୍ତମାନ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଲାଗୁ କରୁଥିବା ଉତ୍ପାଦ ଟିକସ ବର୍ତ୍ତମାନ କମାଇବେ ନାହିଁ। ଇନ୍ଧନ ଦର ମହଙ୍ଗା ହେବାରେ ପୂର୍ବର ଉପା ସରକାର ଦାୟୀ ବୋଲି ସୀତାରାମନ କହିଛନ୍ତି।

ପୂର୍ବର ଉପା ସରକାରଙ୍କୁ ସେ ଟାର୍ଗେଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ପୂର୍ବ ସରକାରଙ୍କ ବୋଝକୁ ଆମେ ବର୍ତ୍ତମାନ ବୋହୁଛୁ। ଏଭଳି ସ୍ଥିତିରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଟିକସ କମାଇବା ସମ୍ଭାବନା ବହୁତ କମ୍। ତାମିଲନାଡୁ ସରକାର ନିକଟରେ ପେଟ୍ରୋଲ ଉପରେ ୩ ଟଙ୍କା ହ୍ରାସ କରିଥିବା ବେଳେ କେନ୍ଦ୍ର ସରକାର ଟିକସ କମାଇବେ କି ନାହିଁ ବୋଲି ଏକ ପ୍ରଶ୍ନର ଉତ୍ତରରେ ସୀତାରାମନ ଏଭଳି ସ୍ପଷ୍ଟୀକରଣ ରଖିଥିବା ଜଣାପଡିଛି। ସୋମବାର ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି, ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥିବା ସମୟରେ ପେଟ୍ରୋଲିୟମ ପ୍ରଡକ୍ଟ ଦାମ କମ୍ କରିବା ଲାଗି ୧.୪୪ ଲକ୍ଷ କୋଟି ଟଙ୍କାର ଏକ ଅଏଲ ବଣ୍ଡ ଜାରି କରିଥିଲେ, ଯାହାକୁ ବର୍ତ୍ତମାନ ସରକାର ଶୁଝୁଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏଥି ବାବଦ ୧.୩୧ ଲକ୍ଷ କୋଟି ଟଙ୍କା ବକେୟା ରହିଛି। ୨୦୨୬ ଯାଏ ସରକାରଙ୍କୁ ଏଥିଲାଗି ୩୭,୩୪୦ କୋଟି ଟଙ୍କା ସୁଧ ଗଣିବାକୁ ପଡିବ। ଏଭଳି ସ୍ଥିତିରେ ଉତ୍ପାଦ ଟିକସ କମାଇ ତେଲ ଦର କମ୍ କରିବା କଷ୍ଟକର ବ୍ୟାପାର। ସେ ପୁଣି କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ଅଏଲ ବଣ୍ଡ ସୁଧ ବାବଦକୁ କେନ୍ଦ୍ର ସରକାର ୭୦,୧୯୬ କୋଟି ଟଙ୍କା ପଇଠ କରିଛନ୍ତି। ୨୦୦୫ରୁ ୨୦୦୯ ମଧ୍ୟରେ ଅଏଲ ବଣ୍ଡ ଜାରି କରିବା ଦ୍ୱାରା ଉପା ସରକାର ଅର୍ଥ ସଂଗ୍ରହ କରିଥିଲେ। ସେହି ସମୟରେ ସରକାର ଜାରି କରିଥିବା ବଣ୍ଡ ଅର୍ଥ ବର୍ତ୍ତମାନ ସରକାରଙ୍କୁ ପଇଠ କରିବାକୁ ପଡୁଛି।

### ଟିକସ ଯୋଗୁ ତେଲ ଦର ୨ ଗୁଣା

ସାରା ଦେଶରେ ପେଟ୍ରୋଲର ମୂଳ ଦର ୪୧ ଟଙ୍କା ଏବଂ ଡିଜେଲ ୪୨ ଟଙ୍କା ରହିଛି। ମାତ୍ର କେନ୍ଦ୍ର ଏବଂ ରାଜ୍ୟ ସରକାର ଲାଗୁ କରୁଥିବା ବର୍ଦ୍ଧିତ ଟିକସ ଯୋଗୁ ପେଟ୍ରୋଲ ଦେଶର କିଛି ପ୍ରାନ୍ତରେ ଲିଟର ପିଛା ୧୧୦ ଟଙ୍କାରେ ବିକ୍ରି ହେଉଛି। କେନ୍ଦ୍ର ସରକାର ପେଟ୍ରୋଲ ଉପରେ ୩୩ ଟଙ୍କା ଏବଂ ଡିଜେଲ ଉପରେ ୩୨ ଟଙ୍କାର ଉତ୍ପାଦ ଟିକସ ଲାଗୁ କରୁଛନ୍ତି। ସେହିଭଳି ରାଜ୍ୟ ସ୍ତରରେ ଭିନ୍ନ ଭିନ୍ନ ଭାଟ୍ ରହୁଛି। ଫଳରେ ପେଟ୍ରୋଲ ଏବଂ ଡିଜେଲର ରିଟେଲ ଦର ମୂଳ ଦର ବା ବେସ୍ ପ୍ରାଇସ ଠାରୁ ୨ ଗୁଣ ରହୁଛି। ଭାରତରେ ପେଟ୍ରୋଲ ଉପରେ ୫୬ ଟଙ୍କା ଏବଂ ଡିଜେଲ ଉପରେ ୪୫ ଟଙ୍କାର ଟିକସ ଦେବାକୁ ପଡୁଛି।

### ଅଏଲ ବଣ୍ଡ କଣ?

କେନ୍ଦ୍ର ସରକାର ୨୦୦୫ରୁ ୨୦୦୯ ମଧ୍ୟରେ ୪ ଲକ୍ଷ କୋଟି ଟଙ୍କାର ଅଏଲ ବଣ୍ଡ୍ ଜାରି କରିଥିଲେ। ବଜାରରୁ ଅର୍ଥ ଉଠାଇ ସେହି ସମୟରେ ସ୍ଥିତିକୁ ନିୟନ୍ତ୍ରିତ କରାଯାଇଥିଲା। ବିଶ୍ୱ ବଜାରର ମାନ୍ଦାବସ୍ଥା ସତ୍ତ୍ୱେ ଭାରତରେ ତେଲ ଦର ନିୟନ୍ତ୍ରଣ ବାହାରକୁ ଯାଇ ନ ଥିଲା। ଅପରପକ୍ଷରେ ଏକ ନିର୍ଦ୍ଦିଷ୍ଟ ଅବଧି ଲାଗି ଏହି ବଣ୍ଡ୍ ଜାରି କରାଯାଇଥିବାରୁ ସରକାରଙ୍କୁ ରାଜକୋଷରୁ ତୁରନ୍ତ ଅର୍ଥ ଲୋକଙ୍କୁ ଫେରାଇବାକୁ ପଡିନ ଥିଲା। ବିଶେଷ କରି ସେହି ସମୟରେ ସବ୍ସିଡିରେ ଲୋକଙ୍କୁ ଶସ୍ତାରେ ତେଲ ଯୋଗାଣ ଲାଗି ଏଭଳି ବ୍ୟବସ୍ଥା ହୋଇଥିଲା। ଏହାର ଅର୍ଥ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଯାହାବି ହେଉ ସରକାର ନିଜ ହିସାବରେ ତେଲ ଦର ନିର୍ଦ୍ଧାରଣ କରୁଥିଲେ। ୨୦୦୮ର ବିଶ୍ୱ ମାନ୍ଦାବସ୍ଥା ଯୋଗୁ ତୈଳ ବିପଣନ କମ୍ପାନୀଗୁଡିକର ସ୍ଥିତି ବିଗିଡିବାରୁ ଅଏଲ ବଣ୍ଡ ପରିବର୍ତ୍ତେ କମ୍ପାନୀ ସରକାରଙ୍କୁ କ୍ୟାଶ୍ ଦେବାକୁ କହିଲେ। ୨୦୧୦ରେ ଅଏଲ୍ ବଣ୍ଡ ପେମେଣ୍ଟ ସିଷ୍ଟମକୁ ବନ୍ଦ କରିଦିଆଗଲା। ୨୦୦୫ରୁ ୨୦୦୯ ମଧ୍ୟରେ ଯେଉଁ ବଣ୍ଡ୍ ଜାରି କରାଯାଇଥିଲା ତା'ର ଅବଧି ୨୦୨୨ରୁ ୨୦୨୬ ମଧ୍ୟରେ ପୂରଣ ହେଉଛି।



ଧ-୨୧୩୫୪

### ଓଏସ୍ଏଚ୍ସି ପକ୍ଷରୁ ସ୍ୱାଧୀନତା ଦିବସ

ଭୁବନେଶ୍ୱର,୧୬।୮

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା (ଓଏସ୍ଏଚ୍ସି) ମୁଖ୍ୟ କାର୍ଯ୍ୟାଳୟ 'ଗୃହ ନିର୍ମାଣ ଭବନ' ପରିସରରେ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟଯନ୍ତ୍ରୀ ପରିକ୍ଷିତ ଦାସ, ଯୋଜନା ଅଧିକାରୀ ମାନସ ରଞ୍ଜନ ଦାସ, ପିଆର୍ଓ ବସନ୍ତ କୁମାର ସାହାଣୀ ଏବଂ କର୍ମଚାରୀ ସଂଘ ସଭାପତି ମନୋଜ କୁମାର ମହାନ୍ତି ଉପସ୍ଥିତ ଥିଲେ।

## ମାଲାବାରର ବ୍ରାଇଡ୍ସ ଅଫ୍ ଇଣ୍ଡିଆ କ୍ୟାମ୍ପେନ

ନୂଆଦିଲ୍ଲୀ,୧୬।୮



ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ ବ୍ରାଇଡ୍ସ ଅଫ୍ ଇଣ୍ଡିଆ କ୍ୟାମ୍ପେନର ୯ମ ସଂସ୍କରଣକୁ ଶୁଭାରମ୍ଭ କରିଛି। ଏହି ଅବସରରେ ଏକ ସ୍ୱତନ୍ତ୍ର ୱେଡିଂ ଥିମ୍ ସଙ୍ଗ୍ ମେକ୍ ୱେଫର ଦି ବ୍ରାଇଡ୍ସର ଉନ୍ମୋଚନ କରାଯାଇଛି। ଏଥିରେ ବିବାହରେ ଜଣେ କନ୍ୟାଙ୍କର ଗ୍ରାଣ୍ଡ ଏଣ୍ଟ୍ରିକୁ ଦର୍ଶାଯାଇଛି। ୩ ମିନିଟର ଏହି ଭିଡିଓକୁ ସୋସିଆଲ ମିଡିଆ ପ୍ଲାଟ୍ଫର୍ମରେ ମାତ୍ର ୪୮ ଘଣ୍ଟାରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖିସାରିଲେଣି। ଏଥିରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର ବ୍ରାଣ୍ଡ ଆମ୍ବାସାଡର ଅନୀଲ କପୁର, କରିନା କପୁର ପ୍ରମୁଖ ଅଭିନୟ କରିଛନ୍ତି। ଡେନସୁ ଇଣ୍ଡିଆ ଦ୍ୱାରା ଏହି ୱେଡିଂ ଆନ୍ଥେମକୁ ପ୍ରସ୍ତୁତ କରାଯାଇଛି। ୱାର୍ଲଡ ଅଫ୍ ସେଲ୍ୟୁଲଏଡର ପ୍ରଫେଶନାଲମାନେ ମଧ୍ୟ ଏଥିରେ କାମ କରିଛନ୍ତି। କୁକି ଗୁଲାଟି ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଫଟୋଗ୍ରାଫି ଡାଇରେକ୍ଟର ଭାବେ ଅମିତ ରଏ, ମ୍ୟୁଜିକରେ ଅନୁପମ ରଏ ଏବଂ ଗୀତ ରଚନାରେ ଜୁହି ଚତୁର୍ବେଦୀ ରହିଛନ୍ତି।

## ହାଭେଲ୍ସ-ଲଏଡ୍ର ନୂଆ ସେଣ୍ଟର

ଭୁବନେଶ୍ୱର,୧୬।୮



ହାଭେଲ୍ସ ଆଣ୍ଡ ଲଏଡ୍ ପକ୍ଷରୁ ସ୍ଥାନୀୟ ନଖରା ଫ୍ଲାଏଓଭର ନିକଟସ୍ଥ ପାହାଳଠାରେ ଏକ ବୃହତ୍ ଶୋ'ରୁମ୍ ସୋମବାର ଆରମ୍ଭ ହୋଇଛି। ଲୋକପ୍ରିୟ ଓଡ଼ିଆ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସବ୍ୟସାଚୀ ମିଶ୍ର ଏବଂ ଅର୍ଚ୍ଚିତା ସାହୁଙ୍କ ଦ୍ୱାରା ଏହି ନୂତନ ଶୋ'ରୁମ୍ର ଉଦ୍ଘାଟନ ହୋଇଯାଇଛି। କମ୍ପାନୀର ଏହା ୱାର୍ଲଡ ଏକ୍ସପେରିଏନ୍ସ ସେଣ୍ଟର ଭାବେ ପରିଗଣିତ ହେଉଛି। ଓଡ଼ିଶାରେ ଏହା ପ୍ରଥମ ଏବଂ ସାରା ଭାରତରେ ସର୍ବବୃହତ୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ରାଜ୍ୟର ପ୍ରତିଷ୍ଠିତ ବ୍ୟବସାୟିକ ଅନୁଷ୍ଠାନ ଗାୟତ୍ରୀ ଦେବୀ ଗ୍ରୁପ୍ ସହାୟତାରେ ଏହାର ପରିକଳ୍ପନା କରାଯାଇଛି। ଏହି ଶୋ'ରୁମ୍ ପରିସରରେ ହାଭେଲ୍ସ ଓ ଲୟୋଡ୍ର ସବୁପ୍ରକାର ଘରୋଇ ଉତ୍ପାଦ ଉପଲବ୍ଧ ରହିଛି ବୋଲି ହାଭେଲ୍ସର ଓଡ଼ିଶା ବାଣିଜ୍ୟିକ ମୁଖ୍ୟ ଦେବାଶିଷ ମିତ୍ର କହିଛନ୍ତି। ସେହିଭଳି ସିଷ୍ଟମ ଇଣ୍ଡିଆ ଆଉଟଡୋରସ୍ର ସୋଲାର ପ୍ରୋଟେକ୍ସନ ସିଷ୍ଟମ ମଧ୍ୟ ଗ୍ରାହକ ପାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ଗାୟତ୍ରୀ ଦେବୀ ଗ୍ରୁପର ନିର୍ଦ୍ଦେଶିକା ନିରୁପମା ବିଶ୍ୱାଳ, ଉପସଭାପତି ସି.ଆର୍. ଦେବତା, ଜ୍ଞାନରଞ୍ଜନ ଧଳ (ଜିଏମ୍,ସେଲ୍ସ)ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ।

## ଜିଓ ମାର୍ଟର ଫୁଲ୍ ପୈସା ବସୁଲ୍ ସେଲ୍

ନୂଆଦିଲ୍ଲୀ,୧୬।୮

ରିଲାଏନ୍ସର ଜିଓମାର୍ଟ ଏବଂ ସ୍ମାର୍ଟ ସୁପରଷ୍ଟୋରରେ ବହୁ ପ୍ରତୀକ୍ଷିତ ଗ୍ରସେରି ସେଲ୍ ଫେଷ୍ଟିଭାଲ ଫୁଲ୍ ପୈସା ବସୁଲ ସେଲ୍ ଆରମ୍ଭ ହୋଇଛି। ଏହା ଚଳିତ ମାସ ୧୮ ତାରିଖ ଯାଏ ଚାଲିବ। ରିଲାଏନ୍ସର ୧୨ ଶହରୁ ଊର୍ଦ୍ଧ୍ୱ ଷ୍ଟୋରରେ ଗ୍ରାହକ ଏହି ସେଲ୍ରେ ଭାଗ ନେଇପାରିବେ। ଏହା ମଧ୍ୟରେ ସ୍ମାର୍ଟ ସୁପର ଷ୍ଟୋର, ସ୍ମାର୍ଟ ପଏଣ୍ଟ, ରିଲାଏନ୍ସ ଫ୍ରେସ୍ ରହିଛି। ଚଳିତ ବର୍ଷ ମଧ୍ୟ ଖାଦ୍ୟ ସାମଗ୍ରୀ, ପ୍ୟାକେଟ ଖାଦ୍ୟ, ହୋମ ଏବଂ ପର୍ସନାଲ କେୟାର, ଡେରି, ଜେନେରାଲ ମର୍ଚ୍ଚାଣ୍ଡାଇଜ, ପ୍ରମୁଖ ବ୍ରାଣ୍ଡଗୁଡିକର ଆପାରେଲ ଆଇଟମ ଉପରେ ଗ୍ରାହକ ଆକର୍ଷଣୀୟ ଅଫର ଲାଭ କରିପାରିବେ। ବିସ୍କୁଟ, ଚକୋଲେଟ, ସାମ୍ପୁ ଭଳି ସାମଗ୍ରୀ ଉପରେ ୫୦% ଯାଏ ରିହାତି, ମୃଦୁପାନୀୟ, ଟୁଥ୍ପେଷ୍ଟ, ନୁଡୁଲ୍ସ, ସାବୁନ ଉପରେ ପ୍ରାୟ ୩୩% ରିହାତି, ଡିଟର୍ଜେଣ୍ଟ ଉପରେ ୩୦% ରିହାତି ରହିଛି। ବାସ୍ମତି ଚାଉଳ ଏବଂ ତେଲର କମ୍ବୋ ପ୍ୟାକ୍ ୧୪୭୦ ଟଙ୍କା ପରିବର୍ତ୍ତେ ୧୦୪୯ ଟଙ୍କାରେ ମିଳୁଛି। ଗ୍ରାହକ ସେମାନଙ୍କ ପସନ୍ଦର ସାମଗ୍ରୀ ଜିଓମାର୍ଟ ଆପ୍ରୁ ଅର୍ଡର କରି ମାଗଣାରେ ଡେଲିଭରି ଲାଭ କରିପାରିବେ। ମିନିମମ ଅର୍ଡରେ ଲିମିଟ୍ ରଖାଯାଇନାହିଁ।




**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


FINANCE
Pvt. Finance Secured /Unsecured
10Cr to 100Cr.
against property at low Interest.
9008185706
9588088806

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨0000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ ୨୨୨/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
7983517788
8004625362

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

DHANLAXMI FINANCE
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457719344
9458657264

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଫୁରସତ୍**

## ସ୍ୱାମୀଙ୍କ ପାଇଁ ମନ୍ଦିର



**ହାଇଦ୍ରାବାଦ:** ସ୍ୱାମୀଙ୍କ ପାଇଁ ସ୍ୱତନ୍ତ୍ରଭାବରେ ଏକ ମନ୍ଦିର ତିଆରି କରି ତାଙ୍କୁ ପୂଜା କରୁଛନ୍ତି ଆନ୍ଧ୍ରପ୍ରଦେଶର ଜଣେ ମହିଳା ପଦ୍ମାବତୀ। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତାଙ୍କ ପାଇଁ ଏକ ଭବ୍ୟ ମନ୍ଦିର ତିଆରି କରିଛନ୍ତି। ଆନ୍ଧ୍ରପ୍ରଦେଶର ପୋଡିଲି ସହରରେ ଥିବା ନିମାବରମ୍ ଗାଁରେ ରହନ୍ତି ୪୩ ବର୍ଷୀୟା ପଦ୍ମାବତୀ। ସେଏବେ ଗାଁରେ ଏକ ସୁନ୍ଦର ମନ୍ଦିର ତିଆରି କରିଛନ୍ତି ଏବଂ ସେହି ମନ୍ଦିରରେ ସେ ତାଙ୍କ ସ୍ୱାମୀ ଆଙ୍କି ରେଡ୍ଡୀଙ୍କର ଏକ ପ୍ରତିମା ସ୍ଥାପନ କରି ପୂଜା କରୁଛନ୍ତି। ପଦ୍ମାବତୀଙ୍କ ସ୍ୱାମୀ ୪ ବର୍ଷ ତଳେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ପରେ ସେ ତାଙ୍କ ସ୍ୱାମୀଙ୍କ ପାଇଁ ଏକ ମନ୍ଦିର ତିଆରି କରିଥିଲେ। ସେ ମନ୍ଦିରରେ ପୂଜା କରିବାର ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ପୱନଦୀପ ଇଣ୍ଡିଆନ ଆଇଡଲ ବିଜେତା



**ମୁମ୍ବାଇ:** ସୋନି ଟିଭିରେ ପ୍ରସାରିତ ଗୀତ ରିଆଲିଟି ଶୋ ଇଣ୍ଡିଆନ ଆଇଡଲ-୧୨ର ଗ୍ରାଣ୍ଡ ଫାଇନାଲ ଶେଷ ହୋଇଛି। ୧୫ ଅଗଷ୍ଟରେ ଇଣ୍ଡିଆନ ଆଇଡଲ ଏହାର ଦ୍ୱାଦଶ ବିଜେତା ପାଇଛି। ପୱନଦୀପ ରାଜନ ଇଣ୍ଡିଆନ ଆଇଡଲର ଏହି ସଂସ୍କରଣର ବିଜେତା ହୋଇଛନ୍ତି। ତାଙ୍କୁ ବିଳାସପୂର୍ଣ୍ଣ କାର୍, ଟ୍ରଫି ଏବଂ ୨୫ ଲକ୍ଷ ଟଙ୍କା ମଧ୍ୟ ପୁରସ୍କାର ମିଳିଛି। ଫାଇନାଲରେ ପୱନଦୀପ ରାଜନଙ୍କ ଅରୁନିତା କାଞ୍ଜିଲାଲ, ମହମ୍ମଦ ଦାନିଶ, ଶନମୁଖ ପ୍ରିୟା, ନିହାଲ ତାରୋ ଏବଂ ସାୟଲି କାମ୍ବଲେଙ୍କ ସହ କଡ଼ା ପ୍ରତିଯୋଗିତା ହୋଇଥିଲା। ଶେଷରେ ବାଜି ମାରିନେଇଥିଲେ ପୱନଦୀପ। ଇଣ୍ଡିଆନ ଆଇଡଲର ଗ୍ରାଣ୍ଡ ଫାଇନାଲ ୧୨ ଘଣ୍ଟା ଧରି ଚାଲିଥିଲା। ଏଥର ଫାଇନାଲ ରେସରେ ସ୍ଥାନ ପାଇବା ପାଇଁ ପ୍ରତିଯୋଗୀମାନଙ୍କୁ ବହୁ ସଂଘର୍ଷ କରିବାକୁ ପଡିଥିଲା।

## ମନୀଷାଙ୍କୁ ଖରାପ ଅଭିନେତ୍ରୀ କହିଥିଲେ ନିର୍ଦ୍ଦେଶକ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ମନୀଷା କୋଇରାଲା ତାଙ୍କ ୫୧ ତମ ଜନ୍ମଦିନ ପାଳନ କରିଛନ୍ତି। ଫିଲ୍ମ 'ସୌଦାଗର'ରୁ ବଲିଉଡରେ କ୍ୟାରିୟର ଆରମ୍ଭ କରିଥିଲେ ମନୀଷା। ଅନେକ ସୁପରହିଟ ଫିଲ୍ମରେ ନିଜର ଅଭିନୟ ଯାଦୁ ଦେଖାଇଥିବା ମନୀଷାଙ୍କୁ ଏକ ଅଡିଶନ ସମୟରେ ନିର୍ଦ୍ଦେଶକ ବିଦୁ ବିନୋଦ ଚୋପ୍ରା 'ଖରାପ ଅଭିନେତ୍ରୀ' ବୋଲି ମଧ୍ୟ କହିଥିଲେ। କିନ୍ତୁ ମନୀଷା ତାଙ୍କୁ ଭୁଲ ପ୍ରମାଣ କରି ନିଜର ପ୍ରତିଭା ପ୍ରମାଣ କରିଥିଲେ। ଏ ନେଇ ସେ ତାଙ୍କ ପୁସ୍ତକ 'ହେଲ୍ଦ ହାଓ କ୍ୟାନ୍ସର ଗିଭ ମି ଏ ନ୍ୟୁ ଲାଇଫ' ଏହା ପ୍ରକାଶ କରିଛନ୍ତି। ୧୯୪୨ରେ 'ଏକ ଲଭ ଷ୍ଟୋରୀ' ପାଇଁ ଏକ ଦୃଶ୍ୟର ଶୁଟିଂ ନିମନ୍ତେ ବିଦୁ ବିନୋଦ ଚୋପ୍ରା ଡାକିଲେ। ଅଡିଶନ ପରେ ବିନୋଦ ତାଙ୍କୁ ଖରାପ ଅଭିନେତ୍ରୀ ବୋଲି କହିଥିଲେ। ଏହା ମନୀଷାଙ୍କୁ ବାଧିଥିଲା। ଏହାକୁ ସେ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରି ଚୋପ୍ରାଙ୍କୁ ପୁଣି ଅଡିଶନ ଦେଇ ନିଜ ଟ୍ୟାଲେଣ୍ଟ ଦେଖାଇଥିଲେ।

**ମନେ ପଡ଼ନ୍ତି**

ଚତୁର୍ଦ୍ଦଶ ଦିବସ ଅବସରରେ

୰ନବକିଶୋର ମଲ୍ଲ
ଆବିର୍ଭାବ: ତା୧୪।୧୧।୧୯୫୦ରିଖ
ତିରୋଧାନ:ତା୦୪।୦୮।୨୦୨୧ରିଖ
ଆଜିବି ବିଶ୍ୱାସ ହେଉ ନାହିଁ ତୁମେ ଆମମାନଙ୍କୁ ଛାଡ଼ି ଆଉ ଏକ ଅଜଣା ରାଇଜକୁ ଚାଲିଯାଇଛ। ଜନ୍ମ ମାଟିକୁ ଭଲ ପାଇବା, ଆପଣଙ୍କ ସ୍ନେହବୋଳା କଥା ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ବିନତି କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୨୧୩୬୩

ଷଷ୍ଠତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ କୁଞ୍ଜବିହାରୀ ତ୍ରିପାଠୀ
M5/23, ଭୁବନେଶ୍ୱର, ଆଚାର୍ଯ୍ୟ ବିହାର
ଆବିର୍ଭାବ : ୦୯.୦୫.୧୯୩୬
ତିରୋଧାନ : ୨୫.୦୮.୨୦୧୫
ବାପା, ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତମର ଶୂନ୍ୟତା ଆମପାଇଁ ଅପୂରଣୀୟ, ତମର ସ୍ମୃତି ଚିରସ୍ମରଣୀୟ।
-: ଶୋକସନ୍ତପ୍ତ :-
ଝିଅ, ଜ୍ୱାଇଁ- କୁକୁ ଓ ଟୁଟ୍, ନିତୁ ଓ ରାମ, ପୁଅ, ବୋହୂ- ବାବୁନା ଓ ମାମୁନୀ, ନାତି-କୁଟ୍ଟୁ, ଡୁକି ଓ ପୁଜି, ନାତୁଣୀ-ପ୍ରାଚୀ, ଶୈବୀ, ନୈଶା ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୧୧୩୨

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଶ୍ରୀମତୀ ସୀତା ରାଉତରାୟ
ଆବିର୍ଭାବ : ୦୨.୦୨.୧୯୩୪
ତିରୋଧାନ : ୧୯.୦୭.୨୦୨୦
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ସାମୀ- ଶ୍ରୀଯୁକ୍ତ ଅଇଁଠା ରାଉତରାୟ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୧୧୩୧

# ଭାରତର ବୃହତ୍ ବିଜୟ

ଲର୍ଡ୍ସ, ୧୬।୮

ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ବୃହତ୍ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ। ବିରାଟ କୋହଲିଙ୍କ ଦଳ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଘରୋଇ ଇଂଲଣ୍ଡକୁ ୧୫୧ ରନରେ ପରାସ୍ତ କରିଛି। ୬୦ ଓଭରରୁ ୨୭୨ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଘରୋଇ ଦଳ ୫୧.୫ ଓଭରରେ ୧୨୦ ରନକରି ଅଲଆଉଟ ହୋଇ ଯାଇଥିଲା। ଏକଦା ୬୭ ରନରେ ୫ଟି ଏବଂ ୯୦ ରନରେ ୭ମ ଉଇକେଟ ହରାଇ ଇଂଲଣ୍ଡ ବିପଦରେ ପଡ଼ିଥିଲେ ହେଁ ଜୋସ ବଟଲର ଲଢ଼େଇ କରି ଭାରତ ବିଜୟକୁ ବିଳମ୍ବିତ କରିଥିଲେ। ପ୍ରଥମ ଟେଷ୍ଟରେ ବର୍ଷା ଇଂଲଣ୍ଡକୁ ସହାୟକ ହୋଇଥିଲା। ମାତ୍ର ଦ୍ୱିତୀୟ ଟେଷ୍ଟରେ ବିଜୟ ସହ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଏଠାରେ ଭାରତ ପ୍ରଥମ ଇନିଂସରେ ୩୬୪ ରନ କରିଥିବାବେଳେ ଇଂଲଣ୍ଡ ୩୯୧ ରନ ସ୍କୋର କରି ଅଗ୍ରଣୀ ହାସଲ କରିଥିଲା। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୨୯୮/୮ରେ ଘୋଷଣା କରିଥିଲା।



ଅର୍ଦ୍ଧଶତକ ହାସଲକାରୀ ମହମ୍ମଦ ସାମି(ଡାହାଣ)ଙ୍କୁ ବଧେଇ ଜଣାଉଛନ୍ତି ଯଶପ୍ରୀତ୍ ବୁମ୍ରା।

## ସାମି, ବୁମ୍ରାଙ୍କ ସାହସିକ ବ୍ୟାଟିଂ

ଭାରତର ଦ୍ୱିତୀୟ ଇନିଂସ ଆରମ୍ଭ ଭଲ ହୋଇ ନ ଥିଲା। ପ୍ରଥମ ଇନିଂସରେ ଶତକ ଅର୍ଜନକାରୀ ଲୋକେଶ ରାହୁଲ ୫ ଓ ରୋହିତ ଶର୍ମା ୨୧ ରନରେ ଆଉଟ ହେବାରୁ ୨୭ ରନ ମଧ୍ୟରେ ଦଳ ଦୁଇ ଓପନରଙ୍କୁ ହରାଇଥିଲା। ଦୁଇ ଓପନରଙ୍କୁ ବିଦାୟ ପଥ ଦେଖାଇଥିଲେ ମାର୍କ ଉଡ୍। ସମ୍ପ୍ରତି ଖରାପ ଫର୍ମଦେଇ ଚାଲୁଥିବା ଚେତେଶ୍ୱର ପୂଜାରା ଓ ବିରାଟ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିରାଟ ୩୧ ବଲ୍‌ରୁ ୨୦ (୪ ଚୌକା) ରନ କରିଥିବାବେଳେ ସାମ୍ କୁରାନଙ୍କ ଅଫ୍‌ସାଇଡ୍ ବାହାର ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ଜୋସ ବଟଲରଙ୍କ ହାତରେ ଧରା ପଡ଼ିଥିଲେ। ସେହିପରି ପୂଜାରା ୨୦୬ ବଲ୍‌ରୁ ୪ ଚୌକା ସହାୟତାରେ ୪୫ ରନ କରିଥିବାବେଳେ ଉଡ୍‌ଙ୍କ ତୃତୀୟ ଶିକାର ପାଲଟିଥିଲେ। ଅଜିଙ୍କ୍ୟ ରାହାନେ ବେଶ୍ କିଛି ସମୟ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରି ୨୪ତମ ଟେଷ୍ଟ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ସେ ୧୪୬ ବଲ୍‌ରୁ ୬୧ ରନ କରିଥିବାବେଳେ ସ୍ପିନର ମୋଇନ୍ ଅଲୀଙ୍କ ବଲ୍‌କୁ ଖେଳିବାରେ ଭୁଲ କରିବସି ଉଇକେଟ କିପରଙ୍କୁ କ୍ୟାଚ ଦେଇଥିଲେ। ଶେଷ ଦୁଇ ଆଶା ରବୀନ୍ଦ୍ର ଜାଡେଜା ମାତ୍ର ୩ ଓ ରିଷଭ ପନ୍ତ ୨୨ ରନ କରି ଆଉଟ ହେବା ଭାରତକୁ ଚିନ୍ତାରେ ପକାଇଥିଲା ଏବଂ ଇଂଲଣ୍ଡର ବିଜୟ ଆଶା ଉଜ୍ଜୀବିତ ହୋଇଥିଲା। ଈଶାନ୍ତ ଶର୍ମା ୧୬ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ସାମି ଓ ବୁମ୍ରା କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳି ଘରୋଇ ଦଳର ବିଜୟ ଆଶାରେ ପାଣି ଭରିଥିଲେ। ଇଂଲଣ୍ଡ ବୋଲରଙ୍କୁ ସାହସିକତାର ସହ ସମ୍ମୁଖୀନ ହୋଇ ସାମି ହାସଲ କରିଥିଲେ ଦ୍ୱିତୀୟ ଟେଷ୍ଟ ଅର୍ଦ୍ଧଶତକ। ବୁମ୍ରା ମଧ୍ୟ ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଦୁହେଁ ଅସମାପ୍ତ ୯ମ ଉଇକେଟରେ ୧୨୦ ବଲ୍‌ରୁ ୮୯ ରନ ଯୋଗ କରିବାପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି କୋହଲି ଇନିଂସ ଘୋଷଣା କରିଥିଲେ। ସେତେ ବେଳକୁ ସାମି ୭୦ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୫୬ ଏବଂ ବୁମ୍ରା ୬୪ ବଲ୍‌ରୁ ୩ ଚୌକା ସହିତ ୩୪ ରନରେ ଅପରାଜିତ ରହିଥିଲେ। ଦ୍ୱିତୀୟ ଇନିଂସ ଆରମ୍ଭରେ ଇଂଲଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାତ୍ର ୬୭ ରନରେ ଦଳ ୫ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଦୁଇ ଓପନର ରୋରି ବର୍ନ୍ସ ଓ ଡମ୍ ସିବ୍‌ଲେ ଗୋଲ୍ଡେନ ଡକ୍(୦)ରେ ଆଉଟ ହୋଇଥିବାବେଳେ ହସୀବ ହମିଦ ୯, ଜନି ବେୟାରଷ୍ଟୋ ୨ ଓ ଅଧିନାୟକ ଜୋ ରୁଟ୍ ୩୩ ରନ କରି ଆଉଟ ହୋଇଥିଲେ। ଜୋସ ବଟଲର ଓ ମୋଇନ ଅଲୀ ସତର୍କତାର ସହ ଭାରତୀୟ ବୋଲରଙ୍କୁ ମୁକାବିଲା କରି ଓଭର ଗଡ଼ାଇବାରେ ମନୋନିବେଶ କରିଥିଲେ। ମାତ୍ର ସ୍କୋର ୯୦ ଥିବାବେଳେ ମହମ୍ମଦ ସିରାଜ କ୍ରମାଗତ ୨ଟି ବଲ୍‌ରେ ମୋଇନ (୧୩ ରନ, ୪୨ ବଲ, ୨ ଚୌକା) ଓ ସାମ୍ କୁରାନ(୦)ଙ୍କୁ ଆଉଟ କରି ଭାରତ ପାଇଁ ପୁଣି ଆଶା ଉଜ୍ଜୀବିତ କରିଥିଲେ। ଜୋଶ ବଟଲର ଓ ଓଲି ରବିନସନ ୭୬ ବଲ୍‌ରୁ ୩୦ ରନ ଯୋଗକରି ଭାରତୀୟ ବୋଲରଙ୍କ ଧୈର୍ଯ୍ୟ ପରୀକ୍ଷା କରିଥିଲେ। ତେବେ ସ୍କୋର ୧୨୦ ଥିବାବେଳେ ଏହି ୨ ଉଇକେଟର ପତନ ପୁଣି ଭାରତର ପଲା ଭାରି କରି ଦେଇଥିଲା। ସମାନ ସ୍କୋରରେ ଜେମ୍ସ ଆଣ୍ଡରସନ ମଧ୍ୟ ଆଉଟ ହୋଇ ଯାଇଥିଲେ।



ଜନି ବେୟାରଷ୍ଟୋଙ୍କ ଉଇକେଟ ପତନରେ ଉଲ୍ଲସିତ ଭାରତୀୟ ଦଳ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୬୪। ଇଂଲଣ୍ଡ ପ୍ରଥମ ଇନିଂସ: ୩୯୧। ଭାରତ ଦ୍ୱିତୀୟ ଇନିଂସ: ୨୯୮/୮/ଘୋଷଣା (ଅଜିଙ୍କ୍ୟ ରାହାନେ-୬୧, ମହମ୍ମଦ ସାମି-୫୬*, ଚେତେଶ୍ୱର ପୂଜାରା-୪୫, ଯଶପ୍ରୀତ୍ ବୁମ୍ରା-୩୪*, ମାର୍କ ଉଡ୍-୩/୫୧, ଓଲି ରବିନସନ-୨/୪୫, ମୋଇନ୍ ଅଲୀ-୨/୮୪, ସାମ୍ କୁରାନ-୧/୪୨)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୨୦/ଅଲଆଉଟ(ଜୋ ରୁଟ୍-୩୩, ମହମ୍ମଦ ସିରାଜ-୪/୩୨, ଯଶପ୍ରୀତ୍ ବୁମ୍ରା-୩/୩୩, ଈଶାନ୍ତ ଶର୍ମା-୨/୧୩, ମହମ୍ମଦ ସାମି-୧/୧୩)।



ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଅବସରରେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ରେସଲର ବଜରଙ୍ଗ ପୁନିଆ, ରବି ଦହିୟା ଓ ଦୀପକ ପୁନିଆଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଅଲିମ୍ପିକ ଦଳକୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୧୬।୮ (ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ତାଙ୍କ ବାସଭବନରେ ଅଲିମ୍ପିକ୍ସରୁ ଫେରିଥିବା ଭାରତୀୟ ଆଥଲେଟମାନଙ୍କୁ ପ୍ରାତଃ ଭୋଜନରେ ଆପ୍ୟାୟିତ କରିଛନ୍ତି। ଅଗଷ୍ଟ ୧୫ରେ ଲାଲ୍‌କିଲ୍ଲାଠାରେ ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଉଦ୍‌ବୋଧନ ଦେବା ସମୟରେ ମୋଦି ଟୋକିଓରେ ଏହି ଆଥ୍‌ଲେଟମାନଙ୍କ ସ୍ମରଣୀୟ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଥିଲେ। ଭାରତୀୟ ଆଥଲେଟମାନେ ଟୋକିଓରୁ ୭ ପଦକ ନେଇ ଫେରିଛନ୍ତି। ତନ୍ମଧ୍ୟରେ ଟ୍ରାକ୍ ଆଣ୍ଡ୍ ଫିଲ୍ଡରେ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଐତିହାସିକ ସ୍ୱର୍ଣ୍ଣପଦକ ସାମିଲ ରହିଛି। ଅଲିମ୍ପିକ୍ସରେ ଭାରତର ଏପର୍ଯ୍ୟନ୍ତ ଏହାଥିଲା ଶ୍ରେଷ୍ଠ ପ୍ରଦର୍ଶନ। ମୋଦି ଚୋପ୍ରା ଓ ବ୍ରୋଞ୍ଜ ବିଜୟିନୀ ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁଙ୍କ ସହ କଥା ହୋଇଥିଲେ। ସିନ୍ଧୁ ଭାରତର ଦ୍ୱିତୀୟ ଓ ପ୍ରଥମ ମହିଳା ଭାବେ ଦୁଇଟି ଅଲିମ୍ପିକ ପଦକ ଜିତିବାରେ ସଫଳ ହୋଇଛନ୍ତି। ରିଓ ଡି' ଜେନିରୋଠାରେ ୫ ବର୍ଷ ପୂର୍ବେ ସେ ଜିତିଥିବା ରୌପ୍ୟ ପଦକଟିକୁ ମଧ୍ୟ ସାଥିରେ ଆଣିଥିଲେ। ୪୧ ବର୍ଷପରେ ଏକ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳର ଖେଳାଳିମାନଙ୍କ ସହିତ ମଧ୍ୟ ମୋଦି ବାର୍ତ୍ତାଳାପ କରିଥିଲେ। ଗୋଟିଏ ହକି ଷ୍ଟିକ୍‌କୁ ସେ ପରୀକ୍ଷା କରି ଦେଖୁଥିଲେ। ଅଲିମ୍ପିକ୍ସରୁ ଦୁଇ ପଦକ ନେଇ ଫେରିଥିବା ରବି ଦହିୟା (ରୌପ୍ୟ) ଓ ବଜରଙ୍ଗ ପୁନିଆ (ବ୍ରୋଞ୍ଜ) ମଧ୍ୟ ଉପସ୍ଥିତ ଥିଲେ। ଡବ୍ଲ୍ୟୁଏଫ୍‌ଆଇ ଦ୍ୱାରା ସସ୍‌ପେଣ୍ଡ ହୋଇଥିବା ରେସ୍‌ଲର ଭିନେଶ ଫୋଗତ ଉପସ୍ଥିତ ଥିଲେ। ତାଙ୍କ ବ୍ୟତୀତ ଅଂଶୁ ମଲିକ, ସୀମା ବିସ୍‌ଲା ଏବଂ କୋଚ୍ ଜଗମିନ୍ଦର ସିଂ ମଧ୍ୟ ଆସିଥିଲେ। ପ୍ରତିଯୋଗିତାର ପ୍ରଥମ ଦିବସରେ ରୌପ୍ୟ ସହ ଭାରତର ପଦକ ଖାତା ଖୋଲିଥିବା ମୀରାବାଈ ଚାନୁ ଏବଂ ବ୍ରୋଞ୍ଜ ବିଜୟିନୀ ବକ୍ସର ଲଭଲିନା ବୋର୍ଗୋହେନ୍‌ଙ୍କୁ ଦେଖିବାକୁ ମିଳିଥିଲା। ସମସ୍ତ ପ୍ରକାର କଳ୍ପନା ଜଳ୍ପନାକୁ ଏଡ଼ାଇ ପ୍ରଥମ ଥର ଅଲିମ୍ପିକ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ମହିଳା ହକି ଦଳ, ବକ୍ସିଂ, ଶୁଟିଂ ଓ ଆଥଲେଟିକ୍ସ ଦଳର ସଦସ୍ୟ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଉପସ୍ଥିତ ଥିଲେ।

## ମହାନ୍ ଫୁଟ୍‌ବଲର ମୁଲରଙ୍କ ଦେହାନ୍ତ

**ମ୍ୟୁନିକ୍, ୧୬।୮ (ଏପି):** ବେୟର୍ନ ମ୍ୟୁନିକ୍ ଓ ପୂର୍ବତନ ୱେଷ୍ଟ ଜର୍ମାନୀ ଫରୱାର୍ଡ ଜେରଡ୍ ମୁଲରଙ୍କ ୭୫ ବର୍ଷ ବୟସରେ ପରଲୋକ ଘଟିଛି। ସେ ତାଙ୍କ ସ୍କୋରିଂ ଦକ୍ଷତାକୁ ନେଇ 'ଡର୍ ବମ୍ବର' ନାମରେ ପରିଚିତ ଥିଲେ। ମୁଲର ୧୯୬୪ରୁ ୧୯୭୯ ପର୍ଯ୍ୟନ୍ତ ବେୟର୍ନ ତରଫରୁ ଖେଳି ୫୬୬ ଗୋଲ ସ୍କୋର କରିଛନ୍ତି। ତାଙ୍କ ସମୟରେ ସେ ଦଳକୁ ୪ ଜର୍ମାନ ଟାଇଟଲ, ୪ ଜର୍ମାନୀ କପ୍ ଏବଂ ତିନୋଟି ୟୁରୋପିଆପ୍ କପ୍‌ରେ ବିଜୟୀ କରାଇଥିଲେ। ବୁନ୍ଦେସଲିଗାରେ ସବୁଠାରୁ ଅଧିକ ଗୋଲ ସ୍କୋର କରିବା ରେକର୍ଡ ଏପର୍ଯ୍ୟନ୍ତ ତାଙ୍କ ନାମରେ ରହିଛି। ସେ ୪୨୭ ଲିଗ୍ ମ୍ୟାଚରେ ୩୬୫ ଗୋଲ ସ୍କୋର କରିଛନ୍ତି। ମୁଲର ୨୦୧୫ରୁ ଅଲ୍‌ଝିମର୍ସ ରୋଗରେ ପୀଡ଼ିତ ଥିଲେ। ବେୟର୍ନ ତରଫରୁ ମୁଲର ୬୦୭ଟି ପ୍ରତିଯୋଗିତାମୂଳକ ମ୍ୟାଚ ଖେଳିଛନ୍ତି। ଲିଗ୍‌ରେ ୭ଥର ସେ ଟପ୍ ସ୍କୋରର ରହି ଆସିଥିଲେ। ୧୯୭୧-୭୨ ବୁନ୍ଦେସଲିଗା ସିଜନରେ ମୁଲର ରେକର୍ଡ ୪୦ ଗୋଲ୍ ସ୍କୋର କରିଥିଲେ। ଏହି ରେକଡକୁ ବେୟର୍ନ ଫରୱାର୍ଡ ରବର୍ଟ ଲିୱାଣ୍ଡୋସ୍କି ଭାଙ୍ଗି ଦେଇଛନ୍ତି। ଲିୱାଣ୍ଡୋସ୍କି ଅନ୍ତିମ ଗେମ୍‌ର ଶେଷ ମିନିଟ୍ ୪୧ତମ ଗୋଲ ସ୍କୋର କରିଥିଲେ। ମୁଲର ଆହୁରି ମଧ୍ୟ ୱେଷ୍ଟଜର୍ମାନୀକୁ ୧୯୭୨ରେ ୟୁରୋପିଆନ ଚାମ୍ପିୟନଶିପ୍ ବିଜୟରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଏହାର ଦୁଇ ବର୍ଷ ପରେ ସେ ବିଶ୍ୱକପ୍ ଜିତାଇଥିଲେ। ନେଦରଲାଣ୍ଡ୍ସ ବିପକ୍ଷ ଫାଇନାଲ ଗେମ୍‌ରେ ସେ ବିଜୟସୂଚକ ଗୋଲ୍ ସ୍କୋର କରିଥିଲେ। ମୁଲର ୱେଷ୍ଟ ଜର୍ମାନୀ ପାଇଁ ୬୨ ମ୍ୟାଚରେ ୬୮ ଗୋଲ ସ୍କୋର କରି ରେକର୍ଡ କରିଥିଲେ। ମାତ୍ର ଏହି ଜାତୀୟ ରେକର୍ଡକୁ ମିରୋସ୍ଲାଭ କ୍ଲୋଜ୍ ୨୦୧୪ରେ ଅତିକ୍ରମ କରିଥିଲେ।

## ୱେଷ୍ଟଇଣ୍ଡିଜର ରୋମାଞ୍ଚକ ବିଜୟ



କେମର ରୋଚ୍ ଓ ଜେଡେନ୍ ସିଲ୍ସ।

**କିଙ୍ଗଷ୍ଟନ(ଜାମାଇକା), ୧୬।୮(ଏପି):** ଭେଟରାନ ଫାଷ୍ଟ ବୋଲର କେମର ରୋଚ୍ ଓ ଜେଡେନ୍ ସିଲ୍ସଙ୍କ ମଧ୍ୟରେ ୧୭ରନର ନାଟକୀୟ ପାର୍ଟନରଶିପ୍ ଯୋଗୁ ଏଠାରେ ରବିବାର ଶେଷ ହୋଇଥିବା ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୧ଉଇକେଟରେ ରୋମାଞ୍ଚକ ବିଜୟ ହାସଲ କରିଛି। ସିଲ୍ସ ପୂର୍ବରୁ ୫୫ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ଟେଷ୍ଟରେ ଏହାଥିଲା ତାଙ୍କର ପ୍ରଥମ ୫ ଉଇକେଟ ସଫଳତା। ପାକିସ୍ତାନର ଦ୍ୱିତୀୟ ଇନିଂସ ୨୦୩ ରନରେ ସୀମିତ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ ୧୬୮ରନର ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ଏକଦା ମାତ୍ର ୧୬ରନରେ ୩ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଜର୍ମେନ ବ୍ଲାକ୍‌ଉଡ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ଦଳର ସ୍କୋର ୧୧୧/୬ରେ ପହଞ୍ଚିଯାଇଥିଲା। ଚା'ପାନ ବିରତି ପୂର୍ବରୁ ଅନ୍ତିମ ବଲ୍‌ରେ ଜାସନ ହୋଲ୍ଡର ଆଉଟ ହୋଇଯିବା ଦ୍ୱାରା ମ୍ୟାଚ ସନ୍ତୁଳନ ସ୍ତରକୁ ଚାଲିଆସିଥିଲା। ସେତେବେଳେ ୱେଷ୍ଟଇଣ୍ଡିଜ ସ୍କୋର ୧୧୪/୭ ରହିଥିବାବେଳେ ବିଜୟ ପାଇଁ ଆହୁରି ୫୪ ରନ ଆବଶ୍ୟକ କରୁଥିଲା। ରୋମାଞ୍ଚକ ଫାଇନାଲ ସେସନର ପ୍ରତିଟି ରନ ଓ ଉଇକେଟ ପତନ ଗୁରୁତ୍ୱପୂର୍ଣ୍ଣ ଥିଲା। ସିଲ୍ସଙ୍କ ସହ ଅନ୍ତିମ ପାର୍ଟନରଶିପ୍‌ରେ ସ୍କୋରକୁ ୧୬୮/୯ରେ ପହଞ୍ଚାଇ ୱେଷ୍ଟଇଣ୍ଡିଜକୁ ବିଜୟୀ କରାଇବା ପୂର୍ବରୁ ଜୋଶୁଆ ଡି'ସିଲ୍‌ଭାଙ୍କ ସହ ରୋଚ୍ ଭାଗୀଦାରିରେ ୨୮ରନ ଯୋଗ କରିଥିଲେ। ମ୍ୟାଚରେ ଉଭୟ ବ୍ୟାଟିଂ ଓ ବୋଲିଂରେ ୧୯ ବର୍ଷୀୟ ସିଲ୍ସଙ୍କ ପ୍ରଦର୍ଶନ ପ୍ରଶଂସନୀୟ ଥିଲା। ଏକ ଟେଷ୍ଟ ଇନିଂସରେ ୫ ଉଇକେଟ ସଫଳତା ହାସଲ କରିବାରେ ସେ ୱେଷ୍ଟଇଣ୍ଡିଜର ସର୍ବକନିଷ୍ଠ ବୋଲର ହେବାର ଗୌରବ ଅର୍ଜନ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୨୧୭
ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୫୩
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୦୩
ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୬୮/୯ (ଜର୍ମେନ ବ୍ଲାକ୍‌ଉଡ୍-୫୫, କେମର ରୋଚ୍-୩୦*, ରୋଷ୍ଟନ ଚେଜ୍-୨୨; ସାହିନ୍ ଆଫ୍ରିଦୀ-୪/୫୦, ହସନ ଅଲି-୩/୩୭, ଫହିମ ଅଶ୍ରଫ୍-୨/୨୯)।



ଅଦିତି ଅଶୋକ

## ବ୍ରିଟିଶ୍ ଓପନ ପାଇଁ ଅଦିତିଙ୍କୁ ଯୋଗ୍ୟତା

**କାର୍ନୋଷ୍ଟି, ୧୬।୮ (ପି.ଟି.):** ଭାରତୀୟ ଗଲ୍ଫର ଅଦିତି ଅଶୋକ ଏଆଇଜି ମହିଳା ବ୍ରିଟିଶ୍ ଓପନ ଗଲ୍ଫ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ଥାନୀୟ ପାନମୁରେ ଗଲ୍ଫକ୍ଲବରେ ଅନୁଷ୍ଠିତ ୧୮ ହୋଲ୍ ବିଶିଷ୍ଟ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ସେ ଟୁ-ଅଣ୍ଡର ୬୮ ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନ ହାସଲ କରି ଭାରତୀୟଙ୍କ ମନ ଜିତିଥିବା ୨୩ ବର୍ଷୀୟା ଅଦିତି ଏକମାତ୍ର ଭାରତୀୟ ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଯୋଗ୍ୟତା ପାଇଛନ୍ତି। ମୋଟ ୧୫ ପ୍ରତିଯୋଗୀ ବ୍ରିଟିଶ୍ ଓପନରେ ଭାଗନେବେ। ଗୋଟିଏ ସ୍ଥାନ ଲାଗି ଅଦିତି ଓ ତାଭେସା ମଲିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମାତ୍ର ତାଭେସା ଅଳ୍ପକେ ସୁଯୋଗ ହାତଛଡ଼ା କରି ପଛରେ ପଡ଼ି ଯାଇଥିଲେ। ବ୍ରିଟିଶ୍ ଓପନ ଅଗଷ୍ଟ ୧୯ରୁ ୨୨ ପର୍ଯ୍ୟନ୍ତ ପାନମୁରେଠାରୁ ପାଖାପାଖି ୩ ମାଇଲ ଦୂର କାର୍ନୋଷ୍ଟି ଲିଙ୍କ୍‌ସରେ ଅନୁଷ୍ଠିତ ହେବ। ଗତ ମାସରେ ଆମୁଣ୍ଡି ଇଭିଆନ ଚାମ୍ପିୟନଶିପ୍ ଖେଳିଥିବା ଅଦିତି ସେଠାରେ ରେକର୍ଡ ସଂଖ୍ୟକ ୧୯ତମ ବଡ଼ ଟୁର୍ନାମେଣ୍ଟ ଖେଳିବେ। ଚଳିତ ସିଜନରେ ତାଙ୍କ ପାଇଁ ଏହା ୪ର୍ଥ ବଡ଼ ଟୁର୍ନାମେଣ୍ଟ ହେବ। କୌଣସି ଭାରତୀୟ ମହିଳା କିମ୍ବା ପୁରୁଷ ପ୍ରତିଯୋଗୀ ଏତେ ସଂଖ୍ୟକ ବଡ଼ ଟୁର୍ନାମେଣ୍ଟ ଖେଳି ନାହାନ୍ତି।

## ଜାତୀୟ ଭାରୋତ୍ତୋଳନ: ମୋନାଲି, ପୁନିତ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୬।୮ (କ୍ରୀଡ଼ା ପ୍ରତିନିଧି):** ପଞ୍ଜାବର ପଟିଆଲାସ୍ଥିତ ଏନ୍‌ଏସ୍‌ଏନ୍‌ଆଇଏସ୍ (ନେତାଜୀ ସୁଭାସ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ)ରେ ଗତ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ୨ ପ୍ରତିଭା ସମ୍ପନ୍ନ ଖେଳାଳି ମୋନାଲି ସାହୁ ଓ ପୁନିତ ଚନ୍ଦ୍ର ସାହୁଙ୍କୁ ସୋମବାର ଉତ୍କଳ କରାଟେ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଖେଲୋ ଇଣ୍ଡିଆ ଏକାଡେମୀ ମାନ୍ୟତା ପାଇବାପରେ କରାଟେ ସ୍କୁଲର ଏହାଥିଲା ପ୍ରଥମ ସଫଳତା। ପୁରୁଷ ୟୁଥ୍ ୯୬ କେଜି ବିଭାଗରେ ମୋଟ ୨୫୮ (ସ୍ନାଚ୍‌ରେ ୧୦୩ ଓ କ୍ଲିନ ଆଣ୍ଡ ଜର୍କରେ ୧୫୫) କେଜି ଭାରୋତ୍ତୋଳନ କରି ପୁନିତ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୟୁଥ୍ ମହିଳା ୭୬ କେଜି ବିଭାଗରେ ମୋନାଲି ମୋଟ ୧୪୩ (ସ୍ନାଚ୍‌ରେ ୬୪ ଓ କ୍ଲିନ ଆଣ୍ଡ ଜର୍କରେ ୭୯)କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୨୨ ପ୍ରତିଯୋଗୀ ଭାଗ ନେଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ଆକାଶ ଦାସନାୟକ, ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ, ପୂର୍ବତନ ସାଫ୍ ମେଡାଲିଷ୍ଟ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି, ଅନୁପମା ସ୍ୱାଇଁ, ଅନ୍ତର୍ଜାତୀୟ ଖେଳାଳି ଚିନ୍ମୟୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହେବାପରେ କର୍ମକର୍ତ୍ତାଙ୍କ ସହ ପୁନିତ ଚନ୍ଦ୍ର ସାହୁ ଓ ମୋନାଲି ସାହୁ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୧୭/୨୦୨୧ Sambalpur, Tuesday, August 17/ 2021

# ପାରାଲିମ୍ପିକ୍ସରେ ମ୍ୟାଚ ପରିଚାଳନା କରିବେ ଜୀବନ

**ଭୁବନେଶ୍ୱର, ୧୬।୮ (କ୍ରୀଡ଼ା ପ୍ରତିନିଧି)** ଟୋକିଓ ପାରାଲିମ୍ପିକ୍ସରେ ମ୍ୟାଚ ପରିଚାଳନା କରିବା ପାଇଁ ସୁଯୋଗ ପାଇଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ଟେବୁଲ ଟେନିସ ଅମ୍ପାୟର ଜୀବନ ବଲ୍ଲଭ ସାମଲ। ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ତାଙ୍କୁ ମନୋନୀତ କରାଯାଇଛି। ଟୋକିଓ ମେଟ୍ରୋପଲିଟାନ ଜିମ୍ନାସିୟମରେ ପ୍ରତିଯୋଗିତା ଚଳିତମାସ ୨୪ରୁ ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତର ଏକମାତ୍ର ଟେବୁଲ ଟେନିସ ଅଫିସିଆଲଭାବେ ଜୀବନ ବଲ୍ଲଭ



ଜୀବନ ବଲ୍ଲଭ ସାମଲ

ପାରାଲିମ୍ପିକ୍ସ ପାଇଁ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ୨୦୧୦ ଦିଲ୍ଲୀ ଓ ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୦, ୨୦୧୫ ଓ ୨୦୧୯ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍, ୨୦୧୨ ବିଶ୍ୱ ଜୁନିୟର ଟେବୁଲ ଟେନିସ ଚାମ୍ପିୟନଶିପ୍ ପରି ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମ୍ୟାଚ ପରିଚାଳନା କରିବାର ଅଭିଜ୍ଞତା ରଖିଛନ୍ତି। ଟୋକିଓ ପାରାଲିମ୍ପିକ୍ସ ପାଇଁ ମନୋନୀତ ହୋଇଥିବାରୁ ଜୀବନଙ୍କୁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଅଭିନନ୍ଦନ ଜଣାଇଛନ୍ତି।



ରୋକ୍ଲଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁଥ୍ ଆର୍ଚେରି ଚାମ୍ପିୟନଶିପ୍‌ରେ ୮ ସ୍ୱର୍ଣ୍ଣ ସହ ୧୫ ପଦକ ହାସଲ କରିଥିବା ଭାରତୀୟ ପ୍ରତିନିଧି ଦଳ।

# ଦୁଇ ସପ୍ତାହ ଚିକିତ୍ସାରେ ରହିବେ ସାଜନ ପ୍ରକାଶ



ସାଜନ ପ୍ରକାଶ

**ନୂଆଦିଲ୍ଲୀ, ୧୬।୮ (ପି.ଟି.):** ଭାରତର ଅଗ୍ରଣୀ ସନ୍ତରଣକାରୀ ସାଜନ ପ୍ରକାଶ ଦୁଇ ସପ୍ତାହ ଚିକିତ୍ସାରେ ରହିବେ। ଫଳରେ ସେ କିଛି ଦିନ ସୁଇମିଂ ପୁଲ୍‌ରୁ ନିଜକୁ ଦୂରେଇ ରଖିବେ। ସାଜନଙ୍କ ବେକରେ ବହୁଦିନ ହେଲା ସମସ୍ୟା ଦେଖାଦେଲାଣି। କେରଳରେ ସେ ଆୟୁର୍ବେଦ ଚିକିତ୍ସା କରିବେ। ସାଜନ ପ୍ରଥମ ଭାରତୀୟ ସନ୍ତରଣକାରୀ ଭାବେ 'ଏ' ଷ୍ଟାଣ୍ଡାର୍ଡ ଟାଇମ୍ ସହ ଅଲିମ୍ପିକ ଯୋଗ୍ୟତା ହାସଲ କରିଥିଲେ। ୨୦୧୯ରେ ତାଙ୍କ ଡିସ୍କ ସ୍ଲିପ୍ କରିଯାଇଥିଲା। ଫଳରେ ସନ୍ତରଣ ସମୟରେ ସେ ହାମ ହାତରେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହି କାରଣରୁ ୨୭ବର୍ଷୀୟ ବଟରଫ୍ଲାଏ ସ୍ପେଶାଲିଷ୍ଟ ୪ ମାସ ରିହାବିଲିଟେଶନରେ ରହିଥିଲେ। କରୋନାଜନିତ ଲକ୍‌ଡାଉନ ଯୋଗୁ ୮ରୁ ୯ ମାସ ପରେ ସୁଇମିଂପୁଲ୍‌କୁ ଫେରିଥିଲେ। ସାଜନଙ୍କ ବେକର ସି-୪, ସି-୫ ଓ ସି-୬ ଡିସ୍କ ସ୍ଲିପ କରିଯାଇଛି। ଫଳରେ ସେ ତାଙ୍କ ବାମ କାନ୍ଧରେ ଦୁର୍ବଳ ଅନୁଭବ କରୁଛନ୍ତି। କେରଳର ଏହି ସନ୍ତରଣକାରୀଙ୍କ ପ୍ରଦର୍ଶନ ୧ ବର୍ଷ ହେଲା କ୍ରମେ ଉନ୍ନତି ଘଟିବାରେ ଲାଗିଛି। ହେଲେ ସେ ଏପର୍ଯ୍ୟନ୍ତ ଶତପ୍ରତିଶତ ଫିଟ୍ ଅନୁଭବ କରୁଥିବା କହିଛନ୍ତି। ନିକଟରେ ଶେଷ ହୋଇଥିବା ଟୋକିଓ ଅଲିମ୍ପିକ୍ସରେ ସାଜନ ପୁରୁଷ ୨୦୦ ମିଟର ଓ ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ଭାଗ ନେଇଥିଲେ। ସେ କିନ୍ତୁ ଏହି ଦୁଇଟି ଇଭେଣ୍ଟରେ ସେମିଫାଇନାଲକୁ ଉନ୍ନୀତ ହୋଇପାରି ନ ଥିଲେ। ତାଙ୍କର ମନ ପସନ୍ଦ ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ୩୮ ପ୍ରତିଯୋଗୀଙ୍କ ମଧ୍ୟରେ ୨୪ତମ ସ୍ଥାନରେ ରହିଥିଲେ।




# ଓଡ଼ିଶା ଏଫ୍‌ସିରେ ସ୍ପେନ୍‌ର କାବ୍ରେରା

**ଭୁବନେଶ୍ୱର, ୧୬।୮ (କ୍ରୀଡ଼ା ପ୍ରତିନିଧି)** ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ର ଭୁବନେଶ୍ୱର ଭିତ୍ତିକ କ୍ଲବ ଓଡ଼ିଶା ଏଫ୍‌ସି ସ୍ପେନର ଆରିଡାଇ କାବ୍ରେରାଙ୍କୁ ଦଳରେ ସାମିଲ କରିଛି। ଆଇଏସ୍‌ଏଲର ୮ମ ସଂସ୍କରଣ ପୂର୍ବରୁ ଓଡ଼ିଶା ଏଫ୍‌ସି ଓ କାବ୍ରେରାଙ୍କ ମଧ୍ୟରେ ସୋମବାର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ୩୨ ବର୍ଷୀୟ ଏହି ସ୍ପାନିଶ୍ ୱିଙ୍ଗରଙ୍କର ସ୍ପେନର ବିଭିନ୍ନ ପ୍ରତିଷ୍ଠିତ କ୍ଲବରେ ଖେଳିବାର ଅଭିଜ୍ଞତା ରହିଛି। ୟୁନିଭର୍ସିଡାଡ୍ ଏଲପିରୁ ୟୁଥ୍ କ୍ୟାରିୟର ଆରମ୍ଭ କରିଥିବା ଏହି ଫୁଟବଲ ତାରକା ୨୦୦୬ରେ ୨୦୦୬ରେ ଏହାର 'ବି' ଟିମ୍ ପକ୍ଷରୁ ସିନିୟର ଖେଳିବା ଆରମ୍ଭ କରିଥିଲେ। ଗୋଟିଏ ବର୍ଷ ପରେ ଏହାର ମୁଖ୍ୟ ଦଳରେ ସେ ସାମିଲ ହୋଇଥିଲେ।



ଆରିଡାଇ କାବ୍ରେରା

ଏହା ବ୍ୟତୀତ ସେ ଆରସିଡି ମାଲୋର୍କା, ଗିରୋନା ଏଫ୍‌ସି, ବେଟିସ 'ବି', ହସପିଟାଲେଟ୍, ସାବାଡେଲ ଏଫ୍‌ସି, ହୁରାକାନ, ଭାଲେନ୍ସିଆ 'ବି', କଲ୍‌ଚରାଲ ଲିଓନେସା ଓ ଲାସ ପାଲମାସ ପରି କ୍ଲବ ପକ୍ଷରୁ ସେ ଖେଳିବାର ଅଭିଜ୍ଞତା ରଖିଛନ୍ତି।

ଓଡ଼ିଶା ଏଫ୍‌ସି ସହିତ ଚୁକ୍ତି କରିଥିବାରୁ ଖୁସି ଜାହିର କରିବା ସହ କାବ୍ରେରା ଭାରତରେ ଖେଳିବାକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି। ସାଥି ଖେଳାଳିଙ୍କ ସହ ଯଥାଶୀଘ୍ର ମିଶି ଆଗାମୀ ସିଜନପାଇଁ ସେ ପ୍ରସ୍ତୁତି ଆରମ୍ଭ କରିବାକୁ ଚାହାନ୍ତି। ଆଗାମୀ ସିଜନରେ ଯେପରି ଓଡ଼ିଶା ଏଫ୍‌ସି ଭଲ ପ୍ରଦର୍ଶନ କରିବ ତା' ଉପରେ ଧ୍ୟାନଦେବେ ବୋଲି ସେ ପ୍ରକାଶ କରିଛନ୍ତି। କାବ୍ରେରାଙ୍କ ଚୁକ୍ତିକୁ ମୁଖ୍ୟ କୋଚ୍ କିକୋ ରାମିରେଜ ସ୍ୱାଗତ କରିଛନ୍ତି। ଆରିଡାଇ ଏପରି ଜଣେ ଖେଳାଳି ଫୁଟବଲରେ ଗେମ୍ ପରିବର୍ତ୍ତନ କରିବାର ଦକ୍ଷତା ତାଙ୍କ ନିକଟରେ ରହିଛି। ଫୁଟବଲରେ ସେପରି ମ୍ୟାଜିକ୍‌ହିଁ ଆବଶ୍ୟକ। ଟେକ୍ନିକ ଦୃଷ୍ଟିକୋଣରୁ ସେ ପୂରା ଫାଇନ୍। ଚତୁରତାର ସହ ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେବାରେ ସେ ମାହିର। ଆଗାମୀ ସିଜନରେ ସେ ପ୍ରଦର୍ଶନର ଛାପ ଛାଡ଼ିବାନେଇ ଆମେ ଆଶାବାଦୀ ବୋଲି କୋଚ୍ ପ୍ରକାଶ କରିଛନ୍ତି। କ୍ଲବ ସଭାପତି ରାଜ ଅଥଓ୍ୱାଲ କାବ୍ରେରାଙ୍କୁ ଓଡ଼ିଶା ଏଫ୍‌ସି ପରିବାରକୁ ସ୍ୱାଗତ କରିଛନ୍ତି। ସେ ଜଣେ ଦକ୍ଷ ଏବଂ ଚମତ୍କାର ଖେଳାଳି। ଫୁଟବଲ ସମ୍ପର୍କରେ ତାଙ୍କର ପ୍ରଗାଢ଼ ଜ୍ଞାନ ଓ ଅଭିଜ୍ଞତା ରହିଛି। ତାଙ୍କ ଉପସ୍ଥିତିରୁ ଯୁବ ଖେଳାଳିମାନେ ନିଶ୍ଚିତ ଫାଇଦା ପାଇବେ ବୋଲି ଅଥଓ୍ୱାଲ କହିଛନ୍ତି।

# ପ୍ଲିସ୍‌କୋଭାଙ୍କୁ ହରାଇ ଟାଇଟଲ ଜିତିଲେ କାମିଲା

**ମଣ୍ଟ୍ରିଲ, ୧୬।୮ (ଏପି):** ୱିମ୍ବଲଡନ ଫାଇନାଲିଷ୍ଟ କାରୋଲିନା ପ୍ଲିସ୍‌କୋଭାଙ୍କ ବିପକ୍ଷରେ ୬-୩, ୭-୫ ସେଟ୍‌ରେ ଚମକପ୍ରଦ ବିଜୟ ହାସଲ କରି ଇଟାଲୀର କାମିଲା ଗିଓର୍ଗି ଏଠାରେ ନ୍ୟାଶନାଲ ବ୍ୟାଙ୍କ୍ ଓପନ ଟାଇଟଲ ଜିତିଛନ୍ତି। ଏହାଥିଲା ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ୧୦୦୦ ଫାଇନାଲ। ଅଣ ସିଡ୍ କାମିଲା ହେଉଛନ୍ତି ୭୧ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ଚତୁର୍ଥ ସିଡ୍ ଓ ୬ଷ୍ଠ ର୍‍ୟାଙ୍କିଙ୍ଗପ୍ରାପ୍ତ ଚେକ୍ ରିପବ୍ଲିକ ଖେଳାଳି ପ୍ଲିସ୍‌କୋଭାଙ୍କ ବିପକ୍ଷରେ କାମିଲାଙ୍କ ସର୍ଭିସ ଖୁବ୍ ଶକ୍ତିଶାଳୀ ଥିଲା। ପ୍ରଥମ ସର୍ଭିସ ପଏଣ୍ଟର ୭୧% ପ୍ରତିଶତ ସେ ବିଜୟ ଲାଭ କରିଥିଲେ। ଫାଇନାଲ ପଥରେ କାମିଲା ପ୍ରଥମ ରାଉଣ୍ଡରେ ୯ମ ସିଡ୍ ଏଲିସି ମର୍ଟେନ୍ସ, ରାଉଣ୍ଡ ଅଫ୍ ୧୬ରେ ୭ମ ସିଡ୍ ପେଟ୍ରା କ୍ୱିଟୋଭା ଏବଂ କ୍ୱାର୍ଟରଫାଇନାଲରେ ୧୫ତମ ସିଡ୍ କେକୋ ଗଫ୍‌ଙ୍କ ଭଳି ଖେଳାଳିଙ୍କୁ ହରାଇ ଦେଇଥିଲେ। ୱିମ୍ବଲଡନ ମହିଳା ସିଙ୍ଗଲ୍ସ ଫାଇନାଲରେ ଆସ୍‌ଲେ ବାର୍ଟିଙ୍କଠାରୁ ପରାଜିତ ହେବାପରେ ଏହା ଥିଲା ତାଙ୍କର ପ୍ରଥମ ଟୁର୍ନାମେଣ୍ଟ।

# କୁସାଲ ପେରେରାଙ୍କୁ କରୋନା

**କଲମ୍ବୋ, ୧୬।୮ (ଏପି):** ଶ୍ରୀଲଙ୍କାର ଉଇକେଟକିପର ବ୍ୟାଟ୍ସମ୍ୟାନ କୁସାଲ ପେରେରା କରୋନା ସଂକ୍ରମିତ ହୋଇଛନ୍ତି। କୋଭିଡ୍ ଟେଷ୍ଟ ପରେ ଏହା ଜଣାପଡ଼ିଛି। ମଙ୍ଗଳବାର ୩୧ ବର୍ଷ ବୟସରେ ପଦାର୍ପଣ କରିଥିବା ପେରେରା ଇଞ୍ଜୁରୀ ଯୋଗୁ ଭାରତ ବିପକ୍ଷ ଘରୋଇ କ୍ରିକେଟ ସିରିଜ ଖେଳିପାରି ନ ଥିଲେ। ଚଳିତବର୍ଷ ଆରମ୍ଭରେ ଇଂଲଣ୍ଡ ଟୁର୍‌ରୁ ସ୍ୱଦେଶ ଫେରିବା ପରେ ସେ ଅଧିନାୟକ ପଦରୁ ବହିଷ୍କୃତ ହୋଇଥିଲେ। ପେରେରା ୨୨ଟି ଟେଷ୍ଟ, ୧୦୭ ଅନ୍ତର୍ଜାତୀୟ ଦିନିକିଆ ଖେଳି ସାରିଛନ୍ତି। ସେ ତାଙ୍କ ଦେଶ ତରଫରୁ ୫୦ ଟ୍ୱେଣ୍ଟି ୨୦ ମ୍ୟାଚ ଖେଳି ସାରିଛନ୍ତି। ସେ ଟେଷ୍ଟରେ ଦୁଇ ଏବଂ ଅନ୍ତର୍ଜାତୀୟ ଦିନିକିଆରେ ୬ ଶତକ ହାସଲ କରିଛନ୍ତି।




# ପୂର୍ବତନ ଡିଫେଣ୍ଡର ଚିନ୍ମୟ ଚାଟାର୍ଜୀଙ୍କ ପରଲୋକ

**କୋଲକତା, ୧୬।୮ (ପି.ଟି.):** ଭାରତର ପୂର୍ବତନ ଡିଫେଣ୍ଡର ଚିନ୍ମୟ ଚାଟାର୍ଜୀଙ୍କର ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ୧୯୭୦ରୁ ୮୦ ଦର୍ଶକ ମଧ୍ୟରେ ସେ କୋଲକାତାରେ ୩ଟି ପ୍ରମୁଖ ଫୁଟବଲ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି। ୧୯୭୮ ବ୍ୟାଙ୍କକ୍ ଏସିଆନ ଗେମ୍ସରେ ସେ ଭାରତୀୟ ଦଳ ତରଫରୁ ଖେଳିଥିଲେ। ଭାରତ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ ଲିଗ୍‌ରେ ଚତୁର୍ଥ ହୋଇଥିଲା। ଚିନ୍ମୟ ଥିଲେ ଜଣେ ନିର୍ଭରଯୋଗ୍ୟ, ରାଇଟ୍ ବ୍ୟାକ୍। ସେ ମୋହନ ବାଗାନ ଦଳରୁ ଯାଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ଇଷ୍ଟବେଙ୍ଗଲ ତରଫରୁ ୧୯୭୬-୭୯ ଓ ୧୯୮୨-୮୬ ଖେଳିଥିଲେ। ତାଙ୍କ ଉପସ୍ଥିତିରେ ଦଳ ୩ଥର କଲିକତା ଫୁଟ୍‌ବଲ ଲିଗ୍ (ସିଏଲ୍‌ଏଫ୍) ଜିତିଥିଲା। ଖେଳରୁ ଅବସର ନେବାପରେ ସେ କିମ୍ବଦନ୍ତୀ ପି. କେ. ବାନାର୍ଜୀ ଓ ଶ୍ୟାମ୍ ଥାପ୍ପାଙ୍କ ଭଳି ଇଷ୍ଟ ବେଙ୍ଗଲ ଟିମ୍‌ରେ ସହକାରୀ କୋଚ ଭାବେ କାର୍ଯ୍ୟ କରିଥିଲେ। ସେ ଆହୁରି ମଧ୍ୟ ୧୯୮୧ରେ ମହମ୍ମଡ଼ାନ ସ୍ପୋର୍ଟିଂର ସିଏଫ୍‌ଏଲ୍ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଆହୁରି ମଧ୍ୟ ବେଙ୍ଗଲ ତରଫରୁ ୪ଥର ସନ୍ତୋଷ ଟ୍ରଫି ଖେଳିଥିଲେ। ତାଙ୍କ ଅବଦାନରେ ବେଙ୍ଗଲ ୩ଥର ଚାମ୍ପିୟନ ହୋଇଥିଲା।



# ଆଥଲେଟିକ୍ସ ଫେଡେରେଶନ ଅଫ୍ ଦି ଇସ୍‌ଲାମିକ୍ ରିପବ୍ଲିକ ଅଫ୍ ଇରାନ ସହ ଚୁକ୍ତି

**ନୂଆଦିଲ୍ଲୀ, ୧୬।୮ (ପି.ଟି.):** ଟ୍ରାକ୍ ଆଣ୍ଡ ଫିଲ୍ଡରେ ସଫଳତା ପାଇଁ ପରସ୍ପରକୁ ସହଯୋଗ କରିବା ଉଦ୍ଦେଶ୍ୟରେଆଥଲେଟିକ୍ ଫେଷଡରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଇରାନିଆନ ପ୍ରତିପକ୍ଷ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ରାଜିନାମାରେ ଏଏଫ୍‌ଆଇ ସଭାପତି ଆଦିଲ୍ ଜେ. ସୁମାରିୱାଲା ଓ ଆଥଲେଟିକ୍ସ ଫେଡେରେଶନ ଅଫ୍ ଦି ଇସ୍‌ଲାମିକ୍ ରିପବ୍ଲିକ ଅଫ୍ ଇରାନର ମୁଖ୍ୟ ହାସେମ ସିଆମି ସ୍ୱାକ୍ଷର କରିଛନ୍ତି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ରକ୍ତଦାନ ଶିବିର, ହକି ଟୁର୍ଣ୍ଣାମେଣ୍ଟ**

କୁତ୍ରା, ୧୬।୮ (ଡି.ଏନ.ଏ)-କୁତ୍ରା ବ୍ଲକ ଅନ୍ତର୍ଗତ କଣ୍ଡେଇମୁଣ୍ଡା ଗ୍ରାମପଞ୍ଚାୟତର ତେଲିଘନାଠାରେ ଥିବା ଜେଏସଡବ୍ଲୁ ଅଧିକୃତ ଶିବା ସିମେଣ୍ଟ ପକ୍ଷରୁ ସୁନ୍ଦରଗଡ ଜିଲା ସାସ୍ଥ୍ୟ ବିଭାଗର ସହାୟତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୩୦ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଅନ୍ୟପକ୍ଷରେ ଯୁବ ଗୋଷ୍ଠୀଙ୍କୁ ଉତ୍ସାହିତ କରିବା ପାଇଁ କଣ୍ଡେଇମୁଣ୍ଡା ଜାମପଡାରେ କାରଖାନା ପକ୍ଷରୁ ହକି ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳର ୮ ପୁରୁଷ ଓ ୪ ଟି ମହିଳା ଦଳ ଅଂଶଗ୍ରହଣ କରିଥିଲେ। ଖେଳାଳିଙ୍କୁ ୩୫ଯୋଡ଼ା ଜୋତା ସାଙ୍ଗକୁ ଜର୍ସି ମଧ ପ୍ରଦାନ କରାଯାଇଛି। ଏଥିରେ କାରଖାନା ମୁଖ୍ୟ ଅନୀଲ ମିଶ୍ର, ସିଏସଆର ମୁଖ୍ୟ ସଂଗ୍ରାମ କେଶରୀ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।



## ସଂକ୍ଷେପରେ

### ଡାଲମିଆ ସିମେଣ୍ଟ ଦ୍ୱାରା ରାଜଗାଙ୍ଗପୁର ବସଷ୍ଟାଣ୍ଡରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ରାଜଗାଙ୍ଗପୁର,୧୬।୮ (ଡି.ଏନ.ଏ): ରାଜଗାଙ୍ଗପୁର ବସଷ୍ଟାଣ୍ଡରେ ସ୍ୱଚ୍ଛ ପାନୀୟ ଜଳର ଅସୁବିଧା ଦୀର୍ଘ ଦିନ ଧରି ରହିଥିଲା। ଏହାର ସମାଧାନ ପାଇଁ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସ୍‌ଆର) ଦ୍ୱାରା ଏକ ପ୍ରକଳ୍ପ ରାଜଗାଙ୍ଗପୁର ଘରୋଇ ବସଷ୍ଟାଣ୍ଡରେ ଆରମ୍ଭ କରାଯାଇଛି। କମ୍ପାନୀର ଜାତୀୟ ଉତ୍ପାଦନ ମୁଖ୍ୟ ଗଣେଶ ଓଝ୍କ ଜିରକୁଣ୍ଡୱାର, ନବ ନିଯୁକ୍ତ ରାଜଗାଙ୍ଗପୁର କାରଖାନା ମୁଖ୍ୟ ଚେତନ ଶ୍ରୀବାସ୍ତବ ଓ ଘରୋଇ ବସ ମାଲିକ ସଂଘ ସଭାପତି ସୋହେବ ଆଲାମଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପକୁ ଉଦଘାଟନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀର ମାନବସମ୍ବଳ ବିଭାଗର ମୁଖ୍ୟ ଡ. ବଳରାମ ପଣ୍ଡା, ସୁଧିର ମହାନ୍ତି, ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ, ଶିବନାରାୟଣ ପରିଜା, ସୁରକ୍ଷା ବିଭାଗ ମୁଖ୍ୟ ସୁବ୍ରତ ପଟ୍ଟନାୟକ, ଜନସମ୍ପର୍କ ବିଭାଗର ଅମରେଶ ପଣ୍ଡା, ଘରୋଇ ବସ ମାଲିକ ସଂଘ ସଚିବ ଯୋଗେନ୍ଦ୍ର ସିଂ, ରାଜେନ୍ଦ୍ର ଲେଙ୍କା ଉପସ୍ଥିତ ଥିଲେ ।

### ରାଉରକେଲାରେ ଜମି ମହାଘୋଟାଲା ଆଜି ଇଡ୍‌କୋ ଅଫିସ୍ ଘେରାଉ

ରାଉରକେଲା ଅଫିସ୍, ୧୬।୮: ରାଉରକେଲାରେ ଜମି ମହାଘୋଟାଲା ବିରୋଧରେ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି। ଏହି ପ୍ରସଙ୍ଗରେ ଭାଜପା ପକ୍ଷରୁ ସୋମବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜମି ଦୁର୍ନୀତି ବିରୋଧରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଭାଜପା ଇଡ୍‌କୋ ଅଫିସ୍ ଘେରାଉ କରିବ ବୋଲି ସୂଚନା ଦିଆଯାଇଥିଲା। ରାଉରକେଲାରେ ବେଆଇନ ଭାବେ ଜମି ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରି ଏଠାରେ ପ୍ରସ୍ତାବିତ ଇଡ୍‌କୋ ଟାୱାର ନିର୍ମାଣ କରାଯାଉ ବୋଲି ଦଳ ଦାବି କରିଛି । ଖବରଦାତା ସମ୍ମିଳନୀରେ ମୁଖପାତ୍ର ଧୀରେନ ସେନାପତି, ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ଓ ମୁଖ୍ୟପାତ୍ର ଗଙ୍ଗାଧର ଦାଶ, ମିଡିଆ ସଂଯୋଜକ ଭଗବାନ ରାଉତ ଉପସ୍ଥିତ ଥିଲେ ।

### ପୋଲିସର ତୁରନ୍ତ ପଦକ୍ଷେପ ଯୋଗୁ ଅଘଟଣ ଦୂରେଇଲା

ବଡ଼ଗାଁ, ୧୬।୮ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ପୋଲିସର ତୁରନ୍ତ ପଦକ୍ଷେପ ଯୋଗୁ ବଡଧରଣର ଅଘଟଣକୁ ଦୂରେଇ ଦିଆଯାଇପାରିଥିଲା। କିଛି ଦିନ ପୂର୍ବେ ଝଣ୍ଟେଲବୁଡ ଗ୍ରାମରେ ଗାଈ ମାଂସ କଟାଯିବା ଘଟଣାରେ ସୂଚନାକ୍ରମେ ପୋଲିସ ସାହାଜବାହାଲ ଗ୍ରାମର ୨ ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ପୋଲିସକୁ ବଜରଙ୍ଗ ଦଳର କର୍ମୀ ସୂଚନା ଦେଇଥିବା ଆଶଙ୍କା କରି ଝଣ୍ଟେଲବୁଡ, ବୁଚାପଡାର ପ୍ରାୟ ୪୦ ଜଣ ବ୍ୟକ୍ତି ସାହାଜବାହାଲ ବଜରଙ୍ଗ ଛକଠାରେ ପାଟିତୁଣ୍ଡ କରିଥିଲେ । ସେମାନେ ବଜରଙ୍ଗ ଦଳ କର୍ମୀଙ୍କୁ ଖୋଜିଥିଲେ। ଗାଁରେ ବଡ ଧରଣର ଗଣ୍ଡଗୋଳ ଆଶଙ୍କା କରି କେହି ପୋଲିସକୁ ସୂଚନା ଦେବାରୁ ତୁରନ୍ତ ଘଟଣା ସ୍ଥଳରେ ପୋଲିସ ପହଞ୍ଚିଥିଲେ ଓ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବାରୁ ଲାଠି ବୁଲାଇ ସଂଘବଦ୍ଧ ଉତ୍ତ୍ୟକ୍ତ ବ୍ୟକ୍ତିଙ୍କୁ ଘଉଡାଇ ଦେଇଥିଲେ। ଏହାପରେ ବଜରଙ୍ଗ ଛକଠାରେ ବଜରଙ୍ଗ କର୍ମୀଙ୍କୁ ଓ ଅନ୍ୟ ପକ୍ଷର ବ୍ୟକ୍ତିଙ୍କୁ ଗାଁରେ ବୁଝାଇ ଘଟଣାର ସମାଧାନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ବିକ୍ରମ ଟପ୍ପୋଙ୍କ ଉପସ୍ଥିତିରେ ସୋମବାର ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ସମାଧାନ କରାଯାଇଛି।

### ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

ରାଜଗାଙ୍ଗପୁର/କୁତ୍ରା/ବଡ଼ଗାଁ, ୧୬।୮ (ଡି.ଏନ.ଏ):ରାଜଗାଙ୍ଗପୁର ବୀର ବିର୍ସା ଷ୍ଟାଡିୟମରେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ତରଫରୁ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଡାଲମିଆ- ଓସିଏଲ ରିଫ୍ରାକଟୋରୀ ବିଭାଗର ବରିଷ୍ଠ ଅଧିକାରୀ ଡିସି ଦାସ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କୁତ୍ରା ପ୍ରେସ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ କୁତ୍ରା ତହସିଲଦାର ରବୀନ୍ଦ୍ର କୁମାର ସେଠୀ ଓ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ଯୋଗ ଦେଇଥିଲେ। ବଡଗାଁର ସାର୍ବଜନୀନ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅମିନ କିସାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବଡଗାଁ ବ୍ଲକରେ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ପତାକା ଉତ୍ତୋଳନ କରିଥିଲେ।

# ସୁନ୍ଦରଗଡ଼ 'ଇ-ସ୍ୱାସ୍ଥ୍ୟ' ସେବା ଆରମ୍ଭ

ସୁନ୍ଦରଗଡ଼, ୧୬।୮ (ଡି.ଏନ୍.ଏ.)




ନୂଆ ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭରେ ଜିଲାପାଳ ଓ ଅନ୍ୟମାନେ ମଞ୍ଚାସୀନ।

ସ୍ୱାଧୀନତା ଦିବସ ଅବସରରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ତିନୋଟି ନୂଆ ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଜିଲାବାସୀଙ୍କ ସ୍ୱାସ୍ଥ୍ୟ ତଥା ଶ୍ରମିକଙ୍କ ସୁରକ୍ଷା ଲାଗି ଏହି କାର୍ଯ୍ୟକ୍ରମଗୁଡ଼ିକୁ ଲୋକାର୍ପଣ କରିଛନ୍ତି। ସୁନ୍ଦରଗଡ଼ର ସହରରୁ ଗାଁ ପର୍ଯ୍ୟନ୍ତ ଲୋକଙ୍କୁ ମାଗଣାରେ ଡାକ୍ତରୀ ପରୀକ୍ଷା ସେବା ଯୋଗାଇଦେବା ପାଇଁ 'ଇ-ସ୍ୱାସ୍ଥ୍ୟ', ବ୍ଲକ ସ୍ତରରେ ଫିଜିଓଥେରାପି ଏବଂ ବିଭିନ୍ନ ଆଧୁନିକ ଥେରାପି ଲାଗି 'ସମନ୍ୱିତ ଭୌତିକ ଚିକିତ୍ସା' ସହ ଜିଲାର ଶ୍ରମିକମାନଙ୍କ ନିରାପତ୍ତା ଓ ସ୍ୱାସ୍ଥ୍ୟରକ୍ଷା ଲାଗି ସ୍ୱତନ୍ତ୍ର 'ସୁରକ୍ଷା କିଟ୍' ବ୍ୟବସ୍ଥା ଆରମ୍ଭ କରାଯାଇଛି। ସ୍ପିରୁଲିନା ଓ ମାଣ୍ଡିଆ ଲଡୁ ଜିଲାରେ ପିଲାଙ୍କ ପୋଷଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ଏହି ଦୁଇଟି ପୁଷ୍ଟିକର ଖାଦ୍ୟର ସଫଳତା ଆମର ଉତ୍ସାହ ବଢ଼ାଇଛି। ଏହାଛଡ଼ା 'ଇ-ସ୍ୱାସ୍ଥ୍ୟ' ଏବଂ ଫିଜିଓଥେରାପି ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଏବେ ସାଧାରଣ ଲୋକଙ୍କ ପାଇଁ ବିଶେଷ ଉପକାରୀ ହୋଇପାରିବ। ମୁଖ୍ୟତଃ ସହରାଞ୍ଚଳରେ ମିଳୁଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ସୁବିଧା କିଭଳି ଗ୍ରାମାଞ୍ଚଳରେ ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ଆମେ ଏହି ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ ବୋଲି ଜିଲାପାଳ ନିଖିଲ ପବନ କଲ୍ୟାଣ କହିଛନ୍ତି। ସୁନ୍ଦରଗଡ଼ ଜିଲାରେ 'ଇ-ସ୍ୱାସ୍ଥ୍ୟ' ସେବା କାର୍ଯ୍ୟକାରୀ ହେବା ଦ୍ୱାରା ଏବେ ଜିଲାବାସୀ ମାଗଣାରେ ବିଭିନ୍ନ ପ୍ରକାରର ଡାକ୍ତରୀ ପରୀକ୍ଷା କରିପାରିବେ। ଡିଜିଟାଲ୍ ଟେକ୍ନୋଲୋଜିର ବ୍ୟବହାର କରି ହିତାଧିକାରୀମାନଙ୍କ ରକ୍ତ ଓ ମୂତ୍ରର ନମୁନାରୁ ୭୬ପ୍ରକାର ପରୀକ୍ଷାର ରିପୋର୍ଟ ମିଳିପାରିବ। ସେହିପରି ରୋଗୀଙ୍କ ଉଚ୍ଚତା, ଓଜନ, ରକ୍ତଚାପ, ରକ୍ତ ଶର୍କରା, ଇସିଜି ପରୀକ୍ଷା କରି ରେକର୍ଡ଼ କରାଯିବ। ଜିଲାର ୧୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିପାଇଁ 'ଲ୍ୟାବ୍-ଇନ୍-ଦ-ବ୍ୟାଗ୍' ସୁବିଧା ରହିବ। ଏହାଛଡ଼ା ଜିଲାର ବିଭିନ୍ନ ସ୍ଥାନରେ ନମୁନା ସଂଗ୍ରହ କେନ୍ଦ୍ର କରାଯାଇ ଲୋକଙ୍କୁ ଏହି ସେବା ସହିତ ଯୋଡ଼ାଯିବ।

**ସୁନ୍ଦରଗଡ଼ ଜିଲା**

- ଲୋକଙ୍କ ପାଇଁ ମାଗଣାରେ ୭୬ପ୍ରକାର ଡାକ୍ତରୀ ପରୀକ୍ଷା ସୁବିଧା
- ବ୍ଲକ୍ ସ୍ତରରେ ଆରମ୍ଭ ହେବ ଫିଜିଓଥେରାପି ସେବା
- ଶ୍ରମିକଙ୍କ ନିରାପତ୍ତା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ସୁରକ୍ଷା କିଟ୍

'ଇ-ସ୍ୱାସ୍ଥ୍ୟ' ଡିଜିଟାଲ ସେବା ମାଧ୍ୟମରେ 'ମାତୃଜ୍ୟୋତି' କାର୍ଯ୍ୟକ୍ରମର ଡାଟା ଡିଜିଟାଇଜେସନ ମଧ କରାଯିବ। ଏହାଦ୍ୱାରା ଗର୍ଭବତୀ ମା'ମାନଙ୍କର ମେଡିକାଲ ହିଷ୍ଟ୍ରି ରେକର୍ଡ଼ ହେବା ସହ ସେମାନଙ୍କର ଚିକିତ୍ସା ଲାଗି ଆବଶ୍ୟକ ବେଳେ ସେହି ସୂଚନା ତୁରନ୍ତ ମିଳିପାରିବ। ସ୍ୱତନ୍ତ୍ର ପୋର୍ଟାଲ ଏବଂ ମୋବାଇଲ୍ ଆପ୍ ମାଧ୍ୟମରେ ଏହି ଡିଜିଟାଲ ଡାଟା ପରିଚାଳନା କରାଯିବ। ଏବେ ସମନ୍ୱିତ ଭୌତିକ ଚିକିତ୍ସା ସେବା ଆରମ୍ଭ କରାଯିବା ଫଳରେ ସୁନ୍ଦରଗଡ଼ ଜିଲାର ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ୧୫୦ରୁ ଅଧିକ ଗାଁର ଲୋକଙ୍କୁ ଏହି ସେବା ମାଗଣାରେ ଯୋଗାଇ ଦିଆଯିବ। ଜିଲାର ଖଣି ଖାଦାନ, କଳ କାରଖାନା, ନିର୍ମାଣ ଏବଂ ଅନ୍ୟ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ନିରାପତ୍ତା ପାଇଁ ଏକ ସ୍ୱତନ୍ତ୍ର କିଟ୍ ବ୍ୟବସ୍ଥା କରାଯାଇଛି। କର୍ଣ୍ଣାଟକସ୍ଥିତ ସ୍ପିରୁଲିନା ଫାଉଣ୍ଡେସନର ଅଧକ୍ଷ ମହେଶ ଆର୍.ଭି. ରବିବାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ପିରୁଲିନାର ପ୍ରସାର ପାଇଁ ସୁନ୍ଦରଗଡ଼ ଜିଲାପାଳଙ୍କ ଉଦ୍ୟମର ପ୍ରଶଂସା କରିଛନ୍ତି। ଏହି ଅବସରରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ସୁଆଦିଆ ଖାଦ୍ୟ ପ୍ରଦର୍ଶନୀକୁ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର ଏବଂ ଡିଏମ୍ଏଫ୍‌ର ଅଧିକାରୀଉପସ୍ଥିତ ଥିଲେ।

## ଜିଲାପାଳଙ୍କ କୁଆଁରମୁଣ୍ଡା ବ୍ଲକ ଗସ୍ତ

କୁଆଁରମୁଣ୍ଡା,୧୬।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ସୋମବାର କୁଆଁରମୁଣ୍ଡା ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ବିଶେଷ କରି ସ୍କୁଲ ଟ୍ରାନ୍ସଫର୍ମେସନ କାର୍ଯ୍ୟ ଅନ୍ତର୍ଗତ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଇତ୍ୟାଦି ବୁଲି ଦେଖିଛନ୍ତି। ଏହି ସମୟରେ ଉକ୍ତ ସ୍କୁଲଗୁଡିକର କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ସରକାରୀ ପ୍ରୋତ୍ସାହନ ପାଇଥିବା ମହିଳାମାନଙ୍କର ଆର୍ଥିକ ପ୍ରଗତି ହୋଇଛି କି ନାହିଁ ସେ ସମ୍ପର୍କରେ ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କଠାରୁ ପଚାରି ବୁଝିଛନ୍ତି। ଜିଲାପାଳ କଲ୍ୟାଣଙ୍କ ସହ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, କୁଆଁରମୁଣ୍ଡା ବିଡିଓ ବିକାଶ ଚନ୍ଦ୍ର ସାହୁ, ଓଏଲଏମ ଜିଲା ଶାଖା ପ୍ରବନ୍ଧକ ସାମୁଏଲ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହ ଡିଏମଏଫ, ଓମବାଡସିର ଅଧିକାରୀମାନେ ଜିଲାପାଳ କଲ୍ୟାଣଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖରେ ଯାଇଥିଲେ।

# ଏକ ନମ୍ବର ଜିଲା କରି ଗଢିତୋଳିବାକୁ ଆହ୍ୱାନ

ଦେବଗଡ଼,୧୬।୮ (ଡି.ଏନ.ଏ)

**ଦେବଗଡ଼ରେ ୭୫ତମ ସ୍ୱାଧୀନତା ଦିବସ ପାଳିତ**




ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଦେବଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ମୁହୂର୍ତ୍ତ।

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ୭୫ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କରୋନା ଗାଇଡ ଲାଇନ ଅନୁଯାୟୀ ନିରାଡମ୍ବର ଭାବେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ଜିଲାପାଳ ସାମଲ ଦେବଗଡ ଜିଲାର ବିକାଶ ପାଇଁ ସମସ୍ତ ଜିଲାବାସୀ ପ୍ରଶାସନକୁ ସହଯୋଗର ହାତ ବଢାଇବା ସହ ଜିଲାକୁ ୧ନଂ କରି ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଦେବଗଡ଼ ଜିଲାର ବିକାଶ ହେବା ସହ ଖୁବଶିଘ୍ର ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ଶୁଦ୍ଧ ପିଇବା ପାଣି ଯୋଗାଇ ଦିଆଯିବା ସହ ଜିଲା ଅଧିବାସୀଙ୍କ ଜୀବନ ଜୀବିକା ପାଇଁ ସହରାଞ୍ଚଳ ଉନ୍ନୟନ ଯୋଜନାରୁ ଭେଣ୍ଡିଙ୍ଗ ଜୋନ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା, ରାସ୍ତା ଓ ଜଳାଶୟର ବିକାଶ କାର୍ଯ୍ୟ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାପାଳ ସାମଲ କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ କୁପ୍ରରୋଚନାରେ ନ ପଡିବାକୁ ଜିଲାବାସୀଙ୍କୁ ଆହ୍ୱାନ ଦେଇଥିଲେ। ସରଜେଣ୍ଟ ଗୋବିନ୍ଦ ଚନ୍ଦ୍ର ମାରାଣ୍ଡିଙ୍କ ନେତୃତ୍ୱରେ ୪ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୪ର୍ଥ ଆଇଆରବିର ପୋଲିସ ବ୍ୟାଣ୍ଡ ଅଂଶଗ୍ରହଣ କରି ଜାତୀୟ ପତାକାକୁ ସାଲାମୀ ଦେବା ସହ ପୋଲିସ ବ୍ୟାଣ୍ଡ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ ଉପସ୍ଥିତ ରହି ଜାତୀୟ ପତାକାକୁ ସଲାମୀ ଦେଇଥିଲେ।

## ରାଉରକେଲାରେ ୭୫ତମ ସ୍ୱାଧୀନତା ଦିବସ ପାଳିତ କ୍ରୀଡା ହବ୍ ହେବ ରାଉରକେଲା

ରାଉରକେଲା ଅଫିସ୍, ୧୬।୮

ରାଉରକେଲା ସହରର ଉଦିତ ନଗର ପରେଡ ପଡିଆରେ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ହକିର ଅନ୍ତୁଡିଶାଳ ଭାବେ ପରିଚିତ ସୁନ୍ଦରଗଡ଼ ମାଟିରେ ଜନ୍ମ ନେଇଥିବା ହକି ତାରକାଙ୍କ ଅନ୍ତର୍ଜାତୀୟ ସ୍ତରରେ ଚମତ୍କାର କ୍ରୀଡା ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ଶିଳ୍ପ ନଗରୀ ରାଉରକେଲା ଆଗାମୀ ଦିନରେ କ୍ରୀଡା ହବ୍ ହେବାକୁ ଯାଉଛି ବୋଲି ଜିଲାପାଳ କହିଥିଲେ। ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା, ଡେପୁଟି କମିଶନର ସୁଧାଂଶୁ ଭୋଇ, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ରିଜର୍ଭ ପୋଲିସ ଇନ୍ସପେକ୍ଟର ଦୀପ୍ତିରଞ୍ଜନ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ପରେଡରେ ତିନୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୨୦୪ ଜଣ କୋଭିଡ ଯୋଦ୍ଧାଙ୍କୁ ସମ୍ମାନିତ କରିବା ସହ ଲେପ୍ରୋସି କଲୋନୀର ୧୫ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ଡୁଡାଲଗା, ଫିଲିଙ୍ଗିବାହାଲ ଚାମ୍ପିୟନ



ଚାମ୍ପିୟାନ ଓ ରନର୍ସ ଟିମ ସହିତ ଅତିଥିମାନେ ।

ବଡ଼ଗାଁ,୧୬।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ କଣ୍ଡିଆମୁରା ଗ୍ରାମରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଛି। ୧୨ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଡୁଡାଲଗା ଓ ମହପଡା ମଧ୍ୟରେ ହୋଇଥିଲା । ଡୁଡାଲଗା ୧-୦ ଗୋଲରେ ବିଜୟ ହୋଇଥିଲା । ଉଦଯାପନୀ କାର୍ଯ୍ୟକ୍ରମରେ ତୁଳାରାମ ହୋତା ମୁଖ୍ୟଅତିଥି ଓ ଇନ୍ଦ୍ରମଣୀ କିସାନ, ସୁଦୀପ ବାଡା, ରବିନ୍ଦ୍ର ଗୁରୁ, ରତ୍ନାକର ସା ଅତିଥି ଭାବେ ଯୋଗଦେଇ ଚାମ୍ପିୟାନ ଦଳ ଡୁଡାଲଗାକୁ ୬ ହଜାର ଏବଂ ରନର୍ସ ଟିମକୁ ୩ ହଜାର ଟଙ୍କା ପୁରସ୍କୃତ କରିଥିଲେ । ରାଜେଶ ଛତ୍ରିଆ ଓ ବିକ୍ରମ ଖେଳ ପରିଚାଳନା କରିଥିଲେ। ସେହିପରି ସାଲବିରା ଗ୍ରାମରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ସ୍ଥାନୀୟ ଶାନ୍ତି ମେମୋରିଆଲ କ୍ଲବ ଦ୍ୱାରା ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟରେ ୬୦ଟି ଟିମ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ଫିଲିଙ୍ଗିବାହାଲ ଦଳ ମେଡ଼େଶ୍ୱର ଫୁଟବଲ ଟିମକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଧନଞ୍ଜୟ ନାଏକ ମୁଖ୍ୟଅତିଥି ଓ ଅତିଥି ଭାବେ ୱାର୍ଡ ମେମ୍ବର ସୁରେନ୍ଦ୍ର ଧରେଇ, ଶଶିଧର ମାଝୀ, ଭବାନୀ ଧରେଇ, କିଶୋର ଗୁଡିଆ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଚାମ୍ପିୟାନ ଓ ରନର୍ସ ଟିମ ସହିତ ତୃତୀୟ ସ୍ଥାନ ପାଇଥିବା ସାଲବିରା, ଚତୁର୍ଥ ସ୍ଥାନ ପାଇଥିବା ମେଡ଼େଶ୍ୱର- ବି ଟିମକୁ ଅତିଥିମାନେ ଟ୍ରଫି ପୁରସ୍କୃତ କରିଥିଲେ । ଆୟୋଜକ କ୍ଲବର ସଭାପତି ପ୍ରମୋଦ ମାଝୀ, ସମ୍ପାଦକ ଶିବା ଧରେଇ, ସଭ୍ୟ ସୁମନ୍ତ ପିଙ୍ଗ, ଆନନ୍ଦ ପ୍ରକାଶ ଚାମ୍ପିଆ କାର୍ଯ୍ୟ ତୁଲାଇଥିଲା ବେଳେ ଘନଶ୍ୟାମ ନାଏକ ଓ ସୁଶିଲ ଖେଳ ପରିଚାଳନ କରିଥିଲେ ।

# ଅମରେଶ ସାହୁଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

କୁତ୍ରା, ୧୬।୮ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ସର୍ଗୁଲିଷାନ ସରକାରୀ ଉଚ୍ଚ ବିଦ୍ୟାଳୟର ଯୁବ ବିଜ୍ଞାନ ଶିକ୍ଷକ ଅମରେଶ ସାହୁଙ୍କୁ ରାଜ୍ୟସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ଏହି ସମ୍ମାନ ଜନକ ପୁରସ୍କାର ପ୍ରଦାନ କରିଛନ୍ତି। ସାହୁ ଜଣେ ପ୍ରକୃତିପ୍ରେମୀ ଶିକ୍ଷକ ଭାବରେ ଜଣାଶୁଣା। ବିଦ୍ୟାଳୟ ତଥା ଆଖପାଖ ଅଞ୍ଚଳକୁ ସବୁଜ ସୁନ୍ଦର କରିବାରେ ତାଙ୍କର ମୁଖ୍ୟ ଭୂମିକା ରହିଛି। ଶ୍ରେଣୀ ଶିକ୍ଷାଦାନ ବ୍ୟତୀତ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକଳାପରେ ଯୋଗଦାନ କରି ଅନ୍ୟମାନଙ୍କୁ ମଧ ଉତ୍ସାହିତ କରିଥାନ୍ତି। ଏସ୍ୱାଏର ନାମକ ଏକ ସଙ୍ଗଠନ ସହିତ ଜଡିତ ହୋଇ ଅଧାରୁ ପାଠପଢା ଛାଡିଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବାରେ ତାଙ୍କର ଅବଦାନ ପାଇଁ ତାଙ୍କୁ ଏସ୍ୱାଏର ପକ୍ଷରୁ ବହୁବାର ସମ୍ମାନିତ କରାଯାଇଛି। ଏହା ଛଡା ସୁନ୍ଦରଗଡ ଜିଲାର ଶ୍ରେଷ୍ଠ ବିଜ୍ଞାନ ଶିକ୍ଷକ ଭାବରେ ମଧ ପୁରସ୍କୃତ ହୋଇଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ଲହୁଣୀପଡା, ୧୬।୮ (ଡି.ଏନ.ଏ)

ଲହୁଣୀପଡା ଥାନା ଅନ୍ତର୍ଗତ କଜଳା ଗ୍ରାମରେ ଜନୈକା ନାବାଳିକାଙ୍କୁ ସେହି ଗ୍ରାମର ଜଣେ ନାବାଳକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରିବା ସହିତ ନାବାଳକକୁ ବାଳ ସୁଧାର ଗୃହକୁ ଚାଲାଣ କରିଥିବା ଜଣାପଡିଛି। ନାବାଳିକା ସାଙ୍ଗଙ୍କ ସହିତ ଖେଳୁଥିବା ବେଳେ ସେହି ଗ୍ରାମର ଜନୈକ ନାବାଳକ ପ୍ରଲୋଭନ ଦେଖାଇ ଘରକୁ ଡାକି ନେଇଥିଲା। ଘରେ କେହି ନ ଥିବାରୁ ନାବାଳିକାକୁ ଅସଦାଚରଣ କରିଥିଲେ। ପରିବାର ଲୋକେ ଅଭିଯୋଗ କରିଥିଲେ।

# ଗଞ୍ଜେଇ କାରବାର ଅଭିଯୋଗରେ ୩ ଗିରଫ

ଦେବଗଡ଼,୧୬।୮ (ଡି.ଏନ୍.ଏ)

ଦେବଗଡ଼ ଜିଲାରେ ବେଆଇନ ନିଶା କାରବାର ରୋକିବା ପାଇଁ ଜିଲା ପୋଲିସ କଠୋର ମନୋଭାବ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅଭିଯାନରେ ପୁଣି ଏକ ସଫଳତା ପାଇଛି। ରବିବାର ପ୍ରତ୍ୟୁଷରେ ସମ୍ବଲପୁର ପଟୁ ଦେବଗଡ଼ ଆଡକୁ ଏକ ବାଇକରେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଦେବଗଡ଼ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକଙ୍କ ନିର୍ଦ୍ଦେଶରେ ସ୍ପେଶାଲ ସ୍କ୍ୱାଡ୍ ଇନ୍ସପେକ୍ଟର ବୁଦ୍ଧରାୟ ମାଝି ସଦଳବଳେ ଚଟିବରଘାଟ ଛକଠାରେ ଛକି ରହିଥିଲେ। ଏକ ବାଇକ ଓଡ଼ି୧୫-ଏ ୭୨୨୪) ଯୋଗେ ରିଆମାଳ ଥାନା ଅନ୍ତର୍ଗତ ଡ଼ଙ୍ଗାଘାଟ ଗ୍ରାମର କାଳିଚରଣ ଆଚାର୍ଯ୍ୟ (୫୮) ତିଳେଇବଣି ଫାଣ୍ଡି ଅନ୍ତର୍ଗତ ଅସୁରଖୋଲ ଗ୍ରାମର ଦଶରୁ ସେଠିଙ୍କ ପୁଅ ଉଦୟ ସେଠୀ (୨୫)ଙ୍କ ସହ ଏକ ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ଆସୁଥିବା ବେଳେ ଅନ୍ୟ ଏକ ବାଇକରେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ନୂଆପଡା ଗ୍ରାମର ସିଦ୍ଧାର୍ଥ ମହାପାତ୍ରଙ୍କ ପୁଅ ସୌମ୍ୟରଞ୍ଜନ ଓରଫ ହ୍ୟାପି (୧୯) ଓ ଅସୁରଖୋଳ ଗ୍ରାମର ସୁରେଶ ନାହାକଙ୍କ ପୁଅ ପବିତ୍ର ନାହାକ କାଳିଚରଣ ଓ ଉଦୟଙ୍କୁ ଏସ୍କର୍ଟ କରି ଆଣୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ଥିଲା । ତେବେ ପୋଲିସ ଯାଞ୍ଚ ବେଳେ ଘଟଣା ସ୍ଥଳରୁ ପବିତ୍ର ଫେରାର ହୋଇଯାଇଥିବାବେଳେ ପୋଲିସ ଅନ୍ୟ ୩ ଅଭିଯୁକ୍ତଙ୍କ ଠାରୁ ୨୦କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଭର୍ତ୍ତି ବସ୍ତା ସହ ଏକ ବାଇକ, ମୋବାଇଲ ଫୋନ ଓ ନଗଦ ୬୦୦ ଟଙ୍କା ଜବତ କରିଛି। ସେହିପରି ପଚରାଉଚୁରା ବେଳେ ଅଭିଯୁକ୍ତମାନେ ସମ୍ବଲପୁର ଅଞ୍ଚଳର ରିୟାନ ସିଂ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ନିୟମିତ ଗଞ୍ଜେଇ ଆଣି ବ୍ୟବସାୟ କରୁଥିବା ସୂଚନା ଦେଇଥିଲେ । ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ପରେ ଦେବଗଡ଼ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରିବା ପରେ ଏନଡ଼ିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କାଳିଚରଣ, ସୌମ୍ୟ ରଞ୍ଜନ ଓ ଉଦୟଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

# ହକି ଆଜି ପାଲଟିଛି ଜୀବନଧାରା: ମନ୍ତ୍ରୀ

ସୁନ୍ଦରଗଡ଼, ୧୬।୮ (ଡି.ଏନ୍.ଏ)

**ସୁନ୍ଦରଗଡ଼ରେ ୭୫ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ**



ସୁନ୍ଦରଗଡ଼ରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ ଓ ଅନ୍ୟ ଅଧିକାରୀ।

ସୁନ୍ଦରଗଡ଼ ଜିଲାରେ ୭୫ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲା ସଦର ମହକୁମା ସୁନ୍ଦରଗଡ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ କୋଭିଡ୍ ସତର୍କତା ଭିତରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଡକ୍ଟର ସାହୁ ଦେଶ ଓ ରାଜ୍ୟ ସହିତ ସୁନ୍ଦରଗଡ଼ ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆଜି ବିକାଶର ଏକ ନୂଆ ଉଚ୍ଚତାରେ ପହଞ୍ଚି ପାରିଛି। କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ର ଶାସନ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିପାରିଛି। କୋଭିଡ ମହାମାରୀର ପ୍ରଥମ ଓ ଦ୍ୱିତୀୟ ଲହର ବେଳେ ସଫଳ ମୁକାବିଲା କରି ଓଡ଼ିଶା ଆଜି ଦେଶ ଏବଂ ଦେଶ ବାହାରେ ପ୍ରଶଂସିତ ହୋଇପାରିଛି ବୋଲି କହିଥିଲେ ମନ୍ତ୍ରୀ ସାହୁ। ସେ ତାଙ୍କ ଅଭିଭାଷଣରେ ଆହୁରି କହିଥିଲେ ଯେ, ସୁନ୍ଦରଗଡ଼ ଜିଲା ହେଉଛି ହକିର ଅନ୍ତୁଡ଼ିଶାଳ। ହକି ଆଜି କେବଳ ଏକ ଖେଳ ହୋଇ ରହିନାହିଁ, ବରଂ ଏହା ପାଲଟିଛି ଏକ ଜୀବନଧାରା। ସୁନ୍ଦରଗଡ଼ ମାଟି ଅନେକ ହକି ତାରକାଙ୍କୁ ସୃଷ୍ଟି କରିଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିକୁ ସାରା ଦେଶ 'ଆଜାଦି କି ଅମୃତ' ମହୋତ୍ସବ ଭାବେ ପାଳନ କରୁଥିବାବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବାକୁ ସାର୍ବଜନୀନ କରିବାକୁ ଯାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ କାର୍ଡ ପ୍ରଚଳନ କରିଛନ୍ତି। ସେପ୍ଟେମ୍ବର ୧ରୁ ଏହା ସମଗ୍ର ରାଜ୍ୟରେ ଲାଗୁ ହେବ। ଏହି ଯୋଜନାରେ ହିତାଧିକାରୀ ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲ ସହିତ ଅନୁବନ୍ଧିତ ୧୮୩ଟି ଘରୋଇ ହସ୍ପିଟାଲ ଏବଂ ରାଜ୍ୟ ବାହାର ୧୭ଟି ହସ୍ପିଟାଲରୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ମାଗଣାରେ ପାଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁ ସୁନ୍ଦରଗଡ଼ର ୧୧ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ଏସ୍‌ପି ସାଗରିକା ନାଥଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ସଂସ୍କୃତି ତଥା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନିଲ କେରକେଟ୍ଟା ଏବଂ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଡ଼:ଅନନ୍ତ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଳବର ନୂତନ କର୍ମକର୍ତ୍ତା

ସମ୍ବଲପୁର,(ବ୍ୟୁରୋ): ଓଡ଼ିଶା ମାଷ୍ଟର୍ସ ସୁଇମର୍ସ କ୍ଳବର ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ପ୍ରେମରଞ୍ଜନ ପ୍ରଧାନ ସଭାପତି, ହରେକୃଷ୍ଣ ପଣ୍ଡା ଉପସଭାପତି, ସୁନ୍ଦରମଣୀ ବାରିକ ସମ୍ପାଦକ, ରାଜେଶ ମିଶ୍ର ଯୁଗ୍ମ ସମ୍ପାଦକ, ଅନୀଲ କୁମାର ବେହେରା କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭ୍ୟ ଭାବେ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର କୁମାର ନାୟକ, ଜୟକୃଷ୍ଣ ପଟେଲ, ଲକ୍ଷ୍ମୀ ଚନ୍ଦ୍ର ମହାକୁଡ, ରଙ୍କନିଧି ସେଠ, ମନୋଜ ବନଛୋର, ଉପଦେଷ୍ଟା ଭାବେ ଆର୍ତ୍ତତ୍ରାଣ ମାଝି ରହିଛନ୍ତି। ନୂତନ କର୍ମକର୍ତ୍ତା ୩ବର୍ଷ ଲାଗି କାର୍ଯ୍ୟ କରିବେ।

**ସଂକ୍ଷେପରେ**

## ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ

କୁଚିଣ୍ଡା,୧୬।୮ (ଡି.ଏନ.ଏ.): ସାପ କାମୁଡାରେ ଜମନକିରା ଥାନା ବାଦିବାହାଲ ଗ୍ରାମର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମମତା କିସାନ (୨୩)। ରବିବାର ସନ୍ଧ୍ୟାରେ ମମତା ଘରୁ ପଦାକୁ ଆସିଥିବାବେଳେ ହଠାତ୍ ଏକ ନାଗସାପ ଦେହରେ ଗୋଡ ପଡିଯିବାରୁ ସାପଟି ଓଲଟି ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ରାତ୍ରି ସାଢ଼େ ୨ଟାରେ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। କୁଚିଣ୍ଡା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ କୁଚିଣ୍ଡା ଥାନା କେସ୍ ନଂ.୪୨/୨୧ରେ ମାମଲା ରୁଜୁ ହୋଇଛି।

## ରେଳ କର୍ମଚାରୀଙ୍କ ଆତ୍ମହତ୍ୟା

ବ୍ରଜରାଜନଗର,୧୬।୮(ଡି.ଏନ.ଏ.): ବ୍ରଜରାଜନଗର ଥାନା ବାହାଦୁରପଡାରେ ଭଡାରେ ରହୁଥିବା ରେଳ କର୍ମଚାରୀ ରିତେଶ କୁମାର (୩୩) ସୋମବାର ଆତ୍ମହତ୍ୟା କରିଛନ୍ତି। ରିତେଶଙ୍କ ଘର ବିହାରର ନାଳନ୍ଦା ଅଞ୍ଚଳରେ। ସେ ରେଳ ବିଭାଗରେ ଲୋକପାଇଲଟ ଭାବେ କାର୍ଯ୍ୟରତ ଥିଲେ। କିଛିଦିନ ପୂର୍ବରୁ ତାଙ୍କ ସ୍ତ୍ରୀ ଡେଲିଭରି ପାଇଁ ବାପ ଘରକୁ ଯାଇଥିଲେ। ଘରେ ଏକୁଟିଆ ରହୁଥିବା ରିତେଶ ରାତ୍ରିରେ କୌଣସି କାରଣରୁ ଘର ଫ୍ୟାନରେ ଝୁଲି ପଡିଥିଲେ। ସକାଳୁ ସ୍ତ୍ରୀ ଫୋନ କରିବାରୁ ସେ ଉଠାଇ ନ ଥିଲେ। ପରେ ଘର ମାଲିକଙ୍କୁ ସ୍ତ୍ରୀ ଫୋନ କରିଥିଲେ। ଘର ମାଲିକ ଝରକା ପଟୁ ଫ୍ୟାନରେ ମୃତଦେହ ଝୁଲୁଥିବା ଦେଖି ଖବର ଦେଇଥିଲେ। ସନ୍ଧ୍ୟାରେ ତାଙ୍କ ସ୍ତ୍ରୀ, ବାପା, ମାଆଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ନୂତନ ଅତିରିକ୍ତ ରେଳ ପ୍ରବନ୍ଧକଙ୍କ ଯୋଗଦାନ

ସମ୍ବଲପୁର,୧୬।୮ (ବ୍ୟୁରୋ): ପୂର୍ବତଟ ରେଳପଥ ସମ୍ବଲପୁର ରେଳ ମଣ୍ଡଳରେ ସୋମବାର ନୂତନ ଅତିରିକ୍ତ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ୨୦୦୦ ମସିହାରେ ଭାରତୀୟ ରେଳ ବିଦ୍ୟୁତ୍ ଇଞ୍ଜିନିୟର ସେବାର ଅଧିକାରୀ ଭାବେ ସେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପୂର୍ବରୁ ସେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ଡିଭିଜିନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପରିଚାଳନା) ଭାବେ କାର୍ଯ୍ୟ କରୁଥିଲେ। ଫଟୋ : ନୂତନ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ।

## ଦେଶାତ୍ମବୋଧକ କବିତା ପାଠୋତ୍ସବ

ସମ୍ବଲପୁର,୧୬।୮ (ବ୍ୟୁରୋ): ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନ ପରିସରରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଭାଜପା ଉପସଭାପତି ନାଉରୀ ନାଏକ, ବିଶିଷ୍ଟ କବି ବିନୋଦ ପଶାୟତ, ଅନୀଲ ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲା ସଭାପତି ସମୀରରଞ୍ଜନ ବାବୁ ସଭାପତିତ୍ୱ କରିଥିଲେ। ପ୍ରଦିପ୍ତ ପଟ୍ଟନାୟକ, ଶାଶ୍ୱତ ପଣ୍ଡା, ପ୍ରଭୁଦତ୍ତ ପଣ୍ଡା, ଅମରେଶ ବେହେରା, ଆଶିଷ ବାବୁ, ସଞ୍ଜୀବ ଖଣ୍ଡେଲୱାଲ, ସୁବ୍ରତ ପାଣିଗ୍ରାହୀ, ଶେଖର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର କରାଯାଇ ୪୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଖେରୁବାହାଲକୁ ହରାଇ ରାଜପୁର ଚାମ୍ପିୟନ

ବ୍ରଜରାଜନଗର,୧୬।୮ (ଡି.ଏନ.ଏ.): ବ୍ରଜରାଜନଗର ସହରାଞ୍ଚଳ ତେଲେନପାଲି ଫୁଟବଲ ପଡିଆରେ ୮ଦିନ ଧରି ଚାଲିଥିବା ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଖେରୁବାହାଲକୁ ହରାଇ ରାଜପୁର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଉଦଯାପନୀ ସମାରୋହରେ ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି, ଝାରସୁଗୁଡା ଜିଲା ବିଜେଡି ସମ୍ପାଦକ ବିଶ୍ୱନାଥ ନାୟକ, ନୃପଲାଲ ତାଣ୍ଡିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ନଗଦ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ରେସଜ, ତେଲେନପାଲି ଓ ଶାସ୍ତ୍ରୀନଗର ପଡାର ଯୁବକମାନେ ପ୍ରତିଯୋଗିତା ଆୟୋଜନ କରିଥିବାବେଳେ ଟାରଜନ ବିଶ୍ୱାଳ, ସଞ୍ଜୟ ସାହୁ, କ୍ଷମାଶୀଳ ବାଗ ଖେଳ ପରିଚାଳନା କରିଥିଲେ।

# ବିନା ଅନୁମତିରେ ରାସ୍ତା ଖୋଳି କେବୁଲ କାମ

ସମ୍ବଲପୁର,୧୬।୮(ବ୍ୟୁରୋ)


ରାସ୍ତା ଖୋଳି ଦିଆଯାଇଛି।

ସମ୍ବଲପୁର ମହାନଗର ନିଗମ କଚେରି ଛକରୁ ଦୁର୍ଗାପାଲି ରିଂରୋଡ (ମହାତ୍ମା ଗାନ୍ଧୀ ରୋଡ୍) ମଧ୍ୟରେ ଏକ ଘରୋଇ ଟେଲିଫୋନ କମ୍ପାନୀ ରାସ୍ତାଖୋଳି କେବୁଲ ବିଛାଇବା କାମ କରୁଛି। ସୁନ୍ଦର ଭାବେ ନିର୍ମାଣ ହୋଇଥିବା ରାସ୍ତାକୁ ଖୋଳି ନଷ୍ଟ କରି ଦିଆଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ଡି ବେହେରା କହିଛନ୍ତି, ବିଭାଗ ପକ୍ଷରୁ ରାସ୍ତା ଖୋଳିବା ଓ କେବୁଲ ବିଛାଇବା ପାଇଁ ଅନୁମତି ଦିଆଯାଇ ନାହିଁ। ଅଭିଯୋଗ ଆସିବା ପରେ ଠିକା କମ୍ପାନୀକୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନେ ଅନୁମତି ପାଇଁ ଆବେଦନ କରିଥିଲେ। ବ୍ୟୟ ଅଟକଳ ଅନୁସାରେ ଟଙ୍କା ଜମା କରିବା ପରେ ଯାଞ୍ଚ କରାଯିବ। ଅନୁମତି ମିଳିବା ପରେ କାମ କରିବା ନିୟମ ରହିଛି। ତେଣୁ ଠିକା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ପୂର୍ବରୁ ରିଂରୋଡ ଜଳସେଚନ ବିଭାଗ ଅଧୀନରେ ରହିଥିଲା। ଟ୍ରାଫିକ ସମସ୍ୟା ଦୂର ସହ ସହରକୁ ସୁନ୍ଦର କରିବା ପାଇଁ ରିଂରୋଡ ଯୋଜନା କରାଯାଇଥିଲା। ଜଳସେଚନ ବିଭାଗ ଅନୁମତି କ୍ରମେ ଏହା ନିର୍ମାଣ କରାଯାଇଥିଲା। ପ୍ରତିବର୍ଷ ଏହାକୁ ମରାମତି ପାଇଁ ବହୁ ଅର୍ଥ ବ୍ୟୟ ହେଉଛି। ହେଲେ କମ୍ପାନୀ ନିଜ ସ୍ୱାର୍ଥ ପାଇଁ ଏହାକୁ ଖୋଳିଦେଉଛି। ଫଳରେ ବ୍ୟସ୍ତବହୁଳ ଏହି ରାସ୍ତାରେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ନିରନ୍ତର କୋଇଲା ଉତ୍ପାଦନ କରୁଛି ଏମ୍‌ସିଏଲ୍

ସମ୍ବଲପୁର,୧୬।୮ (ବ୍ୟୁରୋ)


ଏମ୍‌ସିଏଲ୍ ମୁଖ୍ୟାଳୟଠାରେ ଆୟୋଜିତ ଉତ୍ସବରେ ଯୋଗଦେଇଥିବା ଅତିଥି ।

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟଠାରେ କୋଭିଡ୍ ନିୟମାନୁସାରେ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କମ୍ପାନୀ ବୈଷୟିକ ସଞ୍ଚାଳନ ନିର୍ଦ୍ଦେଶକ ଓପି ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେ କହିଥିଲେ ଅଧିକାରୀ, କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରି ନିରନ୍ତର କୋଇଲା ଉତ୍ପାଦନ କରୁଛନ୍ତି। ଫଳରେ ଦେଶର ବିଭିନ୍ନ ପାୱାର ପ୍ଲାଣ୍ଟ ଓ କୋଇଲା ଗ୍ରାହକମାନଙ୍କୁ କୋଇଲା ଯୋଗାଇବା ସମ୍ଭବ ହୋଇପାରୁଛି। ଏଥିସହ ସେ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଭାତ କୁମାର ସିହ୍ନାଙ୍କ ବାର୍ତ୍ତା ପାଠ କରିଥିଲେ। ଉତ୍ସବରେ ବିତ୍ତ ନିର୍ଦ୍ଦେଶକ କେଆର ବାସୁଦେବନ, କାର୍ମୀକ ନିର୍ଦ୍ଦେଶକ କେଶବ ରାଓ, ଯୋଜନା ଓ ପରିଯୋଜନା ବୈଷୟିକ ନିର୍ଦ୍ଦେଶକ ବବନ ସିଂ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲ, ଜାଗୃତି ମହିଳା ମଣ୍ଡଳ ଉପସଭାନେତ୍ରୀ ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ ଓ ସୋନା ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଶରୀର ଦାନ କରିବାକୁ ସଂକଳ୍ପ କଲେ ୨୧ଜଣ



ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

ସମ୍ବଲପୁର,୧୬।୮ (ବ୍ୟୁରୋ)

**ଏମ୍ସ କଲେଜ ସଭାକକ୍ଷରେ ପରିଚୟର ବାର୍ଷିକୋତ୍ସବ**

ପରିଚୟ ଅନୁଷ୍ଠାନର ୬ତମ ବାର୍ଷିକୋତ୍ସବ ସମ୍ବଲପୁର ସହର ଉପକଣ୍ଠ ଏମ୍ସ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁ ପରେ ଶରୀର ଦାନ କରିବା ଲାଗି ୨୧ଜଣ ସଂକଳ୍ପ କରିଥିଲେ। ସମ୍ବଲପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟଅତିଥି, ଅତିରିକ୍ତ ଉପଜିଲାପାଳ ଅଞ୍ଜଳିନା ପ୍ରଧାନ ସମ୍ମାନିତ ଅତିଥି, ଏମ୍ସ କଲେଜ ମୁଖ୍ୟ ଶ୍ରୀନିବାସ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସାମାଜିକ ଅନୁଷ୍ଠାନ ସମ୍ବଳ, ନିଷ୍ଠା ଓ ମା' ଲିମସରିଏନ ଯୁବ ସଚେତନ ସଂଘ ସଦସ୍ୟମାନେ ସାମିଲ ହୋଇଥିଲେ। ପରିଚୟ ବର୍ତ୍ତମାନ ସୁଦ୍ଧା ୨୧୯ ଜଣ ମାନସିକ ରୋଗୀଙ୍କୁ ଉଦ୍ଧାର କରିଥିବାବେଳେ ସେଥିରୁ ୧୨୬ ଜଣଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିଛି। ଏଥିସହ ମୃତଦେହ ସତ୍କାର, ଦୁର୍ବିପାକ ସମୟରେ ରିଲିଫ ବଣ୍ଟନ, କରୋନା ମହାମାରୀରେ ପ୍ଲାଜ୍‌ମା ଦାନ ଓ ଖାଦ୍ୟ ବଣ୍ଟନ ଭଳି କାର୍ଯ୍ୟ କରିଆସୁଛି। ଶରୀର ଦାନ ପାଇଁ ସଂକଳ୍ପ ନେଇଥିବା ବିପିନ ବିହାରୀ ପଣ୍ଡା, ଶ୍ରୀମନ୍ତ ପାତ୍ର, ସୁନୀଲ ମହାପାତ୍ର, ଅଭିନାଷ ମିଶ୍ର, ଚୈତନ୍ୟ ନାୟକ, ବିଦ୍ୟାର୍ଣ୍ଣ ପଣ୍ଡା, ମଳୟ କୁମାର ଦାଶ, ସୁକାନ୍ତ କୁମାର ଦାଶ, ଆଶିଷ ମିଶ୍ର, ପରିଚିତା ପଣ୍ଡା, ଧନେଶ୍ୱର ବିଭାର, ଜୟନ୍ତୀ ରଥ, ଲିଲିରାଣୀ ପଟେଲ, ପରମିତା ନନ୍ଦ, ରୁନାଚରଣ ପଣ୍ଡା, ବିଶ୍ୱଜିତ ଶତପଥି, ଦେବାଶିଷ ମହାନ୍ତି, ଛବିରାଣୀ ପଣ୍ଡା ଓ ସୋନଲିଶା ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଘର ଭାଙ୍ଗି ଖାଦ୍ୟଶସ୍ୟ ଖାଇଲେ ହାତୀପଲ

ଦେବଗଡ଼,୧୬।୮(ଡି.ଏନ.ଏ)

ରବିବାର ରାତିରେ ହାତୀପଲ ବାରକୋଟ ବନାଞ୍ଚଳ କଲା ଫରେଷ୍ଟ ସେକ୍ସନ କାଳିଆପାଳ ଗ୍ରାମପଞ୍ଚାୟତର ଭିତରବେଡା ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ସୂଚନା ଅନୁଯାୟୀ ସୁନ୍ଦରଗଡ ଜିଲା ବଣାଇଁ ସଂରକ୍ଷିତ ଜଙ୍ଗଲରୁ ଏକ ୯ଟିକିଆ ହାତୀପଲ ଉକ୍ତ ଗ୍ରାମର ଏକାଧିକ ଚାଷୀଙ୍କର ବାଡି ଓ ଚାଷଜମିରେ ପଶି ବହୁ ପନିପରିବା ଓ ଧାନଗଛ ନଷ୍ଟ କରିବାସହ ହୀନ ମହାନ୍ତ ଓ ବୁଧୁ ମହାନ୍ତଙ୍କ ଘର ଭାଙ୍ଗି ବିଭିନ୍ନ ଖାଦ୍ୟଶସ୍ୟ ଖାଇଦେଇଛନ୍ତି। ସୋମବାର କଲା ସେକ୍ସନର ଫରେଷ୍ଟର ଘନଶ୍ୟାମ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟ ଗାର୍ଡ ମୋନାଲିସା ପ୍ରଧାନ ଉକ୍ତ ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରି ଫେରିଛନ୍ତି। ତେବେ ଉକ୍ତ ହାତୀ ପଲ ଏବେ ମଧ ନିକଟସ୍ଥ ଜଙ୍ଗଲରେ ରହିଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ବନ ବିଭାଗ ଏମାନଙ୍କୁ ଘଉଡାଇବା ସହ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।

## ନେହେରୁ ଯୁବକେନ୍ଦ୍ର ୭୫ ଗ୍ରାମରେ ପାଳନ କରିବ ଅମୃତ ମହୋତ୍ସବ

ସମ୍ବଲପୁର,୧୬।୮ (ବ୍ୟୁରୋ)

ସମ୍ବଲପୁର ଜିଲା ନେହେରୁ ଯୁବ କେନ୍ଦ୍ର ଅମୃତ ମହୋତ୍ସବ ୭୫ ଗ୍ରାମରେ ପାଳନ କରିବ। ଗତ ୨୩ ତାରିଖରୁ ଏହା ଆରମ୍ଭ ହୋଇଥିବାବେଳେ ଆସନ୍ତା ଅକ୍ଟୋବର ୨ରେ ଶେଷ ହେବ। ଏହି ପରିପେକ୍ଷୀରେ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ ୭୫ ଗ୍ରାମରେ କରାଯିବ। ଏତଦ୍‌ବ୍ୟତୀତ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଜାତୀୟ ସଂଗୀତ ଗାନ, ଶପଥ ପାଠ, ୪ରୁ ୫ କିମି ସୁସ୍ଥ ଦୌଡ କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ୭୫ ଯୁବତୀଯୁବକ ସାମିଲ ହେଉଛନ୍ତି। ଚଳିତ ମାସ ୨୮ରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ସୁସ୍ଥ ଦୌଡ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୋମବାର ସମ୍ବଲପୁର ନେହେରୁ ଯୁବ କେନ୍ଦ୍ରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଯୁବ ଅଧିକାରୀ ମାରିୟାନୁସ ବିଲୁଙ୍ଗ ଏ ସମ୍ପର୍କରେ ସୂଚୀତ କରିଛନ୍ତି।

## ଜବରଦଖଲକାରୀଙ୍କ କବ୍‌ଜାରେ ଚାନ୍ଦଡୁଙ୍ଗୁରୀ


ଚାନ୍ଦଡୁଙ୍ଗୁରୀରେ ତିଆରି ହୋଇଥିବା ଘର।

ଜମନକିରା,୧୬।୮(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମା ପ୍ରାଣୀ ଚିକିତ୍ସାକେନ୍ଦ୍ର ପଛପଟେ ଥିବା ଚାନ୍ଦଡୁଙ୍ଗରୀ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ସହର ମଧ୍ୟରେ ଏକ ଛୋଟିଆ ପାହାଡ଼ ହେଉଛି ଚାନ୍ଦଡୁଙ୍ଗୁରୀ। ଜମନକିରା ଗ୍ରାମବାସୀ ସାମୂହିକ କାର୍ଯ୍ୟରେ ବ୍ୟବହାର କରିବା ଉଦ୍ଦେଶ୍ୟରେ ଏହାର ରକ୍ଷଣାବେକ୍ଷଣ କରିଆସୁଛନ୍ତି। ଏପରିସ୍ଥଳେ କେତେଜଣ ନ୍ୟସ୍ତସ୍ୱାର୍ଥ ଲୋକ ଡୁଙ୍ଗୁରୀ ଜାଗାକୁ ଲୁଚାଛପାରେ ରେକର୍ଡଭୁକ୍ତ କରାଇ ନେଇଛନ୍ତି। ଏହାସହ ଡୁଙ୍ଗୁରୀରୁ ମୋରମ ଖୋଳି ନିଜସ୍ୱ ଘର ନିର୍ମାଣ କରିଚାଲିଛନ୍ତି। ଜବରଦଖଲକାରୀ କୁଡ଼ିଆ ତିଆରି କରି ଧୀରେ ଧୀରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ଏପରିକି ଡୁଙ୍ଗୁରୀ ଚାରିପାଖକୁ ଲୋକେ କବ୍‌ଜା କରି ରେକର୍ଡ କରିସାରିଲେଣି। କେତେଜଣ ରେକର୍ଡଧାରୀ ଉକ୍ତ ଜାଗାକୁ ବିକ୍ରି କରିଥିବା ଜଣାପଡିଛି। ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି ତହସିଲଭୁକ୍ତ ଜାତିର ଜଣେ ଲୋକଙ୍କଠାରୁ ୧୭ ଡେସିମିଲ ଜାଗା କିଣି ଗୃହ ନିର୍ମାଣ କରିଥିବା ପ୍ରକାଶ କରିଥିଲେ। ମୋରମ ଖୋଳି ଘର ନିର୍ମାଣ କରାଯାଉଥିବାରୁ ବଡ଼ ବଡ଼ ଗଛ ଟଳିପଡୁଛି। ଆଗାମୀ ଦିନରେ ଏହାର ପ୍ରତିକାର କରା ନ ଗଲେ ଆନ୍ଦୋଳନ ପାଇଁ ଲୋକେ ସଜବାଜ ହେଉଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜମନକିରା ତହସିଲଦାର ଡ. ସୌମ୍ୟାରୂପା ରଥଙ୍କୁ ପଚାରିବାରୁ ସେ କହିଥିଲେ, ଜବରଦଖଲକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଆଗାମୀ ଦିନରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## 'ଝାରସୁଗୁଡ଼ା ହେବ ପ୍ରମୁଖ ପର୍ଯ୍ୟଟନ ଜିଲା'


ବ୍ରଜରାଜନଗର ଚଣ୍ଡୀ ମନ୍ଦିର ପରିସରରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ।

ଝାରସୁଗୁଡା ଅଫିସ୍,୧୬।୮

ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ରବିବାର ଓ ସୋମବାର ଝାରସୁଗୁଡା ଜିଲା ଗସ୍ତକରି ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିଛନ୍ତି। ଲଖନପୁର ବ୍ଲକ୍‌ର ଐତିହାସିକ ଗୁଜାପାହାଡ, ଐତିହାସିକ ଶୈବପୀଠ କୋଇଲି ଘୁଘୋର, ହୀରାକୁଦ ଜଳଭଣ୍ଡାର ପାଦଦେଶରେ ଥିବା ରମ୍ଭାଲୁଗା ପିକ୍‌ନିକ୍ ସ୍ଥଳ, ବ୍ରଜରାଜନଗର ଇବ୍‌ନଦୀ କୂଳରେ ଥିବା ରାମଚଣ୍ଡୀ ମନ୍ଦିର ଆଦି ପରିଦର୍ଶନ କରିଥିଲେ। ସ୍ଥାନୀୟ ପରିଚାଳନା କମିଟି କର୍ମକର୍ତ୍ତା ଉପରୋକ୍ତ ପର୍ଯ୍ୟଟନ ସ୍ଥଳୀର ଉନ୍ନତିପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ପାଣିଗ୍ରାହୀ ଏହାର ବିକାଶପାଇଁ ପ୍ରତିଶ୍ରୁତି ଦେଇଥିଲେ । ସେ କହିଥିଲେ, ଝାରସୁଗୁଡା ଜିଲାରେ ଥିବା ପର୍ଯ୍ୟଟନ ସ୍ଥଳ ଓ ଅପେକ୍ଷାରେ ଥିବା ସ୍ଥଳଗୁଡିକୁ ଓଡିଶା ମାନଚିତ୍ରରେ ସ୍ଥାନିତ କରିବା ପାଇଁ ସରକାରଙ୍କ ପ୍ରୟାସ ରହିଛି। ଏହାର ବିକାଶକରି ଝାରସୁଗୁଡା ପର୍ଯ୍ୟଟନ ସ୍ଥଳୀର ପ୍ରମୁଖ ଜିଲା ହେବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ସ୍ଥାନୀୟ ବିଧାୟକ କିଶୋର ମହାନ୍ତି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଜିଲା ପର୍ଯ୍ୟଟନ ଅଧିକାରୀ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ମନ୍ତ୍ରୀଙ୍କ ଚଣ୍ଡୀ ମନ୍ଦିର ପରିଦର୍ଶନ

ବ୍ରଜରାଜନଗର,୧୬।୮ (ଡି.ଏନ.ଏ.)

ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଅଞ୍ଚଳର ଆରାଧ୍ୟ ଦେବୀ ମା' ଚଣ୍ଡୀଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ମା'ଙ୍କ ମନ୍ଦିରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ପଠାଇବେ। ପରେ ଏକ ପ୍ୟାକେଜ ଘୋଷଣା କରି କିପରି ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇବ ସେ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସ୍ଥାନୀୟ ବିଧାୟକ କିଶୋର ମହାନ୍ତିଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ସଂଗ୍ରାମୀଙ୍କ ବଳିଦାନ ଅତୁଳନୀୟ

ସମ୍ବଲପୁର,୧୬।୮ (ବ୍ୟୁରୋ)

ସମ୍ବଲପୁରଠାରେ ଜିଲାସ୍ତରୀୟ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଓ କାରିଗରୀ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହ ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରିଥିଲେ। ସେ କହିଥିଲେ ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଅତୁଳନୀୟ। ବୀର ସୁରେନ୍ଦ୍ର ସାଏଙ୍କ ଭଳି ଅନେକ ବୀର ପୁରୁଷ ସମ୍ବଲପୁର ମାଟିରେ ଜନ୍ମଗ୍ରହଣ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। କଳା, ସଂସ୍କୃତି କ୍ଷେତ୍ରରେ ସମ୍ବଲପୁରର ସ୍ୱତନ୍ତ୍ର ପରିଚୟ ରହିଛି। ଶିକ୍ଷା, କୃଷି, ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡିଶା ଯେଭଳି ଆଗେଇ ଚାଲିଛି ସମ୍ବଲପୁର ମଧ ଏହାର ସହଭାଗୀତା ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଦାୟିତ୍ୱରେ ଥିବା ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଏସ୍‌ପି ବାତୁଲା ଗଙ୍ଗାଧର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ଅତିରିକ୍ତ ଜିଲାପାଳ ସାଧାରଣ ପଦ୍ମନାଭ ବେହେରା, ଏସ୍‌ଏମ୍‌ସି କମିଶନର ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାମ ପାଇଁ ପୋଲିସ କର୍ମଚାରୀ, ସଫେଇ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଡାକ୍ତର ପ୍ରମୁଖଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା।

**ଜମନକିରା,୧୬।୮(ଡି.ଏନ୍.ଏ.):** ଜମନକିରା ସଦର ମହକୁମା ଡାକ୍ତରଖାନା ପଡ଼ିଆରେ ପଞ୍ଚାୟତ ସମିତି ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ, ବିଡ଼ିଓ ଅଜୟ ତିୱାରୀ, ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇ, ଆଇଆଇସି ପ୍ରେମଜିତ ଦାସ, ଏବିଡ଼ିଓ ରୁଷଭ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ଡ. ସୌମ୍ୟରୂପା ରଥ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**କୁଚିଣ୍ଡା,୧୬।୮ (ଡି.ଏନ.ଏ.):** କୁଚିଣ୍ଡା ମୁକୁନ୍ଦି ଖେଳପଡିଆଠାରେ ପ୍ରଶାସନ ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲ ମୁଖ୍ୟଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏସ୍‌ଡିପିଓ ରାଜକିଶୋର ମିଶ୍ର, ତହସିଲଦାର ପ୍ରତିମା ପିଙ୍କ, ବିଡିଓ ନିରଞ୍ଜନ ସା, କୁଚିଣ୍ଡା ଥାନା ଅଧିକାରୀ ଶୁଭଙ୍କର ସେଠୀ, ଡେପୁଟି କଲେକ୍ଟର ହର୍ମେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କଳ୍ଲେଇପାଲି ଆର୍‌ଜିଏମ୍‌ଟି ମହାବିଦ୍ୟାଳୟରେ ଅଧକ୍ଷ ଡିଲେଶ୍ୱର ବେହେରା ଓ କୁଚିଣ୍ଡା ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ଅଧକ୍ଷ ମନୋଜ କୁମାର ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବିବିଧତା ମଧ୍ୟରେ ଏକତା ଭାରତୀୟ ଗଣତନ୍ତ୍ରର ମୂଳମନ୍ତ୍ର**

**ଝାରସୁଗୁଡା ଅଫିସ୍,୧୬।୮:** ଝାରସୁଗୁଡା ମନମୋହନ ସ୍କୁଲ୍ ପଡିଆରେ ୭୫ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପୋଲିସ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଉଦ୍‌ବୋଧନ ଦେଇ ସ୍ୱାଧୀନତା ପାଇଁ ଆତ୍ମ ବଳିଦାନ ଦେଇଥିବା ମହାମନିଷିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିବିଧତା ମଧ୍ୟରେ ଏକତା ଭାରତୀୟ ଗଣତନ୍ତ୍ରର ମୂଳମନ୍ତ୍ର ବୋଲି ସେ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, କରୁଣାକର ସିଂହ, ବିହାରୀ ରାମ ତନ୍ତୀ, ଗଣେଶ ଉପାଧ୍ୟାୟ ଓ ଚିନ୍ତାମଣି ପୂଜାରୀଙ୍କ ସ୍ମୃତି ଚାରଣ କରିଥିଲେ। ଜିଲାର ୨୭ଜଣ କୋଭିଡ୍ ଯୋଦ୍ଧାଙ୍କୁ ଉତ୍ତରୀୟ, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏଥିମଧ୍ୟରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଫାର୍ମାସିଷ୍ଟ ଆଦି ରହିଥିଲେ। ଉଲ୍ଲେଖ କାର୍ଯ୍ୟ କରିଥିବା ୬ ଗ୍ରାମ ରୋଜଗାର ସେବକ, ୧୦ଜଣଙ୍କୁ ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲାପାଳ ସାମଲ ମନମୋହନ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୟଙ୍ଗଷ୍ଟାର୍ ଚାରିଟେବଲ୍ ଟ୍ରଷ୍ଟ ତରଫରୁ ଆୟୋଜିତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଚାମ୍ବର ଅଫ୍ କମର୍ସ ତରଫରୁ ଉପକାରାଗାର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।


ସମ୍ବଲପୁରରେ ମନ୍ତ୍ରୀ ଅଶୋକ ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।



ଝାରସୁଗୁଡାଠାରେ ଜିଲାପାଳ ଓ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।